# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୬/୨୦୨୪ (୧୮ ପୃଷ୍ଠା) | Bhubaneswar, Thursday, September 26/2024 Page 18 ₹ 7.00

୫୦ଶ ଭାଗ ୩୦୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 303 ମୂଲ୍ୟ₹୭/-




**ରଜାକ୍ଙ୍କ ପ୍ରଭାବୀ ବୋଲିଂ**

ଲିଜେଣ୍ଡ୍ସ ଲିଗ୍ କ୍ରିକେଟରେ ସଦର୍ନ ସୁପରଷ୍ଟାର ଦଳର ଅବଦୁର ରଜାକ ପ୍ରଭାବୀ ବୋଲିଂ କରି ୪ ଓଭରରେ ୬ ରନ୍ ବ୍ୟୟ କରିଛନ୍ତି। **୧୮**

**୦୨** **‘ଭୁଲ୍ ଭୁଲୈୟା ୩’ର ପ୍ରଥମ ପୋଷ୍ଟର**

ଅଭିନେତା କାର୍ତ୍ତିକ ଆର୍ଯ୍ୟନ ବୁଧବାର ତାଙ୍କ ଇନ୍‌ଷ୍ଟଗ୍ରାମରେ ‘ଭୁଲ୍ ଭୁଲୈୟା ୩’ ଫିଲ୍ମର ପ୍ରଥମ ପୋଷ୍ଟର ଶେୟାର କରିଛନ୍ତି।





ଆମେରିକାର ଓହିଓସ୍ଥିତ ହାମିଲଟନ୍ କାଉଣ୍ଟିରେ ଏକ ମାଲବାହୀ ଟ୍ରେନ୍‌ରୁ ରାସାୟନିକ ଗ୍ୟାସ୍ ନିର୍ଗତ ହେଉଛି। ଏହାପରେ ବିପଦ ଆଶଙ୍କାରେ ସମ୍ପୃକ୍ତ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

# ଗୁଣବତ୍ତା ଯାଞ୍ଚରେ ୫୩ ଔଷଧ ଫେଲ୍

## ପାରାସିଟାମୋଲ, କ୍ଲାଭମ୍ ୬୨୫, ପାନ୍ ଡି’କୁ ନେଇ ବଢ଼ିଲା ସୁରକ୍ଷା ଚିନ୍ତା

ନୂଆଦିଲ୍ଲୀ,୨୫।୯

ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ୍ (ସିଡିଏସ୍‌ସିଓ) ଏହାର ସଦ୍ୟତମ ମାସିକ ଡ୍ରଗ୍ ଆଲର୍ଟ ଲିଷ୍ଟରେ ପାରାସିଟାମୋଲ ସମେତ ୫୩ ଔଷଧକୁ ‘ନଟ୍ ଅଫ୍ ଷ୍ଟାଣ୍ଡାର୍ଡ କ୍ୱାଲିଟି(ଏନ୍‌ଏସ୍‌କ୍ୟୁ) ଆଲର୍ଟ’ ଭାବେ ବର୍ଗୀକୃତ କରିଛି। କାରଣ ଯାଞ୍ଚ ବେଳେ ଏହି ୫୩ ଔଷଧ ଗୁଣବତ୍ତା ମାନକଯୁକ୍ତ ନୁହେଁ ବୋଲି ଜଣାପଡ଼ିଛି। ସେହିପରି ଆଣ୍ଟିବାୟୋଟିକ୍ କ୍ଲାଭମ୍ ୬୨୫ ଏବଂ ପାନ୍ ଡି’କୁ ମଧ୍ୟ ବିଷାକ୍ତ ଶ୍ରେଣୀରେ ରଖାଯାଇଛି। ଉକ୍ତ ରିପୋର୍ଟ ପ୍ରକାଶ ପାଇବା ପରେ ଲୋକଙ୍କ ମନରେ



ଔଷଧକୁ ନେଇ ସୁରକ୍ଷା ଚିନ୍ତା ବଢ଼ିଯାଇଛି।

ଭାରତର ଡ୍ରଗ୍ ନିୟନ୍ତ୍ରକଙ୍କ ଦ୍ୱାରା କରାଯାଇଥିବା ଗୁଣବତ୍ତା ଯାଞ୍ଚରେ କ୍ୟାଲ୍‌ସିୟମ ଓ ଭିଟାମିନ୍ ଡି୩ ସପ୍ଲିମେଣ୍ଟ, ଆଣ୍ଟି-ଡାଇବେଟିକ୍ ପିଲ୍ସ ଓ ଉଚ୍ଚ ରକ୍ତଚାପ ପାଇଁ ସେବନ କରାଯାଉଥିବା ମେଡିସିନ୍ ସମେତ ୫୦ରୁ ☞ପୃଷ୍ଠା-୧୩

**ଆଜିର ମନ୍ତବ୍ୟ**

“ହରିୟାଣାରେ କଂଗ୍ରେସ ଭୁଲ୍‌ବଶତଃ କ୍ଷମତାକୁ ଆସିଗଲେ ବି ଏହାର ଅନ୍ତଃକଳହ ଯୋଗୁ ସରକାରର ସ୍ଥିରତା ରହିବ ନାହିଁ, ଯାହାକି ରାଜ୍ୟକୁ ଧ୍ୱଂସ କରିଦେବ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ






# ଷ୍ଟିଲ୍‌ସିଟିରେ ପୁଣି ଗଣବଳାତ୍କାର

ଇସ୍ପାତ ସହର ରାଉରକେଲା ଅସୁରକ୍ଷିତ ହୋଇପଡ଼ିଛି। ଘରୁ ବାହାରିଲେ ସୁରକ୍ଷିତ ଭାବେ ଫେରିବା ନେଇ ବଢ଼ିଯାଉଛି ଚିନ୍ତା। ଗତ ସପ୍ତାହକ ମଧ୍ୟରେ ରାଉରକେଲାରେ ଦୁଇଟି ଗଣବଳାତ୍କାର ଘଟଣା ଲୋକଲୋଚନକୁ ଆସିଛି। ଗତ ଶନିବାର ରାତିରେ ପ୍ଲାଣ୍ଟ ସାଇଟ୍ ଥାନା ଅଞ୍ଚଳରେ ଝାଡ଼ଖଣ୍ଡର ୨ଜଣ ନାବାଳିକା ଭଉଣୀଙ୍କୁ ୭ରୁ ୮ଜଣ ଯୁବକ ଗଣବଳାତ୍କାର କରିଥିବାବେଳେ ଏବେ ରଘୁନାଥପାଲୀ ଥାନା ଅଞ୍ଚଳରେ ଆଉ ଜଣେ ୧୭ବର୍ଷୀୟା ଯୁବତୀଙ୍କୁ ୫ଜଣ ଯୁବକ ଗଣବଳାତ୍କାର କରିଥିବା ଘଟଣା ଜଣାପଡ଼ିଛି। ପୀଡ଼ିତାଙ୍କ ବାପା ଏନେଇ ମଙ୍ଗଳବାର ରଘୁନାଥପାଲୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୪୭୩/୨୪) ରୁଜୁ କରିଛି। ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯିବା ସହ ୪ଟି ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ ହୋଇଛି।

- **ସପ୍ତାହକ ମଧ୍ୟରେ ଦ୍ୱିତୀୟ ମାମଲା**
- **୫ ଜଣଙ୍କ ସମ୍ପୃକ୍ତି ଅଭିଯୋଗ**

ରାଉରକେଲା,୨୫।୯(ସଙ୍ଗୀତା ଜେନା)

ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ରହୁଥିବା ୧୭ ବର୍ଷୀୟା ପୀଡ଼ିତା ଜଣକ ଏକ ପ୍ରତିଷ୍ଠିତ କଲେଜର ଛାତ୍ରୀ। ଗତ ରବିବାର ରାତିରେ ପୀଡ଼ିତା ନିଜର ୨ ଜଣ ସାଙ୍ଗଙ୍କ ସହ ସିଭିଲଟାଉନଶିପ୍ ଅଞ୍ଚଳର ଏକ ହୋଟେଲ ଆଣ୍ଡ ବାର୍‌କୁ ଯାଇଥିଲେ। ସେଠାରୁ ୩ ଜଣ ଯୁବକ ତାଙ୍କୁ ଡାକିଆଣି ଟ୍ରାଫିକ୍ ଛକରେ ଥିବା ଏକ ପାର୍କରେ ଗଣବଳାତ୍କାର କରିଥିଲେ। ଏହି ଘଟଣାରେ କୁଆଡ଼େ ଆଉ ୨ଜଣ ଅର୍ଥାତ୍ ମୋଟ ୫ ଜଣ ସମ୍ପୃକ୍ତ ଥିବା ଏତଲାରେ ଉଲ୍ଲେଖ ରହିଛି। ଘଟଣାର ୨ ଦିନ ପରେ ମଙ୍ଗଳବାର ସନ୍ଧ୍ୟାରେ କେତେଜଣ ସମାଜସେବୀଙ୍କ ସହାୟତାରେ ପୀଡ଼ିତାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗକୁ ଭିତ୍ତିକରି ପୋଲିସ ସନ୍ଦେହରେ କିଛି ଯୁବକଙ୍କୁ ପଚରାଉଚୁରା କରୁଛି ବୋଲି ଏସ୍‌ଡିପିଓ ଉପାସନା ପାଢ଼ୀ କହିଛନ୍ତି। ଏ ସଂକ୍ରାନ୍ତରେ ରାଉରକେଲା ଡିଆଇଜି ବ୍ରିଜେଶ ରାୟ କହିଛନ୍ତି, ଏହି ଘଟଣା ୨୨ ତାରିଖର। ଥାନାରେ ଅଭିଯୋଗ ହେବା ପରେ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତୁରନ୍ତ ଅତିରିକ୍ତ ଏସ୍‌ପି ପି. ଏସ୍. ନାୟକଙ୍କ ନେତୃତ୍ୱରେ ୪ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ପୀଡ଼ିତାଙ୍କ ଡାକ୍ତରୀ ମାଇନା ସହ ବୟାନ ରେକର୍ଡ କରାଯାଇଛି। ଘଟଣାସ୍ଥଳରେ ପୋଲିସ ଟିମ୍, ଡଗ୍ ସ୍କ୍ୱାଡ୍, ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛନ୍ତି। କ୍ରମାଗତ ଏପରି ଘଟଣାକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ପ୍ରସ୍ତୁତ ରହିଛି। ପୀଡ଼ିତାଙ୍କୁ ନ୍ୟାୟଦେବା ସୁନିଶ୍ଚିତ କରାଯାଉଛି। ଅନେକ ତଥ୍ୟ ତଦନ୍ତ ପ୍ରକ୍ରିୟା ଯୋଗୁ ପ୍ରକାଶ କରିବା ସମ୍ଭବ ହେଉନାହିଁ। ତେବେ ତଦନ୍ତ ପରେ ସାର୍ବଜନୀନ କରାଯିବ ବୋଲି ଡିଆଇଜି ରାୟ କହିଛନ୍ତି। ଅପରପକ୍ଷେ ଏସ୍‌ଡିପିଓ ପାଢ଼ୀଙ୍କ ନେତୃତ୍ୱରେ ଉକ୍ତ ହୋଟେଲର ସିସିଟିଭି ଯାଞ୍ଚ କରାଯାଇଛି। ପୀଡ଼ିତା, ତାଙ୍କ ସାଙ୍ଗ ଓ ଅନ୍ୟମାନଙ୍କ କାର୍ଯ୍ୟକଳାପ ଆଦିର ସିସିଟିଭି ଫୁଟେଜ୍ ସଂଗ୍ରହ କରାଯାଇଛି।

ଉଲ୍ଲେଖଯୋଗ୍ୟ, ନାବାଳିକା ପୀଡ଼ିତା ଜଣକ ରବିବାର ଦକ୍ଷିଣ ରାଉରକେଲା ଏବଂ ପ୍ଲାଣ୍ଟସାଇଟ୍ ଅଞ୍ଚଳର ୨ଜଣ ସାଙ୍ଗଙ୍କ ସହ ହୋଟେଲକୁ ଯାଇଥିଲେ। ସେଠାରେ ସାଙ୍ଗମାନଙ୍କ ପୁରୁଷବନ୍ଧୁମାନେ ଉପସ୍ଥିତ ଥିଲେ। କିଛି ସମୟପରେ ଉକ୍ତ ନାବାଳିକାଙ୍କ ୨ଜଣ ସାଙ୍ଗ ହୋଟେଲରୁ ପଳାଇ ଯାଇଥିବାବେଳେ ☞ପୃଷ୍ଠା-୧୩

## ମହିଳା ସହକର୍ମୀଙ୍କୁ ଆଇଆଇସିଙ୍କ ଅସଦାଚରଣ

ରାଉରକେଲା/ ବନ୍ଧମୁଣ୍ଡା, ୨୫।୯ (ସଙ୍ଗୀତା ଜେନା/ ସୁବ୍ରତ ଡେ)

ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ ବନ୍ଧମୁଣ୍ଡା ଥାନାରେ କାର୍ଯ୍ୟରତ ଜଣେ ମହିଳା ସହକର୍ମୀଙ୍କୁ ଥାନା ଅଧିକାରୀ ଅଶୋକ ଦାସଙ୍କ ଅସଦାଚରଣ ମହଙ୍ଗା ପଡିଛି। ତାଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରିଦିଆଯାଇଛି। ଗତ କିଛି ଦିନ ଧରି ଥାନା ଅଧିକାରୀ ଉକ୍ତ ମହିଳା କର୍ମୀଙ୍କ ସହ ଅସଦାଚରଣ କରିଆସୁଥିଲେ। ଏ ସମ୍ପର୍କରେ ମହିଳା ପୋଲିସ କର୍ମୀ ଜଣକ ରାଉରକେଲା ଡିଆଇଜି ବ୍ରିଜେଶ ରାୟଙ୍କୁ ୩-୪ ଦିନ ପୂର୍ବେ ଲିଖିତ ଅଭିଯୋଗ କରିଥିଲେ। ଡିଆଇଜି ରାୟ ଏକ ଯାଞ୍ଚ କମିଟି ଗଠନ କରି ଘଟଣାର ତନାଘନା ଚଳାଇଥିଲେ। ପରେ ଥାନା ଅଧିକାରୀଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିବା ଡିଏସପି ନିର୍ମଳ ମହାପାତ୍ର ସୂଚନା ଦେଇଛନ୍ତି। ଏନେଇ ଥାନା ଅଧିକାରୀ ଦାସ କହିଛନ୍ତି, ଚଳିତ ମାସ ୧୭ ତାରିଖରେ ମହିଳା ପୋଲିସ କର୍ମୀ ଡ୍ୟୁଟି ଅନ୍ୟ ସ୍ଥାନରେ ଥିଲା। କିନ୍ତୁ ସେ ଡ୍ୟୁଟିରେ ଅବହେଳା ପ୍ରଦର୍ଶନ କରି ଥାନାରେ ଆସି ବସିଥିଲେ। ଏଥିସହ ନୂଆଁଖାଇ ପାଇଁ ୧୦ ଦିନ ଛୁଟି ଦରଖାସ୍ତ କରିଥିଲେ। ତାଙ୍କୁ ଛୁଟି ମିଳି ନ ଥିବାରୁ ସେ ଆକ୍ରୋଶ ମୂଳକଭାବେ ଏପରି କରିଛନ୍ତି। ନ୍ୟାୟିକ ବ୍ୟବସ୍ଥା ଉପରେ ମୋର ଭରସା ଅଛି। ଘଟଣାର ତଦନ୍ତ କରାଯାଉ ବୋଲି ଦାସ କହିଛନ୍ତି।

# ସୁଭଦ୍ରା: ମାର୍ଚ୍ଚ ୮ ପୂର୍ବରୁ ସମସ୍ତଙ୍କୁ ପ୍ରଥମ କିସ୍ତି

ଭୁବନେଶ୍ୱର,୨୫।୯(ଅନିଲ ଦାସ)

୨୦୨୫ ମାର୍ଚ୍ଚ ୮ ତାରିଖ ପୂର୍ବରୁ ସମସ୍ତ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଦିଆଯିବ। କିନ୍ତୁ ଦ୍ୱିତୀୟ କିସ୍ତି ଏକକାଳୀନ ମହିଳା ଦିବସ(ମାର୍ଚ୍ଚ ୮)ରେ ପ୍ରଦାନ କରାଯିବ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବୁଧବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, କିଛିଦିନ ଭିତରେ ସୁଭଦ୍ରା ଯୋଜନାରେ ଆଉ ୨୫ ଲକ୍ଷ ମହିଳାଙ୍କୁ ସହାୟତା ରାଶି ମିଳିବ। ପର୍ଯ୍ୟାୟକ୍ରମେ ମୋଟ୍ ୧ କୋଟି ମହିଳାଙ୍କୁ ସୁଭଦ୍ରା ସହାୟତା ଦିଆଯିବ। ସୁଭଦ୍ରା ଯୋଜନାରେ ଏ ପର୍ଯ୍ୟନ୍ତ ୯୨ ଲକ୍ଷ ଆବେଦନ କରିସାରିଲେଣି। ଆଉ ସପ୍ତାହେ ଭିତରେ ଏହା ୧ କୋଟିରେ ପହଞ୍ଚିବ। ୧ କୋଟି ମହିଳାଙ୍କୁ ସୁନିଶ୍ଚିତ ଟଙ୍କା ମିଳିବ। ଦୁଇ ଦିନ ପୂର୍ବରୁ ଏ ନେଇ ସମୀକ୍ଷା କରାଯାଇଛି। ୨୫ ଲକ୍ଷ ୧୧ ହଜାର ମହିଳାଙ୍କୁ ପ୍ରଥମ କିସ୍ତି ଦିଆଯାଇଛି। ଇ-କେୱାଇସି



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ପାଇଁ ଟିକେ ସମୟ ଲାଗୁଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। କିଏ ଆଗେ ଓ କିଏ ପରେ ପାଉଛନ୍ତି। କିନ୍ତୁ ସମସ୍ତେ ନିଶ୍ଚିତ ପାଇବେ ବୋଲି ସେ କହିଛନ୍ତି ।

ଗତ ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ଜନ୍ମଦିବସରେ ଓଡ଼ିଶା ଆସି ୨୫ ଲକ୍ଷ ୧୧ଜଣ ☞ପୃଷ୍ଠା-୧୩

**ଆଜିର ସମ୍ପାଦକୀୟ** **ବିଜ୍ଞାନର ମୂଲ୍ୟାୟନ**

# ମହାଲକ୍ଷ୍ମୀ ହତ୍ୟାକାଣ୍ଡ: ଅଭିଯୁକ୍ତ ଓଡ଼ିଆ ଯୁବକଙ୍କ ଆତ୍ମହତ୍ୟା

ଭଦ୍ରକ,୨୫।୯(ସନାତନ ରାଉତ)/ଚାନ୍ଦବାଲି(କିଷାନ ପାତ୍ର)/ ବେଙ୍ଗାଲୁରୁ (ପି.ଟି.),୨୫।୯

ଅପରାଧୀ ଯେତେ ଚାଲାକ ଚତୁର ହେଲେ ମଧ୍ୟ ଦଣ୍ଡରୁ ବର୍ତ୍ତିପାରିବେ ନାହିଁ। ଆଇନ ଅଦାଲତରେ ଦଣ୍ଡିତ ହେବା ପୂର୍ବରୁ ସମ୍ଭବତଃ ଧରାପଡ଼ିବା ଭୟରେ ଆତ୍ମହତ୍ୟା କରିବା ଭଳି ଏକ ଚାଞ୍ଚଲ୍ୟକର ଘଟଣା ବୁଧବାର ସାମ୍ନାକୁ ଆସିଛି। ବେଙ୍ଗାଲୁରୁର ବହୁଚର୍ଚ୍ଚିତ ମହାଲକ୍ଷ୍ମୀ ହତ୍ୟା ମାମଲାର ଅଭିଯୁକ୍ତ ଭଦ୍ରକ ଜିଲାର ମୁକ୍ତିରଞ୍ଜନ ରାୟ(୩୨) ଏକ ଗଛରେ ଝୁଲି ନିଜ ଜୀବନ ହାରିଦେଇଛନ୍ତି। ପୋଲିସ ତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି।

ତ୍ରିପୁରାର ୨୬ ବର୍ଷୀୟା ମହାଲକ୍ଷ୍ମୀ ବେଙ୍ଗାଲୁରୁସ୍ଥିତ ଏକ ଜଣାଶୁଣା ମଲ୍‌ରେ ସେଲ୍ସଓମେନ୍ ଭାବେ କାର୍ଯ୍ୟ କରୁଥିଲେ।

### ବେଙ୍ଗାଲୁରୁରେ ୫୯ ଖଣ୍ଡ କରି ଫ୍ରିଜ୍‌ରେ ରଖିଥିଲେ ମୃତଦେହ



ମହାଲକ୍ଷ୍ମୀ

ସ୍ୱାମୀ ପରିତ୍ୟକ୍ତା ମହାଲକ୍ଷ୍ମୀଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଗତ ୨୧ ତାରିଖରେ ମାଲେଶ୍ୱରମ୍‌ରେ ସେ ରହୁଥିବା ଆପାର୍ଟମେଣ୍ଟର ଏକ ରୁମ୍ ଫ୍ରିଜ୍‌ରୁ ମିଳିଥିଲା। ☞ପୃଷ୍ଠା-୧୩

# ହୋମଯଜ୍ଞ ଆଳରେ ପ୍ରମାଣ ଧ୍ୱଂସ

ଭୁବନେଶ୍ୱର, ୨୫।୯(ସୁନିତ୍ ମିଶ୍ର)

ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାରେ ପୋଲିସ ବିରୋଧରେ ପୁଣି ଆଇନ ଉଲ୍ଲଂଘନର ଅଭିଯୋଗ ଉଠିଛି। ଗତ ରବିବାର ବିଳମ୍ବିତ ରାତିରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏବେ ଏହି ଘଟଣାରେ ବିଚାରବିଭାଗୀୟ ସହ କ୍ରାଇମବ୍ରାଞ୍ଚ ତଦନ୍ତ ଚାଲିଛି। ଏଭଳି ସ୍ଥିତିରେ ଥାନାର ନୂଆ ଆଇଆଇସି ଦୀପକ କୁମାର ଖଣ୍ଡାୟତରାୟ ଦାୟିତ୍ୱ ଗ୍ରହଣ କରିବା ପରେ ୨ ଘଣ୍ଟାରୁ ଅଧିକ ସମୟ ଧରି ହୋମଯଜ୍ଞ କରି ପ୍ରମାଣ ନଷ୍ଟ ପାଇଁ ଉଦ୍ଦିଷ୍ଟ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ସେକ୍ସନ ୨୩୮ (ଆଇପିସି ସେକ୍ସନ ୨୦୧)ର ଖୋଲା ଉଲ୍ଲଂଘନ କରିଛନ୍ତି। ଏହି ଅବସରରେ ଆଇଆଇସିଙ୍କ ସମେତ ଥାନା କର୍ମଚାରୀମାନେ ପୂଜାରେ

**ଭରତପୁର ଥାନା: ଏଠି ନ୍ୟାୟ ନୁହେଁ, ମାଡ଼ ଅନ୍ୟାୟ**



ନୂଆ ଆଇଆଇସି ଯୋଗଦେବା ପରେ ଭରତପୁର ଥାନାରେ ହୋଇଥିବା ହୋମଯଜ୍ଞ।

ସାମିଲ ଥିଲେ। ତଦନ୍ତ ଚାଲିଥିବା ବେଳେ ଥାନା ସଫା କରି ହୋମଯଜ୍ଞ କରାଯିବା ବାହାନାରେ ପୋଲିସ ଥାନାରୁ ସବୁ ପ୍ରମାଣ ନଷ୍ଟ କରିବା ଭଳି ଘଟଣା ଘଟାଇଛି। ଏନେଇ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର କହିଛନ୍ତି, ☞ପୃଷ୍ଠା-୧୩

# ପଲିଗ୍ରାଫ୍ ଟେଷ୍ଟ ପାଇଁ ଗୁଜରାଟ ଯିବେ ନିଲମ୍ବିତ ଆଇଆଇସି

ଭୁବନେଶ୍ୱର,୨୫।୯(ସତ୍ୟଜିତ୍ ରାଉତ)

ଆର୍ମି ମେଜର ଏବଂ ତାଙ୍କ ବାନ୍ଧବୀଙ୍କୁ ଭରତପୁର ଥାନାରେ ନିର୍ଯାତନା ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ଚଳାଇଛି। ଏହି ଘଟଣାରେ ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କ ପଲିଗ୍ରାଫ୍, ନାର୍କୋ-ଆନାଲିସିସ୍ ଓ ବ୍ରେନ୍, ଫିଙ୍ଗର ପ୍ରିଣ୍ଟିଂ ଟେଷ୍ଟ କରାଯିବ। ଏନେଇ କ୍ରାଇମବ୍ରାଞ୍ଚ ଟିମ୍ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରିଥିଲା। ଦୀନକୃଷ୍ଣ ମଧ୍ୟ କୋର୍ଟରେ ହାଜର ହୋଇ ଟେଷ୍ଟ ସହମତି ପ୍ରକାଶ କରିଥିଲେ। କୋର୍ଟ ଏହାକୁ ଗ୍ରହଣ କରି ଅନୁମତି ଦେଇଛନ୍ତି। ଖୁବ୍‌ଶୀଘ୍ର କ୍ରାଇମବ୍ରାଞ୍ଚ ଟିମ୍ ଦୀନକୃଷ୍ଣଙ୍କୁ ଗୁଜରାଟ ଗାନ୍ଧୀନଗରସ୍ଥିତ ଷ୍ଟେଟ୍ ଫରେନ୍‌ସିକ୍ ସାଇନ୍ସ ଲାବରେଟୋରିକୁ ନେଇ ଏସବୁ ଟେଷ୍ଟ କରାଇବାକୁ କୋର୍ଟ କହିଛନ୍ତି। ତେବେ ଦୀନକୃଷ୍ଣ ତାଙ୍କ ବୟାନରେ କେତେ ସତ କହୁଛନ୍ତି ଏସବୁ ଟେଷ୍ଟରୁ ଜଣାପଡ଼ିବ ବୋଲି କ୍ରାଇମବ୍ରାଞ୍ଚ ଆଶା ରଖିଛି।

### ଭରତପୁର ଥାନା, ସୁନ୍ଦରପୁରରେ ସିନ୍ ରିକ୍ରିଏଶନ୍

ଅନ୍ୟପକ୍ଷରେ କ୍ରାଇମବ୍ରାଞ୍ଚ ଟିମ୍ ପ୍ରମାଣ ଯୋଗାଡ଼ କରିବାରେ ଲାଗିଛି। ଘଟଣା ପଛର ସତ୍ୟାସତ୍ୟ ଜାଣିବାକୁ ବୁଧବାର ଭରତପୁର ଥାନା ଓ ସୁନ୍ଦରପୁରରେ ସିନ୍ ରିକ୍ରିଏଶନ୍ ହୋଇଛି। ସେପ୍ଟେମ୍ବର ୧୪ ରାତିରେ ଘଟିଥିବା ସମସ୍ତ ଘଟଣାରେ କ୍ରାଇମବ୍ରାଞ୍ଚ ତଥ୍ୟ ହାସଲ କରିବା ସହ ୩୬୦ ଡିଗ୍ରୀ ୩ଡି କ୍ୟାମେରାରେ ଭିଡିଓଗ୍ରାଫି କରିଛି। ସକାଳେ କ୍ରାଇମବ୍ରାଞ୍ଚ ଟିମ୍ ଭରତପୁର ଥାନାରେ ପହଞ୍ଚି ତଦନ୍ତ ☞ପୃଷ୍ଠା-୧୩

# ୩୭୦ ପାଇଁ ଆନ୍ଦୋଳନ କରିବ ଇଣ୍ଡିଆ


ରାହୁଲ ଗାନ୍ଧୀ

## କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରସ୍ତ ଦାବି: କେନ୍ଦ୍ରକୁ ରାହୁଲଙ୍କ ଚେତାବନୀ

ଜମ୍ମୁ,୨୫।୯

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ବିଧାନସଭା ନିର୍ବାଚନ ପରେ କେନ୍ଦ୍ର ସରକାର ପୁନଃ ଅବସ୍ଥାପିତ ନ କଲେ ଇଣ୍ଡିଆ ବ୍ଲକ୍ ସଡ଼କରୁ ସଂସଦ ପର୍ଯ୍ୟନ୍ତ ପୂର୍ଣ୍ଣ ବଳ ପ୍ରୟୋଗ ପୂର୍ବକ ଆନ୍ଦୋଳନ କରିବ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ବୁଧବାର ଜମ୍ମୁରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରି କେନ୍ଦ୍ରକୁ ଏଭଳି ଚେତାବନୀ ଦେଇଛନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ କହିଛନ୍ତି, କଶ୍ମୀରକୁ ୨ଟି କେନ୍ଦ୍ରଶାସିତ ଅଞ୍ଚଳ (ଜମ୍ମୁ-କଶ୍ମୀର ଓ ଲଦାଖ)ରେ ପରିଣତ କରିଦେବା କଶ୍ମୀରବାସୀଙ୍କ ପ୍ରତି ଅତି ଅନ୍ୟାୟ, ଯାହାକି ଭାରତର ଇତିହାସରେ କେବେ ଦେଖିବାକୁ ମିଳି ନ ଥିଲା। ଭବିଷ୍ୟତରେ ମଧ୍ୟ ଏପରି ହେବା ଅନୁଚିତ। 'ମୁଁ ଆପଣମାନଙ୍କୁ ଗ୍ୟାରେଣ୍ଟି ଦେଉଛି, ଏହି ନିର୍ବାଚନ ପରେ ଭାଜପା ଯଦି ରାଜ୍ୟ ମାନ୍ୟତା ନ ଫେରାଏ ତେବେ ଇଣ୍ଡିଆ ମେଣ୍ଟ ଲୋକ ସଭା, ରାଜ୍ୟ ସଭା ଏବଂ ଏପରି କି ରାସ୍ତାରେ ମଧ୍ୟ ଆନ୍ଦୋଳନ କରିବ।' ଏହି ଅବସରରେ ରାହୁଲ ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି। ସେହିପରି କେତେଜଣ ବ୍ୟବସାୟୀଙ୍କ ରାସ୍ତା ସଫା କରିବା ପାଇଁ କେନ୍ଦ୍ର ଜିଏସ୍‌ଟି ଏବଂ ବିମୁଦ୍ରୀକରଣ ଆଣିଥିଲା ବୋଲି ସେ କହିଛନ୍ତି।

## ୨୬ ଆସନରେ ୫୬% ମତଦାନ

ଶ୍ରୀନଗର,୨୫।୯

୯୦ ଆସନ ବିଶିଷ୍ଟ ଜମ୍ମୁ-କଶ୍ମୀର ବିଧାନସଭାର ୨୬ ଆସନ ପାଇଁ ବୁଧବାର ଶାନ୍ତିଶୃଙ୍ଖଳାର ସହ ଭୋଟ ଗ୍ରହଣ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୫୬%ରୁ ଅଧିକ ମତଦାନ ହୋଇଥିବା ନିର୍ବାଚନ କମିଶନଙ୍କ ସୂତ୍ରରୁ ପ୍ରକାଶ। କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀ ପି.କେ. ପୋଲେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ୫୬.୫% ମତଦାନ ହୋଇଛି। ୬ ଜିଲାର ଶ୍ରୀନଗର, ଗନ୍ଦେରବଲ, ବଡ଼ଗାମ ସମେତ ଅନ୍ୟ ଆସନଗୁଡ଼ିକରେ କିଛି ମାମୁଲି ଘଟଣାକୁ ଛାଡ଼ିଦେଲେ ନିର୍ବାଚନ ମୋଟାମୋଟି ଶାନ୍ତିପୂର୍ଣ୍ଣ ରହିଥିଲା। ଅନ୍ୟପକ୍ଷେ ଉପତ୍ୟକାରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ବେଳେ ନିର୍ବାଚନ ପରିଚାଳନା ଦେଖିବାକୁ ଆସିଥିବା ୧୬ ଜଣିଆ ପ୍ରତିନିଧି ଦଳକୁ ନେଇ ବିବାଦୀୟ ସ୍ଥିତି ଉପୁଜିଛି।

ଜମ୍ମୁ-କଶ୍ମୀରରେ ଆତଙ୍କବାଦ ମୁଣ୍ଡ ଟେକିବା ପରଠୁ ସମ୍ଭବତଃ ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟ ଅନୁଧ୍ୟାନକାରୀମାନଙ୍କୁ ନିର୍ବାଚନ ଅନୁଧ୍ୟାନ ଲାଗି ଅନୁମତି ମିଳିଛି। ଆମେରିକାର ଡେପୁଟି ଚିଫ୍ ଅଫ୍ 'ମିଶନ ଇନ୍ ଦିଲ୍ଲୀ' ଜୋର୍ଗାନ କେ.

### କଶ୍ମୀରରେ ବିଦେଶୀ ପ୍ରତିନିଧି ଦଳ

ଆଣ୍ଡ୍ରୁଙ୍କ ନେତୃତ୍ୱରେ ଏହି ୧୫ ଜଣିଆ କୂଟନୀତିଜ୍ଞ ଟିମ୍ ଆସିଛନ୍ତି। ଉକ୍ତ ଟିମ୍‌ରେ ମେକ୍ସିକୋ, କୋରିଆ, ସୋମାଲିଆ, ସ୍ପେନ୍, ସିଙ୍ଗାପୁର, ନାଇଜେରିଆ, ଫିଲିପାଇନ୍ସ, ତାଞ୍ଜାନିଆ, ନରୱେ, ପାନାମା, ଅଲ୍‌ଜେରିଆ, ର୍‌ୱାଣ୍ଡା ଓ ଦକ୍ଷିଣ ଆଫ୍ରିକାର ପ୍ରତିନିଧି ସାମିଲ ଅଛନ୍ତି। ଉକ୍ତ ଟିମ୍ ଶ୍ରୀନଗର ସମେତ କେନ୍ଦ୍ରୀୟ କଶ୍ମୀରରେ ଭୋଟିଂ ପ୍ରକ୍ରିୟା ଓ ସ୍ଥାନୀୟ ଆଇନଶୃଙ୍ଖଳା ସ୍ଥିତି ଉପରେ ସେମାନେ ଅନୁଧ୍ୟାନ କରିଛନ୍ତି। ସେମାନଙ୍କ ସହ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟର ୬ ଅଧିକାରୀ ମଧ୍ୟ ଅଛନ୍ତି। ଏହି ପ୍ରତିନିଧି ଦଳ ଆସନ୍ତା ୨ ଦିନ ଧରି ବିଭିନ୍ନ ବର୍ଗର ଲୋକଙ୍କୁ ଭେଟିବେ। ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀରେ ଦୂତାବାସ ଥିବା ୨୦ ଦେଶର କୂଟନୀତିଜ୍ଞଙ୍କୁ ନିମନ୍ତ୍ରଣ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୫ ଜଣ ଆସିଥିବା ଜଣାପଡ଼ିଛି। ୧୦ ବର୍ଷ ପରେ କଶ୍ମୀରୀମାନେ ଭୋଟ ଦେଉଥିବା ଦେଖି ଓ ନିର୍ବାଚନୀ ପ୍ରକ୍ରିୟାକୁ ନେଇ ସେମାନେ ଖୁସିବ୍ୟକ୍ତ କରିଛନ୍ତି। ସେହିପରି ଅକ୍ଟୋବର ୧ରେ ହେବାକୁ ଥିବା ତୃତୀୟ ପର୍ଯ୍ୟାୟ ନିର୍ବାଚନ ବେଳେ ଉତ୍ତର କଶ୍ମୀରକୁ ଆହୁରି କେତେଜଣ କୂଟନୀତିଜ୍ଞଙ୍କୁ ନିମନ୍ତ୍ରଣ କରାଯାଇଥିବା ନିର୍ବାଚନ କମିଶନଙ୍କ ଜଣେ ଅଧିକାରୀ ସୂଚନା ଦେଇଛନ୍ତି।


ବିଦେଶୀ ପ୍ରତିନିଧିମାନେ ଡାଲ୍ ହ୍ରଦର ଏକ ପୋଲିଂ ଷ୍ଟେସନ ପରିଦର୍ଶନ ବେଳେ ସେଲ୍ଫି ନେଉଛନ୍ତି।

## ଆମକୁ ବିଦେଶୀ ପ୍ରମାଣପତ୍ର ଲୋଡ଼ାନାହିଁ: ଓମାର



ଶ୍ରୀନଗର,୨୫।୯

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଉପାଧ୍ୟକ୍ଷ ଓମାର ଅବ୍‌ଦୁଲ୍ଲା ଏହାକୁ ସମାଲୋଚନା କରିଛନ୍ତି। ଓମାର କହିଛନ୍ତି, ଜମ୍ମୁ-କଶ୍ମୀରରେ ନିର୍ବାଚନ ଏକ ଆଭ୍ୟନ୍ତରୀଣ ବ୍ୟାପାର। କେନ୍ଦ୍ର ସରକାର ବିଦେଶୀମାନଙ୍କୁ ନିର୍ବାଚନ ଯାଞ୍ଚ କରାଇବା ପାଇଁ ଡାକିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଯେତେବେଳେ ବିଦେଶୀ ସରକାରମାନେ ପ୍ରତିକ୍ରିୟା ପ୍ରକାଶ କରନ୍ତି, ସେତେବେଳେ ଭାରତ ସରକାର 'ଏହା ଆମର ଆଭ୍ୟନ୍ତରୀଣ ବ୍ୟାପାର' ବୋଲି କହିଥାଆନ୍ତି। ଏବେ ସେମାନେ ହଠାତ୍ କାହିଁକି ବିଦେଶୀ ଅନୁଧ୍ୟାନକାରୀଙ୍କୁ ଆମ ନିର୍ବାଚନ ଦେଖାଇବାକୁ ଡାକିଛନ୍ତି ବୋଲି ଓମାର ପ୍ରଶ୍ନ କରିଛନ୍ତି। ବିଦେଶୀଙ୍କଠାରୁ ଆମକୁ ପ୍ରମାଣପତ୍ର ନେବା ଆବଶ୍ୟକ ନାହିଁ। ପ୍ରଥମ ପର୍ଯ୍ୟାୟ ଭଳି ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ମଧ୍ୟ ଏନ୍‌ସି ସପକ୍ଷରେ ଯାଇଥିବା ସେ କହିଛନ୍ତି।

## ହ୍ୟାରିସ୍‌ଙ୍କ ଅଫିସ୍‌କୁ ଗୁଳି

ୱାଶିଂଟନ, ୨୫।୯

ଆମେରିକାର ଆରିଜୋନା ରାଜ୍ୟର ଟେମ୍ପେ ସହରସ୍ଥିତ ଡେମୋକ୍ରାଟିକ୍ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ କମଳା ହ୍ୟାରିସ୍‌ଙ୍କ ନିର୍ବାଚନ ପ୍ରଚାର ଅଫିସ୍‌ରେ ମଙ୍ଗଳବାର ରାତିରେ ଜଣେ ଦୁର୍ବୃତ୍ତ ଗୁଳି ଚଳାଇଛନ୍ତି। ଗୁଳିକାଣ୍ଡରେ ଉକ୍ତ କାର୍ଯ୍ୟାଳୟରେ ସାମାନ୍ୟ କ୍ଷୟକ୍ଷତି ଘଟିଥିବାବେଳେ କେହି ଆହତ ହୋଇ ନ ଥିବା ଟେମ୍ପେ ପୋଲିସ କହିଛି। ଗୁଳି ଚାଳନା ସମୟରେ କାର୍ଯ୍ୟାଳୟ ପରିସର ମଧ୍ୟରେ କେହି ନ ଥିଲେ। ଘଟଣାସ୍ଥଳରେ ପୋଲିସର ତଦନ୍ତ ଜାରି ରହିଛି ଏବଂ ଖୁବ୍‌ଶୀଘ୍ର ଗୁଳି ଚଳାଇଥିବା ଦୁର୍ବୃତ୍ତଙ୍କୁ ଗିରଫ କରାଯିବ ବୋଲି ଟେମ୍ପେ ପୋଲିସ୍‌ର ପବ୍ଲିକ ଇନ୍‌ଫରମେସନ୍ ଅଫିସର ସର୍ଜେଣ୍ଟ ରିଆନ୍ କୁକ୍ କହିଛନ୍ତି। ଉକ୍ତ କାର୍ଯ୍ୟାଳୟକୁ ଅତିରିକ୍ତ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେଇଛି। ସୂଚନାଯୋଗ୍ୟ, ମାସକ ମଧ୍ୟରେ ହ୍ୟାରିସ୍‌ଙ୍କ ଉକ୍ତ ଅଫିସ୍‌ରେ ଏହା ଦ୍ୱିତୀୟ ଗୁଳିକାଣ୍ଡ ଘଟଣା।

## ଗଛରେ ପିଟିହେଲା ଭ୍ୟାନ୍, ୬ ମୃତ

ଚେନ୍ନାଇ, ୨୫।୯

ତାମିଲନାଡୁର ତିରୁଚିରାପଲ୍ଲୀ-ଚେନ୍ନାଇ ହାଇୱେରେ ବୁଧବାର ଶ୍ରଦ୍ଧାଳୁଙ୍କୁ ନେଇ ଫେରୁଥିବା ଏକ ଭ୍ୟାନ୍ ଗଛରେ ପିଟି ହେବାରୁ ୬ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୩ ଜଣ ଆହତ ହୋଇଛନ୍ତି। ଶ୍ରଦ୍ଧାଳୁଙ୍କ ଏହି ଦଳ ତିରୁବନ୍ନାମଲାଇରୁ ତିରୁଚେନ୍ଦୁରର ମୁରୁଗାନ ମନ୍ଦିର ଏବଂ ମଦୁରାଇର ମୀନାକ୍ଷୀ ଅମ୍ମନ ମନ୍ଦିରକୁ ଯାଇ ଫେରିବାବେଳେ ଦୁର୍ଘଟଣା ଘଟିଥିଲା।

## ସରକାର ବିରୋଧୀ ପୋଷ୍ଟ: ୩୦ ବର୍ଷ ଜେଲ

ଦୁବାଇ, ୨୫।୯

ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)ରେ କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନଙ୍କ ଶାସନ ପଦ୍ଧତିକୁ ସୋସିଆଲ ମିଡିଆରେ ସମାଲୋଚନା କରିଥିବାରୁ ମହମ୍ମଦ ଅଲ-ଘାମଦୀ ନାମକ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ୩୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି। ସାଉଦିଙ୍କ ଏକ ସ୍ୱତନ୍ତ୍ର ଆପରାଧିକ କୋର୍ଟ ଏହି ରାୟ ଶୁଣାଇଥିବା ନେଇ ବ୍ରିଟେନ୍‌ରେ ରହୁଥିବା ମହମ୍ମଦଙ୍କ ଭାଇ ସଇଦ-ଅଲ୍ ଘାମଦୀ ବୁଧବାର ସୂଚନା ଦେଇଛନ୍ତି। ତେବେ ୨୦୨୩ ଜୁଲାଇରେ ମହମ୍ମଦଙ୍କୁ ଏହି ମାମଲାରେ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ତେବେ ଗତ ଅଗଷ୍ଟରେ ମହମ୍ମଦଙ୍କୁ


ମହମ୍ମଦ ଅଲ-ଘାମଦୀ

ଦିଆଯାଇଥିବା ମୃତ୍ୟୁଦଣ୍ଡକୁ କୋର୍ଟ ରଦ୍ଦ କରିଥିଲେ। ମହମ୍ମଦ ସୋସିଆଲ ମିଡିଆରେ ୟୁଏଇ କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନଙ୍କ ଶାସନ ପଦ୍ଧତି ସମୟରେ ଦମନ ଏବଂ ଅତ୍ୟାଚାର ବଢ଼ିଥିବା ନେଇ ପୋଷ୍ଟ କରିଥିଲେ।

## ଶାନ୍ତି ସୂତ୍ରର ବିକଳ୍ପ ନାହିଁ

ଜାତିସଂଘ,୨୫।୯

ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ବୁଧବାର ବିଶ୍ୱନେତାଙ୍କୁ ତାଙ୍କ ଦେଶ ସହ ଛିଡ଼ା ହେବାକୁ ଅନୁରୋଧ କରିଛନ୍ତି। ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରୁଷିଆ ସହ ଚାଲିଥିବା ଯୁଦ୍ଧ ପରିପ୍ରେକ୍ଷୀରେ ବିଶ୍ୱନେତାମାନେ ଖସିଯିବା ପରିବର୍ତ୍ତେ ବାସ୍ତବ ଶାନ୍ତି ପାଇଁ ଉଦ୍ୟମ କରନ୍ତୁ ବୋଲି ସେ କହିଛନ୍ତି। ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ର ୭୯ତମ ଅଧିବେଶନକୁ ସମ୍ବୋଧିତ କରି ଜେଲେନ୍‌ସ୍କି କହିଛନ୍ତି, ୨ ବର୍ଷ ପୂର୍ବେ ସେ ଉପସ୍ଥାପନ କରିଥିବା 'ଶାନ୍ତି ସୂତ୍ର'ର ବିକଳ୍ପ ନାହିଁ। ୟୁକ୍ରେନ୍ ଭୂଖଣ୍ଡରୁ ସମସ୍ତ ରୁଷୀୟ ସୈନ୍ୟଙ୍କୁ ବିଦାକରି



ଯୁଦ୍ଧ ଅପରାଧ ପାଇଁ ସେମାନଙ୍କୁ ଉତ୍ତରଦାୟୀ କରାଯାଉ। ଶାନ୍ତି ପ୍ରତିଷ୍ଠା ଉଦ୍ଦେଶ୍ୟରେ ଅନ୍ୟ କୌଣସି ସମାନ୍ତରାଳୟ କିମ୍ବା ବିକଳ୍ପ ଉଦ୍ୟମ କରିବାର ତାତ୍ପର୍ଯ୍ୟ ଯୁଦ୍ଧାବସାନ ପରିବର୍ତ୍ତେ ସାମ୍ପ୍ରତିକ ସଙ୍କଟରୁ ଖସିଯିବା ସଦୃଶ୍ୟ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ୨୦୨୨ ଫେବୃଆରୀରେ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିଥିଲା। ଏହା ପରେ ଜେଲେନ୍‌ସ୍କି ୧୦ ସୂତ୍ରୀ ଶାନ୍ତି ଯୋଜନା ଘୋଷଣା କରିଥିଲେ। ତେବେ ମସ୍କୋ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲା।

## କୃଷି ଆଇନ ମନ୍ତବ୍ୟ: କ୍ଷମା ମାଗିଲେ କଙ୍ଗନା

ନୂଆଦିଲ୍ଲୀ, ୨୫।୯

୨୦୨୧ରେ ମୋଦି ସରକାରଙ୍କ ଦ୍ୱାରା ରଦ୍ଦ କରାଯାଇଥିବା ୩ କୃଷି ଆଇନକୁ ଫେରାଇ ଆଣିବା ଉଚିତ ବୋଲି ମଙ୍ଗଳବାର ଭାଜପା ଏମ୍‌ପି କଙ୍ଗନା ରାଣାୱତ ବୟାନ ଦେଇଥିଲେ। ତେବେ ବୁଧବାର ସେ ଏହି ବୟାନକୁ ନେଇ କ୍ଷମା ମାଗିଛନ୍ତି। କଙ୍ଗନା ଏକ୍ସ'ରେ ନିଜର ଏକ ଭିଡିଓ ପୋଷ୍ଟକରି କହିଛନ୍ତି, ୩ କୃଷି ଆଇନକୁ ଫେରାଇ ଅଣାଯାଉ ବୋଲି ତାଙ୍କର ବ୍ୟକ୍ତିଗତ ଭାବେ ଇଚ୍ଛା ରହିଛି। ଏହି ବ୍ୟକ୍ତିଗତ ମତକୁ ଭାଜପାର ମତ ବୋଲି ଧରିବା ଠିକ୍ ନୁହେଁ। ଏବେ ସେ କେବଳ ଜଣେ ଅଭିନେତ୍ରୀ ନୁହନ୍ତି ବରଂ ଏମ୍‌ପି ମଧ୍ୟ। ତେଣୁ ଦଳୀୟ ନୀତି ଅନୁଯାୟୀ, ତାଙ୍କୁ ବୟାନ ଦେବାକୁ ପଡ଼ିବ। ୩ କୃଷି ଆଇନକୁ ଫେରାଇ ଆଣିବା ନେଇ ତାଙ୍କର ବୟାନ ବହୁ ବରିଷ୍ଠ


କଙ୍ଗନା ରାଣାୱତ

ଭାଜପା ନେତାଙ୍କୁ ନିରାଶ କରିଛି ବୋଲି କହି କଙ୍ଗନା ଦୁଃଖ ପ୍ରକଶ କରିଛନ୍ତି।

ସେପଟେ କଙ୍ଗନାଙ୍କ ମନ୍ତବ୍ୟକୁ କେନ୍ଦ୍ରକରି ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ସ୍ପଷ୍ଟୀକରଣ ମାଗିଛନ୍ତି। ପ୍ରଧାନମନ୍ତ୍ରୀ କଙ୍ଗନାଙ୍କର ମନ୍ତବ୍ୟକୁ ସମର୍ଥନ କରୁଛନ୍ତି ନା ବିରୋଧ କରୁଛନ୍ତି ସେନେଇ ଦେଶବାସୀ ଜାଣିବାକୁ ଚାହାନ୍ତି ବୋଲି ରାହୁଲ କହିଛନ୍ତି।

## ସିଦ୍ଧାରାମାୟାଙ୍କ ବିରୋଧରେ ଥିବା ଅଭିଯୋଗର ତଦନ୍ତ କରିବ ଲୋକାୟୁକ୍ତ

### ଏମ୍‌ୟୁଡିଏ ଦୁର୍ନୀତି ମାମଲା

ବେଙ୍ଗାଲୁରୁ, ୨୫।୯

ମହୀଶୂର ଅର୍ବାନ ଡେଭେଲପମେଣ୍ଟ ଅଥରିଟି (ଏମ୍‌ୟୁଡିଏ) ଜମି ଦୁର୍ନୀତି ମାମଲାରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କ ବିରୋଧରେ ଥିବା ଅଭିଯୋଗ ଉପରେ ଲୋକାୟୁକ୍ତ ତଦନ୍ତ ନେଇ ବୁଧବାର ବେଙ୍ଗାଲୁରୁର ଏକ ସ୍ୱତନ୍ତ୍ର ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ୩ ମାସ ମଧ୍ୟରେ ଏହି ମାମଲାର ରିପୋର୍ଟ ଦାଖଲ କରିବାକୁ ସ୍ୱତନ୍ତ୍ର କୋର୍ଟଙ୍କ ଜଜ୍ ସନ୍ତୋଷ



ଗଜାନନ୍ ଭଟ୍ଟ କର୍ଣ୍ଣାଟକ ଲୋକାୟୁକ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଆବଶ୍ୟକ ସ୍ଥଳେ ଏଫ୍‌ଆଇଆର୍ ରୁଜୁ କରିବା ପାଇଁ ଲୋକାୟୁକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଲୋକାୟୁକ୍ତ ତଦନ୍ତକୁ ସେ ଭୟ କରୁନାହାନ୍ତି ବୋଲି ସିଦ୍ଧାରାମାୟା କହିଛନ୍ତି। ସମସ୍ତ ପ୍ରକାର ତଦନ୍ତକୁ ସାମ୍ନା କରିବା ସହ ଆଇନଗତ ଲଢ଼େଇ ଲଢ଼ିବାକୁ ସେ ପ୍ରସ୍ତୁତ ବୋଲି ବୁଧବାର ସିଦ୍ଧାରାମାୟା ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି। ପୂର୍ବରୁ ସିଦ୍ଧାରାମାୟାଙ୍କ ବିରୋଧରେ ତଦନ୍ତ ପାଇଁ କର୍ଣ୍ଣାଟକ ରାଜ୍ୟପାଳ ଥାୱରଚନ୍ଦ ଗେହଲଟ୍ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହାକୁ ବିରୋଧ କରି ସିଦ୍ଧାରାମାୟାଙ୍କ ପକ୍ଷରୁ କରାଯାଇଥିବା ଆବେଦନକୁ ମଙ୍ଗଳବାର କର୍ଣ୍ଣାଟକ ହାଇକୋର୍ଟ ଖାରଜ କରିଦେଇଥିଲେ। ସୂଚନାଯୋଗ୍ୟ, ଏମ୍‌ୟୁଡିଏର ପ୍ରମୁଖ ସ୍ଥାନରେ ଥିବା ୧୪ଟି ଜମିକୁ ସିଦ୍ଧାରାମାୟାଙ୍କ ସ୍ତ୍ରୀଙ୍କୁ ଆବଣ୍ଟନ କରାଯାଇଥିବା ନେଇ ତାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା।

## ୟୁପି ପରେ ହିମାଚଳ: ବୋର୍ଡରେ ରହିବ ହୋଟେଲ ମାଲିକଙ୍କ ନାଁ

ଶିମ୍ଲା, ୨୫।୯

ହିମାଚଳ ପ୍ରଦେଶର ସମସ୍ତ ଖାଦ୍ୟ ପ୍ରତିଷ୍ଠାନଗୁଡ଼ିକୁ ସେମାନଙ୍କର ମାଲିକଙ୍କ ନାମ ଓ ଠିକଣାକୁ ଭଲ ଭାବେ ପ୍ରଦର୍ଶନ କରିବାକୁ ପଡ଼ିବ। ମଙ୍ଗଳବାର ଅନୁଷ୍ଠିତ ହୋଇଥିବା ରାଜ୍ୟ ସହରୀ ବିକାଶ ଏବଂ ମ୍ୟୁନିସିପାଲିଟି କର୍ପୋରେଶନର ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଛି ବୋଲି ହିମାଚଳ ପ୍ରଦେଶର ସହରୀ ବିକାଶ ମନ୍ତ୍ରୀ ବିକ୍ରମାଦିତ୍ୟ ସିଂ ବୁଧବାର ଏକ୍ସ'ରେ ସୂଚନା ଦେଇଛନ୍ତି। ବିଭିନ୍ନ ଖାଦ୍ୟ ପ୍ରତିଷ୍ଠାନ ଓ ହୋଟେଲଗୁଡ଼ିକରେ ଯେପରି ଗ୍ରାହକ ସ୍ୱଚ୍ଛ ଖାଦ୍ୟ ଖାଇବେ,




ତାହା ସୁନିଶ୍ଚିତ କରିବାକୁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି ବୋଲି ବିକ୍ରମାଦିତ୍ୟ କହିଛନ୍ତି। ବିଭିନ୍ନ ଖାଦ୍ୟ ଷ୍ଟଲ୍‌ଗୁଡ଼ିକରେ ଭୋଜନର ଉପଲବ୍ଧତାକୁ ନେଇ ଲୋକଙ୍କ ମନରେ ରହୁଥିବା ଭୟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ନିୟମକୁ କାର୍ଯ୍ୟକାରୀ କରିବେ। ଉତ୍ତରପ୍ରଦେଶ ପରି ହିମାଚଳ ପ୍ରଦେଶରେ ମଧ୍ୟ ଉକ୍ତ ନିୟମ କଡ଼ାକଡ଼ି ଭାବରେ ଲାଗୁ କରାଯିବ। ସେହିପରି ହିମାଚଳ ସରକାରଙ୍କ ପକ୍ଷରୁ ରାସ୍ତାରେ ଖାଦ୍ୟ ବିକ୍ରି କରୁଥିବା ଦୋକାନୀଙ୍କୁ ସ୍ୱତନ୍ତ୍ର ଆଇଡି ପ୍ରଦାନ କରାଯିବ। ଯଦି ଦୋକାନରେ ମିଳୁଥିବା ଭୋଜନକୁ ନେଇ କୌଣସି ଗ୍ରାହକ ଅସନ୍ତୋଷ ପ୍ରକାଶ କରନ୍ତି, ତେବେ ଉକ୍ତ ସ୍ୱତନ୍ତ୍ର ଆଇଡି ଜରିଆରେ ଅଭିଯୋଗ କରିହେବ ବୋଲି ବିକ୍ରମାଦିତ୍ୟ କହିଛନ୍ତି।

ଫୁରସତ୍

## ଭାରତର ଶ୍ରେଷ୍ଠ ପର୍ଯ୍ୟଟନ ଗ୍ରାମ ଦେବମାଲି

ଜୟପୁର

ରାଜସ୍ଥାନର ବେୱର ଜିଲାରେ ଅବସ୍ଥିତ ଦେବମାଲି ଗ୍ରାମକୁ ଭାରତର ଶ୍ରେଷ୍ଠ ପର୍ଯ୍ୟଟନ ଗ୍ରାମ ଭାବରେ ମଙ୍ଗଳବାର କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ଘୋଷଣା କରିଛି। ପର୍ଯ୍ୟଟନ ସ୍ଥଳୀ ଭାବରେ ଲୋକପ୍ରିୟତା ତଥା ସ୍ଥାନୀୟ ସଂସ୍କୃତିର ସଂରକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ଦେବମାଲିକୁ ଶ୍ରେଷ୍ଠ ପର୍ଯ୍ୟଟନ ଗ୍ରାମ ଭାବରେ ଚୟନ କରାଯାଇଛି। ଆସନ୍ତା ନଭେମ୍ବର ୨୭ରେ ଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ସରକାର ଏହି ଗ୍ରାମକୁ ସମ୍ମାନିତ କରିବେ। ଏନେଇ ରାଜସ୍ଥାନ ଉପମୁଖ୍ୟମନ୍ତ୍ରୀ ଦିୟା କୁମାରୀ ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ଏକ୍ସ'ରେ ସୂଚନା ଦେଇଛନ୍ତି। ଶ୍ରେଷ୍ଠ ପର୍ଯ୍ୟଟନ ଗ୍ରାମର ମାନ୍ୟତା ଦ୍ୱାରା ଦେବମାଲିର



ଐତିହାସିକ, ସାଂସ୍କୃତିକ ଏବଂ ପ୍ରାକୃତିକ ଐତିହ୍ୟକୁ ଅନ୍ତର୍ଜାତୀୟ ସ୍ତରରେ ମାନ୍ୟତା ମିଳିପାରିବ ବୋଲି ଦିୟା କହିଛନ୍ତି।

ରିପୋର୍ଟ ଅନୁଯାୟୀ, ଭଗବାନ ଦେବନାରାୟଣଙ୍କ ପ୍ରତି ଦେବମାଲି ଗ୍ରାମବାସୀଙ୍କର ଉତ୍ସର୍ଗୀକୃତ ଭକ୍ତି ଓ ଭାବନା ରହି ଆସିଛି। ଗ୍ରାମର ପ୍ରାୟ ୩ ହଜାର ବିଘା ଜମି ଭଗବାନ ଦେବନାରାୟଣଙ୍କୁ ଉତ୍ସର୍ଗ କରାଯାଇଛି। ସେହିପରି ଦୀର୍ଘ ବର୍ଷ ଧରି ଦେବମାଲି ଗ୍ରାମରେ ରହିଆସୁଥିଲେ ମଧ୍ୟ ଏଠାକାର ଗ୍ରାମବାସୀଙ୍କ ନିକଟରେ ସେମାନଙ୍କ ଜମି ମାଲିକାନା ନେଇ କୌଣସି ମଧ୍ୟ ଦସ୍ତାବିଜ ନାହିଁ। ସେହିପରି ଏଠାରେ ଗ୍ରାମବାସୀ ହଜାରରୁ ଅଧିକ ବର୍ଷ ଧରି ମାଟି ଘରେ ରହିବାର ପରମ୍ପରାକୁ ବଜାୟ ରଖିଛନ୍ତି। ସିମେଣ୍ଟ, ଇଟାରେ ନିର୍ମିତ ପକ୍କା ଘରେ ରହିଲେ ଭଗବାନ ଦେବନାରାୟଣ କ୍ରୋଧିତ ହେବେ ବୋଲି ସେମାନଙ୍କର ବିଶ୍ୱାସ ରହିଛି। ସେହିପରି ଗ୍ରାମର କୌଣସି ବ୍ୟକ୍ତି ଆମିଷ ଖାଦ୍ୟ ଖାଆନ୍ତି ନାହିଁ କିମ୍ବା ମଦ୍ୟପାନ ମଧ୍ୟ କରନ୍ତି ନାହିଁ। ବହୁ ଦଶନ୍ଧି ଧରି ଏଠାରେ ଚୋରି କିମ୍ବା ଡକାୟତି ମାମଲା ହୋଇ ନାହିଁ। ତେଣୁ ଗ୍ରାମବାସୀମାନେ ରାତିରେ ଶୋଇବା ସମୟରେ କିମ୍ବା ବାହାରକୁ ଯିବା ସମୟରେ ସେମାନଙ୍କ ଘରକୁ ତାଲା ପକାନ୍ତି ନାହିଁ।

## ଅତ୍ୟଧିକ ଡେଙ୍ଗାପଣ, ମିଳୁନି ବିବାହ ପୋଷାକ

ବେଜିଂ

ଲମ୍ବା ଗୋଡ଼ ଏବଂ ଅତ୍ୟଧିକ ଡେଙ୍ଗାପଣ ଜଣେ ଚାଇନିଜ୍ ମଡେଲଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ୬ ଫୁଟ୍ ୫ ଇଞ୍ଚ ଉଚ୍ଚତା ବିଶିଷ୍ଟ ମିୟୁକି ସିୟାମା ନାମ୍ନୀ ଏହି ମଡେଲ ଏକ ସାକ୍ଷାତ୍‌କାରରେ କହିଛନ୍ତି, ଡେଙ୍ଗାପଣ ତାଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଛି। ଅତ୍ୟଧିକ ଡେଙ୍ଗା ଥିବା ଯୋଗୁ ପୂର୍ବରୁ ତାଙ୍କ ସହ ବିବାହ କରିବାକୁ କେହି ରାଜିହେଉ ନ ଥିଲେ। ତେବେ ସମ୍ପ୍ରତି ତାଙ୍କର ବିବାହ ଠିକ୍ ହୋଇସାରିଛି, ହେଲେ ତାଙ୍କ ଶରୀରକୁ ଫିଟ୍ ହେଉଥିବାପରି ବିବାହ ପୋଷାକ ସେ ବହୁ ଖୋଜାଖୋଜି କରିବା ସତ୍ତ୍ୱେ ମଧ୍ୟ ପାଉନାହାନ୍ତି। ଅତ୍ୟଧିକ ଲମ୍ବା ଗୋଡ଼ ଯୋଗୁ ଅଧିକାଂଶ ବିବାହ ପୋଷାକ ତାଙ୍କୁ ଫିଟ୍ ହେଉ ନାହିଁ ବୋଲି ମିୟୁକି କହିଛନ୍ତି।

## 'ଭୁଲ୍ ଭୁଲୈୟା ୩' ର ପ୍ରଥମ ପୋଷ୍ଟର

ମୁମ୍ବାଇ

ସମ୍ପ୍ରତି ହିନ୍ଦୀ ସିନେମାର ପ୍ରମୁଖ ତାରକାମାନଙ୍କ ମଧ୍ୟରେ ଅଭିନେତା କାର୍ତ୍ତିକ ଆର୍ଯ୍ୟନ ଅନ୍ୟତମ। କାର୍ତ୍ତିକ ତାଙ୍କର ଅଭିନୟ ଓ ଲୁକ୍ ମାଧ୍ୟମରେ ବହୁ ପ୍ରଶଂସକ ସୃଷ୍ଟି କରିପାରିଛନ୍ତି। ଶେଷ ଥର ପାଇଁ ସେ 'ଚନ୍ଦୁ ଚାମ୍ପିୟନ୍' ଫିଲ୍ମରେ ନଜରକୁ ଆସିଥିଲେ। ବକ୍ସ ଅଫିସ୍‌ରେ ଏହି ଫିଲ୍ମ ବିଶେଷ ସଫଳତା ପାଇ ନ ଥିଲେ ମଧ୍ୟ କାର୍ତ୍ତିକଙ୍କ ଅଭିନୟକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ଏବେ କାର୍ତ୍ତିକଙ୍କ ଆଗାମୀ ଫିଲ୍ମ 'ଭୁଲ୍ ଭୁଲୈୟା ୩' ପାଇଁ ତାଙ୍କ ପ୍ରଶଂସକ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି। ବୁଧବାର କାର୍ତ୍ତିକ ଇନ୍‌ଷ୍ଟଗ୍ରାମରେ 'ଭୁଲ୍ ଭୁଲୈୟା ୩' ଫିଲ୍ମର ପ୍ରଥମ ପୋଷ୍ଟର ଶେୟାର କରିଛନ୍ତି। ଏହି ପୋଷ୍ଟରରେ ଏକ ବଡ଼ କବାଟ ଦୃଶ୍ୟମାନ ହେଉଛି, ଯେଉଁଥିରେ ତାଲା ପଡ଼ିଥିବା ଦେଖିବାକୁ ମିଳିଛି। ଉକ୍ତ ପୋଷ୍ଟରେ କାର୍ତ୍ତିକ ଏକ ମଜାଦାର କ୍ୟାପ୍‌ଶନ୍ ମଧ୍ୟ ଲେଖିଛନ୍ତି। ଚଳିତ ଦୀପାବଳିରେ 'ଭୁଲ୍ ଭୁଲୈୟା ୩'ର ଦ୍ୱାର ଖୋଲିବ ବୋଲି ଏହି ପୋଷ୍ଟ'ର କ୍ୟାପ୍‌ଶନରେ କାର୍ତ୍ତିକ ଲେଖିଛନ୍ତି।

ତେବେ ଦୀପାବଳି ଅବସରରେ ଆସନ୍ତା ନଭେମ୍ବର ୧ରେ ଅଜୟ ଦେବଗନ୍‌ଙ୍କ 'ସିଙ୍ଘମ୍ ଏଗେନ୍' ଓ କାର୍ତ୍ତିକଙ୍କ 'ଭୁଲ୍ ଭୁଲୈୟା ୩' ଏକସଙ୍ଗେ ପ୍ରେକ୍ଷାଳୟରେ ରିଲିଜ୍ ହେବ। 'ଭୁଲ୍ ଭୁଲୈୟା ୩'ରେ କାର୍ତ୍ତିକଙ୍କ ସହ ଅଭିନେତ୍ରୀ ତୃପ୍ତି ଡିମ୍ରି ଏବଂ ବିଦ୍ୟା ବଲାନ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। 'ଟି-ସିରିଜ୍ ଫିଲ୍ମସ୍' ପକ୍ଷରୁ ଏହି ଚଳଚ୍ଚିତ୍ର ନିର୍ମିତ ହୋଇଥିବା ବେଳେ ଅନିସ୍ ବଜମି ଏହାର ନିର୍ଦ୍ଦେଶନା ଦେଇଛନ୍ତି।


କାର୍ତ୍ତିକ ଆର୍ଯ୍ୟନ

# ଧରିତ୍ରୀ କଣିହାଁ ଖବରଦାତାଙ୍କ ଅକାଳ ବିୟୋଗ

ପବିତ୍ରନଗର,୨୫।୯ (ନିରୋଜ କୁମାର ପ୍ରଧାନ)/ ତାଳଚେର (ମନୋଜ ନନ୍ଦ)

ଅନୁଗୋଳ ଜିଲା କଣିହାଁ ବ୍ଲକର ଧରିତ୍ରୀ ଖବରଦାତା ସଚ୍ଚିଦାନନ୍ଦ ପ୍ରଧାନ (୫୩)ଙ୍କ ବୁଧବାର ହୃଦ୍‌ଘାତରେ ଅକାଳ ବିୟୋଗ ଘଟିଛି। ପୂର୍ବାହ୍ନ ୧୦ଟା ୩୦ରେ ସେ କଣିହାଁ ବଡ଼ହୀରାସ୍ଥିତ ବାସଭବନରେ ଥିବାବେଳେ ଅସୁସ୍ଥତା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ଜଣାପଡ଼ିବା ପରେ ଧରିତ୍ରୀ ପରିବାର ସହ କଣିହାଁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ଧରିତ୍ରୀ ଓ ଓଡ଼ିଶାପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ସୋସିଆଲ ଆକାଉଣ୍ଟ ଏକ୍ସ ଜରିଆରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

କଣିହାଁ ବ୍ଲକ ଖବରଦାତା ଭାବେ ସଚ୍ଚିଦାନନ୍ଦ ଦୀର୍ଘ ୧୬ ବର୍ଷ ଧରି କାର୍ଯ୍ୟ କରିଥିଲେ। ଖବର ପରିବେଷଣ ସହ ଅମାୟିକ ବ୍ୟବହାର, ସେବା ମନୋଭାବ ଓ ଉତ୍ତମ ଜନସମ୍ପର୍କ ପାଇଁ ସେ ବ୍ଲକ ଅଞ୍ଚଳରେ ଖୁବ୍ ଜନପ୍ରିୟ ଥିଲେ। କଣିହାଁ ପ୍ରେସ୍ କ୍ଲବ ଓ ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ କଣିହାଁର ପ୍ରତିଷ୍ଠାତା ସଦସ୍ୟ ହୋଇଥିବାରୁ ତାଙ୍କ ମରଶରୀରକୁ ପ୍ରଥମେ ପ୍ରଜାମଣ୍ଡଳ ଭବନ ପରିସରକୁ ନିଆଯାଇଥିଲା। ପରେ କଣିହାଁ ପ୍ରେସ୍ କ୍ଲବକୁ ନିଆଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଧରିତ୍ରୀ ପରିବାରର ବହୁ ସଦସ୍ୟ, ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ଓ ସାଧାରଣ ଜନତା ବଡ଼ହୀରା ଗ୍ରାମସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା। ପ୍ରେସ୍ କ୍ଲବର ସମସ୍ତ ସଦସ୍ୟ ଶୋକବ୍ୟକ୍ତ କରିବା ସହ ଶ୍ମଶାନ ପର୍ଯ୍ୟନ୍ତ ଯାଇଥିଲେ। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଶ୍ମଶାନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ସେହିପରି ପୂର୍ବତନ ଏମ୍‌ପି ମହେଶ ସାହୁ, ପାଲଲହଡା ବିଧାୟକ ଅଶୋକ ମହାନ୍ତି, କଣିହାଁ ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ପାଲଲହଡାର ପୂର୍ବତନ ବିଧାୟକ ମୁକେଶ ପାଲ ପ୍ରମୁଖ ସୋସିଆଲ ମିଡିଆ ଓ ଫୋନ ଯୋଗେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସ୍ୱର୍ଗତ ପ୍ରଧାନ ଅବିବାହିତ ଥିଲେ। ତାଙ୍କର ମା’, ବଡ଼ଭାଇ, ଭାଉଜ ଓ ୪ ଭଉଣୀ ରହିଛନ୍ତି।


ସଚ୍ଚିଦାନନ୍ଦ ପ୍ରଧାନ

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଶୋକ

ଧରିତ୍ରୀ କଣିହାଁ ଖବରଦାତା ସଚ୍ଚିଦାନନ୍ଦ ପ୍ରଧାନଙ୍କ ଅକାଳ ବିୟୋଗ ଖବରପାଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକଟ କରିଛନ୍ତି। ଟୁଇଟ୍ ଜରିଆରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ସଚ୍ଚିଦାନନ୍ଦ ପ୍ରଧାନଙ୍କ ଅକାଳ ବିୟୋଗ ଖବର ଶୁଣି ଦୁଃଖିତ ଓ ମର୍ମାହତ। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି।




# ସଡ଼କ ଦୁର୍ଘଟଣା: ଦୈନିକ ୧୬ ଜଣଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୫।୯ (ଅନିଲ ଦାସ)

- ୨୦୨୩ରେ ରାଜ୍ୟରେ ୫,୭୩୯ ମୃତ
- ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ
- ସେପ୍ଟେମ୍ବର ୩୦ ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ
- ସୃଷ୍ଟି ହେବ ୫୦୦ ଟ୍ରାଫିକ୍ ପୋଲିସ ପଦବୀ
- ଆସିବ ନୂଆ ସଡ଼କ ନୀତି

ରାଜ୍ୟରେ ସଡ଼କ ଦୁର୍ଘଟଣା ଚିନ୍ତା ବଢ଼ାଇଛି। ମନଇଚ୍ଛା ବେପରୁଆ ଗାଡ଼ିଚାଳନା, ମଦ୍ୟପାନ କରି ଗାଡ଼ି ଚଳାଇବା, ବିପରୀତ ଦିଗରେ ଗାଡ଼ି ଚଳାଇବା, ଟ୍ରାଫିକ ନିୟମ ନ ମାନିବା ଇତ୍ୟାଦି ଯୋଗୁ ରାଜ୍ୟରେ ଦୁର୍ଘଟଣା ହାର୍ ବେଳକୁ ବେଳ ବଢ଼ିଚାଲିଛି। ରାଜ୍ୟରେ ୨୦୨୩ରେ ସଡ଼କ ଦୁର୍ଘଟଣାରେ ୫,୭୩୯ ଜଣଙ୍କର ମୃତ୍ୟୁ ହୋଇଛି। ଦୈନିକ ହାରାହାରି ୧୬ ଜଣଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହେଉଛି। ସଡ଼କ ଦୁର୍ଘଟଣାରେ ଓଡ଼ିଶା ଦେଶରେ ଅନ୍ୟ ରାଜ୍ୟ ତୁଳନାରେ ୧୩ ତାମ ସ୍ଥାନରେ ରହିଛି। ରାଜ୍ୟରେ ସଡ଼କ ଦୁର୍ଘଟଣାରେ ପ୍ରତି ୧ ଲକ୍ଷ ଜନସଂଖ୍ୟାରେ ୧୦.୮ ଜଣଙ୍କର ମୃତ୍ୟୁ ହେଉଛି। ଜାତୀୟ ସ୍ତରରେ ଏହି ହାର ୧୦.୪ ରହିଛି। ସେହିପରି ପ୍ରତି ୧୦ ହଜାର ଯାନବାହନରେ ୫.୨ ଜଣଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହେଉଥିବା ବେଳେ ଜାତୀୟ ସ୍ତରରେ ଏହା ୪.୨ ରହିଛି। ନିକଟରେ ସଡ଼କ ସୁରକ୍ଷାକୁ ନେଇ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ସୂଚନା ଦିଆଯାଇଛି। ରାଜ୍ୟରେ ବଢୁଥିବା ଦୁର୍ଘଟଣାକୁ ନେଇ ସୁପ୍ରିମକୋର୍ଟ କମିଟି ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଥିସହ ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ଏହା ଉପରେ ସମ୍ପୂର୍ଣ୍ଣ ରିପୋର୍ଟ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସଡ଼କ ଦୁର୍ଘଟଣାକୁ ହ୍ରାସ କରିବା ପାଇଁ ରାଜପଥରେ ପାଟ୍ରୋଲିଂକୁ ବଢ଼ାଇବା ପାଇଁ ୨୦୨୪ ଡିସେମ୍ବର ୩୧ ତାରିଖ ସୁଦ୍ଧା ୫୦୦ ନୂଆ ଟ୍ରାଫିକ ପୋଲିସ ପଦବୀ ସୃଷ୍ଟି କରିବାକୁ ଗୃହ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବ୍ୟୁରୋ ଅଫ୍ ପୋଲିସ ରିସର୍ଚ୍ଚ ଆଣ୍ଡ ଡେଭେଲପମେଣ୍ଟ (ବିପିଆର ଆଣ୍ଡ ଡି)ନର୍ମ ଅନୁଯାୟୀ ଏନ୍‌ଫୋର୍ସମେଣ୍ଟକୁ କଡ଼ାକଡ଼ି କରିବା ସହ ଆମ୍ବୁଲାନ୍ସ ସେବାରେ ଉନ୍ନତି ଆଣିବାକୁ ଓ ଗାଡ୍‌ଗେଜ କରିବାକୁ କୁହାଯାଇଛି। ଆସନ୍ତା ଅତିରିକ୍ତ ବଜେଟ ପୂର୍ବରୁ ଏହାକୁ ଗୃହ ବିଭାଗରେ ଦାଖଲ କରିବାକୁ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜାତୀୟ ରାଜପଥ କର୍ତ୍ତୃପକ୍ଷ କିମ୍ବା ପୂର୍ତ୍ତ ବିଭାଗ ପ୍ରଚଳିତ ରାସ୍ତା ଓ ନିର୍ମାଣ ହେବାକୁ ଥିବା ରାସ୍ତା ପାଇଁ ଇଣ୍ଟେଲିଜେଣ୍ଟ ଏନ୍‌ଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଇଏମଏସ) ବ୍ୟବସ୍ଥା ସମ୍ପ୍ରସାରିତ କରିବାକୁ ପରାମର୍ଶ ଦିଆଯାଇଛି। ଟ୍ରାଫିକ ନିୟମ ଭଙ୍ଗକାରୀଙ୍କଠାରୁ କଟାଯାଇଥିବା ୨୯ ଲକ୍ଷ ଇ-ଚାଲାଣ ଆଦାୟ ନ ହୋଇ ପଡ଼ିରହିଛି। ଆସନ୍ତା ଡିସେମ୍ବର ୩୧ ତାରିଖ ସୁଦ୍ଧା ସେସବୁକୁ ଉଲ୍ଲଂଘନକାରୀଙ୍କଠାରୁ ଆଦାୟ ପାଇଁ ପଦକ୍ଷେପ ନେବାକୁ କୁହାଯାଇଛି। ଦୁର୍ଘଟଣାପ୍ରବଣ ରାସ୍ତାଗୁଡ଼ିକରେ ଆଇଇଏମ୍‌ଏସ୍ ସମ୍ପ୍ରସାରଣ କରିବା ପାଇଁ ୧୦୦ କୋଟି ଟଙ୍କାର ପ୍ରସ୍ତାବ ଆସନ୍ତା ବଜେଟରେ ଦେବାକୁ ବାଣିଜ୍ୟ ଓ ପରିବହନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ବର୍ଷ ଶେଷ ସୁଦ୍ଧା ପୂର୍ତ୍ତ ବିଭାଗ ପରିବହନ ବିଭାଗ ସହ ଆଲୋଚନା କରି ରାଜ୍ୟ ସଡ଼କ ନୀତିକୁ ଚୂଡାନ୍ତ କରିବାକୁ ପରାମର୍ଶ ଦିଆଯାଇଛି। ଯେଉଁ ସ୍ଥଳରେ ଲଗାତର ୩ ବର୍ଷ ଧରି ଦୁର୍ଘଟଣା ଘଟୁଛି ସେସବୁ ସ୍ଥାନକୁ ଡିସେମ୍ବର ଶେଷ ସୁଦ୍ଧା ବ୍ଲାକସ୍ପଟ୍ ଚିହ୍ନଟ କରିବାକୁ ଏନ୍‌ଏଚ୍‌ଆଇ ସିଜିଏମ୍‌ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସଡ଼କ ଉପରେ ବୁଲା ଜୀବଜନ୍ତୁଙ୍କ ଚଳପ୍ରଚଳ ରୋକିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ କୁହାଯାଇଛି। ଏଥିସହିତ ରାଜପଥ କଡ଼ରେ ୨୩ଟି ଟ୍ରକ ଟର୍ମିନାଲ ନିର୍ମାଣ କାମକୁ ତ୍ୱରାନ୍ୱିତ କରିବାକୁ ବାଣିଜ୍ୟ ଓ ପରିବହନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ କୋରାପୁଟ ଓ ସମ୍ବଲପୁରରେ ତୁରନ୍ତ ଡ୍ରାଇଭିଂ ତାଲିମ ଓ ଗବେଷଣା କେନ୍ଦ୍ର ସ୍ଥାପନ କରିବାକୁ ମଧ୍ୟ କୁହାଯାଇଛି।

# ଯୁବକଙ୍କୁ ୫ କି.ମି. ଘୋଷାରି ନେଲା ଅଜଣା ଗାଡ଼ି

## ରାଜପଥରୁ ମିଳିଲା ମୃତଦେହ, ହତ୍ୟା ସନ୍ଦେହ

ଧର୍ମଶାଳା/କାଏମା/ବିଞ୍ଝାରପୁର,୨୫।୯(ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି/ରାମକୃଷ୍ଣ ଦାସ)

ଜଣେ ବାଇକ୍ ଆରୋହୀଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେବାସହ ପ୍ରାୟ ୫ କି.ମି. ଘୋଷାରି ନେଇଛି। ଫଳରେ ତାଙ୍କର ମୃତ୍ୟୁ ହୋଇଛି। ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ଦେଉଳି ନିକଟ ଓଭରବ୍ରିଜରୁ ବୁଧବାର ସକାଳେ ତାଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ବିଞ୍ଝାରପୁର ବ୍ଲକ ଅଳକୁଣ୍ଡ ଥାନା ପହିରଖା ଗ୍ରାମର ସୁବାସ ମଲିକ(୪୩)। ସୋମବାର ରାତି ପ୍ରାୟ ୧୦ଟାରେ ସୁବାସ କଟକ ଗୋପାଳପୁରରୁ କାମ ସରି ବାଇକରେ ଘରକୁ ଫେରୁଥିଲେ। କୁଆଖିଆ ଥାନା ଅଧୀନ ଗୋପାଳପୁର ନିକଟରେ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ପରେ ତାଙ୍କ ମୃତଦେହକୁ ଘୋଷାରି ଆଣି ଦେଉଳି ନିକଟରେ ଛାଡ଼ିଥିବା ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି। ତାଙ୍କ ବାଇକ୍‌କୁ ଗୋପାଳପୁର ନିକଟରୁ ଜବତ କରାଯାଇଛି। ତେବେ ଦୁର୍ଘଟଣା ପରେ ଯୁବକଙ୍କୁ ଏତେ ବାଟ ଗାଡ଼ି ଘୋଷାରି ଆଣିବା ଘଟଣାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସାଧାରଣରେ ଆଲୋଚନା ହେଉଛି। ଏନେଇ ପୋଲିସ ନଂ.୭୦୭/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ତ୍ରୁଟି ସଂଶୋଧନ

ଧରିତ୍ରୀର ୨୦୨୪ ସେପ୍ଟେମ୍ବର ୨୪ ସଂସ୍କରଣ ପୃଷ୍ଠା ୩ରେ ‘ସତ୍ୟ ବାହାର କରିବାକୁ ଚେଷ୍ଟା କରିବୁ: ଜଷ୍ଟିସ ଦାଶ’ ଶୀର୍ଷକ ଏକ ଖବର ପ୍ରକାଶ ପାଇଛି। ଏଥିରେ ଭରତପୁର ଥାନା ମାମଲାର ବିଚାରବିଭାଗୀୟ ତଦନ୍ତ ଦାୟିତ୍ୱ ପାଇଥିବା ପୂର୍ବତନ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କ ମତାମତ ରହିଛି। ତେବେ ଏହି ପାଠରେ ଭୁଲ୍‌ବଶତଃ ଏବେକାର ମାନ୍ୟବର ବିଚାରପତି ଚିତ୍ତରଞ୍ଜନ ଦାଶଙ୍କ ଫଟୋ ପ୍ରକାଶ ପାଇଛି। ଏଭଳି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖ ପ୍ରକାଶ କରୁଛୁ।






# ଆଜି କ’ଣ କେଉଁଠି

## ଭୁବନେଶ୍ୱର

- ଆଶାବରୀର ବିଂଶତମ ବାର୍ଷିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଚନ୍ଦ୍ରଶେଖରପୁରର ବିଡିଏ କଲୋନି ବାସିନ୍ଦାଙ୍କ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବିଡିଏ କଲୋନି ଚନ୍ଦ୍ରଶେଖରପୁର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ପାଲା ସମ୍ମାନ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ଓ ପାଲା ଦାସକାଠିଆ ଉତ୍ସବ, ସମୟ: ସନ୍ଧ୍ୟା ୬ଟା ୩୦।
- ରାଷ୍ଟ୍ରୀୟ ଦାରା ସେନା ବସୁନ୍ଧରା ପରିବାର ଓ ସନାତନ ଧର୍ମ ରାଧା ସଙ୍ଗଠନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଲନ ଭାଇ ସେବା ସଦନ, ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୧ଟା ୪୫।
- ଶାରଳା ସ୍ମାରକ ପକ୍ଷରୁ ଗଣେଶ ପରିଜା ସ୍ମାରକୀ ବକ୍ତୃତା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।
- ୩ୟ ଜାତୀୟ ନାଟକ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ

- କଟକ ସଦର ବିଧାୟକଙ୍କ ଜୋନସ୍ତରୀୟ ଅଭିଯୋଗ ଶୁଣାଣି. ସ୍ଥାନ. ନେମାଳ ପଞ୍ଚାୟତ କଲ୍ୟାଣ ମଣ୍ଡପ. ସମୟ: ପୂର୍ବାହ୍ନ ୧୦ଟା ୩୦।

## ପୁରୀ

- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୁଆଣ୍ଡୋସ୍ଥିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ ଓ ଜନ୍ମ ସ୍ଥାନ ପରିଦର୍ଶନ, ସ୍ଥାନ: ସୁଆଣ୍ଡୋ ଗ୍ରାମ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱଚ୍ଛ ଭାରତ ମିଶନ ହିତାଧିକାରୀଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ୍ ଓ ଭାବ ବିନିମୟ, ସ୍ଥାନ: ବିଦ୍ୟାଧରପୁର ପଞ୍ଚାୟତ, ସତ୍ୟବାଦୀ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୧ଟା ୨୦।
- ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ ଜନ ସମାବେଶକୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବୋଧନ, ସ୍ଥାନ: ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ଖେଳପଡ଼ିଆ, ସାକ୍ଷୀଗୋପାଳ, ସମୟ: ମଧ୍ୟାହ୍ନ ୧୨ଟା।
- ବ୍ଲକସ୍ତରୀୟ ପୋଷଣ ମେଳା, ସ୍ଥାନ: କୁସୁପୁର, ଗୋପ, ସମୟ: ଅପରାହ୍ନ ୨ଟା।
- ରୋଗୀ କଲ୍ୟାଣ ସମିତି ବୈଠକ, ସ୍ଥାନ: ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ଅପରାହ୍ନ ୩ଟା।
- ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ୍ ବାଳିକା ବାଳକ ଖୋ ଖୋ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ପୁରୀ ଜିଲା ସ୍କୁଲ, ସମୟ: ଅପରାହ୍ନ ୩ଟା।
- ନୂତନ ଆମ୍ବୁଲାନ୍ସର ଶୁଭ ଉଦ୍‌ଘାଟନ, ସ୍ଥାନ: ଡାକ୍ତରଖାନା ପରିସର, ଗୋପ, ସମୟ: ୩ଟା ୩୦।

## ବାଲେଶ୍ୱର

- ‘କଳାକାର’ ପକ୍ଷରୁ ଦେଶାତ୍ମବୋଧକ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟ ମଞ୍ଚ, ପତୁଆଁପଦା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- କୁଇଜ ପ୍ରତିଯୋଗିତା, ସ୍ଥାନ: ରଘୁନାରାୟଣ ବିଦ୍ୟାଳୟ, ମାର୍କୋଣା, ସମୟ: ପୂର୍ବାହ୍ନ ୧୧ଟା।
- ଦେବସେନା ପକ୍ଷରୁ ପଞ୍ଚାୟତସ୍ତରୀୟ ବୈଠକ, ସ୍ଥାନ: ସାହାଡ଼ା, ବସ୍ତା, ସମୟ: ଅପରାହ୍ନ ୩ଟା।
- ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା ୩୦।

## ଭଦ୍ରକ

- ଭାଜପାର ସଦସ୍ୟତା ଅଭିଯାନ, ସ୍ଥାନ: ଖେରଙ୍ଗ ଓ ମାଧପୁର ପଞ୍ଚାୟତ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ବୁଢ଼ାଗଣେଶ ପୂଜା କମିଟି ପକ୍ଷରୁ ବନ୍ଧୁମିଳନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସଦାବର୍ତ୍ତ ମଠ, ପୁରୁଣାବଜାର, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ସତ୍ୟସାଇ ସମିତି ତରଫରୁ ଆଧାତ୍ମିକ ପାଠ ଚକ୍ର, ସ୍ଥାନ: ଡ଼ୁଅଁର, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ଭାଗବତ ପ୍ରେମୀଙ୍କ ପକ୍ଷରୁ ଚାରାରୋପଣ, ସ୍ଥାନ: ଜଳସୁଆଁ କୁସେଇ ନଦିପଠା, ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ବିଭିନ୍ନ ସଂଗଠନ ତରଫରୁ ବିଭିନ୍ନ ସ୍ଥାନରେ ମାତାପିତା ପୂଜନ ଉତ୍ସବ, ସ୍ଥାନ: ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୧ ଟା।
- ଦୁର୍ଗାପୂଜା କମିଟି ପକ୍ଷରୁ ବୈଠକ, ସ୍ଥାନ: ଦୁର୍ଗା ମଣ୍ଡପ ସାଇଁକୁଳ, ଘସିପୁରା, ସମୟ: ଅପରାହ୍ନ ୪ ଟା।
- ମହାବୀର ସେବା ସଙ୍ଗଠନର ବୈଠକ, ସ୍ଥାନ: ଦୁର୍ଗା ମାଧବ ମନ୍ଦିର, ନୟାଗଡ଼, ଜଳସୁଆଁ, ଆନନ୍ଦପୁର, ସମୟ: ଅପରାହ୍ନ ୪ ଟା।

## ମୟୂରଭଞ୍ଜ

- ମାଗଣା ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ:ବୀରେଶ୍ୱରପୁର ଆମ୍ବଡାଳି ପଡ଼ିଆ, ବଡ଼ସାହି ବ୍ଲକ, ସମୟ:ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର, ସ୍ଥାନ: ଚିତ୍ରଡ଼ାସ୍ଥିତ ମୋରଡ଼ା ବ୍ଲକ କାର୍ଯ୍ୟାଳୟ କନଫରେନ୍ସ ହଲ୍, ସମୟ:ପୂର୍ବାହ୍ନ ୧୦ଟା ୩୦।
- ସାହାଣୀ କପ୍ ଫୁଟବଲ୍ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ଯାଜପୁର-ଢେଙ୍କାନାଳ ଦଳର ମୁକାବିଲା,ସମୟ: ଅପରାହ୍ନ ୨ଟା। ଦେବଗଡ଼ ଓ ବାଲେଶ୍ୱର ମଧ୍ୟରେ ପ୍ରତିଯୋଗିତା,ସମୟ: ଅପରାହ୍ନ ୪ଟା, ସ୍ଥାନ:ଆଥ୍‌ଲେଟିକ ଆସୋସିଏସନ ଷ୍ଟାଡିୟମ, ବାରିପଦା ।

## ବ୍ରହ୍ମପୁର

- ବିଏମ୍‌ସି କାଉନସିଲ ବୈଠକ, ସ୍ଥାନ: ବିଏମ୍‌ସି ନୂତନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ନାଟ୍ୟ ସଂଘ ଦିବସ ପାଳନ,ସ୍ଥାନ: ଉତ୍କଳ ଆଶ୍ରମ, ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ

- ନିପୁଣ ଓଡିଶା ମିଶନ କାର୍ଯ୍ୟକ୍ରମ ଶୁଭାରମ୍ଭ, ସ୍ଥାନ: ଭଞ୍ଜନଗର ସହର ଭେଜିପୁଟ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ

- ମା’ବରାଳ ଦେବୀ ମନ୍ଦିରରେ ମହା ନବମୀ ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ମା’ ବରାଳ ଦେବୀ କଲ୍ୟାଣୀ ମଣ୍ଡପ, ବଲସକୁମ୍ପା,ସମୟ: ପୂର୍ବାହ୍ନ ୧୦ଟା ୩୦।

## ଢେଙ୍କାନାଳ

- ବିସିଜି ଭାକ୍ସିନେସନ ଅଭିଯାନ, ସ୍ଥାନ:ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର, ସମୟ:ସକାଳ ୮ଟା।

## ଜଗତ୍‌ସିଂହପୁର

- ସାହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ମାଗଣା ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ମଦନା ଜରା ନିବାସ, ନୈନ୍ଦିପୁର, ଗରଦପୁର, ସମୟ: ସକାଳ ୯ଟା।

## ଯାଜପୁର

- ମା’ ତାରିଣୀଙ୍କ ୨୦ତମ ଜନ୍ମଉତ୍ସବ, ସ୍ଥାନ: ବଡ଼ଚଣା ବ୍ଲକ୍‌ର ଛତିଆ ଅମରାବତୀ ପାଟଣା, ସମୟ: ସକାଳ ୬ଟା।
- ଅଣଧାନ ଫସଲ ଚାଷ ଉପରେ ଚାଷୀ ସଚେତନତା ଶିବିର, ସ୍ଥାନ: ରସୁଲପୁର ବ୍ଲକର ଭୋଟକା ଓ ନଠୁଆବର ପଞ୍ଚାୟତ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ଜନଆରୋଗ୍ୟ ସମିତି ବୈଠକ, ସ୍ଥାନ: ରସୁଲପୁର ବ୍ଲକର ଭୋଟକା ପଞ୍ଚାୟତ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ଶୋଡଷ ଦିବସୀୟ ପୂଜାର ୩ୟ ଦିବସ, ସ୍ଥାନ: କନକ ଦୁର୍ଗା ପୀଠ ନୟାଗଡ଼ ପୁରୁଣା ସହର ରାଜବାଟୀ ପାଖ, ସମୟ: ସକାଳ ୭ଟା।
- ଶୋଡଷ ଦିବସୀୟ ପୂଜାର ୩ୟ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିରର ବିମଳା ପୀଠ, ସମୟ: ସକାଳ ୭ଟା।
- ବାର୍ଡ ଫ୍ଲୁ ନିରାକରଣ ଉପରେ ବୈଠକ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାକକ୍ଷ, ସମୟ: ଅପରାହ୍ନ ୪ଟା।
- ଶୋଡଷ ଦିବସୀୟ ପୂଜାର ୩ୟ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ସ୍ୱାର୍କ-୨୦୨୪ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ଅଡ଼ିଟୋରିୟମ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା।
- ବ୍ଲକସ୍ତରୀୟ ପୋଷଣ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ ମିଶନ ଶକ୍ତି ଗୃହ, ଗୁଡାରି, ସମୟ:ପୂର୍ବାହ୍ନ ୧୦ଟା।
- ରାମଚରିତ ଜ୍ଞାନ ଯଜ୍ଞ (ଅଯୋଧ୍ୟା କାଣ୍ଡ), ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡା, ସମୟ: ସନ୍ଧ୍ୟା ୭ରୁ ୮ଟା ୩୦।

## ନବରଙ୍ଗପୁର

- ଜନଜାତି ସୁରକ୍ଷା ମଞ୍ଚର ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁରସ୍ଥିତ ଭତରା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସଫେଇ ମିତ୍ର ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଡାବୁଗାଁ ବ୍ଲକ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## କୋରାପୁଟ

- ବ୍ଲକସ୍ତରୀୟ କୃଷକ ମେଳା, ସ୍ଥାନ: ସେମିଳିଗୁଡ଼ା ଜୀବନ ଜ୍ୟୋତି ସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଜିଲାର ସମସ୍ତ ବିଇଓଙ୍କୁ ନେଇ ଜିଲାସ୍ତରୀୟ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, କୋରାପୁଟ, ସମୟ : ଅପରାହ୍ନ ୪ ଟା ।

## ମାଲକାନଗିରି

- ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା ।
- କାଳିମେଳା ବ୍ଲକ୍ ଏମ୍‌ପିଭି ୬୫ ଗ୍ରାମରେ ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଏମ୍‌ପିଭି ୬୫ ଦୁର୍ଗାମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ।

## ସମ୍ବଲପୁର

- ଏସ୍‌ଏମ୍‌ସି ୱାର୍ଡ ପରାମର୍ଶ ବୈଠକ, ସ୍ଥାନ: କୁଲୁଥକାନୀ କମ୍ୟୁନିଟି ହଲ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲା ସ୍ତରୀୟ ନିପନ ଓଡ଼ିଶା ମିଶନର ଉଦଘାଟନୀ ଉତ୍ସବ, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ବ୍ୟାଡମିଣ୍ଟନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦ ମିନିଟ

## ସୁବର୍ଣ୍ଣପୁର

- ତରଭା ବ୍ଲକସ୍ତରୀୟ ଏମ୍‌ଜିଏନଆରଇଜିଏସ୍ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ଦଶହରା ପ୍ରସ୍ତୁତି ବୈଠକ, ସ୍ଥାନ: ଲୁଡୁରପଙ୍କ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଭାଗତତ ପଠନ, ସ୍ଥାନ:ଅମରପାଲି ଭାଗବତ ମନ୍ଦିର ପ୍ରାଙ୍ଗଣ, ବୀରମହାରାଜପୁର ବ୍ଲକ, ସମୟ:ସନ୍ଧ୍ୟା ୭ଟା।

## ବରଗଡ଼

- ଆର୍ଥିକ ସାକ୍ଷରତା ଶିବିର, ସ୍ଥାନ: ମିଶନ ଶକ୍ତି ଭବନ ସମ୍ମିଳନୀ କକ୍ଷ, ଅମ୍ବାଭୋନା, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ତଃ ଜିଲା ସାହାଣୀ କପ୍ ଫୁଟ୍‌ବଲ, ସ୍ଥାନ: ବରଗଡ଼, ପ୍ରଥମ ମ୍ୟାଚ୍- କଳାହାଣ୍ଡି ବନାମ ନୂଆପଡ଼ା, ସମୟ: ଅପରାହ୍ନ ୨ଟା। ଦ୍ୱିତୀୟ ମ୍ୟାଚ୍- ବଲାଙ୍ଗୀର ବନାମ କନ୍ଧମାଳ, ସମୟ: ଅପରାହ୍ନ ୩ଟା ୪୫।
- ଭାଗବତ ସପ୍ତାହ ଭକ୍ତି ଜ୍ଞାନଯଜ୍ଞ, କଥାମୃତ, ସ୍ଥାନ: ଶ୍ରୀ ଶ୍ରୀ ଗୌରୀଶଙ୍କର ମନ୍ଦିର ମଣ୍ଡପ, ରାଣୀବନ୍ଧ ପଡ଼ା, ବରଗଡ଼, ସମୟ: ଅପରାହ୍ନ ୩ଟା ୩୦।
- ଅଗ୍ରସେନ ଜୟନ୍ତୀ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଗୋବର୍ଦ୍ଧନ ବଗିଚା, ନଦୀପଡ଼ା, ବରଗଡ଼, ସମୟ: ଅପରାହ୍ନ ୪ଟା।

## ଝାରସୁଗୁଡ଼ା

- ସୁଭଦ୍ରା ଯୋଜନା ପଦଯାତ୍ରା, ସ୍ଥାନ: ସହରସ୍ଥିତ କାଳୀ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୮ଟା।
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ ରୁଦ୍ରାଭିଶେକ୍ଷ, ସ୍ଥାନ: ସହର ପୌରାଞ୍ଚଳସ୍ଥିତ ୧୯ ନଂ. ୱାର୍ଡ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- ଦୁର୍ଗା ପୂଜା ଉପଲକ୍ଷେ ବୈଠକ, ସ୍ଥାନ: ସହର ପୌରାଞ୍ଚଳସ୍ଥିତ ୨୦ ନଂ. ୱାର୍ଡ ମଙ୍ଗଳବଜାର ହନୁମାନ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୫ଟା।

## ରାଉରକେଲା

- ବୋନସ୍ ଦାବିରେ ରାଉରକେଲା ଶ୍ରମିକ ସଂଘ ଓ ଗାଙ୍ଗପୁର ମଜଦୁର ମଞ୍ଚ ପକ୍ଷରୁ ବିକ୍ଷୋଭ, ସ୍ଥାନ: ବିଶ୍ରା ଛକ, ସମୟ: ସକାଳ ୭ଟା ୩୦।
- ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଝିରପାଣି, ସମୟ: ସକାଳ ୯ଟା।
- ହିନ୍ଦ୍ ମଜଦୁର ସଭା ପକ୍ଷରୁ ଇଏସଆଇସି ଅଫିସ ସମ୍ମୁଖରେ ଧାରଣା, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ପାନ୍ଥନିବାସ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: ବାରକୋଟ ବ୍ଲକ ରମ୍ଭେଇ ଓ ବସାଲଇ ଗ୍ରାମପଞ୍ଚାୟତ, ସମୟ: ସକାଳ ୮ଟା।୦
- ଜଗତ ଜ୍ୟୋତି ୟୁଥ କ୍ଲବ ପକ୍ଷରୁ ତିନି ଦିନିଆ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ପୁରୁକୁଣ୍ଡା ଖେଳ ପଡିଆ, ସମୟ: ସକାଳ ୯ଟା।
- ତିଲେଇବଣି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ଉଚ୍ଚ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଶିକ୍ଷଣ ଶିବିର, ସ୍ଥାନ: ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ ସୁଗୁଡା, ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ତିଲେଇବଣି, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଢୋଲପଡା, ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ପରପୋଷି, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ବିଆର୍‌ଜି ସଦସ୍ୟଙ୍କ ପାଇଁ ଅଭିମୁଖିକରଣ ଉଚ୍ଚ ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକ ନିମନ୍ତେ ମୋଡ୍ୟଲ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ତିଲେଇବଣି ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ତିଲେଇବଣି, ସମୟ: ପୂର୍ବାହ୍ନ ୧୧ଟା।
- ମା’ କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା’ କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## କଳାହାଣ୍ଡି

- ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପକ୍ଷରୁ ମାଗଣା ହୃଦ୍‌ରୋଗ ପରୀକ୍ଷା ଓ ଚିକିତ୍ସା ଶିବିର, ସ୍ଥାନ: ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ବିସିଜି ଭ୍ୟାକ୍‌ସିନ ଶିବିର ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣା ବିଶ୍ୱବିଦ୍ୟାଳୟ ଛକ ନିକଟ, ସମୟ: ସକାଳ ୯ଟା।
- ବେଦାନ୍ତ ପକ୍ଷରୁ ସର୍ଣ୍ଣ ପ୍ରାଶନ ଉଦ୍‌ଘାଟନ, ସ୍ଥାନ: ମାଣିକେଶ୍ୱରୀ ହାଇସ୍କୁଲ ଭବାନୀପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ଦାବିରେ ଶୋଭାଯାତ୍ରା, ଜିଲାପାଳଙ୍କୁ ଦାବିପତ୍ର, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ଅଫିସ, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା

- ସମ୍ପୂର୍ଣ୍ଣତା ଅଭିଯାନ ପକ୍ଷରୁ ସାଇକେଲ ଶୋଭାଯାତ୍ରା, ସ୍ଥାନ: କୋମନାଠାରୁ ଟିକ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱଚ୍ଛ ଭାରତ ଉପଲକ୍ଷେ ଖଡିଆଳ ଏନ୍‌ଏସି ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଅର୍ବାନ ହସ୍ପିଟାଲ ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ନିଯୁକ୍ତି ମେଳା, ସ୍ଥାନ:ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ, ପୁରୁଣାକଟକ, ହରଭଙ୍ଗା, ସମୟ: ସକାଳ ୯ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ତୃତୀୟ ସ୍ଥାନରେ ରାଶ୍ୟାଧିପ ଚତୁର୍ଥ କେନ୍ଦ୍ରାଧିପତିଙ୍କ ସହ ଅବସ୍ଥାନ କରି ବନ୍ଧୁଙ୍କ ସାହାଯ୍ୟ ଲାଭକରି ପାରିବେ। ରାହୁଙ୍କ ପ୍ରଭାବରେ ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ପାଇବେ କିନ୍ତୁ ଅବସନ୍ନତା ଅନୁଭବ କରିପାରନ୍ତି। ଷଷ୍ଠସ୍ଥ କେତୁଯୁକ୍ତ ବୁଧାଦିତ୍ୟ ଯୋଗ ଅଭିଳାଷ ପୂରଣ ଦିଗରେ ସମସ୍ୟା ସୃଷ୍ଟି କରିପାରନ୍ତି।

**ବୃଷ** – ଦ୍ୱିତୀୟସ୍ଥ ଚନ୍ଦ୍ରଯୁକ୍ତ ଲାଲଗ୍ରହ ମଙ୍ଗଳ ମାନସିକ ସ୍ଥିତିକୁ ଉତ୍ତେଜନାପ୍ରବଣ କରାଇପାରନ୍ତି। କୌଣସି ନୂତନ ଯୋଜନା କରିବା ସକାଶେ ମନ ବଳାଇ ବ୍ୟସ୍ତତା ଅନୁଭବ କରିବେ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବ। ସାମୟିକ ପୁରାତନ ରୋଗରୁ ପୀଡ଼ା ଅନୁଭବ କରିପାରନ୍ତି।

**ମିଥୁନ** – ନୀଚାଭିମୁଖୀ ରବିଙ୍କ କୁପ୍ରଭାବରୁ ପଡ଼ୋଶୀ, ଆତ୍ମୀୟସ୍ୱଜନଙ୍କ ସହ ସମ୍ପର୍କ ହ୍ରାସ ଘଟିପାରେ। ଜମିଜମା ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିରତା ରହିବ ନାହିଁ। ବ୍ୟବସାୟ ଓ ପରିବହନ ମଧ୍ୟ ସାମୟିକ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ଆର୍ଥିକ ଅନଟନ ଲାଗିରହିବା କାରଣରୁ ବିଚଳିତବୋଧ କରିପାରନ୍ତି।

**କର୍କଟ** – ରାଶ୍ୟାଧିପ ବ୍ୟୟଭାବରେ ରହିଥିବାରୁ ଦୂରଯାତ୍ରାରେ ଖର୍ଚ୍ଚଭାର ବୃଦ୍ଧି ପାଇବ। ବନ୍ଧୁ କିମ୍ବା ସହକର୍ମୀଙ୍କ ସହାୟତାରେ ଅର୍ଥ ସମ୍ପର୍କିତ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଦୀର୍ଘଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ଆଜିର ଫେରନ୍ତା ବାଟରେ କୌଣସି ମୂଲ୍ୟବାନ୍ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି।

**ସିଂହ** – ରବି ଧନାଧିପ ବୁଧଙ୍କ ସହ ଧନସ୍ଥ ଯୋଗୁ ପରିବାରର ଦାବି ଅନୁଯାୟୀ ଗୃହକୁ ସୌଖୀନ ଦ୍ରବ୍ୟ ଆଣିପାରନ୍ତି। ବନ୍ଧୁଙ୍କ ପରାମର୍ଶରେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ସହକର୍ମୀଙ୍କ ସହ ଉଚ୍ଚବାଚ ଘଟିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** – ରାଶିରେ ତିନୋଟି ଗ୍ରହଙ୍କ ସମାବେଶ ହେତୁ ବିଭିନ୍ନ ସମସ୍ୟା ବିଷୟରେ ଚିନ୍ତାକରି ମାନସିକ ସ୍ଥିତି ଭଲ ରହି ନ ପାରେ। ଧୀରସ୍ଥିର ମନ ନେଇ କାମକଲେ ସମସ୍ୟାର ସମାଧାନ ହେବ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ଆତ୍ମୀୟମାନେ ଶତ୍ରୁତା କରିପାରନ୍ତି। ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ତୁଳା** – ସ୍ୱଗୃହୀ ଶୁକ୍ର ରାଶିରେ ଅବସ୍ଥାନ କରି ସ୍ୱାସ୍ଥ୍ୟ ସମସ୍ୟାକୁ ନିୟନ୍ତ୍ରଣରେ ରଖିପାରନ୍ତି। କୌଣସି ଜିନିଷ କ୍ରୟ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକ ପଡ଼ିପାରେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିବା ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ, ସଭା ସମିତିରେ, ରାଜନୈତିକ ସ୍ଥିତିରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା** – ମଙ୍ଗଳଗ୍ରହ ଦୁଃସ୍ଥାନରେ ଥିବାରୁ ଶାରୀରିକ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। ଭୂମିପୁତ୍ରଙ୍କ ଦୁର୍ବଳତା ହେତୁ ଜମିଜମା କ୍ରୟବିକ୍ରୟ ବିଷୟରେ ଆଲୋଚନା କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟିର କାରଣ ହେବ। ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବାର ସମ୍ଭାବନା ରହିଛି।

**ଧନୁ** – ରାଶ୍ୟାଧିପ ବୃହସ୍ପତି ଷଷ୍ଠସ୍ଥ ହେତୁ ରୋଗପୀଡ଼ା ବୃଦ୍ଧି ସହ ପରୋକ୍ଷ ଶତ୍ରୁତା କାରଣରୁ ଚିନ୍ତିତ ରହିପାରନ୍ତି। ରାହୁ ଗୁରୁକ୍ଷେତ୍ରସ୍ଥଜନିତ କୌଣସି ଭୁଲ୍ ନିଷ୍ପତ୍ତି ନେଇ ଅନୁତାପ କରିପାରନ୍ତି। ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। କ୍ରୀଡ଼ା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ସାମାନ୍ୟ ଅଗ୍ରଗତି ଘଟିବ।

**ମକର** – ବକ୍ରି ଶନି ମୁଖଭାବରେ ଅବସ୍ଥାନ କରି ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବେ। ପାଖ ପଡ଼ୋଶୀଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦୀୟ ପରିସ୍ଥିତି ସୃଷ୍ଟିହେବ। ଆଜି ପୂର୍ବାଲୋଚନା ଅନୁଯାୟୀ ପରିବାର ସହ ସୁଖଭ୍ରମଣ ଯୋଗ ରହିଛି। କଳା, ସାହିତ୍ୟ, ସଭାସମିତି ଓ ରାଜନୈତିକ ସ୍ତରରେ ଟେନ୍‌ସନ ଲାଗିରହିବ।

**କୁମ୍ଭ** – ଗୁରୁଙ୍କ ଶୁଭଦୃଷ୍ଟିଜନିତ କର୍ମକ୍ଷେତ୍ରରେ ନିଜର ସ୍ଥିତିକୁ ସୁଦୃଢ଼ କରିବାରେ ସମର୍ଥ ହେବେ। ନିଜ ଲୋକମାନେ ଯେତେ ସମସ୍ୟା ସୃଷ୍ଟି କଲେ ମଧ୍ୟ ଅସୁବିଧା ହେବ ନାହିଁ। ସମୟାନ୍ତରରେ ଆଜି ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗିପଡ଼ିଥିବା ସମ୍ପର୍କ ଯୋଡ଼ିହୋଇଯିବ। ପାରିବାରିକ ସ୍ତରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ** – ରାହୁଙ୍କ ଦୃଷ୍ଟିଜନିତ ପରିବାରରେ ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ ସାଙ୍ଗକୁ ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। ଭାଗ୍ୟସ୍ଥାନକୁ ରାଶ୍ୟାଧିପତି ଦେଖୁଥିବାରୁ ଚେଷ୍ଟା କରୁଥିବା କାମରେ ଓ ସଫଳତାରେ ଆନନ୍ଦ ଅନୁଭବ କରିବେ। ଭ୍ରମଣଜିତ ସାମାନ୍ୟ ଶାରୀରିକ ପୀଡ଼ା ଅନୁଭବ କରିପାରନ୍ତି। ଅଟକି ରହିଥିବା କାମଟି ଅପରାହ୍ନେ ସମ୍ପନ୍ନ କରିବେ।

ଆଜି ସେପ୍ଟେମ୍ବର ୨୬ ତାରିଖ, ଆଶ୍ୱିନ କୃଷ୍ଣପକ୍ଷ ନବମୀ ଯୁକ୍ତ ଦଶମୀ ଗୁରୁବାର, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶିନକ୍ଷତ୍ର- ପୁନର୍ବସୁ/ମିଥୁନ, ନବମୀର ଏକୋଦିଷ୍ଟ ଓ ଦଶମୀର ପାର୍ବଣଶ୍ରାଦ୍ଧ, ମହାଳୟା ବିଧିରେ କରାଯିବ। ସକାଳ ଘ.୦୫.୩୯ ଗତେ ଘ. ୦୭.୧୫ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧.୦୭ ଗତେ ଘ.୦୨.୩୬ ମଧ୍ୟେ ରାହୁକାଳ।

# କ୍ୱିକ୍ କମର୍ସ ଗ୍ରୋସେରି: ୩୧% ସହରୀ ବ୍ୟବହାରକାରୀ

**ଭାରତର ସହରାଞ୍ଚଳରେ ୩୧% ଉପଭୋକ୍ତା କ୍ୱିକ୍ କମର୍ସ ଜରିଆରେ ଗ୍ରୋସେରି ମଗାଇ ବ୍ୟବହାର କରୁଛନ୍ତି। ଲୋକପ୍ରିୟ ବର୍ଗରେ ୪୨% କ୍ରେତା କ୍ୱିକ୍ କମର୍ସକୁ ଉପଯୋଗ କରି ରେଡି-ଟୁ-ଇଟ୍ ମିଲ୍ସ ଏବଂ ୪୫% ଲୁଣି ସ୍ନାକ୍ସ ବ୍ୟବହାର କରୁଥିବା ଏକ ସଦ୍ୟ ରିପୋର୍ଟରୁ ଜଣାପଡ଼ିଛି।**

ନୂଆଦିଲ୍ଲୀ,୨୫।୯

ଗ୍ରୋସେରି କିଣାକିଣି କ୍ଷେତ୍ରରେ ବର୍ତ୍ତମାନ କ୍ୱିକ୍ କମର୍ସ ଅଭିବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ଜରିଆ ପାଲଟିଛି। ୩୧% ଅନ୍‌ଲାଇନ୍ କ୍ରେତା ଇନ୍‌ଷ୍ଟାଣ୍ଟ ଡେଲିଭରି ପ୍ଲାଟ୍‌ଫର୍ମଗୁଡ଼ିକ ଉପରେ ନିର୍ଭର କରୁଥିବାବେଳେ ୩୯% ସେମାନଙ୍କ ଟପ୍-ଅପ୍ ପର୍ଚେଜ୍ ପାଇଁ ବ୍ୟବହାର କରୁଛନ୍ତି। ଡେଟା ଆନାଲିଟିକ୍ ଫାର୍ମ ନିଲସେନ୍‌ଆଇକ୍ୟୁ ପକ୍ଷରୁ ବୁଧବାର ପ୍ରକାଶିତ ଏକ ରିପୋର୍ଟରେ ଏହି ବିଷୟ ଉଲ୍ଲେଖ କରାଯାଇଛି। ଦିଲ୍ଲୀ, ଗୁରୁଗ୍ରାମ, ନୋଏଡା, ମୁମ୍ବାଇ, ବେଙ୍ଗାଲୁରୁ, ଚେନ୍ନାଇ, ହାଇଦ୍ରାବାଦ, ଲୁଧିଆନା, ଜୟପୁର, ଅହମଦାବାଦ, ଇନ୍ଦୋର, କୋଏମ୍ବାଟୁର, ପାଟନା ଓ ଭୁବନେଶ୍ୱର ଭଳି ବଡ଼ ସହରର ୪,୫୦୦ ଉପଭୋକ୍ତାଙ୍କୁ ନେଇ କରାଯାଇଥିବା ସର୍ଭେ ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ହାଇପରମାର୍କେଟ, ସୁପରମାର୍କେଟ, ଟିଟି ଷ୍ଟୋର ଏବଂ ଅନ୍‌ଲାଇନ୍ ଷ୍ଟୋରଗୁଡ଼ିକରୁ ଗ୍ରୋସେରି କିଣୁଥିବା ୧୮ରୁ ୬୫ ବର୍ଷର ଲୋକଙ୍କ ଶପିଂ ଅଭ୍ୟାସକୁ ନେଇ ନିଲସେନ୍‌ଆଇକ୍ୟୁ ପକ୍ଷରୁ



ସର୍ବେକ୍ଷଣ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୪୨% ଉପଭୋକ୍ତା କ୍ୱିକ୍ କମର୍ସ ଜରିଆରେ ରେଡି-ଟୁ-ଇଟ୍ ମିଲ୍ସ ଏବଂ ୪୫% ଗ୍ରାହକ ଲୁଣି ସ୍ନାକ୍ସ ଅର୍ଡର କରୁଛନ୍ତି। ସହରୀ ଭାରତୀୟଙ୍କ ମଧ୍ୟରେ ମଲ୍ଟିଚ୍ୟାନେଲ ଶପିଂ ବିହେଭିଅର୍ ବୃଦ୍ଧି ପାଉଥିବା ଏଥିରୁ ସ୍ପଷ୍ଟ ହୋଇଛି। ଅନେକ କ୍ରେତା ଉଭୟ ଆଧୁନିକ ଟ୍ରେଡ୍ ଏବଂ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମଗୁଡ଼ିକ ଉପରେ ନିର୍ଭର କରୁଥିବା ଏଥିରେ ଦର୍ଶାଯାଇଛି। ସେହିପରି ୨୦% ଅଫ୍‌ଲାଇନ୍ ଶପର୍ସ ମଧ୍ୟ ଘରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପାଇଁ ଅନ୍‌ଲାଇନ୍ ଷ୍ଟୋରକୁ ଆସୁଥିବା ଦେଖିବାକୁ ମିଳିଛି। ବିଶେଷକରି ମେଟ୍ରୋପଲିଟାନ୍ ସିଟିଗୁଡ଼ିକରେ ଏହି ଟ୍ରେଣ୍ଡ୍ ଅଧିକ ପରିଲକ୍ଷିତ ହୋଇଛି। ଫାଷ୍ଟ-ମୁଭିଂ କଞ୍ଜୁମର ଗୁଡ୍ସ (ଏଫ୍‌ଏମ୍‌ସିଜି) ସେକ୍ଟରରେ ରିଟେଲ ବ୍ୟବସାୟ ବଢୁଥିବାବେଳେ ଦିନକୁ ଦିନ ଗ୍ରାହକମାନେ ଏଥିପ୍ରତି ବେଶି ଆକର୍ଷିତ ହେଉଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଛି।

# ଅବଧି ଶେଷ ହେଲାଣି, ଜାହାଜ ଯେଉଁଠି ସେଇଠି

## ଅଟକ ଦେବୀ ଜାହାଜ ବିକ୍ରି ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରସଙ୍ଗ

- ୨୧ ନାବିକ ନିର୍ବାସିତ ଦଣ୍ଡ ଭୋଗୁଛନ୍ତି

ପାରାଦୀପ,୨୫।୯(ଶରତ ରାଉତ)

ପାରାଦୀପ ବନ୍ଦରରେ ୨୦୨୩ ନଭେମ୍ବର ୩୦ରୁ ଅଟକ ଥିବା ଏମ୍.ଭି. ଦେବୀ ଜାହାଜ ଏବେ ବି ସମୁଦ୍ରର ଆଙ୍କରେଜ ଏରିଆରେ ରହିଛି। ସମ୍ପୃକ୍ତ ଜାହାଜକୁ ଓଡ଼ିଶା ହାଇକୋର୍ଟ ବିକ୍ରି କରିବାକୁ ଅଗଷ୍ଟ ୨୦ରେ ନିର୍ଦ୍ଦେଶ ଦେଇଥିଲେ। ଏହି ଜାହାଜର ମୂଲ୍ୟାଙ୍କନ କରି ରିପୋର୍ଟ ଦେବାକୁ ସମୟ ଥିଲା ସେପ୍ଟେମ୍ବର ୨୧ତାରିଖ। ଏହା ମଧ୍ୟରେ ଧାର୍ଯ୍ୟ ସମୟ ୪ ଦିନ ଅତିକ୍ରାନ୍ତ କରିସାରିଲାଣି। ଜାହାଜ ବିକ୍ରି ହେବା ପ୍ରସଙ୍ଗ ଏବେ ଅନାଲୋଚିତ ହୋଇ ରହିଛି। ଜାହାଜ ବିକ୍ରି ହେବ କି ନାହିଁ, ସେଥିରେ ସମ୍ପୃକ୍ତ ଘରୋଇ ସଂସ୍ଥା, ଅଟକ ରଖିଥିବା କଷ୍ଟମ୍ସ ବିଭାଗ, ଦେଖାରଖା କରୁଥିବା ମେରାଇନ୍ ପୋଲିସ ପକ୍ଷରୁ କୌଣସି ସୂଚନା ମିଳିନାହିଁ। ମେରାଇନ୍ ଥାନାଧିକାରିଣୀ ସୁଜାତା ବେହେରାଙ୍କୁ ଜାହାଜ ବିକ୍ରି ସମ୍ପର୍କରେ ପଚାରିବାରେ ଆମ ପାଖକୁ ସେ ସମ୍ପର୍କରେ କୌଣସି ନୋଟିସ ଆସିନାହିଁ। ଅର୍ଥାତ୍ ଜାହାଜ ବିକ୍ରି ହୋଇନାହିଁ। ଏବେ ଜାହାଜ ଯେଉଁଠି ଥିଲା ସେଇଠି ରହିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇନାହିଁ ବୋଲି ଜଣାପଡିଛି। ଏହା ମଧ୍ୟରେ ଜାହାଜ ମାଲିକ ପ୍ରାୟ ୪ଟି ଏଜେଣ୍ଟ କମ୍ପାନୀ ପରିବର୍ତ୍ତନ କରିସାରିଲାଣି। ଏବେ କୋଲକାତାର ଗୋଟିଏ ଏଜେଣ୍ଟ ଜାହାଜ ନାବିକଙ୍କ ଦେଖାଶୁଣା ଓ ଖାଦ୍ୟ ସାମଗ୍ରୀ ଯୋଗାଉଛି। ଯେଉଁ ପିଆଇସିଟି (ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ) କମ୍ପାନୀ ଜାହାଜ ଭଡ଼ା ବାବଦରେ ହାଇକୋର୍ଟରେ ଅଭିଯୋଗ କରିଥିଲେ ସେ ମଧ୍ୟ କୌଣସି ସୂଚନା ଦେଉନାହାନ୍ତି। କମ୍ପାନୀ ଏଚ୍‌ଆର୍(ମାନବ ସମ୍ବଳ) ବିଭାଗର କର୍ମଚାରୀ ଶାରଦା ନାୟକଙ୍କୁ ପଚାରିବାରେ ସେ ବିଷୟରେ କିଛି କହିବେ ନାହିଁ ବୋଲି କହିଛନ୍ତି। ୨୨୦ କୋଟି ଟଙ୍କାର କୋକେନ୍ ଜବତ ଘଟଣା ପରେ ଜାହାଜ ଅଟକ ରହିଛି। ସେଥିରେ ଥିବା ୨୧ ଜଣ ନାବିକ ନିର୍ବାସନ ଭଳି ଦଣ୍ଡ ଭୋଗୁଛନ୍ତି ବୋଲି ଜଣାପଡ଼ିଛି।




ସୂଚନାଯୋଗ୍ୟ, ୨୦୨୩ ନଭେମ୍ବର ୩୦ରେ ଏହି ଏମ୍.ଭି. ଦେବୀ ଜାହାଜ (ଆଇଏମ୍‌ଓ ନଂ. ୯୬୧୬୭୩୫) ପିଆଇସିଟି ବର୍ଥରେ ପଣ୍ୟ ବୋଝେଇ କରୁଥିବା ବେଳେ କୋକେନ୍ ଥିବା ଜଣାପଡ଼ିଥିଲା। ପରେ କଷ୍ଟମ୍ସ ବିଭାଗ କୋକେନ୍ ଜବତ କରିବା ସହ ଜାହାଜ ଓ ନାବିକଙ୍କୁ ଅଟକ ରଖିଛି। ଦୀର୍ଘଦିନ ଧରି ଜାହାଜ ପିଆଇସିଟି ବର୍ଥରେ ରହିବା ଯୋଗୁ ତା’ର ଭଡ଼ା ମିଳି ନ ଥିଲା। ସେଥିପାଇଁ ପିଆଇସିଟି କମ୍ପାନୀ ଓଡ଼ିଶା ହାଇକୋର୍ଟରେ ଅଭିଯୋଗ କରିଥିଲେ। ଏଥିରେ ବର୍ଥ ଭଡ଼ା ୭ କୋଟି ୯୫ ଲକ୍ଷ ୪୭ ହଜାର ୧୩୦ ଟଙ୍କା, ସୁଧ ୨୦ ଲକ୍ଷ ୩୬ ହଜାର ୩୪୫ ଟଙ୍କା ଓ ଆଇନଗତ ଖର୍ଚ୍ଚ ୫୦ ଲକ୍ଷ ଟଙ୍କା ଦେବାକୁ ଆବେଦନ କରିଥିଲେ। କୋର୍ଟରେ ଜାହାଜ ମାଲିକଙ୍କ ପକ୍ଷରୁ କୌଣସି ପକ୍ଷ ଉପସ୍ଥିତ ନ ରହିବାରୁ କୋର୍ଟ ଜାହାଜ ବିକ୍ରି ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ଆଡୋନିଆ ଅଫ୍‌ଶୋର କନ୍‌ସଲାଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ନାମକ କମ୍ପାନୀ ଜାହାଜର ମୂଲ୍ୟ ଆକଳନକରି ସେପ୍ଟେମ୍ବର ୨୧ ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଥିଲା। ଏହା କାର୍ଯ୍ୟକାରୀ ହୋଇ ନ ଥିବା ଜଣାପଡ଼ିଛି।

सत्यमेव जयते
Government of India

Government of Maharashtra



ଶ୍ରୀ ଏକନାଥ ସିନ୍ଦେ
ମାନ୍ୟବର ମୁଖ୍ୟମନ୍ତ୍ରୀ, ମହାରାଷ୍ଟ୍ର

# ବିକଶିତ ଭାରତ ବିକଶିତ ମହାରାଷ୍ଟ୍ର



ଶ୍ରୀ ନରେନ୍ଦ୍ର ମୋଦୀ
ମାନ୍ୟବର ପ୍ରଧାନମନ୍ତ୍ରୀ

## ₹୨୦,୯୦୦ କୋଟି ମୂଲ୍ୟର ବିଭିନ୍ନ ବିକାଶ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ, ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗୀକରଣ, ଶୁଭାରମ୍ଭ ଏବଂ ଶିଳାନ୍ୟାସ ଉତ୍ସବ

ମାନ୍ୟବର ପ୍ରଧାନମନ୍ତ୍ରୀ
**ଶ୍ରୀ ନରେନ୍ଦ୍ର ମୋଦୀଙ୍କ**
ଦ୍ୱାରା

୨୬ ସେପ୍ଟେମ୍ବର, ୨୦୨୪ ସନ୍ଧ୍ୟା ୬.୩୦ ଘଟିକା
ସାର୍ ପରଶୁରାମଭାଉ କଲେଜ (ଏସ୍.ପି. କଲେଜ) ଗ୍ରାଉଣ୍ଡ, ତିଳକ ରୋଡ୍, ପୁଣେ

### ଉଦ୍‌ଘାଟନ

- ପୁଣେ ମେଟ୍ରୋ ଫେଜ୍ ୧: ଜିଲ୍ଲା କୋର୍ଟରୁ ସ୍ୱରଗେଟ ପର୍ଯ୍ୟନ୍ତ ଅଂଶ: ୩.୬୨ କିମି (₹ ୧୮୧୦ କୋଟି)
- ପାଣିପାଗ ଏବଂ ଜଳବାୟୁ ନିମନ୍ତେ ହାଇ-ପର୍‌ଫର୍ମାନ୍ସ କମ୍ପ୍ୟୁଟିଂ (ଏଚ୍‌ପିସି) ସିଷ୍ଟମ୍ (₹ ୮୫୦ କୋଟି)
- ସୋଲାପୁର ବିମାନବନ୍ଦର (₹ ୬୫ କୋଟି)

### ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗୀକରଣ

- ମହାରାଷ୍ଟ୍ର ବିଡକିନ୍ ଇଣ୍ଡଷ୍ଟ୍ରିଆଲ ନୋଡ୍ (₹ ୬୪୦୦ କୋଟି)
- ୧୫୦୦ ଇ-୨୦ ରିଟେଲ୍ ଆଉଟ୍‌ଲେଟ୍ (₹ ୨୨୫ କୋଟି)
- ଦେଶରେ ପ୍ରଥମ ଥର ପାଇଁ ୨୦ ଏଲ୍‌ଏନ୍‌ଜି ଷ୍ଟେଶନ (₹ ୨୦୦ କୋଟି)
- ନ୍ୟାଶନାଲ ସୁପରକମ୍ପ୍ୟୁଟିଂ ମିଶନ୍ (ଏନ୍‌ଏସ୍‌ଏମ୍) ଅଧୀନରେ ତିନିଟି ସୁପର୍‌କମ୍ପ୍ୟୁଟର ସ୍ୱଦେଶୀ ଭାବେ ବିକଶିତ ଓ ନିର୍ମିତ (₹ ୧୩୦ କୋଟି)
- ୫୦୦ଟି ଦ୍ରୁତ ବୈଦ୍ୟୁତିକ ଯାନ ଚାର୍ଜିଂ ଷ୍ଟେଶନ (ଇଭିସିଏସ୍) (₹ ୭୫ କୋଟି)

### ଶୁଭାରମ୍ଭ

- ଉତ୍ତର-ପୂର୍ବ ଏବଂ ଦକ୍ଷିଣ-ପୂର୍ବ କରିଡର୍ ସ୍ୱର୍ଣ୍ଣିମ ଚତୁର୍ଭୁଜରେ ଏକାଧିକ ଫୁଏଲ୍ ଏନର୍ଜି ଷ୍ଟେଶନ (₹ ୬୦୦୦ କୋଟି)
- ଟ୍ରକ୍ ଚାଳକମାନଙ୍କ ପାଇଁ ରାସ୍ତାକଡ଼ ସୁବିଧା ଯୋଗାଇବା ଲାଗି ବିଶ୍ରାମଗୃହ ଯୋଜନା (₹ ୨୧୭୦ କୋଟି)

### ଶିଳାନ୍ୟାସ ଉତ୍ସବ

- ସ୍ୱରଗେଟ୍‌ରୁ କାଟରାଜ ମେଟ୍ରୋ ଲାଇନ୍: ପୁଣେ ମେଟ୍ରୋ ଫେଜ୍-୧ର ଦକ୍ଷିଣ ପାର୍ଶ୍ୱ ସମ୍ପ୍ରସାରଣ (₹ ୨୯୫୫ କୋଟି)
- ଭିଡ଼େୱାଡ଼ାଠାରେ କ୍ରାନ୍ତିଜ୍ୟୋତି ସାବିତ୍ରୀବାଇ ଫୁଲେଙ୍କ ପ୍ରଥମ ବାଳିକା ବିଦ୍ୟାଳୟର ସ୍ମାରକୀ (₹ ୧୦ କୋଟି)

CBC 20101/13/0001/2425

### ଗରିମାମୟ ଉପସ୍ଥିତି

**ଶ୍ରୀ ସି.ପି. ରାଧାକ୍ରିଷ୍ଣନ**
ରାଜ୍ୟପାଳ, ମହାରାଷ୍ଟ୍ର

**ଶ୍ରୀ ଏକନାଥ ସିନ୍ଦେ**
ମୁଖ୍ୟମନ୍ତ୍ରୀ, ମହାରାଷ୍ଟ୍ର ସରକାର

**ଶ୍ରୀ ରାମମୋହନ ନାଇଡୁ କିଞ୍ଜାରାପୁ**
ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଭାରତ ସରକାର

**ଶ୍ରୀ ହରଦୀପ ସିଂ ପୁରୀ**
ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରୀ, ଭାରତ ସରକାର

**ଶ୍ରୀ ଦେବେନ୍ଦ୍ର ଫଡନବିସ୍**
ଉପ ମୁଖ୍ୟମନ୍ତ୍ରୀ, ମହାରାଷ୍ଟ୍ର ସରକାର

**ଶ୍ରୀ ଅଜିତ ପାୱାର**
ଉପ ମୁଖ୍ୟମନ୍ତ୍ରୀ, ମହାରାଷ୍ଟ୍ର ସରକାର

**ଶ୍ରୀ ଜିତିନ ପ୍ରସାଦ**
ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ବାଣିଜ୍ୟ ଏବଂ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ, ଭାରତ ସରକାର

**ଶ୍ରୀ ମୁରଳୀଧର ମୋହୋଳ**
ବେସାମରିକ ବିମାନ ଚଳାଚଳ, ସମବାୟ ରାଷ୍ଟ୍ରମନ୍ତ୍ରୀ, ଭାରତ ସରକାର

**ଶ୍ରୀ ଛଗନ ଭୁଜବଳ**
ମନ୍ତ୍ରୀ, ମହାରାଷ୍ଟ୍ର

**ଶ୍ରୀ ଦିଲୀପ ୱାଲ୍‌ସେ-ପାଟିଲ**
ମନ୍ତ୍ରୀ, ମହାରାଷ୍ଟ୍ର

**ଶ୍ରୀ ଚନ୍ଦ୍ରକାନ୍ତ ପାଟିଲ**
ମନ୍ତ୍ରୀ, ମହାରାଷ୍ଟ୍ର

**ଶ୍ରୀମତୀ ଡା. ନୀଲମ ଗୋର୍ହେ**
ଉପ ବାଚସ୍ପତି, ବିଧାନ ପରିଷଦ

ଡିଡି ନ୍ୟୁଜ୍‌ରେ ସିଧା ପ୍ରସାରଣ ଦେଖନ୍ତୁ

ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ। – ଶ୍ରୀମା

# ବିଜ୍ଞାନର ମୂଲ୍ୟାୟନ



ଦେବଦତ୍ତ ପଟ୍ଟନାୟକ

ଅଧିକାଂଶ ଧାର୍ମିକ ବ୍ୟକ୍ତି ବିଜ୍ଞାନ ପ୍ରତି ଈର୍ଷା ଭାବ ପ୍ରକାଶ କରନ୍ତି। ହେଲେ ବିଜ୍ଞାନ ସିଦ୍ଧାନ୍ତ ଉପସ୍ଥାପନ କରି ଧର୍ମକୁ ଚପିଯାଇଛି। ଯାଦୁ ଶକ୍ତି ବଦଳରେ ତୁମ ପାଖରେ ଟେକ୍ନୋଲୋଜି (ପ୍ରଯୁକ୍ତି),ଏକ ଶିଳ୍ପଭିତ୍ତିକ ଜୀବନଶୈଳୀ ଓ ଅଧିକ ଉତ୍ପାଦନ, ଆଣ୍ଟିବାୟୋଟିକ୍ ଓ ଇଣ୍ଟରନେଟ୍ ରହିଲା। ଭୌତିକ ସୁଖ ମିଳିଛି। କିନ୍ତୁ ଲୋକମାନେ ବିଜ୍ଞାନ ଓ ଯୁକ୍ତିଯୁକ୍ତ ଚିନ୍ତାଧାରାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ନ୍ତି। ସେମାନେ ଭାବନ୍ତି ବିଜ୍ଞାନ ହେଉଛି ତର୍କସଙ୍ଗତ। ଲୋକଙ୍କୁ ବୈଜ୍ଞାନିକଶୈଳୀରେ ବଞ୍ଚିବାକୁ ଏବଂ ଜ୍ଞାନୀ ତଥା ବିଚାରଶୀଳ ହେବାକୁ ଉତ୍ସାହିତ ମଧ୍ୟ କରାଯାଉଛି। ଯେତେବେଳେ ଆମେ ଭାବୁ ଯେ ବିଗ୍‌ବ୍ୟାଙ୍ଗ ଦ୍ୱାରା ପୃଥିବୀ ସୃଷ୍ଟିର ପ୍ରମାଣ ଦେଉଥିବା ଜଣେ ସିଦ୍ଧାନ୍ତବାଦୀ ପଦାର୍ଥବିଜ୍ଞାନୀ ଜୀବନର ସବୁ ସମସ୍ୟାର ସମାଧାନ କରିଦେବେ, ସେତେବେଳେ ଆମେ ବିଜ୍ଞାନକୁ ଆବଶ୍ୟକତାଠାରୁ ଅଧିକ ମୂଲ୍ୟାୟନ କରୁ। ମଣିଷର ଜ୍ଞାନ ବିକଶିତ ହେବା ପରଠାରୁ ତା'ପାଖରେ ଟେକ୍‌ନୋଲୋଜି ଅଛି। ଆମେ ଟେକ୍‌ନୋଲୋଜି ଦ୍ୱାରା ଅଗ୍ନି, ଜଳ, ଖଣିଜ ପଦାର୍ଥ, ଉଦ୍ଭିଦ ଏବଂ ପ୍ରାଣୀ ଜଗତକୁ ନିୟନ୍ତ୍ରଣ କଲୁ। ଗୁଳ୍ମର ଔଷଧୀୟ ଶକ୍ତି, ଋତୁ ଓ ଜୁଆର ବିଷୟରେ ବି ବୁଝିଲୁ। କିନ୍ତୁ ତାହା ଥିଲା ପ୍ରୟୋଗାତ୍ମକ ବା ବ୍ୟବହାରିକ ବିଜ୍ଞାନ। କିନ୍ତୁ ଶୁଦ୍ଧ ବୈଜ୍ଞାନିକ ଚିନ୍ତାଧାରା ଏଇ ମାତ୍ର କିଛି ଶତାବ୍ଦୀର ପୁରୁଣା। ଏହା ସନ୍ଦେହ, ଆକଳନ, ପରୀକ୍ଷଣ ଏବଂ ମିଥ୍ୟା ପ୍ରମାଣ କରିବାର ଯୋଗ୍ୟତା ଉପରେ ଆଧାରିତ। ପ୍ରମାଣ ବ୍ୟତୀତ ବିଜ୍ଞାନ ଅନ୍ୟ କେଉଁଥିରେ ବିଶ୍ୱାସ କରେ ନାହିଁ। ବୈଜ୍ଞାନିକ ଅନୁସନ୍ଧାନର ସାଧନଗୁଡ଼ିକ ଉନ୍ନତ ହୋଇ ଥିବାରୁ ଜ୍ଞାନ ପରିସର ସବୁବେଳେ ବିସ୍ତାର ହୋଇ ଚାଲିଛି।

ପରିସଂଖ୍ୟାନକୁ ଆଧାର କରି ପ୍ରମାଣ କରିପାରିବା ଯେ, ଆମେ ଏକ ଶାନ୍ତିପୂର୍ଣ୍ଣ ଯୁଗରେ ବଞ୍ଚୁଛୁ। କିନ୍ତୁ ବ୍ୟକ୍ତିଗତ ଅନୁଭବରୁ ଆମେ ଜାଣୁ ଯେ, ଜୀବନ ହେଉଛି ସମସ୍ୟାବହୁଳ। ଯେତେବେଳେ ଆଦିବାସୀ ସମ୍ପ୍ରଦାୟ ସେମାନଙ୍କ ଜଙ୍ଗଲ ବାସସ୍ଥାନ ହରାଉଛନ୍ତି, ଦେଶଗୁଡ଼ିକ ପରସ୍ପର ଉପରେ ଆକ୍ରମଣ କରୁଛନ୍ତି, ଅନ୍ତର୍ଜାତୀୟ ନ୍ୟାୟାଳୟରେ ଗଣହତ୍ୟାକୁ ନେଇ ବିତର୍କ କରାଯାଉଛି ଏବଂ ମହିଳା ଓ ସମଲିଙ୍ଗୀ ଅଧିକାର ବିରୋଧରେ ଏକ ନକାରାତ୍ମକ ପ୍ରତିକ୍ରିୟା ପ୍ରକାଶ ପାଉଛି, ସେତେବେଳେ ବିଜ୍ଞାନର ଶକ୍ତିକୁ ଅଧିକ ମୂଲ୍ୟାୟନ କରାଯିବାରେ ଜଣେ ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ସମସ୍ୟା ହେଉଛି, ବିଜ୍ଞାନ ମାପ ବା ମୂଲ୍ୟାୟନ ଉପରେ ଆଧାରିତ। ଏଥିରେ ଆପଣ ବସ୍ତୁଗୁଡ଼ିକୁ ମାପ କରିପାରିବେ। ସେଥିପାଇଁ ଏହା ପଦାର୍ଥ ବିଜ୍ଞାନ ଏବଂ ରସାୟନ ବିଜ୍ଞାନ ଏବଂ ଜୀବ ବିଜ୍ଞାନ କ୍ଷେତ୍ରରେ କିଛି ପରିମାଣରେ କାର୍ଯ୍ୟ କରେ, ଯେହେତୁ



ଆମେ ଉଦ୍ଭିଦ ଏବଂ ପ୍ରାଣୀମାନଙ୍କର ଆଚରଣକୁ ଅନୁଧ୍ୟାନ କରିପାରୁ। ତେବେ ବିଜ୍ଞାନ ସମ୍ବେଦନଶୀଳତା, ଭାବନା, ଆବେଗ କିମ୍ବା ଚିନ୍ତାଧାରାକୁ ମାପିପାରିବ ନାହିଁ, ଯାହା ଜୀବର ନିଜସ୍ୱ ମାନସିକ କ୍ଷେତ୍ରକୁ ଗଠନ କରେ। ବିଜ୍ଞାନ ଈର୍ଷା, ଗର୍ବ, କ୍ରୋଧ, ନିରାଶା କିମ୍ବା ଅସମ୍ମାନକୁ ମଧ୍ୟ ମାପ କରିପାରିବ ନାହିଁ। ଏହି ବିଷୟଗୁଡ଼ିକ ସାମାଜିକ ସ୍ତରରେ ଜଡ଼ିତ। ତେଣୁ ବିଜ୍ଞାନ ଦୃଶ୍ୟମାନ, ମାପ କିମ୍ବା ଆକଳନ ଯୋଗ୍ୟ ଅର୍ଦ୍ଧେକ ଜଗତ (ସଂସ୍କୃତରେ ଯାହାକୁ 'ସଗୁଣ' କୁହାଯାଏ) ରେ କାର୍ଯ୍ୟ କରେ। ଅଦୃଶ୍ୟ ତଥା ଅଣାକାର ଆଉ ଅଧା ଜଗତରେ ବିଜ୍ଞାନ କାମ କରେ ନାହିଁ, ଯାହାକୁ 'ନିର୍ଗୁଣ' କୁହାଯାଏ।

ପ୍ରାଚୀନ ଭାରତରେ ଏହି ଦୁଇଟି ଜଗତ ସମ୍ପୂର୍ଣ୍ଣ ଭାବେ ପୃଥକ୍ ଥିଲା। ଗୋଟିଏ ଶାରୀରିକ( ଭୌତିକ) ଓ ଅନ୍ୟଟି ଥିଲା ମନସ୍ତାତ୍ତ୍ୱିକ (ମାନସିକ)। ଭୌତିକ ଜଗତରେ ବିଜ୍ଞାନର ଅତ୍ୟଧିକ ଶକ୍ତି ଅଛି। ଅପରପଟେ ମନସ୍ତାତ୍ତ୍ୱିକ କ୍ଷେତ୍ରରେ ଏହାର ଶକ୍ତି ବହୁତ କମ୍। ଭୌତିକ ଜଗତର ସବୁଆଡ଼େ ସବୁ ପ୍ରକାର ସମାଧାନ ରହିଥିବାବେଳେ ମନସ୍ତାତ୍ତ୍ୱିକ ଜଗତରେ କିଛି ନାହିଁ। ଏବେ ପ୍ରଯୁକ୍ତି ଓ ବିଜ୍ଞାନକୁ ଆଧାର କରି ସାରା ବିଶ୍ୱର ଲୋକଙ୍କୁ ଖାଇବାକୁ ଦେବା ଲାଗି ଆମେ ପ୍ରଚୁର ଖାଦ୍ୟ ଉତ୍ପାଦନ କରି ମଧ୍ୟ ବିଶ୍ୱରେ ଅନାହାର ଲାଗି ରହିଛି। ଖାଦ୍ୟ ଉପଲବ୍ଧତା କାରଣରୁ ନୁହେଁ, ବରଂ ଏହା ଖାଦ୍ୟ ବଣ୍ଟନରେ ଅବ୍ୟବସ୍ଥା ଯୋଗୁ ଘଟୁଛି। ଖାଦ୍ୟ ସଂଗ୍ରହ କରି ଲୋକଙ୍କୁ ଖାଦ୍ୟ ନ ଦେଇ ସହଜରେ କ୍ଷମତା ମିଳିପାରୁଛି। ଧର୍ମୀୟ ଏବଂ ଜାତୀୟତାବାଦୀ ଗୋଷ୍ଠୀଗୁଡ଼ିକ ଏହି ପ୍ରକାର ମାନସିକତା ଉପରେ ଧ୍ୟାନ ଦିଅନ୍ତି ଏବଂ ସମାଜକୁ ନିୟନ୍ତ୍ରଣ କରିବା ପାଇଁ ଏହି ଭାବନାତ୍ମକ ଦିଗଗୁଡ଼ିକୁ ବ୍ୟବହାର କରନ୍ତି।

ବର୍ତ୍ତମାନ ସମଗ୍ର ବିଶ୍ୱରେ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକ ବେରୋଜଗାର କିମ୍ବା ଭିତ୍ତିଭୂମି ବିଫଳତା ପରି ବାସ୍ତବ ଓ ଆକଳନଯୋଗ୍ୟ ବିଷୟଗୁଡ଼ିକ ଉପରେ ନୁହେଁ, ବରଂ ବିବିଧତା, ଅସମାନତା ଏବଂ ପାରମ୍ପରିକ କାର୍ଯ୍ୟକୁ ଆଧାର କରି ଲଢୁଛନ୍ତି। ୟୁରୋପ ଭଳି ବିଭିନ୍ନ ଜାଗାରେ ଆମେ ଦେଖିବାକୁ ପାଉଛୁ ଯେ, ପାରମ୍ପରିକ ଜୀବନଧାରାରେ ବିପଦ ସୃଷ୍ଟି କରୁଥିବା ପର୍ଯ୍ୟଟକ ଏବଂ ପ୍ରବାସୀମାନଙ୍କୁ ନେଇ ଲୋକେ କ୍ଲାନ୍ତ ହୋଇଯାଉଛନ୍ତି। ସେହିଭଳି ଜାପାନରେ ମଧ୍ୟ ବିରୋଧ ପ୍ରଦର୍ଶନ କରାଯାଉଛି।

ଆମେ ଯାହାଙ୍କୁ ବାମପନ୍ଥୀ ବୋଲି କହୁ, ସେମାନେ ଜୀବନର ଭୌତିକ ବିଷୟ ଉପରେ ଧ୍ୟାନ ଦେଇଥାନ୍ତି। ଜୀବନର ମନସ୍ତାତ୍ତ୍ୱିକ ଦିଗ, ପରିଚୟର ବିଚାରକୁ ଆମେ ଯେଭଳି ଗୁରୁତ୍ୱ ଦେଉ ସେମାନେ ସେସବୁକୁ ଅଣଦେଖା କରିଥାନ୍ତି। ବାମ ବିଚାରଧାରାର ଲୋକମାନେ ପରିଚୟ କହିଲେ କେବଳ ଲିଙ୍ଗ ଏବଂ ଯୌନ ବିଷୟରେ ଆଲୋଚନା କରନ୍ତି। ଏହାସହ ଧର୍ମ, ସଂସ୍କୃତି, ଜାତି, ସମ୍ପ୍ରଦାୟ, ଜନଜାତି, ରାଷ୍ଟ୍ର ଏବଂ ବଂଶ ଧାରଣାକୁ ଗୁରୁତ୍ୱ ଦେଇ ନ ଥାନ୍ତି। ଯେତେବେଳେ ଜନ ସମୁଦାୟକୁ ସୂଚିତ କରେ, ସେତେବେଳେ ଏକଛତ୍ରବାଦ ଓ ଉତ୍ପୀଡ଼ନ ବିଷୟରେ କହିଥାଏ। ଭୁଲିଯାଏ ଯେ ନିର୍ଯାତନା ଉପରେ କଳ୍ପନା କରାଯାଇପାରେ, କିନ୍ତୁ ସର୍ବଦା ମାପ କରାଯାଇପାରେ ନାହିଁ।

ବର୍ଣ୍ଣଗତ ପକ୍ଷପାତ, ଭେଦଭାବ ଓ ଏଲିଜିବିଟି ଅଧିକାର ଉପରେ ସଚେତନା ସୃଷ୍ଟି କରୁଥିବା ଅଭିଯାନ (ଓକ୍ ମୁଭ୍‌ମେଣ୍ଟ)ବିଜ୍ଞାନକୁ ସମ୍ପୂର୍ଣ୍ଣ ଭାବେ ଅସ୍ୱୀକାର କରେ। କୌତୂହଳର ବିଷୟ ହେଉଛି, ଏହା ହିଂସାତ୍ମକ ଧର୍ମୀୟ ଅଭିଯାନ ସହ ଏକମତ ହୋଇଥାଏ। ସେମାନେ ଜଟିଳ ଯୁକ୍ତି ଉପସ୍ଥାପନ କରି ଜୀବବିଜ୍ଞାନକୁ ପ୍ରତ୍ୟାଖ୍ୟାନ କରନ୍ତି, ଯାହା ପୃଥିବୀ ଗୋଲାକାର ନୁହେଁ ସମତଳ ବୋଲି ବିଶ୍ୱାସ କରୁଥିବା ଲୋକଙ୍କ ଭାବନା ଭଳି । ନୀତି ଅନୁଯାୟୀ ସାମାଜିକ ନ୍ୟାୟକୁ ସମାନତା ସୃଷ୍ଟି କରିବାର ଏକ ସାଧନ ଭାବରେ ଦେଖାଯାଏ। କିନ୍ତୁ ଉତ୍ପୀଡ଼ନକୁ ଆକଳନ କରାଯାଇ ନ ପାରିବା କାରଣରୁ ଏହା ବିଫଳ ହୁଏ। ଗମ୍ଭୀର ଭାବନାତ୍ମକ ଆଘାତ ଏବଂ ପୀଡ଼ିତକୁ କଳ୍ପନା କରିବା ସହଜ, ଯାହା ଧନୀ ପାଶ୍ଚାତ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅନିୟନ୍ତ୍ରିତ ଭାବେ ବିସ୍ତାର କରିଛି ଏବଂ ଏହା ଭେଦଭାବ, ଅସମାନତା ଏବଂ ନିର୍ଯାତନାରୁ ମୁକ୍ତି ହେବା ପାଇଁ ଇଚ୍ଛା କରେ।

ଡେଟା ଆନାଲିଟିକ୍ସ ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଜଗତକୁ ମାପ ତଥା ଆକଳନ ଯୋଗ୍ୟ କ୍ଷେତ୍ରରେ ସ୍ଥାନିତ କରାଯାଇଛି। ଏହା କେବଳ ଆକଳନଯୋଗ୍ୟ ସମସ୍ୟାର ସମାଧାନ କରିବ। ଏହା କଦାପି ଅଣ ଆକଳନଯୋଗ୍ୟ ସମସ୍ୟାର ସମାଧାନ କରିପାରିବ ନାହିଁ। କୌଣସି ବୈଜ୍ଞାନିକ, ଇଞ୍ଜିନିୟର କିମ୍ବା ସମାନ ଗୋଷ୍ଠୀର ବ୍ୟକ୍ତି କ୍ରୋଧ, ଲୋଭ, ଈର୍ଷା, ଭୟକୁ ମାପକରିବା କିମ୍ବା ହ୍ରାସ କରିପାରିବେ ନାହିଁ। ବିଜ୍ଞ ଅର୍ଥନୀତିଜ୍ଞ କିମ୍ବା ରାଜନୈତିକ ବିଶେଷଜ୍ଞଙ୍କ ଦ୍ୱାରା ମଧ୍ୟ ତାହା ସମ୍ଭବ ନୁହେଁ। କୌଣସି ନୀତି ଜଣେ ପୁଞ୍ଜିପତିଙ୍କ ଲୋଭ ଏବଂ ବାମପନ୍ଥୀଙ୍କ ଈର୍ଷା କମାଇ ପାରିବ ନାହିଁ। ଏଥିପାଇଁ ଆଭ୍ୟନ୍ତରୀଣ ଦୁନିଆକୁ ଅନୁସନ୍ଧାନ କରିବାକୁ ପଡ଼ିବ ବୋଲି ଧର୍ମ ଆମକୁ କହେ। ହେଲେ ଶେଷରେ ବିଶ୍ୱାସଘାତକତା କରେ , ଯେହେତୁ ଏହା ପ୍ରତିଯୋଗିତାମୂଳକ ହୋଇଯାଇଛି।

–devduttofficial@gmail.com

## ଆମ ହାତରେ ବମ୍



ରିତେଶ କୁମାର ଶିଶୁ

ବିଜ୍ଞାନର ଉନ୍ନତି ସହ ଆମର ଯୋଗାଯୋଗ ଉପକରଣ ସବୁ ଅତ୍ୟାଧୁନିକ ହୋଇଯାଇଛି। ମୋବାଇଲ ଫୋନ୍, ଲାପ୍‌ଟପ୍, ୱାକିଟକି, ପେଜର, ସ୍ମାର୍ଟ ଟିଭି, ଫ୍ରିଜ୍, ଇଲେକ୍ଟ୍ରୋନିକ ଗାଡ଼ି ସବୁ ଆମେ ବ୍ୟବହାର କରୁଛେ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ସେଗୁଡ଼ିକ ଅଧିକାଂଶ ବିଦେଶ ତିଆରି, କାରଣ ଆମ ଘରୋଇ କ୍ଷେତ୍ରରେ ସେହି ଉନ୍ନତ ଅତ୍ୟାଧୁନିକ ବୈଷୟିକ କୌଶଳ ଆଜି ପର୍ଯ୍ୟନ୍ତ ଅପହଞ୍ଚ। ଲିବ୍ୟାରେ ପ୍ରଥମ ପର୍ଯ୍ୟାୟରେ ବ୍ୟାପକ ପେଜର ବିସ୍ଫୋରଣ ପରେ ପରେ ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟାନ୍ୟ ଉପକରଣ ଯଥା ୱାକିଟକି, ରେଡିଓ, ଗାଡ଼ି ବ୍ୟାଟେରି, ସୌର ପ୍ୟାନେଲ, ସ୍ମାର୍ଟ ଫୋନ୍, ଇଣ୍ଟରକମ୍ ଆଦି ଇଲେକ୍ଟ୍ରୋନିକ ଉପକରଣରେ ଏକା ବେଳକେ ବିସ୍ଫୋରଣ ଘଟଣା ଶୁଣିଲା ପରେ ଏହି ବିଦେଶୀ ଉପକରଣଗୁଡ଼ିକ ଉପରେ ସନ୍ଦେହ ବଢ଼ିବା ସ୍ୱାଭାବିକ। ଏଥିରେ ଅନେକ ସାଧାରଣ ଲୋକ ଏପରିକି ଛୋଟ ପିଲା ମଧ୍ୟ ମୃତାହତ ହୋଇଛନ୍ତି। ତେବେ ଲିବ୍ୟାର ଯୋଗାଯୋଗ ଉପକରଣଗୁଡ଼ିକ ବିସ୍ଫୋରଣ ହେବାର ଅନେକ କାରଣ ଉପସ୍ଥାପନ କରାଯାଉଛି। କିଏ କହୁଛି ସେଗୁଡ଼ିକରେ ପୂର୍ବରୁ ଅଳ୍ପ ପରିମାଣର ବିସ୍ଫୋରକ ଲଗାଯାଇଥିଲା ଓ ଏକ କୋଡ୍ ମାଧ୍ୟମରେ ତାହାକୁ ବିସ୍ଫୋରିତ କରାଯାଇଛି ତ କିଏ କହୁଛି ଡ୍ରୋନ୍ ମାଧ୍ୟମରେ ଏକ ଶକ୍ତିଶାଳୀ ଇଲେକ୍ଟ୍ରୋମାଗ୍‌ନେଟିକ୍ ତରଙ୍ଗ ଛଡ଼ାଯାଇଛି। ରୋଚକ କଥା ହେଉଛି ପେଜରଗୁଡ଼ିକ ତାଇୱାନ୍‌ର ଗୋଲ୍ଡ ଆପଲ କମ୍ପାନୀ ତିଆରି କରିଛି। ଅଭିଯୋଗ ହେଲା ବେଳେ ତାଇୱାନ୍ କହିଛି, ତାହାର ଯନ୍ତ୍ରାଂଶ ହଙ୍ଗେରୀର ବିଏସି କନ୍‌ସଲ୍ଟିଂ କମ୍ପାନୀ ଏକାଠିକରି ତିଆରିକରି ବିକ୍ରି କରିଛି। ସେପଟେ ବିଏସି କନ୍‌ସଲ୍ଟିଂ କହୁଛି ଆମେ ପେଜର ତିଆରି କରୁନା, କେବଳ କିଣା ବିକାରେ ମଧ୍ୟସ୍ଥତା କରୁ। ଏପରି ଟଣାଓଟରା ଭିତରେ ନ୍ୟୁୟର୍କ ଟାଇମ୍ସ କହିଛି ବିଏସି କନ୍‌ସଲ୍ଟିଂ ଇସ୍ରାଏଲର ଏକ ଗୋଇନ୍ଦା ସହଭାଗୀ। ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସ୍‌ଙ୍କର ଲେବାନନ୍‌ରେ ଏହି ବିସ୍ଫୋରଣକୁ ନେଇ ଏକ ମନ୍ତବ୍ୟ ଅତ୍ୟନ୍ତ ଗୁରୁତ୍ୱ ବହନକରେ ଯେ ସାଧାରଣ ଲୋକଙ୍କ ଦ୍ୱାରା ବ୍ୟବହୃତ ଯୋଗାଯୋଗ ଓ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣଗୁଡ଼ିକୁ ଅସ୍ତ୍ର ଭାବରେ ବ୍ୟବହାର କରିବା ଆଦୌ ସମୀଚୀନ ନୁହେଁ। ଜାତିସଂଘର ମାନବ ଅଧିକାର ବିଭାଗର ମନ୍ତବ୍ୟ ଏହା ଯେ ଏପରି ଆକ୍ରମଣ ସମୟରେ ଏହି ଉପକରଣଗୁଡିକ କାହା ହାତରେ ଅଛି, କେଉଁ ସ୍ଥିତିରେ ଅଛି ଓ କିଭଳି ପରିବେଶରେ ଅଛି ନ ଜାଣି ବହୁ ହଜାର ଲୋକଙ୍କୁ ଏକା ବେଳକେ ଆକ୍ରମଣ କରିବା ମାନବ ଅଧିକାରର କ୍ଷୁଣ୍ଣଜନିତ ଏକ ଗୁରୁତର ଅପରାଧ।

ସେ ଯାହା ବି ହେଉ ଲିଥିଅମ ଆୟନ ବ୍ୟାଟେରି ଥିବା ଉପକରଣଗୁଡ଼ିକରେ ଯଦି ଆଗରୁ କିଛି କୋଡ୍ ଦିଆଯାଇଥିବ ସେଥିରେ ସେହି କୋଡ୍‌କୁ ରେଡିଓ ତରଙ୍ଗ କିମ୍ବା ବୈଦ୍ୟୁତିକ ତରଙ୍ଗ ମାଧ୍ୟମରେ ଆକ୍ଟିଭେଟକରି ବ୍ୟାଟେରିକୁ ବିସ୍ଫୋରଣ କରାଇବା ଅସମ୍ଭବ ନୁହେଁ। ଏହାବାଦ୍ ଇଣ୍ଟରନେଟ୍ ବ୍ୟବହାର ହେଉଥିବା ଉପକରଣରେ କିଛି ଭାଇରସ୍ ଛାଡ଼ି ସେଥିରେ ଥିବା ବ୍ୟାଟେରିକୁ ବିସ୍ଫୋରଣ କରାଇବା ମଧ୍ୟ ଅସମ୍ଭବ ନୁହେଁ। ଯଦି ସେମିତି ହୁଏ ତେବେ ପ୍ରାୟତଃ ଆମେ ସମସ୍ତେ ପାଖରେ ଗୋଟେ ଦୁଇଟା ବମ୍ ଧରି ସର୍ବଦା ବୁଲୁଛେ। ଏମିତି ନ ହେଉ ବିଦେଶରୁ କିଣା ଯାଇଥିବା ପ୍ରତିରକ୍ଷା ଉପକରଣଗୁଡ଼ିକରେ ସେମାନେ ଏମିତି କିଛି ଭିତିରି ଉପକରଣ ଲଗାଇଥିବେ, ଯାହାକୁ କ୍ରିୟାଶୀଳ କରିଦେଲେ ବାସ୍ତବ ଯୁଦ୍ଧକୁ ଗଲା ବେଳକୁ ଆମ ପ୍ରତିରକ୍ଷା ଉପକରଣଗୁଡିକ ଆଉ କାମ କରୁ ନ ଥିବ। ଏପରି ଭାବନା ନକାରାତ୍ମକ ଲାଗୁଥାଇପାରେ କିନ୍ତୁ ଅସମ୍ଭବ ନୁହେଁ। ଯୁଦ୍ଧ ସମୟରେ ସମସ୍ତ ନୀତିନୈତିକତା ଲୋପ ପାଇଯାଏ ଓ ସାଧାରଣ ନାଗରିକ ଏଥିରୁ ନିସ୍ତାର ପାଆନ୍ତି ନାହିଁ। ଏପରି ସ୍ଥଳରେ ଆମେ ବ୍ୟବହାର କରୁଥିବା ଅନେକ ନିତ୍ୟ ବ୍ୟବହାର୍ଯ୍ୟ ଏପରି ଉପକରଣ ଚାଇନା, ତାଇୱାନ୍, ଦକ୍ଷିଣ କୋରିଆ, ଆମେରିକା ଓ ଅନ୍ୟାନ୍ୟ ପାଶ୍ଚାତ୍ୟ ରାଷ୍ଟ୍ରରୁ ଆମଦାନି ହେଉଛି। ଯେପରି କି ସ୍ମାର୍ଟଫୋନ୍, ଲାପ୍‌ଟପ୍, କମ୍ପ୍ୟୁଟର, ପେଜର, ଇଅର ଫୋନ୍, ଇଲେକ୍ଟ୍ରୋନିକ୍ ଗାଡ଼ି ବ୍ୟାଟେରି ଇତ୍ୟାଦି। ଏବେ ସମୟ ଆସିଛି, ଏହି ସବୁ ଉପକରଣ ଆମଦାନି କରିବା ପୂର୍ବରୁ ସେଗୁଡ଼ିକର ନିରାପତ୍ତା ଓ ଗୁଣବତ୍ତାର ଠିକ୍ ଆକଳନ କରାଯାଉ ଓ ଏହା ସହ ସ୍ୱଦେଶରେ ଏହି ବୈଷୟିକ ଜ୍ଞାନକୁ ଅଧିକ ଶାଣିତକରି ନିଜ ଦେଶରେ ଏପରି ଉପକରଣଗୁଡ଼ିକର ନିର୍ମାଣକୁ ଗୁରୁତ୍ୱ ଦିଆଯାଉ। ଆମ ଦେଶର ନାଗରିକମାନେ ବି ଏଥି ପ୍ରତି ସଚେତନହେବା ସହ ସ୍ୱଦେଶୀ ଉତ୍ପାଦକୁ ଅଗ୍ରାଧିକାର ଭିତ୍ତିରେ ଆପଣେଇବା ଶ୍ରେୟସ୍କର ହେବ।

**ସାଇଲୋ ବଡ଼ବିଲ, କଟକ**
**ମୋ: ୮୦୧୮୮୩୪୭୩୪**

## ଏଇ ଭାରତରେ

ଅଣୁ ବିଜ୍ଞାନୀ ଡ. କଳ୍ପନା ଶଙ୍କର ଏବେ ଜଣେ ସମାଜସେବୀ ଭାବରେ ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ଚେଷ୍ଟା କରିବା ସହ ଅନେକ ହଜାର ମହିଳାଙ୍କୁ ସଶକ୍ତ କରିପାରିଛନ୍ତି। ତାମିଲନାଡୁର କାଞ୍ଚିପୁରମରେ 'ହ୍ୟାଣ୍ଡ ଇନ୍ ହ୍ୟାଣ୍ଡ' ଏନ୍‌ଜିଓ ପ୍ରତିଷ୍ଠା କରି ତା' ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ସେ କାଞ୍ଚିପୁରମର ବୁଣାକାର ପରିବାରରେ କାମ କରୁଥିବା ଶିଶୁଶ୍ରମିକଙ୍କୁ ପ୍ରଥମେ ଉଦ୍ଧାର କରି ସେମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିଥିଲେ। ପରେ ଏହି ଅଭିଯାନକୁ ସେ ସମଗ୍ର ତାମିଲନାଡୁରେ ଚଳାଇଛନ୍ତି। ତାଙ୍କୁ ଏହି କାର୍ଯ୍ୟରେ ସହଯୋଗ କରୁଛନ୍ତି ସୁଇଡେନର ବ୍ୟବସାୟୀ ଡ.ପର୍ସି ବାର୍ନେଭିକ। ପିଲାଙ୍କ ଶିକ୍ଷା ପାଇଁ ତାମିଲନାଡୁର ବିଭିନ୍ନ ଅଞ୍ଚଳରେ ୮ଟି ଆବାସିକ ବିଦ୍ୟାଳୟ ଖୋଲାଯାଇଛି। ଏହିସବୁ ସ୍କୁଲରୁ ଏଯାବତ ୪୦,୦୦୦ ପିଲା ଉପକୃତ ହୋଇସାରିଲେଣି। ନିୟମିତ ପାଠ୍ୟକ୍ରମ ସହ ପିଲାମାନଙ୍କୁ କୌଶଳ ଦକ୍ଷତା , ହସ୍ତକଳା, ପରିବେଶ ସୁରକ୍ଷା, ବର୍ଜ୍ୟ ପରିଚାଳନା ସମ୍ପର୍କରେ ଶିକ୍ଷା ଦିଆଯାଉଛି। କେବଳ ଏତିକି ନୁହେଁ ଡ. କଳ୍ପନା ରାଜ୍ୟର ବିଭିନ୍ନ ଅଞ୍ଚଳରେ ପରିବାରକୈନ୍ଦ୍ରିକ ଉଦ୍ୟୋଗକୁ ପ୍ରୋତ୍ସାହିତ କରି ଏବେ ସୁଦ୍ଧା ୧.୫ ମିଲିୟନ ମହିଳାଙ୍କୁ ରୋଜଗାର ଯୋଗାଇ ସାରିଲେଣି। ବିଶେଷକରି ସେ ଟେଲର ଦୋକାନ, ମୋବାଇଲ ମରାମତି ଦୋକାନ, ଫୁଡ୍ ବିଜନେସ ଆଦିରେ ପରିବାରକୁ ସହଯୋଗ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୨୬ ସେପ୍ଟେମ୍ବର ୧୯୭୫**

- ମଥୁରା ତୈଳ ବିଶୋଧନାଗାରକୁ ଯନ୍ତ୍ରପାତି ଯୋଗାଇବା ନିମନ୍ତେ ଭାରତ ସୋଭିଏତ ରୁଷିଆ ସହ ଏକ ଚୁକ୍ତି ସ୍ୱାକ୍ଷର କରିଛି।
- ପାଉଣ୍ଡ୍ ଷ୍ଟରଲିଂର ବିନିମୟ ହାର କ୍ରମାଗତ ହ୍ରାସ ପାଇବାରୁ ପାଉଣ୍ଡ ଷ୍ଟରଲିଂ ସହିତ ଭାରତୀୟ ଟଙ୍କାର ସଂଯୋଗକୁ ବିଚ୍ଛିନ୍ନ କରାଯାଇଥିବା ନେଇ କେନ୍ଦ୍ର ସରକାରଙ୍କ ଘୋଷଣା।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 3 | 1 | | | |
| | 9 | | | | | 2 | 6 | |
| 7 | 6 | 5 | | | | | | |
| | | | | 8 | | 5 | 3 | |
| | | | | | 2 | | | 7 |
| 4 | 8 | | 9 | | | 1 | | |
| | 1 | | 7 | | 5 | | | |
| | | | | | | | 1 | |
| | 2 | | | | | 4 | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 8 | 2 | 9 | 1 | 7 | 6 | 5 |
| 2 | 7 | 5 | 8 | 6 | 4 | 1 | 3 | 9 |
| 1 | 6 | 9 | 3 | 5 | 7 | 4 | 8 | 2 |
| 8 | 4 | 7 | 1 | 3 | 2 | 5 | 9 | 6 |
| 9 | 1 | 3 | 5 | 7 | 6 | 2 | 4 | 8 |
| 5 | 2 | 6 | 4 | 8 | 9 | 3 | 1 | 7 |
| 6 | 8 | 4 | 7 | 1 | 5 | 9 | 2 | 3 |
| 3 | 5 | 1 | 9 | 2 | 8 | 6 | 7 | 4 |
| 7 | 9 | 2 | 6 | 4 | 3 | 8 | 5 | 1 |

ଗତକାଲିର ଉତ୍ତର

# ଦେବଭୂମିରେ ଦୁର୍ବିପାକ



ଡ. ବିଜୟ କେତନ ପଟ୍ଟନାୟକ

ଦେବଭୂମି କେରଳ ରାଜ୍ୟର ଉତ୍ତର ପୂର୍ବରେ ରହିଛି ରହସ୍ୟମୟ ବିସ୍ମୟୋତ୍ପାଦକ ସହର ୱାୟନାଡ୍। ଏହି ସବୁଜିମାମୟ ସହରରେ ନିକଟରେ ପ୍ରକୃତିର କୋପ ରଚିଛି ମୃତ୍ୟୁର ତାଣ୍ଡବ। ବାଦଲଫଟା ବର୍ଷା ଓ ଭୂସ୍ଖଳନ ହେତୁ ଚାହୁଁ ଚାହୁଁ ଲିଭିଯାଇଛି ୩୦୦ରୁ ଊର୍ଦ୍ଧ୍ୱ ଜୀବନପ୍ରଦୀପ। ଏହି ଦୁର୍ବିପାକ ଦୈବୀଦୁର୍ବିପାକ ନୁହେଁ, ମନୁଷ୍ୟକୃତ ଦୁର୍ବିପାକ। ପ୍ରତ୍ୟେକ ପ୍ରାକୃତିକ ପରିବେଶ ଓ ପରିସଂସ୍ଥାର ଏକ ଧାରଣ କ୍ଷମତା ରହିଛି। ଜନସଂଖ୍ୟା, ବାସଗୃହ ଆଦି ପୋଷଣୀୟ ଭାବେ ଧାରଣ କରିବାର କ୍ଷମତା ସୀମିତ। ଭଙ୍ଗୁର ପରିସଂସ୍ଥା ପାଇଁ ଏହା ବିଶେଷ ଭାବେ ପ୍ରଯୁଜ୍ୟ। ଏହି କ୍ଷମତାର ସୀମାତିକ୍ରମଣ ହେଲେ, ପରିବେଶ ଓ ପରିସଂସ୍ଥା ନିଜର ଗୁଣବତ୍ତା ହରେଇ ବସେ। ଭୂତାତ୍ତ୍ୱିକ ଓ ପାରିବେଶିକ ଅବକ୍ଷୟ ଘଟେ। ସ୍ଥିତି ଦୁର୍ବଳ ଓ ବିପଜ୍ଜନକ ହୋଇଯାଏ। ଅନୁରୂପ ଘଟଣା ଘଟିଛି ୱାୟନାଡ୍‌ରେ। ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ୨୦୨୧ ସର୍ଭେ ରିପୋର୍ଟ ମୁତାବକ କେରଳ ରାଜ୍ୟର ୪୩ ପ୍ରତିଶତ ସ୍ଥାନରେ ଭୂସ୍ଖଳନ ହେବାର ଆଶଙ୍କା ରହିଛି। ୱାୟନାଡ୍‌ର ୫୧ ପ୍ରତିଶତ ପାହାଡ଼ିଆ ଅଞ୍ଚଳ। ବର୍ଷାଋତୁରେ ଏଠାରେ ମାତ୍ରାଧିକ ବର୍ଷା ହୋଇଥାଏ। ଫଳରେ ଏଠିକାର କାବିନୀ ନଦୀରେ ବନ୍ୟା ଆସିବା ସହିତ ଭୂସ୍ଖଳନର ଆଶଙ୍କା ମଧ୍ୟ ଅଧିକ। ଏମିତି ଏକ ଅସ୍ୱାଭାବିକ ସ୍ଥିତି ପୂର୍ବରୁ ୨୦୧୯ରେ ସୃଷ୍ଟି ହୋଇଥିଲା। ପ୍ରବଳ ବର୍ଷା ପରେ ପରେ ଏଠିକାର କେତୋଟି ଗ୍ରାମରେ ଭୂସ୍ଖଳନ ହୋଇ ପ୍ରାୟ ୧୭ଜଣ ବ୍ୟକ୍ତି ପ୍ରାଣ ହରାଇଥିଲେ। ଏକଥା ନିଶ୍ଚିତ ଭାବରେ କୁହାଯାଇପାରେ ୱାୟନାଡ୍ ପାର୍ବତ୍ୟାଞ୍ଚଳ ଭଙ୍ଗୁର ତଥା ଦୁର୍ବଳ ପରିସଂସ୍ଥା। ପ୍ରକୃତି ପର୍ଯ୍ୟଟନସ୍ଥଳୀ ରୂପେ ପ୍ରସିଦ୍ଧି ଲାଭ କରିଥିବା ଏହି ସବୁଜିମାଭରା ମାଳଭୂମି ଅଞ୍ଚଳକୁ ଅଧିକରୁ ଅଧିକ ପର୍ଯ୍ୟଟକ ଆସୁଛନ୍ତି। ବ୍ୟାପକ ଭାବେ ଜଙ୍ଗଲ କଟାଯାଇ ଅନେକ ହୋଟେଲ, ରିସର୍ଟ ଗଢ଼ି ଉଠୁଛି। ବସତି ପରେ ବସତି ମୁଣ୍ଡ ଟେକୁଛି। ଧୀରେ ଧୀରେ ଏଠିକାର ପରିସଂସ୍ଥା ସଂବେଦନଶୀଳ ହୋଇପଡୁଛି। କେରଳର ଜନୈକ ଫରେଷ୍ଟ ଅଫିସର ଶଶୀଧରନ କୁହନ୍ତି, ୧୯୯୨ରେ ସେ ଦକ୍ଷିଣ ୱାୟନାଡ୍ ବନଖଣ୍ଡ ଅଧିକାରୀ ଥିଲାବେଳେ, ଏବେ ସମ୍ପୂର୍ଣ୍ଣ ଧ୍ୱସ୍ତବିଧ୍ୱସ୍ତ ହୋଇପଡ଼ିଥିବା ମୁଣ୍ଡାକାଇ ଗ୍ରାମରେ ଅନଧିକୃତ ଭାବରେ ବସବାସ କରୁଥିବା ଅଧିବାସୀମାନଙ୍କର ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିଲେ ଏବଂ ଏହି ପ୍ରଚେଷ୍ଟାରେ ପ୍ରାୟ ୩୭ ଏକର ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିବାକୁ ସକ୍ଷମ ହୋଇଥିଲେ। ଏହାପରେ ଆରମ୍ଭ ହୋଇଗଲା ରାଜନୈତିକ ବିରୋଧ ଓ ପ୍ରତିବାଦ। ସ୍ଥାନୀୟ ନେତାମାନେ ଉଚ୍ଛେଦ ହେଉଥିବା ଅଧିବାସୀମାନଙ୍କୁ ବନ ବିଭାଗ କର୍ମଚାରୀଙ୍କୁ ଆକ୍ରମଣ କରିବାକୁ ଉସୁକାଇଲେ। ଗ୍ରାମବାସୀମାନେ ୬ଟି ବିଭାଗୀୟ ଜିପ୍ ଓ ଗୋଟିଏ ମୋଟର ସାଇକେଲ ପୋଡ଼ିଦେଲେ। ଟେକା ପଥର ମାଡ଼ରେ ଅନେକ ଷ୍ଟାଫ୍ ମଧ୍ୟ ଆହତ ହେଲେ। ଉଚ୍ଛେଦ ପ୍ରକ୍ରିୟା ସେହିଠାରେ ବନ୍ଦ ରହିଲା। ଏହାପରେ ସମୟକ୍ରମେ ମୁଣ୍ଡାକାଇ ଅଞ୍ଚଳରେ ବ୍ୟାପକ ଭାବେ ଅନଧିକୃତ ଜବରଦଖଲ ହେଲା। ପର୍ଯ୍ୟଟକମାନଙ୍କ ପାଇଁ ୪୫ ଡିଗ୍ରୀରୁ ଅଧିକ ଗଡ଼ାଣିଆ ସ୍ଥାନରେ ମଧ୍ୟ ହୋଟେଲ ଓ ପର୍ଯ୍ୟଟନ କୁଟୀର ଗଢ଼ାଗଲା। ତିରିଶବର୍ଷ ପରେ ଘଟିଗଲା ଆଜିର ଏହି ବିଷମୟ ସ୍ଥିତି।



ମାଲୟାଲମ ଲେଖିକା ସିଲା ଟୋନିଙ୍କର ପିଲାଦିନ ୱାୟନାଡ୍‌ର ନୀରବ ପ୍ରକୃତି, ପ୍ରାକୃତିକ ପରିବେଶ ଓ ଜଙ୍ଗଲ କୋଳରେ କଟିଛି। ଘଞ୍ଚ ଜଙ୍ଗଲ ଓ ଅଧିକାଂଶ ଦେଶୀୟ ବୃକ୍ଷଲତା ଥିବା କାରଣରୁ ଏହି ଅଞ୍ଚଳ ଜୈବବିବିଧତାରେ ପରିପୂର୍ଣ୍ଣ। ସେଠାକାର ଆଦିମ ଅଧିବାସୀମାନେ ପ୍ରାକୃତିକ ସମ୍ପଦ ଉପରେ ନିର୍ଭର କରି ଚଳନ୍ତି। ୨୦୧୯ରେ ସେଠାରେ ଘଟିଥିବା ଅନ୍ୟତମ ପ୍ରାକୃତିକ ବିପର୍ଯ୍ୟୟ ବନ୍ୟା, ଭୂସ୍ଖଳନ ଉପରେ ଲିଖିତ ତାଙ୍କର ଉପନ୍ୟାସ 'ଭ୍ୟାଲି'ରେ ଉଲ୍ଲେଖ କରିଛନ୍ତି କିପରି ଅନ୍ୟ ସ୍ଥାନରୁ ଆସି ଏଠାରେ ବସବାସ କରୁଥିବା ଲୋକ ଓ କର୍ପୋରେଟ୍ ସଂସ୍ଥାଗୁଡ଼ିକ ୱାୟନାଡ୍ ପାଇଁ ପ୍ରକୃତ ବିପଦ ପାଲଟିଛନ୍ତି। ସେଠିକାର ଘୁମନ୍ତ ପରିବେଶରୁ କୁହୁଡ଼ି ଉଭେଇ ଯାଇଛି। ବରଂ ମରୁଡ଼ି ଓ ବନ୍ୟା ବିପ୍ରୀତ ସହଚର ପାଲଟିଛି। ମନୁଷ୍ୟର ଲୋଭ ଓ ଅପରିଣାମଦର୍ଶିତା ହେତୁ ବିଗତ ପଚାଶ ବର୍ଷ ଭିତରେ ଅନେକଟା ବଦଳି ଯାଇଛି ଏକଦା ଶାନ୍ତ, ସ୍ନିଗ୍ଧ ଥିବା ୱାୟନାଡ୍‌ର ରୂପରେଖ।

କେବଳ ୱାୟନାଡ୍ କାହିଁକି, ସମଗ୍ର ପଶ୍ଚିମଘାଟ ପର୍ବତମାଳା ହିଁ ପରିବେଶ ସମ୍ବେଦନ ଅଞ୍ଚଳ। ଏଠାରେ ରହିଛି କ୍ରାନ୍ତୀୟ ଆର୍ଦ୍ର ଚିରହରିତ୍ ଅରଣ୍ୟ ଓ ଉଚ୍ଚ ଅଧିତ୍ୟକାର 'ସୋଲା' ଘାସ ପଡ଼ିଆ। ପଶ୍ଚିମଘାଟ ପୃଥିବୀର ଆଠଟି ମଧ୍ୟରୁ ଅନ୍ୟତମ ଜୈବବିବିଧତା ଉତ୍ତପ୍ତ ସ୍ଥଳ। ୨୦୧୧ରେ ପ୍ରମୁଖ ପରିବେଶବିତ୍ ମାଧବ ଗାଡ୍‌ଗିଲଙ୍କ ଅଧ୍ୟକ୍ଷତାରେ ଗଠିତ ପଶ୍ଚିମଘାଟ ପରିବେଶ ବିଶେଷଜ୍ଞ ମଣ୍ଡଳୀ ପ୍ରସ୍ତାବ ଦେଇଥିଲେ, ପଶ୍ଚିମଘାଟ ପାର୍ବତ୍ୟାଞ୍ଚଳର ୭୫ ପ୍ରତିଶତ ଅଞ୍ଚଳକୁ ସମ୍ବେଦନଶୀଳ ଅଞ୍ଚଳ ରୂପେ ଘୋଷଣା କରାଯାଉ। ତନ୍ମଧ୍ୟରୁ ଅତ୍ୟଧିକ ପରିବେଶ ସମ୍ବେଦନଶୀଳ ଅଞ୍ଚଳକୁ ନିର୍ଦ୍ଦିଷ୍ଟ ଭାବେ ଚିହ୍ନଟ କରାଯାଇ, ସେଠାରେ ମାନବକୃତ କାର୍ଯ୍ୟ ବନ୍ଦ କରିବା ପାଇଁ ପଦକ୍ଷେପ ନିଆଯାଉ। ପରବର୍ତ୍ତୀ ପର୍ଯ୍ୟାୟରେ ବୈଜ୍ଞାନିକ କସ୍ତୁରୀ ରଂଗନଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଉଭୟ ଗାଡ୍‌ଗିଲ କମିଟି ରିପୋର୍ଟ ଏବଂ ସେଠିକାର ଆଞ୍ଚଳିକ ବିକାଶ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ଉଦ୍ୟମ କରିଥିଲେ। କସ୍ତୁରୀ ରଂଗନଙ୍କ ରିପୋର୍ଟରେ ମାତ୍ର ୩୭ ପ୍ରତିଶତ ଅର୍ଥାତ୍ ୬୦,୦୦୦ ବର୍ଗ କିଲୋମିଟର ପଶ୍ଚିମଘାଟ ପର୍ବତାଞ୍ଚଳକୁ ପରିବେଶ ଦୃଷ୍ଟିକୋଣରୁ ସମ୍ବେଦନଶୀଳ ଦର୍ଶାଯାଇଥିଲା ଏବଂ ଅନ୍ୟ ୬୦ ପ୍ରତିଶତ ସ୍ଥାନରେ ସାଂସ୍କୃତିକ ଲ୍ୟାଣ୍ଡସ୍କେପ୍ ଯଥା ଜନଜାତି ସ୍ଥାପନ, ହୋଟେଲ ନିର୍ମାଣ, ବୃକ୍ଷରୋପଣ ଓ କୃଷି କାର୍ଯ୍ୟ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଅତ୍ୟଧିକ ସମ୍ବେଦନଶୀଳ ଭଙ୍ଗୁରପ୍ରବଣ ଅଞ୍ଚଳରେ ଖଣିଖାଦାନ, ପଥର ଓ ବାଲି ଉତ୍ତୋଳନ, ତାପଜ କେନ୍ଦ୍ର ସ୍ଥାପନ, ସହର ବଜାର, ଅଟ୍ଟାଳିକା ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ୍ଣରୂପେ ପ୍ରତିବନ୍ଧିତ କରାଯାଇଥିଲା।

କ୍ଷୋଭର ବିଷୟ ଗାଡ୍‌ଗିଲ କମିଟି ରିପୋର୍ଟ ଦେବାର ୧୩ ବର୍ଷ ବିତି ଯାଇଥିଲେ ମଧ୍ୟ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏ ପର୍ଯ୍ୟନ୍ତ କସ୍ତୁରୀ ରଙ୍ଗନ ରିପୋର୍ଟ ଆଧାରରେ ପ୍ରସ୍ତାବିତ ୫୬,୮୨୫ ବର୍ଗ କିଲୋମିଟର ପର୍ବତାଞ୍ଚଳକୁ ପାରିବେଶିକ ସମ୍ବେଦନଶୀଳ ଅଞ୍ଚଳଭାବେ ଘୋଷଣା କରାଯାଇ ପାରିନାହିଁ। ତନ୍ମଧ୍ୟରୁ କେରଳ ରାଜ୍ୟରେ ପଡୁଛି ୯୯୯୩ ବର୍ଗ କିଲୋମିଟର। ସେଥିରେ ୱାୟନାଡ୍ ଜିଲାର ୧୩ଟି ଗ୍ରାମ ଅନ୍ତର୍ଭୁକ୍ତ। ୱାୟନାଡ୍ ବ୍ୟତୀତ ତାମିଲନାଡୁ ନୀଳଗିରି ପର୍ବତାଞ୍ଚଳର 'ଉଟି' ଓ 'କୁନ୍ନୁର'ରେ ମଧ୍ୟ ପ୍ରାକୃତିକ ବିପର୍ଯ୍ୟୟ, ଭୂସ୍ଖଳନର ଆଶଙ୍କା କରାଯାଉଛି। ଦୁର୍ଘଟଣା ପରେ କେନ୍ଦ୍ର ସରକାର ପୁନର୍ବାର ଷଷ୍ଠଥର ପାଇଁ ଡ୍ରାଫ୍ଟନୋଟିଫିକେଶନ ଜାରି କରିଛନ୍ତି। ଆଶା କରାଯାଉଛି, ଏଥର ଏହି ବିଜ୍ଞପ୍ତି ବିଧିବଦ୍ଧ ସ୍ୱୀକୃତି ଲାଭ କରିବ। ଏହା ବ୍ୟତୀତ ପାଣିପାଗ ବିଭାଗ ଅଧୀନରେ ଭୂସ୍ଖଳନ ପୂର୍ବାନୁମାନ ନିମନ୍ତେ ଏକ ଉପବିଭାଗ ମଧ୍ୟ ରହିବାର ଆବଶ୍ୟକତା ରହିଛି ; ଯାହା ଭଙ୍ଗୁର ପରିବେଶରେ ଥିବା ମାଟିର ଗୁଣବତ୍ତା ସମୟ ସମୟରେ ଯାଞ୍ଚ କରି ଭୂସ୍ଖଳନର ସତର୍କ ସୂଚନା ଦେଇପାରିବ।

**ପୂର୍ବତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ, ଓଡ଼ିଶା, ଭୁବନେଶ୍ୱର**
**ମୋ: ୯୪୩୭୦୦୦୯୦୪**

## ପାଠକ ଶ୍ରେଷ୍ଠ ବିଚାରକ

### ପୂଜା ନାମରେ ଶୋଷଣ

ମହାଶୟ,

ଦେବଦେବୀଙ୍କୁ ପୂଜା ଉପାସନା କରିବା ହିନ୍ଦୁଧର୍ମର ଶ୍ରଦ୍ଧାଳୁମାନଙ୍କର ଏକ ଅଭ୍ୟାସ। ସେମାନେ ବିଭିନ୍ନ ପର୍ବପର୍ବାଣିରେ ଏବଂ ଅନ୍ୟ ସମୟରେ ବିଭିନ୍ନ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥାନ୍ତି। ସେମାନଙ୍କର ଭାବାବେଗକୁ ଦେଖି ପୂଜକ ଓ ସେବକମାନେ ସେମାନଙ୍କୁ ଶୋଷଣ କରିଥାନ୍ତି। ତେଣୁ ପ୍ରଶାସନକୁ ଅନୁରୋଧ ଏହି ଶୋଷଣରୁ ରକ୍ଷା ପାଇବାକୁ ଯାତ୍ରୀମାନଙ୍କ ପାଇଁ ମନ୍ଦିର ଦ୍ୱାରରେ ଏକ ତାଲିକା ଲଗାଯାଉ। କେଉଁ ପୂଜା ଲାଗି କେତେ ଅର୍ଥପୈଠ କରାଯିବ ସେହି ତାଲିକାରେ ଲିପିବଦ୍ଧ କରାଯାଉ। ଦେବୀ ମନ୍ଦିରରେ ଅନେକ ଶ୍ରଦ୍ଧାଳୁ ଶାଢ଼ି ଚଢ଼ାଇଥାନ୍ତି। ପୂଜକ ଏବଂ ସେବାୟତମାନେ ଶ୍ରଦ୍ଧାଳୁଙ୍କଠାରୁ ବହୁ ଅର୍ଥ ଆଦାୟ କରି ସେମାନଙ୍କର ଭାବାବେଗକୁ କୁଠାରାଘାତ କରିଥାନ୍ତି। ଫଳରେ ସେବାୟତ ଏବଂ ଭକ୍ତମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥାଏ। ତେଣୁ ପ୍ରଶାସନ ଏହା ଉପରେ ପଦକ୍ଷେପ ଗ୍ରହଣ କରୁ।

**–ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର**

## ଚିରନ୍ତନୀ

ନିଭିଛି ମୋ ତହୁଁ ସକଳ ରୂପର ମୋହ
ରହସ୍ୟରାଶି ହୋଇଛି ଯେ ହାସମୟ
ଅସମୟେ ଆଜି ଦେଇଛ ଯେବେ ଗୋ ଦେଖା
ନ କହ ସଜନୀ ! ମୋତେ ବଡ଼ ନିର୍ଦ୍ଦୟ।
–(ରୂପର ମୋହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସିଏଜି ରିପୋର୍ଟ**

# ୭୧୧ ଦୁର୍ନୀତି ମାମଲା ବିଚାରାଧୀନ

## ୨୬୮ ମାମଲା ୨୫ ବର୍ଷରୁ ଅଧିକ ପୁରୁଣା

ଯାଜପୁର,୨୫।୯ (ହର୍ଷବର୍ଦ୍ଧନ ବେହେରା)

ରାଜ୍ୟରେ ଆତ୍ମସାତ, କ୍ଷତି, ଅର୍ଥ ହଡ଼ପ, ଆର୍ଥିକ ଅନିୟମିତତା ଆଦି ଦୁର୍ନୀତି ମାମଲା ସୀମା ଲଂଘିଛି। ମାର୍ଚ୍ଚ ୨୦୨୩ ସୁଦ୍ଧା ରାଜ୍ୟରେ ୧୮.୪୫ କୋଟି ଟଙ୍କା ସହ ଜଡ଼ିତ ୭୧୧ ଉପରୋକ୍ତ ମାମଲା ବିଚାରାଧୀନ ରହିଛି। ଏଥିରେ ଜଳ ସମ୍ପଦ ବିଭାଗରେ ସର୍ବାଧିକ ୨.୬୩ କୋଟି ଟଙ୍କାର ୨୨୦ ମାମଲା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରେ ୩.୪୦ କୋଟି ଟଙ୍କାର ୨୩ ମାମଲା, ଶକ୍ତି ବିଭାଗରେ ୨.୪୩ କୋଟି ଟଙ୍କାର ୪ଟି ମାମଲା, ପୂର୍ତ୍ତ ବିଭାଗରେ ୧.୮୫ କୋଟି ଟଙ୍କାର ୮୧ ମାମଲା, ଜଙ୍ଗଲ ଓ ପରିବେଶ ବିଭାଗରେ ୨.୫୨ କୋଟି ଟଙ୍କାର ୪୫ ମାମଲା, କୃଷି ଓ କୃଷକ ସଶକ୍ତୀକରଣରେ ୧.୦୫ କୋଟି ଟଙ୍କାର ୬୪ ମାମଲା ରହିଛି। ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ(ସିଏଜି)ଙ୍କ ରିପୋର୍ଟ-୨୦୨୪ରେ ଏହା ଦର୍ଶାଯାଇଛି। ଅନ୍ୟପକ୍ଷେ ରାଜ୍ୟ ସରକାର ଦୁର୍ନୀତିରେ ଲିପ୍ତ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ ଏବଂ ଆପରାଧିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ସମ୍ପୃକ୍ତ ପ୍ରଶାସନିକ ବିଭାଗକୁ ନିର୍ଦ୍ଦେଶ ଦିଆଯିବ ବୋଲି ଦର୍ଶାଇ ନୀରବିଯାଇଥିବା ରିପୋର୍ଟରେ ଦର୍ଶାଯାଇଛି।

ସିଏଜି ରିପୋର୍ଟ ଅନୁଯାୟୀ ଓଡ଼ିଶା ଜେନେରାଲ ଫାଇନାନ୍ସିଆଲ ରୁଲ୍ସ (ଓଜିଏଫ୍ଆର୍) ଭାଗ-୧ ନିୟମ-୧୯ ଅନୁସାରେ ଯେଉଁଠାରେ ୫୦୦ ଟଙ୍କାରୁ ଊର୍ଦ୍ଧ୍ୱ ବିଭାଗୀୟ ରାଜସ୍ୱ, ଷ୍ଟୋର କିମ୍ବା ଅନ୍ୟାନ୍ୟ ସମ୍ପତ୍ତିର ନଷ୍ଟ ହୋଇଥାଏ ସେ ନେଇ ସରକାରୀ ଅଧିକାରୀମାନେ ତୁରନ୍ତ ଉଚ୍ଚ ପଦାଧିକାରୀଙ୍କୁ ଅବଗତ କରିବାକୁ କ୍ଷମତା ଦିଆଯାଇଛି। ଏ ସଂକ୍ରାନ୍ତରେ ଓଡ଼ିଶାର ମହାଲେଖାକାର(ଲେଖା ଏବଂ ହକଦାରୀ)ଙ୍କୁ ଅବଗତ କରାଯିବା ମଧ୍ୟ ଆବଶ୍ୟକ। କିନ୍ତୁ ଏହି ଧାରାର ଅନିୟମିତତା ହେଉଥିବାରୁ ୭୧୧ ମାମଲା ମଧ୍ୟରୁ ୧୪.୫୭ କୋଟି ଟଙ୍କାର ୬୬୩ ମାମଲା ୫ ବର୍ଷରୁ ଅଧିକ ପୁରୁଣା। ଏଥିରେ ୨୫ ବର୍ଷରୁ ଅଧିକ ୨୬୮ଟି, ୨୦ରୁ ୨୫ ବର୍ଷ ମଧ୍ୟରେ ୧୮୯ଟି, ୧୫ରୁ ୨୦ ବର୍ଷ ମଧ୍ୟରେ ୧୫୯ଟି, ୧୦ରୁ ୧୫ ବର୍ଷ ମଧ୍ୟରେ ୫୦ଟି, ୫ରୁ ୧୦ ମଧ୍ୟରେ ୭ଟି ଏବଂ ୫ ବର୍ଷ ପର୍ଯ୍ୟନ୍ତ ୩୮ଟି ମାମଲା ପଡ଼ିରହିଛି। ବିଚାରାଧୀନ ମାମଲାଗୁଡ଼ିକ ମଧ୍ୟରୁ ୪ କୋଟି ଟଙ୍କାର ୩୮୯ଟି ଚୋରି ଓ ୧୪.୪୫ କୋଟି ଟଙ୍କାର ୩୨୨ଟି ଦୋଷାରଫ ମାମଲା ପଡିଛି। ଯେଉଁ ପରିମାଣରେ ଦୁର୍ନୀତି ହେଉଛି ସେହି ତୁଳନାରେ ସମ୍ପୃକ୍ତ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନଗଣ୍ୟ ହେଉଥିବା ଉକ୍ତ ରିପୋର୍ଟରେ ଜଳଜଳ ହୋଇ ଦିଶୁଛି। ବିଶେଷକରି ପାକ୍ସଗୁଡ଼ିକରେ ଧାନକିଣା ଦୁର୍ନୀତି ଅଭିଯୋଗ ରେକର୍ଡ ସୃଷ୍ଟି କରିଥିଲେ ହେଁ ସମ୍ପୃକ୍ତ କର୍ମଚାରୀ କିମ୍ବା ଅଧିକାରୀମାନେ ପ୍ରଭାବଶାଳୀ ନେତାଙ୍କୁ ହାତକରି ସହଜରେ ଖସିଯାଇଛନ୍ତି। ଭାଗଚାଷୀଙ୍କ ନାମରେ ମିଥ୍ୟା କାଗଜପତ୍ର ପ୍ରସ୍ତୁତ କରି କେତେକ ପାକ୍ସରେ ବହୁ ଲକ୍ଷ ଟଙ୍କା ହଡପ ହୋଇଛି।

ଯାଜପୁର ଜିଲା ସମେତ ଭଦ୍ରକ, ଗଞ୍ଜାମ ଓ ନବରଙ୍ଗପୁର ଜିଲାର ୨୩ ଜଣ ଯୋଗାଣ ବିଭାଗ ଅଧିକାରୀ ୨ କୋଟି ୨୧ ଲକ୍ଷ ୪୬ ହଜାର ୯୪୮ ଟଙ୍କାର ସରକାରୀ ଚାଉଳ ହଡ଼ପ କରିଥିବା ଅକ୍ଟୋବର ୨୦୨୧ରେ ସ୍ୱତନ୍ତ୍ର ଅଡିଟ ରିପୋର୍ଟରେ ଧରାପଡିଥିଲା। ଏଥିରେ ଯୋଗାଣ ନିରୀକ୍ଷକ(ଆଇଏସ୍), ମାର୍କେଟିଂ ଇନ୍ସପେକ୍ଟର(ଏମ୍ଆଇ) ଓ ଜିଲା ଯୋଗାଣ ଅଧିକାରୀ(ସିଏସ୍ଓ)ଙ୍କ ସମ୍ପୃକ୍ତି ରହିଥିଲା। ଏଥିରେ କେବଳ ଗଞ୍ଜାମ ଜିଲାର ୧୯ ଜଣ ଅଧିକାରୀଙ୍କ ନାମ ରହିଥିଲା। ସେତେବେଳେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ(ଏମ୍ଡି) ନିର୍ଦ୍ଦେଶ ଜାରି କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ଏହି ଅଭିଯୋଗ ଦବିଯାଇଛି। ୨୦୧୧ରେ ମଧ୍ୟାହ୍ନଭୋଜନ(ଏମ୍ଡିଏମ୍) ଏବଂ ପୁଷ୍ଟିକର ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମରେ ବହୁଚର୍ଚ୍ଚିତ ଡାଲି ଦୁର୍ନୀତି ଘଟଣାରେ ସମ୍ପୃକ୍ତ ଅଧିକାରୀମାନଙ୍କୁ ସୁରକ୍ଷା ଦିଆଯାଇଛି। ସେତେବେଳେ ଚଢ଼ା ଦରରେ ଡାଲି ଯୋଗାଇଥିବା ଏକ ଘରୋଇ ସଂସ୍ଥାକୁ ଜିଲା ପ୍ରଶାସନ ଅନୁକମ୍ପା ପ୍ରଦର୍ଶନ କରିଥିଲା। ଡାଲି ଦୁର୍ନୀତି ମାମଲା ଉପରେ ଭିଜିଲାନ୍ସ ତଦନ୍ତ ଚାଲିଥିବାବେଳେ ବକେୟା ଅର୍ଥ ବାବଦକୁ ୮ କୋଟି ୨୫ ଲକ୍ଷ ୯୦ ହଜାର ୨୯ ଟଙ୍କା କାହା ସ୍ୱାର୍ଥ ପାଇଁ ପ୍ରଦାନ କରାଗଲା ତାହା ସେତେବେଳେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ଏଭଳି ଅନେକ ବିଭାଗରେ ଆତ୍ମସାତ ମାମଲା ୨୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିଚାରାଧୀନ ରହିବା ସ୍ୱଚ୍ଛ ଗଣତନ୍ତ୍ର ପାଇଁ ବିପଦ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଗୁଣି ସନ୍ଦେହ: ଗୋଟିଏ ପରିବାର ଗାଁରୁ ବିଦା

ମାଲକାନଗିରି,୨୫।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସର୍ଗିଗୁଡା ଗ୍ରାମରେ ଭକ୍ତରାମ ହନ୍ତାଳଙ୍କ ପରିବାରକୁ ଗୁଣି ସନ୍ଦେହରେ ଗ୍ରାମବାସୀ ବିଦା କରିଛନ୍ତି।

ଭକ୍ତରାମଙ୍କ ଜଣେ ପୁଅ ଦିବ୍ୟାଙ୍ଗ ହୋଇଥିବା ବେଳେ ଅନ୍ୟ ଜଣେ ପୁଅ ଓ ଝିଅ ଗ୍ରାମ ବିଦ୍ୟାଳୟରେ ପଢୁଥିଲେ। ଭକ୍ତରାମ ନିଜର ୭ ଏକର ଜମିରେ ଚାଷ କରିବା ସହ ଗାଈ, ଛେଳି ଆଦି ରଖି ପରିବାର ଚଳାଉଲେ। ଗ୍ରାମର ୨ଜଣ ବ୍ୟକ୍ତିଙ୍କର ବିଭିନ୍ନ ରୋଗରେ ଗତ କିଛି ମାସ ପୂର୍ବେ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଗ୍ରାମବାସୀ ଭକ୍ତରାମ ଗୁଣି ଗାରେଡିକରି ସେହି ଦୁଇ ବ୍ୟକ୍ତିଙ୍କୁ ମାରି ଦେଇଥିବା ସନ୍ଦେହକରି ତାଙ୍କୁ ଗାଳିଗୁଲଜ କରିଥିଲେ। ଏହା ସହ ମାଡମାରି ଗ୍ରାମରୁ ବିଦାକରି ଦେଇଥିଲେ। ଗ୍ରାମକୁ ଫେରିଲେ ତାଙ୍କୁ ଜୀବନରୁ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ। ଜୀବନ ବିକଳରେ ଭକ୍ତରାମ ପରିବାର ସହ ଅଳ୍ପକିଛି ଆବଶ୍ୟକ ସାମଗ୍ରୀ ନେଇ ଭିଟାମାଟି ଛାଡି ଚାଲି ଆସିଥିଲେ। ସେ ୬ମାସ ଧରି ଚିତ୍ରକୋଣ୍ଡା ବ୍ଲକ କୋଡିଗନ୍ଧି ଗ୍ରାମର ଜଣେ ସମ୍ପର୍କୀୟଙ୍କ ଘରେ ରହି ଆସୁଛନ୍ତି। ନ୍ୟାୟ ପାଇଁ ଏହି ପରିବାର ବର୍ତ୍ତମାନ ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର ନିକଟରେ ଅଭିଯୋଗ କରିଛନ୍ତି।

# ପୋଢ଼ହଳ ସଂରକ୍ଷିତ ଜଙ୍ଗଲରେ ବାଘ ଶିକାର

## ତଥ୍ୟ ଦେବାରେ ବନ ବିଭାଗ ଚୁପ୍

ବୌଦ୍ଧ,୨୫।୯ (ଅଜିତ କୁମାର ବାରିକ)



ବୌଦ୍ଧ ବନଖଣ୍ଡ ମାଧପୁର ରେଞ୍ଜର ପୋଢ଼ହଳ ସଂରକ୍ଷିତ ଜଙ୍ଗଲରେ ବୁଧବାର ଏକ ବାଘର ମୃତଦେହ ଠାବହୋଇଥିବା ଜଣାପଡ଼ିଛି। ମୃତ ବାଘ ଶରୀରର ପ୍ରାୟ ୯୦ ପ୍ରତିଶତ ନଷ୍ଟ ହୋଇଯାଇଛି। ବାଘଟି ଦୀର୍ଘ ୧୦ଦିନ ପୂର୍ବରୁ ମରିଥିବା ସନ୍ଦେହ କରାଯାଇଛି।

ମିଳିଥିବା ସୂଚନା ମୁତାବକ, ମାଧପୁର ରେଞ୍ଜର ପୋଢ଼ହଳ ସଂରକ୍ଷିତ ଜଙ୍ଗଲର କୁଟୁଡ଼ା -ଲେଙ୍ଗେରେପାଜୁ ରାସ୍ତାରେ ଦୁର୍ଗନ୍ଧ ହେବାରୁ କୌଣସି ବନ୍ୟଜନ୍ତୁ ମରିଥିବା ନେଇ ସ୍ଥାନୀୟ ଲୋକମାନେ ସନ୍ଦେହ କରିଥିଲେ। ଏନେଇ ବୁଧବାର ମାଧପୁର ରେଞ୍ଜ ପକ୍ଷରୁ ଉକ୍ତ ଅଞ୍ଚଳରେ ତଲାସୀ ଅଭିଯାନ ଆରମ୍ଭ ହୋଇଥିଲା। ଏହି ସମୟରେ ଏକ ବାଘର ମୃତଦେହ ଦେଖିବାକୁ ମିଳିଥିଲା। ସଙ୍ଗେ ସଙ୍ଗେ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। କୁଟୁଡ଼ା-ଲେଙ୍ଗେରେପାଜୁ ଗ୍ରାମକୁ ଯିବା ରାସ୍ତାଠାରୁ ମାତ୍ର ୩ ଶହ ମିଟର ଜଙ୍ଗଲ ଭିତରେ ନାଳକଡ଼ରେ ବାଘଟି ମରି ପଡ଼ିଥିବା ଠାବ କରାଯିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପ୍ରାଣୀ ଚିକିତ୍ସକଙ୍କ ସହାୟତା ନିଆଯାଇଥିଲା। ବାଘଟି ପାଣି ପିଇବାକୁ ଆସିଥିବା ସମୟରେ ଶିକାର କରାଯାଇଥିବା ସନ୍ଦେହ କରାଯାଉଛି। ଏହି ମାମଲାରେ ବନ ବିଭାଗ ଅଧିକାରୀମାନେ ପୂରାପୂରି ଚୁପ୍ ରହିଛନ୍ତି। ମୃତ ବାଘଟି କଲରାପତରିଆ ବୋଲି ଅନୁମାନ କରାଯାଉଛି। ଏନେଇ ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପଙ୍କୁ ଯୋଗାଯୋଗ ଲାଗି ଉଦ୍ୟମ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିବାରୁ ଅଧିକ ତଥ୍ୟ ହସ୍ତଗତ ହୋଇନାହିଁ। ମାଧପୁର ରେଞ୍ଜର ଆସିକ ଦିଗାଲ ଫୋନ ଉଠାଇଥିଲେ ମଧ୍ୟ କୌଣସି ସୂଚନା ଦେଇନାହାନ୍ତି। ବନ ବିଭାଗର ଆର୍ସିସିଏଫ୍, ସାଇଣ୍ଟିଫିକ ଟିମ୍, ବୌଦ୍ଧ ବନଖଣ୍ଡ ଅଧିକାରୀ, ସହକାରୀ ବନ ସଂରକ୍ଷକ ଓ ପ୍ରାଣୀ ଚିକିତ୍ସକ ଦଳ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଅନୁଧାନ କରିଥିବା ଜଣାଯାଇଛି।

# ଗାଡ଼ି ଧକ୍କାରେ ଭାଲୁ ମୃତ

ନାକଟୀଦେଉଳ, ୨୫।୯ (ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟୀଦେଉଳ ବନାଞ୍ଚଳ ବାଟଗାଁ ଫରେଷ୍ଟ ସେକ୍ସନର ବିନ୍ଧପୁର-ଅଙ୍ଗାବିରା ରାସ୍ତାର ଗେଣ୍ଟଣିଠାରେ ବୁଧବାର ସକାଳେ ଏକ ଭାଲୁର ମୃତଦେହ ଜବତ କରାଯାଇଛି। ମୃତ ଅଣ୍ଡିରା ଭାଲୁର ବୟସ ଆନୁମାନିକ ୮ ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ମଙ୍ଗଳବାର ରାତିରେ ଏହି ଭାଲୁ ରାସ୍ତା ପାର ହେଉଥିବା ବେଳେ ଗାଡ଼ି ଧକ୍କା



ମରି ପଡ଼ିଥିବା ଭାଲୁ।

ଦେବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ବୁଧବାର ସକାଳେ ଏହି ରାସ୍ତାରେ ଯାଉଥିବା ଲୋକେ ରାସ୍ତା ଉପରେ ରକ୍ତାକ୍ତ ଅବସ୍ଥାରେ ଭାଲୁ ମରି ପଡ଼ିଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବାଟଗାଁ ଫରେଷ୍ଟର ଦିଲୀପ କୁମାର ବେହେରା ସଦଳବଳ ବୁଧବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ଭାଲୁର ମୃତଦେହ ଜବତ କରିଥିଲେ। ବ୍ୟବଚ୍ଛେଦ ପରେ ଭାଲୁ ମୃତଦେହକୁ ନାକଟୀଦେଉଳ ପେଣ୍ଠବାହାଲ ନିକଟ ବନ ବିଭାଗ ନର୍ସରୀ ପରିସରରେ ପୋତି ଦିଆଯାଇଛି ବୋଲି ଫରେଷ୍ଟର ବେହେରା କହିଛନ୍ତି।

# ସରକାର-ନର୍ସିଂ ସଂଘ ଆଲୋଚନା ସଫଳ ହେଲାନି

## ମାନିଲେନି ଏସ୍ମା, ଆନ୍ଦୋଳନରେ ନର୍ସିଂ କର୍ମଚାରୀ

- ୨୭ରୁ ଜରୁରିକାଳୀନ ସେବା ବନ୍ଦ
- ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସହ ଆଲୋଚନା ଦାବି କଲା ସଂଘ

ଭୁବନେଶ୍ୱର, ୨୫।୯ (ବନ୍ଦନା ସେଠୀ)

ଏସ୍ମା ଲାଗୁ ସତ୍ତ୍ୱେ ସାରା ରାଜ୍ୟରେ ନର୍ସିଂ କର୍ମଚାରୀମାନେ ବୁଧବାରଠାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନଙ୍କ ଦାବିକୁ ନେଇ ରାଜ୍ୟ ସରକାରଙ୍କ ସହ ଓଡ଼ିଶା ନର୍ସିଂ କର୍ମଚାରୀ ସଂଘର ଆଲୋଚନା ହୋଇଥିଲେ ମଧ୍ୟ ତାହା ସଫଳ ହୋଇପାରି ନାହିଁ। ଫଳରେ ନର୍ସିଂ କର୍ମଚାରୀମାନେ ଆନ୍ଦୋଳନ ଜାରି ରଖିବେ ବୋଲି ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବ ନିଷ୍ପତ୍ତି ଅନୁଯାୟୀ, ଗୁରୁବାର ପର୍ଯ୍ୟନ୍ତ ନର୍ସିଂ କର୍ମଚାରୀମାନେ ଜରୁରିକାଳୀନ ସେବାରେ ନିୟୋଜିତ ରହି ଆନ୍ଦୋଳନ କରିବେ। ଗୁରୁବାର ସୁଦ୍ଧା ସରକାର ସଂଘର ଦାବି ପୂରଣ ନେଇ ବିଧିବଦ୍ଧ ଘୋଷଣା ନ କଲେ ୨୭ ତାରିଖ ଶୁକ୍ରବାରଠାରୁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ। ଏ ସମ୍ପର୍କରେ ସୂଚନା ଦେଇ ସଂଘ ସଭାନେତ୍ରୀ ସୁସ୍ମିତା ଦାଶ କହିଛନ୍ତି, ବୁଧବାର ଲୋକସେବା ଭବନସ୍ଥିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ସଚିବ ଏସ୍. ଅଶ୍ୱଥି, ନର୍ସିଂ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ସମେତ ସଂଘର ପ୍ରତିନିଧିଙ୍କର ଆଲୋଚନା ହୋଇଥିଲା। ଆଲୋଚନାରେ ସଂଘର ଦାବି ପୂରଣ କରିବା ପାଇଁ ସ୍ୱାସ୍ଥ୍ୟ ସଚିବ ଆଉ କିଛି ସମୟ ମାଗିଥିଲେ। ତେବେ କେତେ ସମୟ ଲାଗିବ ସେ ନେଇ କୌଣସି ଉତ୍ତର ଦେଇ ନ ଥିଲେ। ସେହିପରି ପୂର୍ବରୁ ଅନେକ ଥର ପୂର୍ବତନ ସ୍ୱାସ୍ଥ୍ୟ ସଚିବଙ୍କ ସହ ସଂଘ ଆଲୋଚନା କରିଥିବାବେଳେ କୌଣସି ଫଳ ମିଳିନାହିଁ। ତେଣୁ ସଂଘ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରିବାକୁ ଚାହୁଁଛି, ମାତ୍ର ତାହା କରା ନ ଯାଇ ବିଭାଗୀୟ ପଦାଧିକାରୀ ଆଲୋଚନା କରିଥିଲେ। ଦାବି ପୂରଣ ନେଇ କୌଣସି ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ମିଳି ନ ଥିବାରୁ ଆନ୍ଦୋଳନ ଜାରି ରହିବ। ଏବେ ଜରୁରିକାଳୀନ ସେବା ଜାରି ରଖାଯାଇଥିବାରୁ ସଂଘର ମାତ୍ର ୧୦% ନର୍ସ ଆନ୍ଦୋଳନରେ ଯୋଗଦେଇଛନ୍ତି। ୨୭ ତାରିଖଠାରୁ ସମସ୍ତ ନର୍ସ ଆନ୍ଦୋଳନରେ ସାମିଲ ହେବେ ବୋଲି ସେ କହିଛନ୍ତି।

ଆନ୍ଦୋଳନକୁ ନେଇ ମଙ୍ଗଳବାର ରାଜ୍ୟ ସରକାର ସଂଘକୁ ଚେତାବନୀ ଦେଇଥିଲେ। ଅଗଷ୍ଟରୁ ଜରୁରୀକାଳୀନ ସେବା ପରିଚାଳନା ଆଇନ (ଏସ୍ମା) ଲାଗୁ ହୋଇଥିବାରୁ ଆନ୍ଦୋଳନକୁ ଓହ୍ଲାଇଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଥିଲା। ଏନେଇ ରାଜ୍ୟ ନର୍ସିଂ ନିର୍ଦ୍ଦେଶକ ଡା. ଆର୍ତ୍ତବନ୍ଧୁ ନାୟକ ସମସ୍ତ ସିଡିଏମ୍ଓ, ମେଡିକାଲ କଲେଜ ଅଧକ୍ଷ, ଆଚାର୍ଯ୍ୟ ହରିହର, କ୍ୟାପିଟାଲ ହସ୍ପିଟାଲ ଓ ଆରଜିଏଚ୍ ରାଉରକେଲା କର୍ତ୍ତୃପକ୍ଷଙ୍କୁ ପତ୍ର ଲେଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଲାଗି କହିଥିଲେ। ଅଗଷ୍ଟ ୭ରୁ ରାଜ୍ୟରେ କାର୍ଯ୍ୟରତ ନର୍ସ, ପାରାମେଡିକ୍ସ, ଟେକ୍ନିସିଆନଙ୍କ ସହ ଅନ୍ୟ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ ଏସ୍ମା ଲାଗୁ ହୋଇଛି। ଏହା ୬ମାସ ପାଇଁ ବଳବତ୍ତର ରହିବ। ତେଣୁ ଆନ୍ଦୋଳନକୁ ଓହ୍ଲାଉଥିବା କର୍ମଚାରୀଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସେ ସମ୍ପର୍କରେ ନିର୍ଦ୍ଦେଶାଳୟକୁ ସୂଚନା ପ୍ରଦାନ କରିବା ଲାଗି କୁହାଯାଇଛି।

# ମୟୂରଭଞ୍ଜରେ ବିର୍ସା ମୁଣ୍ଡା ଜୟନ୍ତୀ ପାଇଁ ନଭେମ୍ବର ୧୬ ଛୁଟି ଘୋଷଣା

କଟକ,୨୫।୯ (କାର୍ତ୍ତିକ ସାହୁ)

କଟକସ୍ଥିତ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ନଭେମ୍ବର ୧୬କୁ ବିର୍ସା ମୁଣ୍ଡା ଜୟନ୍ତୀ ଉପଲକ୍ଷେ ମୟୂରଭଞ୍ଜ ଜିଲା ପାଇଁ ଆଞ୍ଚଳିକ ସରକାରୀ ଛୁଟି ଘୋଷଣା କରିଛନ୍ତି। ପୂର୍ବରୁ ଏହି ଜିଲା ନିମନ୍ତେ ନଭେମ୍ବର ୧କୁ ଦୀପାବଳି/ କାଳୀପୂଜା ପରଦିନ ପାଇଁ ଆଞ୍ଚଳିକ ସରକାରୀ ଛୁଟି ଘୋଷଣା କରାଯାଇଥିଲା। ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିକାଶ, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିକାଶ ବିଭାଗ ଏବଂ ମୟୂରଭଞ୍ଜ ଜିଲାପାଳଙ୍କ ଦ୍ୱାରା ଏହି ଦିନକୁ ସରକାରୀ ଆଞ୍ଚଳିକ ଛୁଟି ଘୋଷଣା ନିମନ୍ତେ ପତ୍ର ମାଧ୍ୟମରେ ପ୍ରସ୍ତାବ ଦିଆଯାଇଥିଲା ବୋଲି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଦ୍ୱାରା ବୁଧବାର ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି।

# ଚଳଚ୍ଚିତ୍ର ସହନିର୍ଦ୍ଦେଶକ ସଂଗ୍ରାମ କେଶରୀ ନାୟକଙ୍କ ପରଲୋକ

ଭୁବନେଶ୍ୱର,୨୫।୯ (ଶର୍ମିଷ୍ଠା ପାଣିଗ୍ରାହୀ)



ନାଟ୍ୟ ନିର୍ଦ୍ଦେଶକ ତଥା ଚଳଚ୍ଚିତ୍ର ସହନିର୍ଦ୍ଦେଶକ ସଂଗ୍ରାମ କେଶରୀ ନାୟକଙ୍କ ବୁଧବାର ବଡ଼ଗଡ଼ସ୍ଥିତ ବାସଭବନରେ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଓଡ଼ିଆ ଚଳଚ୍ଚିତ୍ର ବତାସୀ ଝଡ଼, ପର ଝିଅ ଘର ଭାଙ୍ଗେନା ଓ ଜୟ ମା’ ମଙ୍ଗଳାରେ ସହଯୋଗୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ସେ ଜଣେ ଭଲ ଅଭିନେତା ସହ ନିର୍ଦ୍ଦେଶନା କ୍ଷେତ୍ରରେ ତାଙ୍କର ଦକ୍ଷତା ଥିଲା। ଏଥିସହ ସେ ସ୍ଥାନୀୟ ବହୁ ଅନୁଷ୍ଠାନ ଓ କମିଟିରେ ସଦସ୍ୟ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ମୀନାକ୍ଷୀ ମହାପାତ୍ର ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଦୁଇପୁଅ ବେଙ୍ଗାଲୁରୁରୁ ଆସିବା ପରେ ଅପରାହ୍ଣରେ ବଡ଼ଗଡ଼ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

# ଓଏଏସ୍ ଅଫିସର ସ୍ତରରେ ବଡ଼ଧରଣର ଅଦଳବଦଳ

## ଅନାମ ପାତ୍ର କଟକ ମହାନଗର କମିଶନର, ପ୍ରଦୀପ ରାଉତ ଓକାକ୍ ସିଇଓ

ଭୁବନେଶ୍ୱର,୨୫।୯(ଅନିଲ ଦାସ)

ରାଜ୍ୟ ସରକାର ଓଏଏସ୍ ଅଫିସର ସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି। ଏ ନେଇ ବୁଧବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

ପ୍ରକାଶିତବିଜ୍ଞପ୍ତିଅନୁଯାୟୀ କଟକ ମହାନଗର ନିଗମ(ସିଏମ୍ସି)ର ଅତିରିକ୍ତ କମିଶନର ଥିବା ଅନାମ ଚରଣ ପାତ୍ରଙ୍କୁ କମିଶନର ଭାବେ ନିଯୁକ୍ତି ଦିଆଯାଇଛି। କଟକ ମହାନଗର ନିଗମ କମିଶନର ବିଜୟ କୁମାର ଦାଶଙ୍କୁ ଗଜପତି ଜିଲାପାଳ ଭାବେ ବଦଳି ପରଠୁ ଏହି ପଦବୀ ଖାଲି ପଡ଼ିଥିଲା। ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗର ସ୍ୱତନ୍ତ୍ର ସଚିବ ଥିବା ମଧୁମିତା ରଥ ନିଜ ଦାୟିତ୍ୱ ସହ ‘ଉତ୍କଳିକା’ ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇବେ।

ସେହିପରି ବରିଷ୍ଠ ଓଏଏସ୍ ଅଧିକାରୀ ପ୍ରଦୀପ କୁମାର ରାଉତଙ୍କୁ ଓକାକ୍ ମୁଖ୍ୟ ନିର୍ବାହୀ ଅଧିକାରୀ ଭାବେ ବଦଳି କରାଯାଇଥିବା ବେଳେ କଳ୍ପତରୁ ବେହେରାଙ୍କୁ କଟକ ମହାନଗର ନିଗମ ଅତିରିକ୍ତ କମିଶନର, ଗୌରହରି ବେହେରାଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। କେନ୍ଦୁଝରର ପୂର୍ବତନ ଅତିରିକ୍ତ ଏଡିଏମ୍ ଯଦୁମଣି ମହଲାଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତ କରାଯାଇଥିବା ବେଳେ କନ୍ଧମାଳ ଜିଲା ପରିଷଦର ସିଡିଓ-କମ୍-ଇଓ ଥିବା ରତ୍ନାକର ସାହୁଙ୍କୁ ବାଲେଶ୍ୱର ଜିଲାର ଅତିରିକ୍ତ ଜିଲାପାଳ, ଯାଜପୁର ଜିଲା କଳିଙ୍ଗନଗରର ଏଡିଏମ୍ ଥିବା ଲକ୍ଷ୍ମେଶ୍ୱର ଅମାତଙ୍କୁ ଭଦ୍ରକ ଏଡିଏମ୍, ବଣାଇ ତହସିଲଦାର ଅଶୋକ କୁମାର ଗଡ଼ତିଆଙ୍କୁ ଅତିରିକ୍ତ ଅବକାରୀ କମିଶନର, ମୟୂରଭଞ୍ଜ ଏଡିଏମ୍ ଉଦୟ କୁମାର ମହାପାତ୍ରଙ୍କୁ ଅନୁଗୋଳ ଏଡିଏମ୍ ଭାବେ ବଦଳି କରାଯାଇଛି। ସେହିପରି କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଯୁଗ୍ମ ସଚିବ ଦରିଦ୍ରଭଞ୍ଜନ ଏମ୍.ଏମ୍ .ପାତ୍ରଙ୍କୁ ବାଲେଶ୍ୱର-ମୟୂରଭଞ୍ଜ ମେଜର ସେଟେଲମେଣ୍ଟର ସେଟେଲମେଣ୍ଟ ଅଫିସର ଭାବେ ବାରିପଦାକୁ ବଦଳି କରାଯାଇଛି। ଭୁବନେଶ୍ୱରସ୍ଥିତ ସିଡିଆଇ ଅଫିସରେ ଏସ୍ଆର୍ (ଜେନେରାଲ) ଦୀପ୍ତିରଞ୍ଜନ ବେହେରାଙ୍କୁ ପୂର୍ତ୍ତ ବିଭାଗ ଯୁଗ୍ମ ସଚିବ ଭାବେ ବଦଳି କରାଯାଇଛି।

ବାଲେଶ୍ୱର ଅତିରିକ୍ତ ଜିଲାପାଳ (ଏଡିଏମ୍) ନିରଞ୍ଜନ ବେହେରାଙ୍କୁ ଜଗତ୍‌ସିଂହପୁର ପାରାଦୀପର ଅତିରିକ୍ତ ଜିଲାପାଳ (ଏଡିଏମ୍) ଭାବେ ବଦଳି କରାଯାଇଥିବା ବେଳେ ପାରାଦୀପର ଅତିରିକ୍ତ ଜିଲାପାଳ ଥିବା ଲଳିତ ମୋହନ ବେହେରାଙ୍କୁ ଢେଙ୍କାନାଳ ଜିଲା ପରିଷଦର ସିଡିଓ, ଓସେପାର ଯୁଗ୍ମ ନିର୍ଦ୍ଦେଶକ ସରୋଜ କୁମାର ବେହେରାଙ୍କୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିକାଶ ବିଭାଗର ଯୁଗ୍ମ ସଚିବ ଭାବେ ବଦଳି କରାଯାଇଛି। ଅନୁଗୋଳ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ମହାପାତ୍ରଙ୍କୁ ଗୃହ ବିଭାଗର ଯୁଗ୍ମ ସଚିବ ଭାବେ ବଦଳି କରାଯାଇଥିବା ବେଳେ ରାଇରଙ୍ଗପୁରର ପୂର୍ବତନ ସବ୍-କଲେକ୍ଟର ସରୋଜ କୁମାର ଦାଶଙ୍କୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଯୁଗ୍ମ ସଚିବ, କେନ୍ଦୁଝର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀଙ୍କୁ କଟକ ସ୍ଥିତ ବୋର୍ଡ ଅଫ୍ ରେଭିନ୍ୟୁ ଯୁଗ୍ମ ସଚିବ, ବଣାଇର ପୂର୍ବତନ ଉପଜିଲାପାଳ ସୁରଞ୍ଜନ କୁମାର ସାହୁଙ୍କୁ ସୁନ୍ଦରଗଡ଼ ଜିଲା ପରିଷଦର ସିଡିଓ, ପୂର୍ବତନ ଶ୍ରମ ଓ ଇଏସ୍ଆଇ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଥିବା ଶମ୍ଭୁନାଥ ନନ୍ଦିଙ୍କୁ କନ୍ଧମାଳ ଜିଲା ପରିଷଦର ସିଡିଓ, ଉଚ୍ଚ ଶିକ୍ଷା ବିଭାଗ ଯୁଗ୍ମ ସଚିବ ମୌସୁମୀ ନାଏକଙ୍କୁ ଓଡ଼ିଶା ଯୋଗାଣ ନିଗମ ଜିଏମ୍( ପ୍ରୋକ୍ୟୁରମେଣ୍ଟ), କେନ୍ଦୁଝର ଜିଲା ଚମ୍ପୁଆର ପୂର୍ବତନ ଉପ ଜିଲାପାଳ ସୁକାନ୍ତ ମାଝୀଙ୍କୁ ରାୟଗଡ଼ାର ଅତିରିକ୍ତ ଜିଲାପାଳ, କେନ୍ଦୁଝରର ପୂର୍ବତନ ଅତିରିକ୍ତ ଜିଲାପାଳ (ଏଡିଏମ୍) ଲଳିତ ସୋରେଙ୍ଗଙ୍କୁ ଝାରସୁଗୁଡ଼ା ପିଡି (ଆର୍ ଆଣ୍ଡ ଆର୍) ଭାବେ ବଦଳି କରାଯାଇଛି।

ସେହିପରି ଢେଙ୍କାନାଳ ଉପଜିଲାପାଳ ସପନ କୁମାର ନନ୍ଦଙ୍କୁ ଯାଜପୁରର କଳିଙ୍ଗନଗର ଏଡିଏମ୍ ଭାବେ ବଦଳି କରାଯାଇଥିବା ବେଳେ ଓଡ଼ିଶା ଅର୍ବାନ ଇନ୍‌ଫ୍ରାଷ୍ଟ୍ରକ୍ଚର ଡେଭେଲପମେଣ୍ଟ ଫଣ୍ଡର ଏଓ ତଥା ଜାଗା ମିଶନ ଓଏସ୍‌ଡି ଥିବା ସଞ୍ଜୟ କୁମାର ରାଉତଙ୍କୁ ଓଡ଼ିଶା ଷ୍ଟେଟ୍ ବେଭେରେଜ୍ କର୍ପୋରେଶନ (ଓଏସ୍‌ବିସି)ର ମହାପ୍ରବନ୍ଧକ, ବାଲେଶ୍ୱରର ଅତିରିକ୍ତ ଉପଜିଲାପାଳ ଶୁଭଶ୍ରୀ ରଥଙ୍କୁ ନୀଳଗିରି ସବ୍-କଲେକ୍ଟର, ତାଳଚେରର ପୂର୍ବତନ ସବ୍-କଲେକ୍ଟର ମନୋଜ କୁମାର ତ୍ରିପାଠୀଙ୍କୁ ପାରଳାଖେମୁଣ୍ଡି ଆଇଟିଡିଏର ପିଏ,ବରଗଡ଼ ଜିଲା ପଦ୍ମପୁରର ପୂର୍ବତନ ସବ୍-କଲେକ୍ଟର ଆଲୋକ କୁମାର ପଟେଲଙ୍କୁ ବଲାଙ୍ଗୀର ସବ୍-କଲେକ୍ଟର ଓ ପାରଳାଖେମୁଣ୍ଡି ଆଇଟିଡିଏର ପିଏ ଭାବେ କାର୍ଯ୍ୟ କରୁଥିବା ଦିଲ୍ଲୀପ କୁମାର ବେହେରାଙ୍କୁ ଅନୁଗୋଳ ଜିଲା ଆଠମଲ୍ଲିକର ସବ୍-କଲେକ୍ଟର ଭାବେ ବଦଳି କରାଯାଇଛି।

ସେହିପରି କଟକ ଜିଲା ଆଠଗଡ଼ ପୂର୍ବତନ ସବ୍-କଲେକ୍ଟର ପ୍ରଶାନ୍ତ କୁମାର ତରାଇଙ୍କୁ ଜଗତ୍‌ସିଂହପୁର ସବ୍-କଲେକ୍ଟର ଭାବେ ବଦଳି କରାଯାଇଥିବା ବେଳେ ଜୟପୁରର ସବ୍-କଲେକ୍ଟର ପ୍ରଭାତ କୁମାର ପରିଡ଼ାଙ୍କୁ କଳାହାଣ୍ଡି ଜିଲା ଭବାନୀପାଟଣାର ସବ୍-କଲେକ୍ଟର, ସମ୍ବଲପୁର ମହାନଗର ନିଗମର ଡେପୁଟି କମିଶନର ପ୍ରସନ୍ନ କୁମାର ପଣ୍ଡାଙ୍କୁ ବରଗଡ଼ ସବ୍-କଲେକ୍ଟର, ଜଗତ୍‌ସିଂହପୁର ଅତିରିକ୍ତ ସବ୍-କଲେକ୍ଟର ବିଭୁଧ ଗଡ଼ନାଏକଙ୍କୁ ଢେଙ୍କାନାଳ ସବ୍-କଲେକ୍ଟର ଭାବେ ବଦଳି କରାଯାଇଥିବା ବେଳେ ବ୍ରହ୍ମପୁର ଅତିରିକ୍ତ ସବ୍-କଲେକ୍ଟର ଗୌରବମୟ ପ୍ରଧାନଙ୍କୁ ସମ୍ବଲପୁର ଜିଲା କୁଚିଣ୍ଡାର ସବ୍-କଲେକ୍ଟର ଏବଂ ବାରିପଦା ଆଇଟିଡିଏ ପିଏ ଥିବା ପ୍ରଣୟ ରଞ୍ଜନ ବେହେରାଙ୍କୁ କେନ୍ଦୁଝର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି କରାଯାଇଛି।



**ସ୍ମାର୍ଟସିଟି ଲିମିଟେଡର ଲୋକଦେଖାଣିଆ ଚିନ୍ତା**

# ସଜଡ଼ା ହେବାକୁ ଗଲା 'ମୋ ସାଇକେଲ'

ଭୁବନେଶ୍ୱର, ୨୫।୯ (ବନ୍ଦନା ସେଠୀ)

**୨ହଜାର ସାଇକେଲରୁ କେତେ ରହିଛି ଅଧିକାରୀ ଜାଣିନାହାନ୍ତି**



ରାଜଧାନୀ ଭୁବନେଶ୍ୱରର ସାଇକେଲ୍ ଟ୍ରାକ୍‌ରେ ପୁଣି ଗଡ଼ିବ 'ମୋ ସାଇକେଲ'। ବର୍ଷାଦିନ ପରେ ପୁଣିଥରେ ମୋ ସାଇକେଲକୁ ନେଇ ଆଗ୍ରହ ଦେଖାଇବେ ସହରବାସୀ। ଏହି ଆଶା ନେଇ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଉଥିବାବେଳେ ଏଥିରେ ବାଧକ ସାଜିଛି ଖରାପ ବା ଭଗ୍ନାବସ୍ଥାରେ ଥିବା ସାଇକେଲ। ତେଣୁ ଖରାପ ହୋଇ ପଡି ରହିଥିବା ମୋ ସାଇକେଲ୍‌ଗୁଡିକୁ ସଜାଡିବା ପାଇଁ ଅଣ୍ଟାଭିଡ଼ିଛନ୍ତି ସ୍ମାର୍ଟସିଟି କର୍ତ୍ତୃପକ୍ଷ। ଗତ ୨/୩ଦିନ ହେବ ସହରର ବିଭିନ୍ନ ସ୍ଥାନରେ ଖରାପ ହୋଇ ପଡିରହିଥିବା ମୋ ସାଇକେଲଗୁଡିକୁ ଉଠାଇ ନେଇ ଶହୀଦନଗରସ୍ଥିତ ଡିପୋରେ ରଖାଯାଉଛି। ସାଇକେଲ୍‌ଗୁଡିକୁ ସଜାଡିବା ପରେ ପୁଣିଥରେ ଉଠାଯାଇଥିବା ସ୍ଥାନରେ ରଖାଯିବ ବୋଲି ସୂଚନା ଦିଆଯାଇଛି। ତେବେ ଦୀର୍ଘଦିନ ଧରି ଅବ୍ୟହୃତ ହୋଇ ପଡିରହିଥିବାରୁ ଏବେ ସେହି ସାଇକେଲ୍‌ଗୁଡିକ ଗଡିବ କି ନାହିଁ ସେ ନେଇ ସନ୍ଦେହ ଦେଖାଦେଇଛି। ସେହିପରି ଯଦି ସାଇକେଲ ସଜଡ଼ା ହୋଇ ଆସିଲା, ତେବେ ଲୋକମାନେ ଏହାକୁ ବ୍ୟବହାର କରିବା ପାଇଁ କାହିଁକି ଏବଂ କେମିତି ଆଗ୍ରହ ଦେଖାଇବେ ସେ ନେଇ ସ୍ମାର୍ଟସିଟି ପକ୍ଷରୁ କୌଣସି ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇନାହିଁ। ତେଣୁ କେବଳ ଲୋକଦେଖାଣିଆ ଭାବେ ସ୍ମାର୍ଟସିଟି କର୍ତ୍ତୃପକ୍ଷ ସାଇକେଲ୍ ସଜାଡିବାକୁ ବାହାରିଥିବା ମତ ପ୍ରକାଶ ପାଇଛି। ଏପରିକି ମରାମତି ନାଁରେ ସେମିତି କିଛି ଅନିୟମିତତା ହେବନି ତ ବୋଲି ପ୍ରଶ୍ନ ଉଙ୍କି ମାରୁଛି। ପୁଣି ସାଇକେଲର ସ୍ଥିତି ଯାହା, ଆଉ କିଛି କବାଡ଼ିଆ ହାତକୁ ଚାଲିଯିବାର ଆଶଙ୍କା ରହିଛି। ଏପଟେ ସାଇକେଲ ଟ୍ରାକ୍‌ର ଅବସ୍ଥା ଦେଖିଲେ ସହରବାସୀ ମୋ ସାଇକେଲ କେଉଁଠି ଚଲାଇବେ ତାହା ବି ଆଉ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

୨ହଜାର ସାଇକେଲ୍‌ରୁ ଏବେ ସହରରେ କେତେ ସାଇକେଲ୍ ରହିଛି, ତାହାର ହିସାବ କାହା ପାଖରେ ନାହିଁ। କିଛିଦିନ ତଳେ କେତେକ ସାଇକେଲ ଚୋରି ହୋଇଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ସେସବୁ ଚୋରି ସାଇକେଲ୍‌ଗୁଡିକ ମିଳିଲା କି ନାହିଁ ତାହାର ତଥ୍ୟ ମଧ୍ୟ କର୍ତ୍ତୃପକ୍ଷଙ୍କ ପାଖରେ ନାହିଁ। ଏନେଇ ସ୍ମାର୍ଟସିଟି ଜିଏମ୍ ପୁରନ୍ଦର ନନ୍ଦ କହିଛନ୍ତି, ସାଇକେଲଗୁଡିକୁ ସଜଡ଼ାଯାଇ ପୁଣିଥରେ ବ୍ୟବହାର ଯୋଗ୍ୟ କରାଯିବ। ଏବେ ସୁଦ୍ଧା ବିଭିନ୍ନ ସ୍ଥାନରୁ ପ୍ରାୟ ୬ଶହ ସାଇକେଲ ସଂଗ୍ରହ କରାଯାଇ ଡିପୋରେ ସଜଡାଯାଉଛି। ସାଇକେଲ କିଣାଯାଇଥିବା କମ୍ପାନୀ ୟୋଲୋ, ୟୁନୋ ଏହାର ମରାମତି କରୁଛନ୍ତି। ବର୍ଷାପୂର୍ବରୁ ସବୁ ସାଇକେଲ୍‌ର ମରାମତି ସରିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ଷା ପରେ ଲୋକମାନେ ଏହାକୁ ବ୍ୟବହାର କରିବେ ବୋଲି ଆଶା କରାଯାଉଛି।

୨୦୧୮ ହକି ବିଶ୍ୱକପ୍ ସମୟରେ ହେକ୍ସି, ୟୋନୋ, ୟୁଲୁ କମ୍ପାନୀଠାରୁ ୨୫ହଜାର ଟଙ୍କା ଲେଖାଏ ଦେଇ ମୋଟ ୨ହଜାର ସାଇକେଲ୍ କିଣାଯାଇଥିଲା। ଏବାବଦରେ ୫ କୋଟି ଖର୍ଚ୍ଚ ହୋଇଥିଲା। ପୁଣି ବିପୁଳ ଟଙ୍କା ଖର୍ଚ୍ଚ କରାଯାଇ ସହରରେ ସାଇକେଲ ଟ୍ରାକ୍ ସହ ଏହାର ପ୍ରଚାର ବାହାନାରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ସାଇକେଲଗୁଡିକ ବ୍ୟବହାର ନ ହୋଇ ନଷ୍ଟ ହେବାରେ ଲାଗିଲା। ଏପରିକି କବାଡ଼ିଖାନାରେ ମୋ ସାଇକେଲ୍‌କୁ ସ୍କ୍ରାପ୍ ଆକାରରେ ବିକ୍ରି କରାଗଲା। ସେହିପରି ବହୁ ମୋ ସାଇକେଲ୍ ଚୋରି ହୋଇଗଲା। ଏହିକୁ ନେଇ ସ୍ମାର୍ଟସିଟିକୁ ବିଭିନ୍ନ ମହଲରୁ ନିନ୍ଦିତ ହେବାକୁ ପଡିଥିଲା।

## ସ୍ୱଚ୍ଛତା ଶପଥପାଠ କରାଇଲେ ରେଳମନ୍ତ୍ରୀ



ଭୁବନେଶ୍ୱର,୨୫।୯(ଅନୁରାଧା ମହାରଣା)

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି) ଦ୍ୱାରା ଆୟୋଜିତ ସ୍ୱଚ୍ଛତା ହିଁ ସେବା ଅଭିଯାନ ଅଧୀନରେ ଆୟୋଜିତ ଏକାଧିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ମନ୍ତ୍ରୀ ବୈଷ୍ଣବ ସ୍ୱଚ୍ଛତା ଏବଂ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିବାବେଳେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ରକ୍ଷା ନେଇ ଶପଥପାଠ କରାଇଛନ୍ତି। ସେ କର୍ମଚାରୀମାନଙ୍କୁ ଚାରା ବଣ୍ଟନ କରିବା ସହ ପରିବେଶ ପ୍ରତି ବ୍ୟକ୍ତିଗତ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସହ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଏଲ୍. ମୁରୁଗାନ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ସଞ୍ଜୟ ଜାଜୁ, ପ୍ରେସ କାଉନ୍‌ସିଲ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଅଧିକାରୀ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଅଧିକାରୀ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଗଣମାଧ୍ୟମ ମୁଖ୍ୟ ଏବଂ ବହୁ ସଂଖ୍ୟକ ଅଧିକାରୀ ଉପସ୍ଥିତ ଥିଲେ।

## ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୫।୯(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲ୍ଲା ପକ୍ଷରୁ ବିଭିନ୍ନ ଥାନା ଅଞ୍ଚଳରେ ସର୍ବସାଧାରଣ ସ୍ଥାନରେ ଖଟି ଓ ମଦ୍ୟପାନ ବିରୋଧରେ ଧରପଗଡ ଅଭିଯାନ ଜୋରଦାର ହୋଇଛି। ଏହି ଧରପଗଡ ଅଭିଯାନବେଳେ ୪୮ଜଣ ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଓଡିଶା ସହରାଞ୍ଚଳ ପୋଲିସ ଆଇନ ଅନୁଯାୟୀ ମୋଟ ୨୪ ହଜାର ଟଙ୍କା ଜରିମନା ଆଦାୟ କରାଯାଇଛି। ସେହିଭଳି ମୋଟର ଯାନ ଚେକିଂ ଅଭିଯାନରେ ଭୁଲ୍ ଦିଗରେ ଓ ମୋବାଇଲ ଫୋନ ବ୍ୟବହାର କରି ଗାଡି ଚାଳନା କରୁଥିବା ଦୁଇ/ଚାରି ଚକିଆ ଯାନ ଚାଳକଙ୍କ ବିରୋଧରେ ମଧ୍ୟ ପୋଲିସ ପଦକ୍ଷେପ ଗ୍ରହଣ କରିଛି। ଏ କ୍ଷେତ୍ରରେ ୬୯ଜଣ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେମାନଙ୍କଠାରୁ ୩୨ ହଜାର ଟଙ୍କା ଜରିମନା ଆଦାୟ କରାଯାଇଥିବାବେଳେ ୬ଟି ଦୁଇ ଚକିଆ ଯାନ ଜବତ କରିଯାଇଥିବା ସୂଚନା ମିଳିଛି।

# ଡାକ୍ତରଖାନାରେ ପରୀକ୍ଷାଗାର ବନ୍ଦ ପ୍ରତିବାଦରେ ଗଣଧାରଣା



ଭୁବନେଶ୍ୱର,୨୫।୯(ବନ୍ଦନା ସେଠୀ)

ଭିଏସ୍ଏସ୍ ନଗର ଡାକ୍ତରଖାନାରୁ ପରୀକ୍ଷାଗାର ବନ୍ଦ ନ କରିବା ଦାବିରେ ରାସ୍ତାକୁ ଓହ୍ଲାଇଛନ୍ତି ଭିଏସ୍ଏସ୍ ନଗରବାସୀ। ଡାକ୍ତରଖାନାରୁ କର୍ମଚାରୀ ଛଟେଇ ବନ୍ଦ ସହ ଏହାକୁ ପୂର୍ଣ୍ଣାଙ୍ଗ କରିବା ଦାବିରେ ବୁଧବାର ସ୍ଥାନୀୟ ଡାକ୍ତରଖାନା ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା।

ଭିଏସ୍ଏସ୍ ନଗରରେ ଥିବା ଭୁବନେଶ୍ୱରରର ପ୍ରଥମ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଆଉ କୌଣସି ସ୍ୱାସ୍ଥ୍ୟ ପରୀକ୍ଷା ହେବ ନାହିଁ କି ଏଠାରେ ପ୍ରାଯୁକ୍ତିକ (ଲାବରେଟୋରୀ ଟେକ୍ନିସିଆନ) ଓ ସହାୟିକା ରହିବେ ନାହିଁ। ୨୦୨୪-୨୫ ଆର୍ଥିକ ବର୍ଷ ବଜେଟରେ କମ୍ ଅର୍ଥ ଥିବାରୁ ସମସ୍ତ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରୁ ସରକାର ଲାବରେଟୋରୀ ଟେକ୍ନିସିଆନ ଓ ସହାୟିକାମାନଙ୍କୁ ବିଦା କରିବା ପାଇଁ ୧ମାସର ନୋଟିସ ଦିଆଯାଇଛି। ଏହି କ୍ରମରେ ସେପ୍ଟେମ୍ବର ୨୯ରୁ ଏମାନେ କେହି ଆସିବେ ନାହିଁ। ଏଥିସହ ପରୀକ୍ଷାଗାରରେ ଥିବା ଯନ୍ତ୍ରପାତିକୁ ଉଠାଇ ନିଆଯିବ। ଏହାଦ୍ୱାରା ଭିଏସ୍ଏସ୍ ନଗର ଏବଂ ଏହାର ଆଖପାଖରେ ରହୁଥିବା ଶତାଧିକ ଲୋକ ସମସ୍ୟାର ସମ୍ମୁଖୀନ ହେବେ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏଥିସହ ଡାକ୍ତରଖାନାକୁ ୟୁପିଏଚ୍‌ସି କରିବା ପାଇଁ ଦାବି ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୈନିକ ୨ଶହରୁ ଅଧିକ ରୋଗୀ ଆସୁଥିବାବେଳେ, ୩୦୦ ପ୍ରକାରର ପରୀକ୍ଷା କରାଯାଉଛି। ଉନ୍ନତ ଚିକିତ୍ସା ପାଇଁ ଡାକ୍ତରଖାନାରେ ଆଉଜଣେ ଡାକ୍ତରଙ୍କୁ ନିଯୁକ୍ତ କରିବା ସହ ଅଧିକ ସଂଖ୍ୟକ ଘର ଆବଶ୍ୟକ। ମାତ୍ର ଏହା ନ କରି ଏଠାରୁ ଲାବରେଟୋରୀ ଉଠିଯିବା ଦୁର୍ଭାଗ୍ୟଜନକ ବୋଲି ଭିଏସ୍ଏସ୍ ନଗର ଉନ୍ନୟନ ପରିଷଦର ପକ୍ଷରୁ ଅଭିଯୋଗ ହୋଇଛି। ଧାରଣାରେ ପରିଷଦର ଉପସଭାପତି ଡ. ଜୟନ୍ତ କୁମାର ପରିଡ଼ା, ସାଧାରଣ ସମ୍ପାଦକ ଦିଲ୍ଲୀପ ଦାସଶର୍ମା, ବରିଷ୍ଠ ନାଗରିକ କମିଟିର ସମ୍ପାଦକ ଭ୍ରମରବର ପ୍ରଧାନ, ଦୁର୍ଗାପୂଜା କମିଟିର ସାଧାରଣ ସମ୍ପାଦକ ପ୍ରତାପ କୁମାର ନନ୍ଦ, ଯୁବକ ସଙ୍ଘର ମଳୟ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ତ୍ରୀଙ୍କୁ ଆକ୍ରମଣ, ସ୍ୱାମୀ ଗିରଫ

ଭୁବନେଶ୍ୱର,୨୫।୯(ସୂର୍ଯ୍ୟକାନ୍ତ ବେହେରା)

ପାରିବାରିକ କଳହକୁ କେନ୍ଦ୍ର କରି ସ୍ତ୍ରୀଙ୍କୁ ପେଚ୍‌କଷ ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୁକ୍ତ ସ୍ୱାମୀଙ୍କୁ ନୟାପଲ୍ଲୀ ପୋଲିସ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଥାନା ଅଞ୍ଚଳରେ ରହୁଥିବା ଗଞ୍ଜାମର ଅର୍ଜୁନ ବେହେରା। ଏନେଇ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଅର୍ଜୁନଙ୍କ ସ୍ତ୍ରୀଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ।

## ରାଜ୍ୟସ୍ତରୀୟ ପାଲା ଦାସକାଠିଆ ଉତ୍ସବ ଆରମ୍ଭ

ଭୁବନେଶ୍ୱର,୨୫।୯(ଶର୍ମିଷ୍ଠା ପାଣିଗ୍ରାହୀ)

**ପ୍ରଥମ ଦିବସରେ ପରିବେଷଣ କଲେ ୫ଦଳ**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ବୁଧବାର ଭଞ୍ଜକଳା ମଣ୍ଡପରେ ରାଜ୍ୟସ୍ତରୀୟ ପାଲା ସମ୍ମାନ ଓ ପାଲା ଦାସକାଠିଆ ଉତ୍ସବ ଆରମ୍ଭ ହୋଇଛି। ୨ଦିନ ଧରି ହେବାକୁ ଥିବା ଏହି ଉତ୍ସବରେ ଦାସକାଠିଆ ଓ ପାଲା ପରିବେଷଣ ହେଉଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥି ଭାବେ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଓ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ଯୋଗଦେଇଥିଲେ। ଏକାଡେମୀ ସଚିବ ପ୍ରବୋଧ ରଥ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରଥମ ଦିବସରେ ରାଜ୍ୟର ୫ଟି ଜିଲାରୁ ଆସିଥିବା ଦଳ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଭଦ୍ରକର ରାଜକିଶୋର ନାୟକ ଓ ସାଥୀ, ପୁରୀର ଗୋପାଳ ଜେନା ଓ ସାଥୀ, କଟକର ବସନ୍ତମଞ୍ଜରୀ ପଣ୍ଡା ଓ ସାଥୀ, ଜଗତସିଂହପୁର ଜିଲାର ବନମାଳି ପତି ଓ ସାଥୀ ପାଲା ପରିବେଷଣ କରିଥିବା ବେଳେ ଗଞ୍ଜାମର ଦେବେନ୍ଦ୍ରନାଥ ଶର୍ମା ଓ ସାଥୀ ଦାସକାଠିଆ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ଉପସ୍ଥାପିକା ମଧୁମିତା ମହାନ୍ତି ପରିଚାଳନା କରିଥିଲେ।

# ପ୍ରେମିକ ଘର ବାରଣ୍ଡାରେ ପ୍ରେମିକାଙ୍କ ଧାରଣା

ବାଲକାଟୀ,୨୫।୯(ମନୋଜ ମଣ୍ଡଳ)

**ବାହା ହେବାକୁ ଅଡ଼ିବସିଛନ୍ତି**



ବାଲିଅନ୍ତା ଥାନା ଅଧୀନ ସରକଣା ଗ୍ରାମର ଜଣେ ଯୁବକଙ୍କୁ ବିବାହ କରିବା ଜିଦ୍‌ରେ ତାଙ୍କ ଘର ବାରଣ୍ଡାରେ ବୁଧବାର ଜଣେ ଯୁବତୀ ଧାରଣା ଦେଇଛନ୍ତି। ଯୁବତୀ ଜଣକ ସମ୍ପୃକ୍ତ ଯୁବକଙ୍କ ପ୍ରେମିକା ବୋଲି ଦାବି କରିଥିବାବେଳେ କିଛିଦିନ ତଳେ ଉଭୟଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ଅନୁଯାୟୀ, ବଡଗଡ଼ ଥାନା ବଙ୍କୁଆଳ ଅଞ୍ଚଳରେ ସମ୍ପୃକ୍ତା ଯୁବତୀଙ୍କ ଘର ହୋଇଥିବା ବେଳେ ସେ ସରକଣା ଗ୍ରାମର ଜଣେ ଯୁବକଙ୍କୁ ପ୍ରେମ କରୁଥିଲେ। ଅଢେଇ ବର୍ଷ ତଳେ ସୋସିଆଲ ମିଡ଼ିଆ ଜରିଆରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ହୋଇଥିଲା। ଯୁବତୀ ଜଣକ ବେଳେବେଳେ ସମ୍ପୃକ୍ତ ଯୁବକଙ୍କ ଘରକୁ ଆସି ପରିବାର ସହମତିରେ ରହନ୍ତି। ଉଭୟ ପରସ୍ପରକୁ ବିବାହ ପାଇଁ ମଧ୍ୟ ସ୍ଥିର କରିଥିଲେ। ମାତ୍ର କିଛି ଦିନର ସମ୍ପର୍କ ଓ ମିଳାମିଶା ପରେ ଯୁବତୀଙ୍କୁ ବିବାହ ପାଇଁ ଯୁବକ ଜଣକ ମନା କରିଦେଇଥିଲେ। ଫଳରେ ଉଭୟଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ଯୁବତୀ ଜଣକ ବରଗଡ଼ ଥାନାରେ ସମ୍ପୃକ୍ତ ଯୁବକଙ୍କ ନାମରେ ପ୍ରେମ ଓ ପ୍ରତାରଣା ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏପରିକି କିଛିଦିନ ପୂର୍ବରୁ ଉଭୟଙ୍କ ମଧ୍ୟରେ ସମ୍ପର୍କ ଥିବା ନେଇ କେତୋଟି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଉକ୍ତ ଘଟଣା ସ୍ଥାନୀୟ ଅଞ୍ଚଳବାସୀଙ୍କ ନଜରକୁ ଆସିବା ସହ ଆଲୋଚନାର ବିଷୟ ପାଲଟିଥିଲା। ମାମଲା ରୁଜୁ ସତ୍ତ୍ୱେ ପୋଲିସ ପାଖରୁ ନ୍ୟାୟ ନ ମିଳିବା ପ୍ରତିବାଦରେ ଏବଂ ପ୍ରେମିକଙ୍କୁ ବିବାହ କରିବା ଜିଦ୍‌ରେ ଯୁବତୀ ଜଣକ ବୁଧବାର ପୂର୍ବାହ୍ନରେ ସମ୍ପୃକ୍ତ ଯୁବକଙ୍କ ଘର ଆଗରେ ଧାରଣାରେ ବସିରହିଥିଲେ। ଏ ସମ୍ପର୍କରେ ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତାଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେ ନିଜ ଜିଦ୍‌ରେ ଅଡ଼ିବସିଥିଲେ।

# ମହିଳା କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ବାଲିପାଟଣା,୨୫।୯(ଅଭିମନ୍ୟୁ ନାୟକ):** ବାଲିପାଟଣା ବ୍ଲକର ଗ୍ରାମ ପଞ୍ଚାୟତସ୍ତରରେ କାର୍ଯ୍ୟରତ ମହିଳା କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ବୁଧବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ୨୦୦ରୁ ଉର୍ଦ୍ଧ୍ୱ ମହିଳା ବିଡିଓଙ୍କୁ ଏକ ଦାବି ପତ୍ର ଦେଇଛନ୍ତି। ବିଡିଓ ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶନୀ ଅଭିଯୋଗକୁ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତୃଣମୂଳସ୍ତରରେ ପ୍ରତ୍ୟେକ ଦିନ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ପାଇଁ କାର୍ଯ୍ୟ କରି ୬ ମାସ ହେଲା ସେମାନଙ୍କ ପ୍ରାପ୍ୟ ପାଉନାହାନ୍ତି। ଏହାର ପ୍ରତିବାଦରେ ବୁଧବାର ଏମ୍‌ବିକେ, ବ୍ୟାଙ୍କ ମିତ୍ର, ସିଆର୍‌ପି, କୃଷି ମିତ୍ର, ପ୍ରାଣୀ ମିତ୍ର ଏବଂ ଏଲ୍‌ଏସ୍‌ପି କର୍ମୀ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ୮ ବର୍ଷ ହେଲା ସରକାରଙ୍କ ପକ୍ଷରୁ ମହିଳା କ୍ୟାଡରଙ୍କୁ ପ୍ରାପ୍ୟ ମିଳୁଥିଲା। ନୂତନ ସରକାର ଆସିବା ପରେ ମହିଳାଙ୍କ ପ୍ରାପ୍ୟ ବନ୍ଦ ହୋଇଯାଇଛି। ଏନେଇ ବିଭାଗୀୟ ମନ୍ତ୍ରୀ, ଉପ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଋଣରେ ଦେଇଥିବା ସ୍କୁଟି କିସ୍ତି ଦେଇପାରୁ ନ ଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ବକେୟା ନ ପାଇବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ବ୍ଲକସ୍ତରୀୟ ଜିପିଏଲ୍ଏଫ୍ କର୍ମୀ ସଂଘ ସଭାପତି ବିଜୟଲକ୍ଷ୍ମୀ ବେହେରା ଓ ସମ୍ପାଦକ ଟିକିନା ଦାସ କହିଛନ୍ତି।

# ରମାଦେବୀ ବିଶ୍ୱବିଦ୍ୟାଳୟରେ ନାକ୍ ଟିମ୍

ଭୁବନେଶ୍ୱର,୨୫।୯(ଶର୍ମିଷ୍ଠା ପାଣିଗ୍ରାହୀ)

**ବିଭାଗ ବୁଲିଲେ, ତଥ୍ୟ ସମୀକ୍ଷା କଲେ**

ନ୍ୟାଶନାଲ ଆସେସମେଣ୍ଟ ଆଣ୍ଡ ଆକ୍ରିଡେଶନ କାଉନ୍‌ସିଲ(ନାକ୍)ର ଏକ ପ୍ରତିନିଧି ଦଳ ବୁଧବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଗସ୍ତରେ ଆସିଛନ୍ତି। ପ୍ରଫେସର ମୃଣାଳିନୀ ଫଡ୍‌ନବିସ୍‌ଙ୍କ ଅଧକ୍ଷତାରେ ଆସିଥିବା ପ୍ରତିନିଧି ଦଳରେ ପ୍ରଫେସର ବିବେକ କୁମାର, ପ୍ରଫେସର ନିରାକାର ଶ୍ରୀବାସ୍ତବ, ପ୍ରଫେସର ସୟଦ ଅବଦୁଲ୍ ହାଫିଜ ମଇଉଦ୍ଦିନ, ପ୍ରଫେସର ରେଖା ଅଗ୍ରୱାଲ ସଦସ୍ୟ ରହିଥିବା ବେଳେ ପ୍ରଫେସର ଏନ୍. ବାସୁକି ରାଜା ସଦସ୍ୟ ସଂଯୋଜକ ରହିଛନ୍ତି। ପୂର୍ବାହ୍ନରେ କ୍ୟାମ୍ପସରେ ପହଞ୍ଚିବା କ୍ଷଣି ନାକ୍ ଟିମ୍‌ର ସଦସ୍ୟମାନଙ୍କୁ ଶୋଭାଯାତ୍ରାରେ ପ୍ରଶାସନିକ ଭବନକୁ ପାଛୋଟି ନିଆଯାଇଥିଲା। ସେଠାରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀଙ୍କ ସହ ପ୍ରତିନିଧି ଦଳ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ତଥ୍ୟକୁ କୁଳପତି ଉପସ୍ଥାପନ ଦେଇଥିଲେ। ଏହାପରେ ୧ଘଣ୍ଟା ଧରି ଇଣ୍ଟରନାଲ କ୍ୱାଲିଟି ଆସ୍ୟୁରାନ୍ସ ସେଲ୍(ଆଇକ୍ୟୁଏସି) ନିର୍ଦ୍ଦେଶକ ଓ ସଦସ୍ୟଙ୍କ ସହ ଆଲୋଚନା କରି ଡକ୍ୟୁମେଣ୍ଟ ଯାଞ୍ଚ କରିଥିଲେ। ଏହାପରେ ସାଢ଼େ ୧୧ଟାରୁ ୧ଟା ଯାଏ ବିଭିନ୍ନ ବିଭାଗ ପକ୍ଷରୁ ପ୍ରସ୍ତୁତ ତଥ୍ୟକୁ ନାକ ପ୍ରତିନିଧି ଦଳ ଆଗରେ ଉପସ୍ଥାପନ କରାଯାଇଥିଲା।

ନାକ୍ ସଦସ୍ୟଙ୍କୁ ନେଇ ୨ଟି ଗ୍ରୁପ ହୋଇଥିଲା। ଏହି ୨ଟି ଗ୍ରୁପ ବିଭିନ୍ନ ବିଭାଗର ଉପସ୍ଥାପନକୁ ଦେଖିଥିଲେ। ବିଭାଗୀୟ ମୁଖ୍ୟଙ୍କ ସହ ବୈଠକ ବସିଥିଲା। ଲାଇଫ୍ ସାଇନ୍ସ, ବାୟୋଟେକ୍ନୋଲୋଜି, କମ୍ପ୍ୟୁଟର ସାଇନ୍ସ, ମନସ୍ତତ୍ତ୍ୱ, କେମେଷ୍ଟ୍ରି ଆଦି ବିଭିନ୍ନ ବିଭାଗ ପରିଦର୍ଶନ କରିଛନ୍ତି। ଏଥିସହ ନାକ୍ ପ୍ରତିନିଧି ଦଳ ସହ ବିଶ୍ୱବିଦ୍ୟାଳୟର ଅଧ୍ୟାପକଙ୍କ ସହ ଏକ ବୈଠକ ବସିଥିଲା। ଆଲୁମ୍ନିଙ୍କ ସହ ମଧ୍ୟ ବୈଠକ ବସିଛି। ଏଥିସହ ନାକ ପ୍ରତିନିଧି ଦଳ ଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ମା' ରମାଦେବୀ ଆର୍ଟ ଗ୍ୟାଲେରି ପରିଦର୍ଶନ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଗୁରୁବାର ପରୀକ୍ଷା ନିୟନ୍ତ୍ରଣ, ବିତ୍ତୀୟ ନିୟନ୍ତ୍ରକଙ୍କ ସହ ବୈଠକ ଅଛି। ଏଥିସହ ବିଭିନ୍ନ ଆକ୍ଟିଭିଟି ମଧ୍ୟ ତଦାରଖ କରିବେ। ବିଏଡ୍ ବିଭାଗ ବୁଲିବା ସହ ଏନ୍‌ସିସି ସୁବିଧା, ହଷ୍ଟେଲ ସ୍ଥିତି, ଆତ୍ମରକ୍ଷା କୌଶଳ ଓ ଯୋଗ ସୁବିଧା ଅଛି କି ନାହିଁ ତାହା ମଧ୍ୟ ପରଖିବେ।

# ଆତିଥେୟତା ସାଙ୍ଗକୁ ମାନବିକତା ପ୍ରଦର୍ଶନକୁ ପ୍ରଶଂସା

ଭୁବନେଶ୍ୱର,୨୫।୯(ଶର୍ମିଷ୍ଠା ପାଣିଗ୍ରାହୀ)

**ପର୍ଯ୍ୟଟନ ବିଭାଗ ସାଂସ୍କୃତିକ ପରିଷଦ ପକ୍ଷରୁ ରକ୍ତଦାନ ଶିବିର**

ଚଳିତବର୍ଷ ବିଶ୍ୱ ପର୍ଯ୍ୟଟନ ଦିବସର ବିଷୟବସ୍ତୁ ରହିଛି 'ପର୍ଯ୍ୟଟନ ଓ ଶାନ୍ତି'। ଏହାକୁ ଦୃଷ୍ଟିରେ ରଖି ପର୍ଯ୍ୟଟନ ବିଭାଗର ସାଂସ୍କୃତିକ ପରିଷଦ ପକ୍ଷରୁ ଭୁବନେଶ୍ୱରସ୍ଥିତ ପର୍ଯ୍ୟଟନ ଭବନଠାରେ ଏକ ରକ୍ତଦାନ ଶିବିର ବୁଧବାର ଆୟୋଜନ କରାଯାଇଥିଲା। ଶିବିରକୁ ଉଦ୍‌ଘାଟନ କରି ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଆତିଥେୟତା ଓ ମାନବିକତାର ପ୍ରଦର୍ଶନ, ପ୍ରସାର ଓ ଜନସଚେତନତା ନିମନ୍ତେ କର୍ମଚାରୀଙ୍କ ଏପରି ପ୍ରୟାସକୁ ପ୍ରଶଂସା କରିବା ସହ ଖୁସି ବ୍ୟକ୍ତ କରିଥିଲେ। ରକ୍ତଦାନ କରିଥିବା ସ୍ୱେଚ୍ଛାସେବୀ ଦେବ ଲୋହାର, ସବ୍ୟସାଚୀ ପଣ୍ଡା, ବିଭୂତି କୁମାର ନାୟକ, ସୋମେଶ କୁମାର ସାହୁଙ୍କୁ ମନ୍ତ୍ରୀ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶିବିରରେ ୭୫ ୟୁନିଟରୁ ଅଧିକ ରକ୍ତ ସଂଗ୍ରହ ହୋଇଥିଲା।

# ବମିଖାଲରେ ଜଗତଜିତ୍ ପ୍ୟାଲେସ୍

**୬୧ ବର୍ଷରେ ବମିଖାଲ ଦୁର୍ଗାପୂଜା ସମିତି**



ଭୁବନେଶ୍ୱର,୨୫।୯(ଶର୍ମିଷ୍ଠା ପାଣିଗ୍ରାହୀ)




ବମିଖାଲ ଦୁର୍ଗାପୂଜା ସମିତି ଚଳିତବର୍ଷ ୬୧ ବର୍ଷରେ ପହଞ୍ଚିଛି। ଏଠାରେ ଏଥର ପଞ୍ଜାବ କପୁରତାଲାସ୍ଥିତ ଜଗତଜିତ୍ ପ୍ୟାଲେସ୍ ସଦୃଶ ତୋରଣ ମୁଖ୍ୟ ଆକର୍ଷଣ ସାଜିବ। ତୋରଣର ଉଚ୍ଚତା ୮୦ ଫୁଟ, ଓସାର ୧୨୦ ଫୁଟ ଓ ମୂର୍ତ୍ତିର ଉଚ୍ଚତା ୧୫ ଫୁଟ ରଖାଯାଇଛି। ପୂଜା ବଜେଟ୍ ୫୦ଲକ୍ଷ ଟଙ୍କା ରହିଥିବାବେଳେ କୋଲକାତାର ୪୦ କାରିଗର ମାସେ ହେବ ତୋରଣ କାର୍ଯ୍ୟରେ ଲାଗିପଡ଼ିଛନ୍ତି। ସମସ୍ତ ରୀତିନୀତି ଅନୁସାରେ ମା'ଙ୍କର ପୂଜାର୍ଚ୍ଚନା କରାଯିବ। ପାର୍ଶ୍ୱ ଦେବଦେବୀ ଭାବେ ମା' ଲକ୍ଷ୍ମୀ, ସରସ୍ୱତୀ, ପ୍ରଭୁ ଗଣେଶ ଓ କାର୍ତ୍ତିକ ପୂଜା ପାଇବେ। ୪ଦିନଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିବ। ସପ୍ତମୀ ସନ୍ଧ୍ୟାରେ ଭଜନ ସମାରୋହ ଓ ଅନ୍ୟ ୩ଦିନ ମେଲୋଡ଼ି କାର୍ଯ୍ୟକ୍ରମ ହେବ। କଟକ ଓ ଭୁବନେଶ୍ୱରର କଳାକାରମାନେ ମେଲୋଡ଼ି ପ୍ରଦର୍ଶନ କରିବେ। ମଣ୍ଡପ ଭିତରକୁ ମଦ ଓ ପ୍ଲାଷ୍ଟିକ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଭିଡ଼ ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳାରେ ଦର୍ଶନକୁ ଗୁରୁତ୍ୱ ଦିଆଯିବ। ଭିଡ଼ ନିୟନ୍ତ୍ରଣ ପାଇଁ ୫୦ ସୁରକ୍ଷାକର୍ମୀ ଓ ଘରୋଇ ସ୍ୱେଚ୍ଛାସେବୀ ୪୦ଜଣ ନିୟୋଜିତ ହେବେ। ଏଥିସହ ୩୦ଟି ସିସିଟିଭି ମଧ୍ୟ ଲଗାଯିବ। ଓଡ଼ିଶାର ପାରମ୍ପରିକ ବାଦ୍ୟ ସହ ମା'ଙ୍କୁ ମେଲାଣି ଦିଆଯିବ ବୋଲି ବମିଖାଲ ଦୁର୍ଗାପୂଜା ସମିତିର ସହକୋଷାଧ୍ୟକ୍ଷ ବିଶ୍ୱନାଥ ଜେନା ଏ ନେଇ ସୂଚନା ପ୍ରଦାନ କରିଛନ୍ତି।

### ୧୦ କୁଇଣ୍ଟାଲ କାଚରେ ଝଲସିବ ମଣ୍ଡପର ଭିତର ପାର୍ଶ୍ୱ



ଦୁର୍ଗାପୂଜାରେ ବାହାର ସାଜସଜ୍ଜା ଯେମିତି ଆକର୍ଷଣୀୟ ହେବ, ଭିତରେ ମଧ ନିଆରା କିଛି ଦେଖିବାକୁ ପାଇବେ ଶ୍ରଦ୍ଧାଳୁ। ମଣ୍ଡପ ଭିତର ପାର୍ଶ୍ୱକୁ ସମ୍ପୂର୍ଣ୍ଣ କାଚରେ ସଜାଯିବ। ପାଖାପାଖି ୧୦ କୁଇଣ୍ଟାଲ କାଚ ବ୍ୟବହାର କରାଯିବ। ଏହା ଭକ୍ତଙ୍କୁ ଏକ ଅନନ୍ୟ ଅନୁଭବ ଦେବ। ସେହିପରି ଗେଟ୍‌ରେ ଜାତୀୟ ପକ୍ଷୀ ମୟୂର ସ୍ଥାନ ପାଇବ। ଏଥିସହ ପରିବେଶ ସୁରକ୍ଷା ନେଇ ସଚେତନ କରାଯିବ। 'ଜଙ୍ଗଲ ବଞ୍ଚିଲେ, ମଣିଷ ବଞ୍ଚିବ'ର ବାର୍ତ୍ତା ଦିଆଯିବ।

-ସୁକାନ୍ତ କୁମାର ପ୍ରଧାନ, ମୁଖ୍ୟ ଉପଦେଷ୍ଟା

### ଅଷ୍ଟମୀରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା



ଅଷ୍ଟମୀରେ ମହିଳା ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ମହିଳାମାନେ କିଭଳି ଶାନ୍ତି ଶୃଙ୍ଖଳାରେ ଦର୍ଶନ କରିବେ ସେନେଇ ସମସ୍ତ ଆୟୋଜନ କରାଯିବ। ୩ହଜାର ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯିବ। ସେଦିନ ଖେଚୁଡ଼ି ଭୋଗ ଦିଆଯିବ।

-ପ୍ରକାଶ ଚନ୍ଦ୍ର ଜେନା, ସଭାପତି

### ଆଲୋକ ସାଜସଜ୍ଜାରେ ଓଡ଼ିଆ କାରିଗର



ଏଥର ଓଡ଼ିଶାର କାରିଗରଙ୍କୁ ମଣ୍ଡପ କାର୍ଯ୍ୟରେ ନିୟୋଜିତ କରାଯାଇଛି। ବିଶେଷକରି ଆଲୋକ ସାଜସଜ୍ଜା କାର୍ଯ୍ୟରେ ସେମାନଙ୍କୁ ସୁଯୋଗ ଦିଆଯାଇଛି। ପ୍ରତ୍ୟେକ ବର୍ଷ ବାହାର କାରିଗର ଆସି କାମ କରୁଥିଲେ। କିନ୍ତୁ ଓଡ଼ିଶାର କାରିଗର ମଧ ସୁଯୋଗ ପାଇବା ଉଚିତ। ଆଲୋକସଜାରେ ସେମାନଙ୍କର ଦକ୍ଷତା ସହରବାସୀ ଦେଖିବେ।

-ଅଜୟ କୁମାର ପ୍ରଧାନ, ସମ୍ପାଦକ

# ଲୁଟୁଛନ୍ତି ମାଫିଆ, ରାଜସ୍ୱ ହରାଉଛି ଶ୍ରୀମନ୍ଦିର ପ୍ରଶାସନ

## ଉପଜିଲାପାଳଙ୍କୁ ଅଭିଯୋଗ ଜଣାଇଲେ ଗ୍ରାମବାସୀ

- ପ୍ରଶାସନ ଓ ପୋଲିସ ନୀରବ, ସ୍ଥାନୀୟ ଲୋକେ ଆତଙ୍କିତ
- ମହାପ୍ରଭୁଙ୍କ ଖଣିଜ ସମ୍ପଦର ସୁରକ୍ଷା, କାର୍ଯ୍ୟାନୁଷ୍ଠାନ ଦାବି

ଖୋର୍ଦ୍ଧା,୨୫ା୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ରହିଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଥର ଖଣି। ରୀତିମତ ଭାବେ ମହାପ୍ରଭୁଙ୍କ ପଥର ଖଣିରୁ ଚୋରାଚାଲାଣ ଚାଲିଛି। ନିକଟରେ ଶ୍ରୀମନ୍ଦିର ପ୍ରଶାସନ ୧୨ଟି ପଥର ଖଣି ଲିଜଧାରୀ ଅଧିକ ପଥର ଉତ୍ତୋଳନ ପାଇଁ ୨୧ କୋଟି ଟଙ୍କା ଜରିମାନା କରିଥିବା ବେଳେ ୫ଜଣ ଖଣି ମାଲିକଙ୍କ ବିରୋଧରେ ଥାନାରେ ମାମଲା ରୁଜୁ ପାଇଁ ଖୋର୍ଦ୍ଧା ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଚିଠି ଲେଖିଥିଲେ। ଏନେଇ ଶ୍ରୀମନ୍ଦିର ପ୍ରଶାସନର କମ୍ପିଟିଟିଭ ଅଥରିଟି ତଥା ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ସଦର ଥାନାରେ ୫ଜଣ ଖଣି ଲିଜଧାରୀଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ପୃଥକ ୫ଟି ମାମଲା ରୁଜୁ କରିଥିଲେ ବି ଚୁପ୍ ବସିଛି। ମହାପ୍ରଭୁଙ୍କ ପଥର ଖଣି ହରିଲୁଟ ଚାଲିଥିବାବେଳେ ଶ୍ରୀମନ୍ଦିର ପ୍ରଶାସନ ବିପୁଳ ରାଜସ୍ୱ ହରାଉଛି। ଦୈନିକ କୋଟିଏ ଟଙ୍କାର ରାଜସ୍ୱ ହାନି ହେଉଥିବା ଏକ ଆକଳନରୁ ଜଣାପଡିଛି।

ମହାପ୍ରଭୁଙ୍କ ଖଣିଜ ସମ୍ପଦ ସୁରକ୍ଷା ଦିଗରେ ଜିଲା ପ୍ରଶାସନ ଏବଂ ପୋଲିସର ଆନ୍ତରିକତା ଅଭାବ ରହିଥିବାବେଳେ ରାଜନୈତିକ ଛତ୍ରଛାୟା ତଳେ ରହି ମାଫିଆମାନେ ବେଧଡ଼କ ଭାବେ ମୋରମ, ପଥର ଲୁଟିବାରେ ଲାଗିଛନ୍ତି। ଏନେଇ ପ୍ରଶାସନ ଓ ପୋଲିସ ନିକଟକୁ ଦୈନିକ ଏକାଧିକ ଅଭିଯୋଗ ଆସୁଛି, ଅଥଚ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏ ସଂକ୍ରାନ୍ତରେ ଖୋର୍ଦ୍ଧା ସଦର ଏବଂ ଜଙ୍କିଆ ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମର କେତେଜଣ ବାସିନ୍ଦା ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଜଗନ୍ନାଥପୁର, ପାଣିଛତ୍ର, ନରସିଂହପ୍ରସାଦ, ଦୁର୍ଗାପ୍ରସାଦ ଓ ଚମ୍ପାଝର (କାଞ୍ଚନ ବିହାର, ଗୋବରଗାଡିଆ) ମୌଜାରେ କେତେଜଣ ମାଫିଆ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀଙ୍କ ଜମି ଏବଂ କିଛି ଲୋକଙ୍କ ସ୍ଥିତିବାନ ସମ୍ପତ୍ତିରୁ ଜୋରଜବରଦସ୍ତ ମାଙ୍କଡା ପଥର ଉତ୍ତୋଳନ କରୁଛନ୍ତି। ଦିବାରାତ୍ର ମେଶିନ ଚାଲିବା ଯୋଗୁ ଧୂଳିକଣା,ଶବ୍ଦ, ପରିବେଶ ପ୍ରଦୂଷଣ ସହ ଶ୍ରୀମନ୍ଦିର ପ୍ରଶାସନ ଲକ୍ଷାଧିକ କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ଏହି ୫ଟି ମୌଜାରେ ଦୀର୍ଘ ଦିନ ଧରି କଟର, ପାୱାରଟିଲର, ମେଶିନ ବ୍ୟବହାର କରି ବେଆଇନ ଭାବେ ମାଙ୍କଡା ପଥର ଉତ୍ତୋଳନ କରୁଛନ୍ତି। ଏହାକୁ ହାଇୱା ଓ ଟ୍ରକରେ ଖୋର୍ଦ୍ଧା ସମେତ ବିଭିନ୍ନ ଅଞ୍ଚଳକୁ ପଠାଇ କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି। ଏହି ମାଫିଆମାନେ କାଞ୍ଚନ ବିହାରରେ ଥିବା ଲୋକଙ୍କ ସ୍ଥିତିବାନ ଓ ଶ୍ରୀଜଗନ୍ନାଥ ଜମିରୁ ପ୍ରାୟ ୨୦ଏକର ଜାଗାକୁ ଜୋରଜବରଦସ୍ତ ଅକ୍ତିଆର କରି ମାଙ୍କଡା ପଥର ଉତ୍ତୋଳନ କରୁଛନ୍ତି। ସ୍ଥିତିବାନ ମାଲିକଙ୍କୁ ବନ୍ଧୁକ, ମାରଣାସ୍ତ୍ର ଦେଖାଇ ଭୟଭୀତ କରି ଜବରଦସ୍ତ ଖଣି ଖନନ କରୁଛନ୍ତି। ଦୁର୍ଗାପ୍ରସାଦ ଓ ଜଗନ୍ନାଥପୁର ମୌଜାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଜେ ପୁରୀ ଜମିରୁ ବେଆଇନ ଭାବେ ମାଙ୍କଡା ପଥର ଉତ୍ତୋଳନ କରିଚାଲିଛନ୍ତି। କେବଳ ମାଙ୍କଡା ନୁହଁ, ମୂଲ୍ୟବାନ ଖଣ୍ଡୋଲାଇଟ ପଥର (ଯାହା ଦେବଦେବୀଙ୍କ ମୂର୍ତ୍ତି ତିଆରିରେ ବ୍ୟବହାର କରାଯାଏ) ଚୋରା ଚାଲାଣ କରୁଛନ୍ତି। ଏପରିକି ଗୋଟିଏ ଜାଗାରେ ୧୫୦ ଫୁଟ ପର୍ଯ୍ୟନ୍ତ ମାଙ୍କଡ଼ା ପଥର ଉତ୍ତୋଳନ ଯୋଗୁ ଉକ୍ତ ଅଞ୍ଚଳରେ ଜଳସ୍ତର କମିବାରେ ଲାଗିଛି। ଏତଦ୍ ବ୍ୟତୀତ ଖେଳପଡ଼ିଆ, ଗ୍ରାମୀଣ ଚଲାପଥ ରାସ୍ତା, ଜଙ୍ଗଲ, ଗାଁ ଶ୍ମଶାନ, ଗୋଚର ଜମିକୁ ମାଫିଆମାନେ ଧ୍ୱଂସ କରି ଚାଲିଛନ୍ତି। ଚାରିଆଡେ ୨ଶହରୁ ୩ ଫୁଟ ବଡ ଗାତ ଯୋଗୁ ଏହା ଏବେ ମରଣଯନ୍ତା ପାଲଟିଛି। ଗୋରୁ, ମଣିଷ ପଡ଼ି କେବଳ ଆହତ ନୁହେଁ, ମୃତ୍ୟୁବରଣ କରୁଛନ୍ତି। ଗୋଚର ଜମି କି ପିଲାଙ୍କ ଖେଳପଡିଆ ନାହିଁ। ପରିବେଶ ପ୍ରଦୂଷଣ ବଢିବାରେ ଲାଗିଛି। ମାଫିଆମାନେ ଭଡାଟିଆ ଗୁଣ୍ଡା ଲଗାଇ ସ୍ଥାନୀୟ ଗ୍ରାମବାସୀଙ୍କୁ ଭୟଭୀତ କରି ରଖିଛନ୍ତି। କେହି ପାଟି ଖୋଲିଲେ କିମ୍ବା ପ୍ରଶାସନ ଓ ପୋଲିସକୁ ଜଣାଇଲେ ହତ୍ୟା ଧମକ ଦେଉଛନ୍ତି। ଗତ ୪ ତାରିଖରେ ଗ୍ରାମ୍ୟ ରାସ୍ତାକୁ ଖୋଳି ପଥର ଉତ୍ତୋଳନକୁ ନେଇ ବିରୋଧ କରିବାରୁ ମଳିପଡା ଓ ରାମଚଣ୍ଡୀ ଗ୍ରାମର କେତେଜଣ ଅସାମାଜିକ ଯୁବକ ଘଟଣାସ୍ଥଳରେ ଫାଙ୍କା ଗୁଳି ଚଳାଇ ଭୟଭୀତ କରିଥିଲେ। ଚୋରା ଚାଲାଣରେ ସଂପୃକ୍ତ ମାଫିଆଙ୍କ ବିରୋଧରେ ପୂର୍ବରୁ ଜଙ୍କିଆ ଓ ସଦର ଥାନାରେ ଏକାଧିକ ମାମଲା ରହିଛି। ଏମାନେ କୋଟି କୋଟି ଟଙ୍କାର ମାଲିକ ହୋଇଛନ୍ତି, ନାମୀଦାମୀ କାର, ବାଇକ ଚଢୁଛନ୍ତି ବୋଲି ଶୁଣିବାକୁ ମିଳୁଛି। ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ମହାପ୍ରଭୁଙ୍କ ଖଣି ସମେତ ସ୍ଥାନୀୟ ଲୋକଙ୍କ ସୁରକ୍ଷା ପାଇଁ ସମ୍ପୃକ୍ତ ଗ୍ରାମବାସୀ ଦାବି କରିଛନ୍ତି।

## ଜିଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ଖୋର୍ଦ୍ଧା,୨୫ା୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଓ ପ୍ରତିଯୋଗିତା ବିଜେବି ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୦ଟି ବ୍ଲକରୁ ମୋଟ ୩୦ଜଣ ଛାତ୍ରୀଛାତ୍ର ଓ ସେମାନଙ୍କ ଗାଇଡ୍ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ଉଦଘାଟନ କରିଥିଲେ। ପ୍ରାଣନାଥ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ସୁବୋଧ କୁମାର ଜଗଦ୍ଦେବ ଏବଂ ଜିଲା ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନର ଅଧ୍ୟାପିକା ବୀଣାପାଣି ପାଢ଼ୀ ପ୍ରମୁଖ ବିଚାରକ ଭାବେ ଯୋଗଦେଇ ପ୍ରତିଯୋଗୀଙ୍କ ମୂଲ୍ୟାୟନ କରିଥିଲେ। ବିଜେବି ଉଚ୍ଚ ବିଦ୍ୟାଳୟର ଛାତ୍ର ସଂଗ୍ରାମ ପୁହାଣ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ରରେ ଭାଗନେବାକୁ ମନୋନୀତ ହୋଇଛନ୍ତି। ଆସନ୍ତା ଅକ୍ଟୋବର ୧୦ରେ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ହେବ। ଉଦଯାପନ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସରୋଜ ସିଂ, ବରିଷ୍ଠ ବିଜ୍ଞାନ ଶିକ୍ଷକ ବିଭୁପ୍ରସାଦ ସେନାପତି, ବିଜ୍ଞାନ ଶିକ୍ଷକ ଅମରେନ୍ଦ୍ର ନାୟକ ଏବଂ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ପୁରୀ ଏମ୍‌ପିଙ୍କ ପ୍ରତିନିଧି ହେଲେ ହରିହର

କୃଷ୍ଣପ୍ରସାଦ,୨୫।୯(କୈଳାସଚନ୍ଦ୍ର ପଟ୍ଟନାୟକ) ପୁରୀ ଲୋକ ସଭା ଏମ୍‌ପି ଡ. ସମ୍ବିତ ପାତ୍ରଙ୍କ କୃଷ୍ଣପ୍ରସାଦ



ବ୍ଲକ ପ୍ରତିନିଧି ଭାବେ କୃଷ୍ଣପ୍ରସାଦ ଯୁବ ସଙ୍ଗଠକ ହରିହର ଦାଶ ନିଯୁକ୍ତ ହୋଇଛନ୍ତି। ହରିହରଙ୍କ ଉପରେ ଏମ୍‌ପି ଆସ୍ଥା ପ୍ରକଟ କରିଥିବାରୁ ତାଙ୍କ ଶୁଭେଚ୍ଛୁ ଓ ଅଞ୍ଚଳବାସୀ ଏଥିନିମନ୍ତେ ଏମ୍‌ପିଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଦାଶ ଉଦ୍ୟମ ଜାରି ରଖିବେ ବୋଲି ଏକ ସାକ୍ଷାତ୍‌କାରରେ କରିଛନ୍ତି।

### ଜାତୀୟ ସିନିୟର ଟେନିସ ବଲ୍ କ୍ରିକେଟ ଚାମ୍ପିୟନଶିପ୍ ପାଇଁ ଖେଳାଳି ଚୟନ

ଖୋର୍ଦ୍ଧା,୨୫ା୯(ପ୍ରଭାତ ପାଣିଗ୍ରାହୀ): ଆସନ୍ତା ନଭେମ୍ବର ୧୮ରୁ ୨୧ତାରିଖ ପର୍ଯ୍ୟନ୍ତ ଜମ୍ମୁଠାରେ ୩୫ତମ ଜାତୀୟ ସିନିୟର ଟେନିସ ବଲ୍ କ୍ରିକେଟ ଚାମ୍ପିୟନଶିପ୍ ହେବ। ଏଥିପାଇଁ ଓଡ଼ିଶା ଜାତୀୟ ସିନିୟର ଖେଳାଳି (ମହିଳା ଓ ପୁରୁଷ) ବର୍ଗର ଚୟନ ପ୍ରକ୍ରିୟା ସେପ୍ଟେମ୍ବର ୨୯ ତାରିଖ ସକାଳ ୭ଟାରୁ ଓଡ଼ିଶା ଟେନିସ ବଲ କ୍ରିକେଟ ଆସୋସିଏଶନ୍ ଭୁବନେଶ୍ୱର ଆଇଆର୍‌ସି ଭିଲେଜସ୍ଥିତ ଏଲ୍‌ଏଲ୍‌ସିସି ଗ୍ରାଉଣ୍ଡରେ ଆରମ୍ଭ ହେବ। ଇଚ୍ଛୁକ ଖେଳାଳିମାନେ ନିଜ ଆଧାର କାର୍ଡ ନେଇ ଚୟନ ପ୍ରକ୍ରିୟାରେ ଯୋଗଦେଇପାରିବେ। ସେହିପରି ଆବଶ୍ୟକସ୍ଥଳେ ଯୁଗ୍ମସଚିବ ସୋମନାଥ ପରିଡ଼ାଙ୍କୁ ମୋବାଇଲ ନଂ. ୭୩୮୧୦୭୧୦୮୪ରେ ଯୋଗାଯୋଗ କରିପାରିବେ।

## ଖୋରଧା କେନ୍ଦ୍ର ସମବାୟ ବ୍ୟାଙ୍କର ସାଧାରଣ ସଭା



କେସିସିବିର ୧୦୮ତମ ବାର୍ଷିକ ସାଧାରଣ ସଭାରେ ବ୍ୟାଙ୍କ ଅଧିକାରୀଙ୍କ ସହ ଅନ୍ୟ ଅତିଥିମାନେ।

ଖୋର୍ଦ୍ଧା,୨୫ା୯(ପ୍ରଭାତ ପାଣିଗ୍ରାହୀ)

ଖୋରଧା କେନ୍ଦ୍ର ସମବାୟ ବ୍ୟାଙ୍କ(କେସିସିବି)ର ୧୦୮ତମ ବାର୍ଷିକ ସାଧାରଣ ସଭା ସ୍ଥାନୀୟ ଜୟୀରାଜଗୁରୁ ଭବନ (ଟାଉନହଲ)ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାଙ୍କ ସଭାପତି ଅଭିଷେକ ସିଂ ସାମନ୍ତ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବ୍ୟାଙ୍କ ପ୍ରତିଷ୍ଠାତା ରାୟ ସାହେବ ସତୀଶ ଚନ୍ଦ୍ର ଚକ୍ରବର୍ତ୍ତୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ସଭାରେ ଖୋର୍ଦ୍ଧା, ନୟାଗଡ଼, ପୁରୀ ଜିଲାର ସମସ୍ତ ସମବାୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବ୍ୟାଙ୍କ ସହିତ ଅନୁବନ୍ଧିତ ସମିତିର ସଭାପତି, ପ୍ରତିନିଧି ଏବଂ ସମ୍ପାଦକମାନେ ଯୋଗ ଦେଇଥିଲେ। ବ୍ୟାଙ୍କ ସଭାପତି ସାମନ୍ତ ବ୍ୟାଙ୍କର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବିବରଣୀ ପ୍ରଦାନ କରିଥିଲେ। ବଳକା କାମକୁ ଅତିଶୀଘ୍ର ସମାପନ କରାଯିବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାରଥୀ ଶତପଥୀ ୨୦୨୩-୨୪ ଆର୍ଥିକ ବର୍ଷର ବାର୍ଷିକ ବିବରଣୀ ପଠନ କରିଥିଲେ। ନିର୍ଦ୍ଦେଶକ ପ୍ରକାଶ ରାଉତରାୟ, ବିପିନ ବିହାରୀ ପାତ୍ର ଓ ସୁଧାଂଶୁ ଶେଖର ବଡ଼ଜେନା ବକ୍ତବ୍ୟ ରଖିଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ତଥା ଚାଷୀଙ୍କୁ ମିଳୁଥିବା ସୁବିଧାକୁ ପ୍ରାଥମିକ ସ୍ତରରେ ପହଞ୍ଚାଇବା ଉପରେ ଯୁଗ୍ମ ନିବନ୍ଧକ ତଥା ସମବାୟ ସମିତି ସମୂହ, ପୁରୀ ବିଭାଜନର ଉପନିବନ୍ଧକ ରୁଦ୍ରପ୍ରସାଦ ଦାସ ଗୁରୁତ୍ୱ ଦେଇଥିଲେ। ଜୟଶ୍ରୀ ଗଡ଼ନାୟକ ଧନ୍ୟବାଦ ଦେଇଥିବାବେଳେ ଜ୍ୟୋତିରଞ୍ଜନ ରାଉତରାୟ ସଭା ସଞ୍ଚାଳନା କରିଥିଲେ। ବ୍ୟାଙ୍କ ଏଜିଏମ୍ ସନ୍ଦୀପ ପଟ୍ଟନାୟକ, ଅଜୟ କୁମାର ଦାସ, ତପନ କୁମାର ଚୌଧୁରୀ, ରଶ୍ମିତା ମଲ୍ଲିକ, ଦେବପ୍ରିୟା ମହାପାତ୍ର ଓ ଭବାନୀ ମୋହନ ସିହ୍ନା ସହଯୋଗ କରିଥିଲେ। ଏହି ସଭାରେ ପ୍ରାଥମିକ ସେବା ସମବାୟ ସମିତିର ରାଜ୍ୟସ୍ତରୀୟ କର୍ମକର୍ତ୍ତା ନିତ୍ୟାନନ୍ଦ ଦାସ ଓ ବିଶ୍ୱନାଥ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ, ଅଭିଯୁକ୍ତ ଗିରଫ

ବେଗୁନିଆ,୨୫।୯(ସନ୍ଧ୍ୟାରାଣୀ ମିଶ୍ର): ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଆରକ୍ଷୀ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଭ୍ରାମ୍ୟମାଣ ୟୁନିଟ ପକ୍ଷରୁ ବେଗୁନିଆ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଚଟୁଆ ଗ୍ରାମ ମଣ୍ଡପ ସାହିର ଧନେଶ୍ୱର ସାହୁଙ୍କଠାରୁ ୫ ଲିଟର ଦେଶୀ ମଦ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଭ୍ରାମ୍ୟମାଣ ଅବକାରୀ ବିଭାଗ ନୀରିକ୍ଷକ ଥାର୍ପା ମାରାଣ୍ଡିଙ୍କଠାରୁ ଜଣାପଡ଼ିଛି।

## ପଥର ଖଣିରେ ବୁଡ଼ି ନାବାଳକ ମୃତ

ବାଣପୁର,୨୫ା୯(ଦିଲୀପ ସ୍ୱାଇଁ) ପଥର ଖଣିରେ ବୁଡ଼ି ଜଣେ ୯ ବର୍ଷୀୟ ବାଳକଙ୍କ ବୁଧବାର ମୃତ୍ୟୁ ଘଟିଛି। ମୃତକ ହେଲେ ବାଣପୁର ବ୍ଲକ ଗମ୍ଭାରୀମୁଣ୍ଡା ପଞ୍ଚାୟତ ଗୋଡିଝର ଗ୍ରାମର ଧର୍ମେନ୍ଦ୍ର ଜେନାଙ୍କ ସାନ ପୁଅ ସୋହମ ଜେନା। ସକାଳ ୯ଟାରେ ସୋହମ ଟ୍ୟୁଶନରୁ ଫେରି ଖେଳିବାକୁ ଘର ବାହାରକୁ ଚାଲି ଯାଇଥିଲେ। ତାଙ୍କ ମା' ତାଙ୍କ ପାଇଁ ଖାଦ୍ୟ ବାଢି ଅପେକ୍ଷା କରିଥିବାବେଳେ ଦୀର୍ଘ ସମୟ ଧରି ସେ ଘରକୁ ନ ଫେରିବାରୁ ପରିବାର ସଦସ୍ୟ ଖୋଜାଖୋଜି କରିଥିଲେ। ଘର ସାମ୍ନାରେ ଥିବା ଏକ ପରିତ୍ୟକ୍ତ ପାଣି ଭର୍ତ୍ତି ପଥର ଖଣି ନିକଟରେ ସୋହମଙ୍କ ଚପଲ ପଡ଼ିଥିବା ଦେଖିଥିଲେ। ସନ୍ଦେହରେ ଗ୍ରାମବାସୀ ଖଣି ପାଣିରେ ଖୋଜାଖୋଜି କରିବାରେ ସୋହମଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଗମ୍ଭାରୀମୁଣ୍ଡା ପରେ ବାଣପୁର ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ସୋହମଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ଗମ୍ଭାରୀମୁଣ୍ଡା ପୋଲିସ ବିଟ୍ ହାଉସ ଅଧିକାରୀ କେଶବ ଚନ୍ଦ୍ର ବେହେରା ୯/୨୪ରେ ଏକ ଅପମୃତ୍ୟୁ ମମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା,୨୫ା୯(ପ୍ରଭାତ ପାଣିଗ୍ରାହୀ)

ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ବୁଧବାର ଖୋର୍ଦ୍ଧା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅକ୍ଟୋବର ୨ତାରିଖ ପ୍ରାତଃ ୪ଟା ୩୦ରେ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ଡାକବାଜି ଯନ୍ତ୍ର ଦ୍ୱାରା ରାମଧୁନ ପ୍ରଚାର କରାଯିବ। ସକାଳ ୭ଟାରୁ ୮ଟା ମଧ୍ୟରେ ଗାନ୍ଧୀ ବାଣୀ ସମ୍ପର୍କିତ ଏକ ସଚେତନତା ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ବାହାରି ସହର ବୁଲି ବିଜେବି ହାଇସ୍କୁଲଠାରେ ଶେଷ ହେବ। ଏହି ଅବସରରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ଜିଲାର ସମସ୍ତ ବ୍ଲକ, ପୌରାଞ୍ଚଳରେ ଅବସ୍ଥାପିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସକାଳ ୮ଟାରେ ବିଜେବି ହାଇସ୍କୁଲଠାରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହେବ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ଫାନ୍ସି ଡ୍ରେସ କାର୍ଯ୍ୟକ୍ରମ ହେବ। ଏହି ବୈଠକରେ ପୌର କାର୍ଯ୍ୟନିର୍ବାହୀ ଅଧିକରୀ ରିଜୱାନା କଅକବ, ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର, ଜିଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ କୁମାର ହିଆଲ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲା ପର୍ଯ୍ୟଟନ ଅଧିକାରୀ ମୀରାବାଈ ବେହେରା, ସନ୍ଧ୍ୟାବତୀ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ପ୍ରାରମ୍ଭରେ ସ୍ୱାଗତ ଭାଷଣ ଓ ଶେଷରେ ଧନ୍ୟବାଦ ଦେଇଥିଲେ।

## ପଣ୍ଡିତ ଦୀନଦୟାଲଙ୍କ ଜନ୍ମ ତିଥିରେ ସଦସ୍ୟତା ଅଭିଯାନ



ବୋଲଗଡ଼,୨୫ା୯(ଦେବବ୍ରତ ହୋତା)

ବୋଲଗଡ଼ ମଣ୍ଡଳ ଭାଜପା ପକ୍ଷରୁ ଦଳ ପ୍ରତିଷ୍ଠାତା ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ୧୦୯ତମ ଜୟନ୍ତୀ ମଣ୍ଡଳ ସଭାପତି ସଞ୍ଜୟ ବେହେରାଙ୍କ ଆବାହକତ୍ୱରେ ପାଳିତ ହୋଇଯାଇଛି। ଏହି ଅବସରରେ ଦଳର ସାଙ୍ଗଠନିକ ମହାପର୍ବ 'ସଦସ୍ୟତା ଅଭିଯାନ-୨୦୨୪'କୁ ବରିଷ୍ଠ ନେତା ରବୀନ୍ଦ୍ର କୁମାର ପରିଡ଼ାଙ୍କ ନେତୃତ୍ୱରେ ମଣ୍ଡଳର ସମସ୍ତ ୪୭ଟି ବୁଥ୍‌ରେ ସଫଳତାର ସହ ଆଗେଇ ନେବାକୁ ଆଲୋଚନା ହୋଇଥିଲା। ସମାରୋହରେ ଖଙ୍ଗୁରିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅମୂଲ୍ୟ ତ୍ରିପାଠୀ, ରାଜ୍ୟ ଶିକ୍ଷକ ପ୍ରକୋଷ୍ଠ ସହସଂଯୋଜକ ସଞ୍ଜୟ ମହାପାତ୍ର, ଜିଲା ପରିଷଦ ପାର୍ଥୀ ଅଜିତ ପଟ୍ଟନାୟକ, ଫାସିଓଦା ପଞ୍ଚାୟତ ଭାଜପା ସଭାପତି ଜଗବନ୍ଧୁ ମୁଦୁଲି, ବିନୋଦ ମହାରଣା, ଲକ୍ଷ୍ମୀଧର ବଳିୟାରସିଂ, ବ୍ରଜବନ୍ଧୁ ସାହୁ, ଶଶାଙ୍କ ତ୍ରିପାଠୀ, ବୀରେନ୍ଦ୍ର ଜେନାଙ୍କ ସମେତ ୪୦ ଜଣ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## କେସିସିବି ବୋଲଗଡ଼ ଶାଖାରେ ସ୍ୱର୍ଣ୍ଣ ବନ୍ଧକ ଋଣ ଶୁଭାରମ୍ଭ

ବୋଲଗଡ଼,୨୫ା୯(ଦେବବ୍ରତ ହୋତା)

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ(କେସିସିବି) ଅଧୀନ ବୋଲଗଡ଼ ଶାଖା କାର୍ଯ୍ୟାଳୟର ସମ୍ପ୍ରସାରିତ କାଉଣ୍ଟର ରାଜସୁନାଖଳାଠାରେ ସ୍ୱର୍ଣ୍ଣ ବନ୍ଧକ ଋଣ ପ୍ରଦାନ ବୁଧବାର ଶୁଭାରମ୍ଭ ହୋଇଛି। ଏଥିନେଇ ଆବଶ୍ୟକୀୟ ସୁରକ୍ଷା ଦୃଷ୍ଟିରୁ ଆଇରନ ଚେଷ୍ଟ ସହ ମାପକ ଯନ୍ତ୍ର ମଧ୍ୟ ସ୍ଥାପନ କରାଯାଇଛି। ଆୟୋଜିତ ସଭାରେ ମୁଖ୍ୟ ଅତିଥି ରୂପେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଅଭିଷେକ ସିଂ ସାମନ୍ତ ଯୋଗଦେଇ ଚାଷୀଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବାକୁ ବ୍ୟାଙ୍କ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡ଼କୁମ୍ଭାରି ସରପଞ୍ଚ ସମବାୟବିତ୍ ପ୍ରଫୁଲ୍ଲ କୁମାର ପ୍ରଧାନ, କେସିସିବି ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ରାଉତରାୟ, ବ୍ୟାଙ୍କ ନିର୍ବାହୀ ଅଧିକାରୀ ସାରଥି ଶତପଥୀ, ସନ୍ଦୀପ ପଟ୍ଟନାୟକ ଓ ଶାଖା ପରିଚାଳକ ଜଗନ୍ନାଥ ପାଲ ପ୍ରମୁଖ ଯୋଗଦେଇ ଆରମ୍ଭ ହୋଇଥିବା ଏହି ସେବାର ସୁଯୋଗ ନେବାକୁ ଚାଷୀ ଓ ସାଧାରଣ ଜନତାଙ୍କ ନିକଟରେ ବାର୍ତ୍ତା ପହଞ୍ଚାଇବାକୁ ଉପସ୍ଥିତ ସମସ୍ତ ସଭାପତି ଓ ସମ୍ପାଦକଙ୍କୁ ନିବେଦନ କରିଥିଲେ। ସଭାରେ ଡାବରଧୁଆ, ଗୋବର୍ଦ୍ଧନପୁର, ସଂପୂର, ବୋଲଗଡ଼, ଫାସୀଓଦା, କମଳଲୋଚନପୁର, ଘୋରଡ଼ିଆ, ଅରଖପଲ୍ଲୀ, ମାଣିକଗୋଡ଼ା ଆଦି ସମବାୟ ସମିତିର ସମ୍ପାଦକ ଓ ସଭାପତିମାନେ ଯୋଗଦେଇଥିଲେ। ଏହି ସେବା ମାଧ୍ୟମରେ ଚାଷୀମାନେ ନିଶ୍ଚିତ ଉପକୃତ ହେବେ ଏବଂ ସେମାନଙ୍କ ଆର୍ଥିକ ଆବଶ୍ୟକତା ମେଣ୍ଟାଇବାରେ ସହାୟକ ହେବ ବୋଲି ଆଶା କରି ରାଉତରାୟ ଧନ୍ୟବାଦ ଦେଇଥିଲେ। ଏହି ସୁନା ବନ୍ଧକ ଋଣ ବ୍ୟାଙ୍କର ପ୍ରତ୍ୟେକ କାର୍ଯ୍ୟ ଦିବସରେ ଉପଲବ୍ଧ ହେବ ବୋଲି ସୂଚନା ମିଳିଛି।

## ଦେୱାନ କୃଷ୍ଣଚନ୍ଦ୍ର ଭ୍ରମରବର ରାୟଙ୍କ ସ୍ମୃତିସଭା

ଖୋର୍ଦ୍ଧା,୨୫ା୯(ପ୍ରଭାତ ପାଣିଗ୍ରାହୀ)


ସ୍ମୃତିସଭାରେ ଯୋଗଦେଇଥିବା ଅତିଥିବୃନ୍ଦ।

ଖୋରଧା ଐତିହାସିକ ସମାଜ ଆନୁକୂଲ୍ୟରେ ପାଇକ ବିଦ୍ରୋହର ଦ୍ୱିତୀୟ କର୍ଣ୍ଣଧାର ଖୋରଧା ରାଜ୍ୟର ଶେଷରାଜା ଗଜପତି ମୁକୁନ୍ଦ ଦେବଙ୍କ ଦେୱାନ କୃଷ୍ଣଚନ୍ଦ୍ର ଭ୍ରମରବର ରାୟଙ୍କ ସମ୍ପର୍କରେ ଏକ ଆଲୋଚନା ଚକ୍ର ଖୋରଧା ସାହିତ୍ୟ ସଂସଦ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଐତିହାସିକ ସମାଜର ଉପସଭାପତି ଗୋପାଳକୃଷ୍ଣ ଦାସ ପୌରୋହିତ୍ୟ କରିଥିଲେ। ସମ୍ପାଦକ ବୈକୁଣ୍ଠନାଥ ରାଜଗୁରୁ ସ୍ୱାଗତ ଭାଷଣ ଦେବା ସହିତ ଇତିହାସର ରଙ୍ଗଶାଳା ବୀରଭୂମି ଖୋରଧାରେ ସ୍ଥାପିତ ଏହି ଅନୁଷ୍ଠାନର ଆଭିମୁଖ୍ୟ ଓ ଗବେଷଣା ଦ୍ୱାରା କିପରି ନୂତନ ତଥ୍ୟର ଉନ୍ମୋଚନ ହୋଇପାରିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ତ୍ରିକଳିଙ୍ଗ ଜର୍ନାଲର ପ୍ରତିଷ୍ଠାତା ସମ୍ପାଦକ ମୁଖ୍ୟବକ୍ତା ସମ୍ବିତ୍ ପଟ୍ଟନାୟକ ସଂସଦର ମୁଖପତ୍ର 'ଅନ୍ୱେଷା' ପତ୍ରିକାର ସମୀକ୍ଷା କରିବା ସହ କୃଷ୍ଣଚନ୍ଦ୍ର କିପରି ଅଦ୍ୟାବଧି ଅଜ୍ଞାତ ଓ ଅବହେଳିତ ହୋଇ ରହିଛନ୍ତି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସରକାର ପଞ୍ଚପାଇକ ପୀଠରେ ତାଙ୍କ ପ୍ରତିମୂର୍ତ୍ତି ଯଥାଶୀଘ୍ର ସ୍ଥାପନ ପାଇଁ ପଦକ୍ଷେପ ନେବାକୁ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ଦାବି କରିଥିଲେ। କୃଷ୍ଣଚନ୍ଦ୍ରଙ୍କ ପଞ୍ଚମ ପିଢ଼ି ପ୍ରତିମା ଭ୍ରମରବର ରାୟ ଏହି ମହାବୀରଙ୍କ ଦ୍ୱାରା ସ୍ଥାପିତ ଛତ୍ରମା ଗଡ଼ର ସୁରକ୍ଷା ଓ ସଂରକ୍ଷଣ ପାଇଁ ସରକାର ଦୃଷ୍ଟି ଦେବାକୁ କହିଥିଲେ। ସଭାପତି ଦାସ ୨୦୧୧ରେ ବିଜେବି କଲେଜରେ ଆୟୋଜିତ ଓଡ଼ିଶା ଇତିହାସ କଂଗ୍ରେସ ଅଧିବେଶନରେ ଉପସ୍ଥାପିତ ଗବେଷଣାତ୍ମକ ପ୍ରବନ୍ଧ ସମ୍ପର୍କରେ ଉଲ୍ଲେଖ କରି କୋଲକାତା ଫୋର୍ଟ ଉଇଲିୟମସ୍ଥିତ ଇଷ୍ଟ ଇଣ୍ଡିଆ କମ୍ପାନୀର ଉଚ୍ଚପଦସ୍ଥ ଅଫିସରମାନେ ୧୮୨୬ରେ କିପରି ଭୟଭୀତ ହୋଇଥିଲେ ତାହାର ଦୃଷ୍ଟାନ୍ତ ସହ ଆଲୋଚନା କରିଥିଲେ। ଗବେଷକ ଲକ୍ଷ୍ମୀଧର ବଡ଼ଜେନା, ସାମାଜିକର୍ମୀ ଇତିଶ୍ରୀ ସାହୁ, ଖବରଦାତା ରାମନାରାୟଣ ଦାଶ ପ୍ରମୁଖ ମହାବୀରଙ୍କ ସଂଗ୍ରାମ ଓ ଦେଶପ୍ରେମ ସମ୍ପର୍କରେ ଆଲୋକପାତ କରିଥିଲେ । ଶିକ୍ଷାବିତ ବିଭୁପ୍ରସାଦ ହରିଚନ୍ଦନ ଧନ୍ୟବାଦ ଦେଇଥିଲେ।

## ପଞ୍ଚାୟତ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

### ରେଡିମିକ୍ସ ପ୍ଲାଣ୍ଟ ନିର୍ମାଣକୁ ନେଇ ଉତ୍ତେଜନା

ଯାଁଳା,୨୫ା୯(ବୁଲା ବାରିକ)



ପ୍ଲାଣ୍ଟ ନିର୍ମାଣକୁ ଗ୍ରାମବାସୀମାନେ ବିରୋଧ କରୁଛନ୍ତି।

ଜଟଣୀ ବ୍ଲକ ଗଙ୍ଗପଡ଼ା ପଞ୍ଚାୟତ ଅଧୀନ ଗଙ୍ଗପଡ଼ା ଓ ଭାତଖୁରି ଗ୍ରାମରେ ଏକ ରେଡିମିକ୍ସ ପ୍ଲାଣ୍ଟ ନିର୍ମାଣକୁ ନେଇ ଉତ୍ତେଜନା ଦେଖାଦେଇଛି। ପ୍ଲାଣ୍ଟ ମାଲିକ ପୋଲିସ, ବାହାର ଗୁଣ୍ଡା ଓ ବାହୁବଳ ପ୍ରୟୋଗ କରି ପ୍ଲାଣ୍ଟ ନିର୍ମାଣ କରୁଥିବା ଅଭିଯୋଗ ହୋଇଛି। ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ର, ପଞ୍ଚାୟତ କାର୍ଯ୍ୟାଳୟ ଇତ୍ୟାଦିକୁ ଲାଗି ପ୍ଲାଣ୍ଟଟି କାର୍ଯ୍ୟକାରୀ ହେବାକୁ ଥିବାରୁ ଗ୍ରାମବାସୀ ଏହାକୁ ବନ୍ଦ କରିବାକୁ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ବୁଧବାର ଉକ୍ତ ପ୍ଲାଣ୍ଟକୁ ବିଦ୍ୟୁତ୍ ଖୁଣ୍ଟ ପକାଇବା ସମୟରେ ଏହାକୁ ବିରୋଧ କରି ଶତାଧିକ ମହିଳା ଏକାଠି ହୋଇ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଥିଲେ। ଖବର ପାଇ ଇନ୍‌ଫୋଭ୍ୟାଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଘେରାଉ ହଟିଥିଲା।

ଗଙ୍ଗପଡ଼ା ଓ ଭାତଖୁରି ଉଭୟ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ରେଡିମିକ୍ସ ପ୍ଲାଣ୍ଟଟି ଘରୋଇ ଜମି ସହ କିଛି ଅଂଶ ସରକାରୀ ଜମିକୁ ମଡ଼ାଇ ନିର୍ମାଣ କରାଯାଉଛି। ତାହା ଗଙ୍ଗପଡ଼ା ହାଇସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ର, ପଞ୍ଚାୟତ କାର୍ଯ୍ୟାଳୟ ଓ କ୍ଲବ ଘରକୁ ଲାଗି ରହିଛି। ଏହାସହ ଉକ୍ତ ପ୍ଲାଣ୍ଟର ଅନତି ଦୂରରେ ଗାଁ ମଧ୍ୟ ରହିଛି। ପ୍ଲାଣ୍ଟ କାର୍ଯ୍ୟକାରୀ ହେଲେ ଶବ୍ଦ ପ୍ରଦୂଷଣ ବଢିବା ସହ ବାୟୁ ପ୍ରଦୂଷଣରେ ବିଭିନ୍ନ ରୋଗର ଶିକାର ହେବେ। ଏସବୁ ଅଭିଯୋଗ ନେଇ ଗ୍ରାମବାସୀ ରେଡିମିକ୍ସ ପ୍ଲାଣ୍ଟ ମାଲିକଙ୍କୁ କାମ ବନ୍ଦ କରିବାକୁ କହିଥିଲେ। କିନ୍ତୁ ପ୍ରଥମେ ବିଭିନ୍ନ ଆଳ କରି ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଥିବା ମାଲିକ ଏବେ ବାହୁବଳ ପ୍ରୟୋଗ କରୁଛନ୍ତି। ତେଣୁ ବାହାର ଗୁଣ୍ଡାଙ୍କ ଉପସ୍ଥିତି ଗାଁରେ ଆହୁରି ଉତ୍ତେଜନାକୁ ବଢାଇଛି। ଗତ ୧୯ ତାରିଖରେ ଗ୍ରାମବାସୀ ଜିଲାପାଳ ଓ ତହସିଲଦାରଙ୍କୁ ପ୍ଲାଣ୍ଟ ନ ହେବାକୁ ଦାବି ପତ୍ର ଦେଇଥିଲେ। କିନ୍ତୁ ଦାବିପତ୍ର ଦେବା ପରେ ବୁଧବାର ବିଦ୍ୟୁତ ଖୁଣ୍ଟ ପକାଇବା ଗ୍ରାମରେ ଉତ୍ତେଜନା ବଢାଇଦେଇଛି।

## ବିଶ୍ୱ ଫାର୍ମାସୀ ଦିବସ ପାଳିତ

କଟକ,(କାର୍ତ୍ତିକ ସାହୁ): ଓଡ଼ିଶା ଫାର୍ମାସୀ ଅଫିସର ସେବା ସଂଘ କଟକ ଜିଲା ଶାଖା ପକ୍ଷରୁ ବିଶ୍ୱ ଫାର୍ମାସୀ ଦିବସ କଟକ ଶତାବ୍ଦୀ ଭବନରେ ବୁଧବାର ପାଳିତ ହୋଇଯାଇଛି। ସଂଘ ସଭାପତି ଚିନ୍ମୟ କୁମାର ସିହ୍ନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ମୁଖ୍ୟବକ୍ତା ଏସ୍‌ସିବି ଫାର୍ମାସୀ ବିଭାଗ ମୁଖ୍ୟ ସରୋଜକାନ୍ତ ଚୌଧୁରୀ, ଅନ୍ୟତମ ବକ୍ତା ଡ. କଳାକାର ବଳ ଓ ଜିଲା ଶାଖା ସଭାପତି ସୁବ୍ରତ କୁମାର ଶତପଥୀ, ସମ୍ପାଦକ ସୁଧାଂଶୁ କୁମାର ପଣ୍ଡା ଯୋଗଦେଇଥିଲେ। ଏହି ଅବସରରେ ୧୦ ଜଣ କୃତି ଫାର୍ମାସିଷ୍ଟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏସ୍‌ସିବି ଶାଖା ପକ୍ଷରୁ ନଳିନୀ ସାହୁ ଧନ୍ୟବାଦ ଦେଇଥିଲେ।


ଷୋଳପୂଜାରେ କଟକ ଚଣ୍ଡୀଙ୍କ ସୁନାବେଶ।


ମା' ଗଡ଼ଚଣ୍ଡୀଙ୍କ ଗଜଲକ୍ଷ୍ମୀ ବେଶ।


ମା' ଝାଞ୍ଜିରୀ ମଙ୍ଗଳାଙ୍କ ରାଜରାଜେଶ୍ୱରୀ ବେଶ।


ବାସନ୍ତୀ ଦୁର୍ଗାଙ୍କ ତ୍ରିପୁରା ଭୈରବୀ ବେଶ।


ପୀଠାପୁରସ୍ଥିତ ମା' ଧାକୁଳେଇଙ୍କ ଷୋଡ଼ଶୀ ବେଶ।


ହରିପୁର ମା' ବିମଳାଙ୍କ ନାରାୟଣୀ ବେଶ।


ବାଙ୍କୀର ମା' ଚର୍ଚ୍ଚିକାଙ୍କ ସ୍ୱତନ୍ତ୍ର ବେଶ।

**ସଂକ୍ଷେପରେ**

## ଅଳଙ୍କାର, ଗାଡ଼ି ଜବତ: ୨ ଗିରଫ

ଖୁଣ୍ଟୁଣୀ,୨୫।୯(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ବ୍ରହ୍ମପୁରଠାରେ ଥିବା ହନୁମାନ ଓ ନାରାୟଣୀ ମନ୍ଦିରରୁ ଅଳଙ୍କାର ଚୋରି କରିବା ଘଟଣାରେ ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖୁଣ୍ଟୁଣୀ ଥାନା ଅଧୀନ ବ୍ରହ୍ମପୁର ଗ୍ରାମର ଅଜୟ ସାମଲ ଓ ଚୌଦ୍ୱାର ଥାନା ଅନ୍ତର୍ଗତ ବାଣୀପଦା ଗ୍ରାମର ଆର୍‌ଫାନ୍ ଅଲ୍ଲୀ। ସେମାନଙ୍କଠାରୁ ୨ଟି ରୁପା ମୁକୁଟ, ୨ଟି ରୁପାହାର, ସୁନା ନୋଥ ସମେତ ଅନ୍ୟ ଅଳଙ୍କାର, ଖେଳନା ବନ୍ଧୁକ, ବୋଲେରୋ ଓ ଟାଟା ମ୍ୟାଜିକ୍ ଗାଡ଼ି ଜବତ କରାଯାଇଛି। ରବିବାର ରାତିରେ ଉକ୍ତ ମନ୍ଦିରରୁ ଚୋରି ହୋଇଥିଲା। ପୋଲିସ ପହଞ୍ଚି ମନ୍ଦିରରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ପରେ ଅଭିଯୁକ୍ତ ଦ୍ୱୟ ସେଠାରେ ବସିଥିବା ଜାଣିବାକୁ ପାଇଥିଲା। ପରେ ଏହି ଫୁଟେଜ ଆଧାରରେ ପୋଲିସ ସୋମବାର ଅଜୟଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଅଜୟ ଓ ଆର୍‌ଫାନ୍ ମିଶି ଏହି ଚୋରି କରିଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ପୋଲିସ ଆର୍‌ଫାନ୍‌ଙ୍କୁ ତାଙ୍କ ଗ୍ରାମରୁ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୧୯୦/୨୪) ରୁଜୁ ହୋଇଛି।

## ନିର୍ମାଣ ଶ୍ରମିକ ପରିବାରକୁ ସହାୟତା ରାଶି ବଣ୍ଟନ

କଟକ,୨୫।୯ (କାର୍ତ୍ତିକ ସାହୁ)

ଜିଲା ଶ୍ରମ ବିଭାଗ ତଥା ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ନିର୍ମାଣ ଶ୍ରମିକ ପରିବାରକୁ ସହାୟତା ବଣ୍ଟନ ଶିବିର ବୁଧବାର ଅନୁଷ୍ଠିତ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଶିବିରରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ହରପ୍ରିୟା ନାୟକ, ଜିଲା ଶ୍ରମ ଅଧିକାରୀ (କଲ୍ୟାଣ) ପ୍ରୀତି ବନ୍ଧନ ଘଡ଼ାଇ, ସହକାରୀ ଶ୍ରମ ଅଧିକାରୀ ଭାଗ୍ୟ ରଞ୍ଜନ ଲେଙ୍କା, କଲ୍ୟାଣ ସଂଯୋଜକ ଚନ୍ଦନ କୁମାର ସିଂହଙ୍କ ଉପସ୍ଥିତିରେ ସହାୟତା ରାଶି ବଣ୍ଟନ କରାଯାଇଛି। କଲ୍ୟାଣ ବୋର୍ଡ ପକ୍ଷରୁ ୭୦୭ ଜଣଙ୍କୁ ଝିଅ ବିବାହ ନିମନ୍ତେ ପ୍ରୋତ୍ସାହନ ସହାୟତା ୩,୪୫,୫୦,୦୦୦ ଟଙ୍କା, ୧୭ ଜଣଙ୍କୁ ପ୍ରସୂତି କାଳୀନ ସହାୟତା ୧,୭୦,୦୦୦ ଟଙ୍କା, ୨୯ ଜଣଙ୍କୁ ଶିକ୍ଷା ନିମନ୍ତେ ସହାୟତା ୫,୪୭,୮୦୦ ଟଙ୍କା, ୧୧୮ ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ୨,୩୪,୦୦୦,୦୦ ଟଙ୍କା ଓ ୧୧୬ ଜଣଙ୍କୁ ଅନ୍ତ୍ୟେଷ୍ଟି କ୍ରିୟା ସହାୟତା ନିମନ୍ତେ ୫,୮୦,୦୦୦ ଟଙ୍କା ହିସାବରେ ମୋଟ ୯୮୭ ଜଣଙ୍କୁ ସର୍ବମୋଟ ୫ କୋଟି ୯୨ ଲକ୍ଷ ୪୭ ହଜାର ୮୦୦ ଟଙ୍କାର ସହାୟତା ରାଶି ସେମାନଙ୍କ ସଞ୍ଚୟ ଖାତାକୁ ଅନ୍‌ଲାଇନ୍ ଯୋଗେ ପ୍ରଦାନ କରାଯାଇଛି।

# ଚାନ୍ଦିମେଢ଼ରେ ପୂଜା ପାଇବେ ମା'

**ରାମଗଡ଼ କନିକା ରୋଡ଼ ବନଦୁର୍ଗା ପୂଜା କମିଟି**

କଟକ,୨୫।୯(ଶିକ୍ଷା ପ୍ରିୟଦର୍ଶିନୀ)





**ବିରାଜିବେ ମା'**

ପୂଜା ପାଇଁ ଚଳଚଞ୍ଚଳ ହୋଇଛି କଟକ ସହର। ବିଭିନ୍ନ ପୂଜା କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ପୂଜା ପାଇଁ ମୂର୍ତ୍ତି ତିଆରି ସହ ତୋରଣ ନିର୍ମାଣ ଜାରି ରହିଛି। ଏହି ପୂଜା ଦୌଡରେ ସାମିଲ ହୋଇଛି ରାମଗଡ଼ କନିକା ରୋଡ଼ ବନଦୁର୍ଗା ପୂଜା କମିଟି। କଟକରେ ମୁଖ୍ୟତଃ ଚାନ୍ଦିମେଢ ଓ ସୁନା ଅଳଙ୍କାରରେ ପୂଜା ମଣ୍ଡପ ଝଲସିଥାଏ। ଚଳିତବର୍ଷ ରାମଗଡ଼ କନିକା ରୋଡ ବନଦୁର୍ଗା ପୂଜା କମିଟି ପକ୍ଷରୁ ପ୍ରଥମଥର ୧୪ ଫୁଟ ଉଚ୍ଚତାର ଚାନ୍ଦିମେଢ ନିର୍ମାଣ କରାଯାଇଛି। ଏଥିରେ ୨ କୁଇଣ୍ଟାଲ ଓଜନର ଚାନ୍ଦି ବ୍ୟବହାର କରାଯାଇଛି। ମା'ଙ୍କ ଚାନ୍ଦି ମୁକୁଟ ସମେତ ଅଳଙ୍କାର ଓ ପାର୍ଶ୍ୱ ଦେବଦେବୀଙ୍କ ଅଳଙ୍କାର ୩୦ କେଜି ଓଜନର ରହିଛି। ୧୦ଫୁଟ୍ ଉଚ୍ଚତା ବିଶିଷ୍ଟ ମା'ଙ୍କ ମୂର୍ତ୍ତି ନିର୍ମାଣରେ କାରିଗର ଲାଗିଛନ୍ତି। ଏଥର ୩୦ ଲକ୍ଷ ଟଙ୍କାର ପୂଜା ବଜେଟ ରଖାଯାଇଛି। କପଡାରେ ୪୦ ଫୁଟ୍ ଉଚ୍ଚତାର ତୋରଣ ନିର୍ମାଣ ସମେତ ଦୁଇଟି ଲାଇଟ୍ ଗେଟ୍ କରାଯିବ। ମହାଷଷ୍ଠୀରେ ଚାନ୍ଦି ମେଢ଼ ଉଦଘାଟନ କରାଯିବ। ମହାଷ୍ଟମୀରେ ମହିଳାଙ୍କ ବ୍ରତ ପୂଜା ସହ ରାତିରେ ମାଛ ଭୋଗ କରାଯିବ। ମହାନବମୀରେ ଏହାକୁ ପ୍ରାୟ ୫୦୦୦ ଶ୍ରଦ୍ଧାଳୁଙ୍କୁ ବଣ୍ଟାଯିବ। ସେହିପରି ଦଶମୀରେ ମା'ଙ୍କ ନିକଟରେ ଦହିପଖାଳ ଭୋଗ ଲାଗି କରାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟାଯିବ। ଭସାଣି ଶୋଭାଯାତ୍ରାରେ ବ୍ରହ୍ମପୁର ମିନର୍ଭା ବ୍ୟାଣ୍ଡପାର୍ଟି, ବଲାଙ୍ଗୀର ବାଜା, ଷଣ୍ଢ ନୃତ୍ୟ ସମେତ ପାରମ୍ପରିକ ବାଦ୍ୟ ପରିବେଷଣ କରାଯିବ।

### ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ



"ରାମଗଡ଼ କନିକା ରୋଡ ବନଦୁର୍ଗା ପୂଜା କମିଟି ପୂଜା ମଣ୍ଡପକୁ ସଂଯୋଗ କରିଥିବା ରାସ୍ତା ଓସାରିଆ ନ ଥିବାରୁ ଟ୍ରାଫିକ ସମସ୍ୟା ଉପୁଜିଥାଏ। ଚଳିତବର୍ଷ ଏଥିପାଇଁ କମିଟି ସଦସ୍ୟଙ୍କୁ ଭଲ୍ୟୁଣ୍ଟର ଦାୟିତ୍ୱ ଦିଆଯାଇଛି। ଶ୍ରଦ୍ଧାଳୁମାନେ ଯେପରି ମା'ଙ୍କୁ ଶୃଙ୍ଖଳିତ ଭାବେ ଦର୍ଶନ କରିପାରିବେ ସେଥିପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି।

**ବସନ୍ତ କୁମାର ନାୟକ, ସଭାପତି**

### ପାରମ୍ପରିକ ବାଦ୍ୟରେ ଭସାଣି



"ଚଳିତବର୍ଷ ନିଶାମୁକ୍ତ ଭସାଣି ଓ ଡିଜେମୁକ୍ତ ରୋଶଣି ପାଇଁ ପୋଲିସ ପକ୍ଷରୁ ବୈଠକ ମାଧ୍ୟମରେ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତାଙ୍କୁ ସୂଚନା ଦିଆଯାଇଛି। ଏହାକୁ କମିଟି ପକ୍ଷରୁ ଗୁରୁତ୍ୱ ଦିଆଯିବ। ପାରମ୍ପରିକ ବାଦ୍ୟରେ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବ।

**ଜୟଦେବ ଦାସ, ସମ୍ପାଦକ**

## ପ୍ରହରାଜପୁର ହାଇସ୍କୁଲ ଖେଳପଡ଼ିଆରେ ମିନାବଜାର ଆୟୋଜନକୁ ନେଇ ବିବାଦ

କଟକ ସଦର,୨୫।୯(ସୁଶାନ୍ତ କୁମାର ଜେନା)

**ଡିଇଓଙ୍କୁ ଜଣାଇଲେ ପ୍ରଧାନ ଶିକ୍ଷୟିତ୍ରୀ**

କଟକ ସଦର ବ୍ଲକ ଅନ୍ତର୍ଗତ ପ୍ରହରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ସେପ୍ଟେମ୍ବର ୨୪ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ମିନାବଜାର ଆୟୋଜନ କରାଯାଇଛି। ପ୍ରତ୍ୟେହ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହା ଚାଲିବ। ହେଲେ ଏହାକୁ ନେଇ ବିବାଦ ଦେଖାଦେଇଛି। ସ୍ଥାନୀୟ ବିଦ୍ୟାଳୟ ପରିଚାଳନା କମିଟି ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିନା ଅନୁମତିରେ ଖେଳପଡିଆରେ ମିନାବଜାର ଆୟୋଜନ କରାଯାଇଛି ବୋଲି ପ୍ରଧାନ ଶିକ୍ଷୟିତ୍ରୀ ସଜନୀ ଦାସ ପତ୍ରସଂଖ୍ୟା ୧୬୮/୨୪।୯।୨୦୨୪ରେ କଟକ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ଜଣାଇଛନ୍ତି। ଏହାଛଡା ମୀନାବଜାର ଆୟୋଜନ ପାଇଁ ସଦର ଉପଜିଲାପାଳଙ୍କ ଅନୁମତି ପତ୍ର ଅଦ୍ୟାବଧି ହସ୍ତଗତ ହୋଇନାହିଁ ବୋଲି କିଶନ ନଗର ଥାନା ଅଧିକାରୀ ସୁମନ୍ତ କିଶାନ କହିଛନ୍ତି। ଅନ୍ୟପକ୍ଷରେ ପଡିଆଟି ଗୋଚର ହୋଇଥିବାରୁ ଏଥିରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କୌଣସି ମାଲିକାନା ନାହିଁ ବୋଲି ମିନାବଜାର ଆୟୋଜକଙ୍କ ପକ୍ଷରୁ କିଶନ ନଗର ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାସଙ୍କୁ ଅବଗତ କରାଯାଇଛି। ଏନେଇ ତହସିଲଦାର ଦାସ କହିଛନ୍ତି, ପ୍ରହରାଜପୁର ରାଜସ୍ୱ ନିରୀକ୍ଷକଙ୍କ ସୁପାରିଶକ୍ରମେ ପ୍ରିମିୟମ ନିଆଯାଇ ଉପ ଜିଲାପାଳଙ୍କ ପାଖକୁ ଅନୁମୋଦନ ଫାଇଲ ପଠାଯାଇଛି। କିନ୍ତୁ ଅଗ୍ନିଶମ, ବିଦ୍ୟୁତ୍ ବିଭାଗ, ପୋଲିସର ଅନୁମତି ପତ୍ର ଆୟୋଜକମାନେ ଆଣିଛନ୍ତି କି ନାହିଁ ତାହା ଜଣା ନାହିଁ। ଅଦ୍ୟାବଧି ଉପ ଜିଲାପାଳଙ୍କ ଅନୁମତି ପତ୍ର ତାଙ୍କର ହସ୍ତଗତ ହୋଇ ନାହିଁ ବୋଲି ତହସିଲଦାର ସ୍ୱୀକାର କରିଛନ୍ତି। ମିନାବଜାର ପାଇଁ ରଘୁନାଥପୁର ଅଗ୍ନିଶମ ବିଭାଗର ଅନୁମତି ନିଆଯାଇଛି କି ନାହିଁ ତାହା ସ୍ପଷ୍ଟ ହୋଇପାରିନାହିଁ। ଅପରପକ୍ଷରେ କେତେଜଣ ଅଭିଭାବକ କହିଛନ୍ତି, ଅର୍ଦ୍ଧବାର୍ଷିକ ପରୀକ୍ଷା ଆସିଯାଇଥିବାରୁ ଏଭଳି ସମୟରେ ମିନାବଜାର ଆୟୋଜନ କରାଯିବା ଦ୍ୱାରା ଛାତ୍ରୀଛାତ୍ରଙ୍କ ପଢାରେ ବ୍ୟାଘାତ ସୃଷ୍ଟି ହେବ। ପ୍ରହରାଜପୁର ସରପଞ୍ଚଙ୍କୁ ମଧ୍ୟ ଏହି ଅଭିଯୋଗ ପତ୍ରର କପି ପ୍ରଦାନ କରାଯାଇଛି। ଜିଲା ଶିକ୍ଷା ଅଧିକାରୀ, ତହସିଲଦାର ଓ ପୋଲିସ ପ୍ରଶାସନର ପରବର୍ତ୍ତୀ ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଛି।



ରେଭେନ୍‌ଶାର ନାମ ପରିବର୍ତ୍ତନ ମନ୍ତବ୍ୟ ପ୍ରତ୍ୟାହାର ଓ ୩୨ ଦଫା ଦାବି ନେଇ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ର ବିକ୍ଷୋଭ କରୁଛନ୍ତି।

## ରେଭେନ୍‌ଶା ନାମ ପରିବର୍ତ୍ତନ ପ୍ରସଙ୍ଗରେ ସ୍ୱଷ୍ଟୀକରଣ ଦିଆଯାଉ

ଭୁବନେଶ୍ୱର,୨୫।୯(ଶର୍ମିଷ୍ଠା ପାଣିଗ୍ରାହୀ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ଅନାବଶ୍ୟକ। ବହୁ ପ୍ରଶାସକ, ସାଧାରଣ ଲୋକେ ରେଭେନ୍‌ଶା ନାମ ଅପରିବର୍ତ୍ତିତ ରଖିବାକୁ ଦାବି କରୁଛନ୍ତି। ରେଭେନ୍‌ଶା କେନ୍ଦ୍ର ସରକାରଙ୍କ ଐତିହ୍ୟ ସୁରକ୍ଷା ଆଇନର ମାନ୍ୟତା ପାଇଛି। ରେଭେନ୍‌ଶା ଆଉ ଏକ ବ୍ୟକ୍ତି ହୋଇ ରହି ନାହିଁ, ଏହା ଏକ ଐତିହ୍ୟ ପାଲଟିଛି। ନାମ ପରିବର୍ତ୍ତନ ଅର୍ଥ ନିଜ ପରିଚୟକୁ ମାଟିରେ ମିଶାଇ ଦେବା। ତେଣୁ ଏହି ପ୍ରସଙ୍ଗରେ ସ୍ୱଷ୍ଟୀକରଣ ଦିଆଯାଉ ବୋଲି ମତ ପ୍ରକାଶ ପାଇଛି। ବୁଧବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଫୋରମ ପକ୍ଷରୁ ବୁଦ୍ଧ ମନ୍ଦିରରେ ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଫୋରମ କର୍ମକର୍ତ୍ତା ଓ ବୁଦ୍ଧିଜୀବୀମାନେ ନାମ ପରିବର୍ତ୍ତନ ବିରୋଧରେ ମତ ରଖିଥିଲେ। ସେମାନେ କହିଲେ, ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟୟ ଅବସ୍ଥାରେ ରହିଛି। ଏହାକୁ ସଜାଡ଼ିବାର ଆବଶ୍ୟକତା ରହିଛି। କେବଳ ଶିକ୍ଷା ନୀତି ଘୋଷଣା ଯଥେଷ୍ଟ ନୁହେଁ। ଆଗାମୀ ଦିନରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ପ୍ରସଙ୍ଗ ଯେପରି ନ ଉଠିବ ସେଥି ପ୍ରତି ଧ୍ୟାନ ଦିଆଯିବା ଉଚିତ। ରାଜ୍ୟ ଓ ରାଜ୍ୟ ବାହାରେ ଥିବା ୧୦୦ରୁ ଅଧିକ ବିଶିଷ୍ଟ ବ୍ୟକ୍ତି ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନକୁ ବିରୋଧ କରି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ତେଣୁ ରେଭେନ୍‌ଶା ନାମ ପରିବର୍ତ୍ତନକୁ ନେଇ ସରକାର ସ୍ୱଷ୍ଟୀକରଣ ଦିଅନ୍ତୁ ବୋଲି ଫୋରମ ପକ୍ଷରୁ ଅନୁରୋଧ କରାଯାଇଛି। ସମ୍ମିଳନୀରେ ସଞ୍ଜୀବ ହୋତା, ସୌମ୍ୟରଞ୍ଜନ ପଟ୍ଟନାୟକ, ଅମୀୟ ଭୂଷଣ ମହାନ୍ତି, ସତ୍ୟକାମ ମିଶ୍ର, ବଦ୍ରି ନାରାୟଣ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ସୁଦର୍ଶନ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗଣଧାରଣା

**ଧୁରୁସିଆ ଅନୁସୂଚିତ ଜାତି ନାବାଳକ ହତ୍ୟା ଘଟଣା**

କଟକ,୨୫।୯ (କାର୍ତ୍ତିକ ସାହୁ)

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଧୁରୁସିଆ ଗ୍ରାମର ଅନୁସୂଚିତ ଜାତି ନାବାଳକଙ୍କୁ ନିର୍ମମ ହତ୍ୟା ଓ ଅନ୍ୟ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଅଭିଯୁକ୍ତଙ୍କୁ ୪୮ ଘଣ୍ଟା ମଧ୍ୟରେ ଗିରଫ କରିବା ପାଇଁ ଦାବି କରାଯାଇଛି। ଏଥିସହ ବାଙ୍କୀ ଥାନା ଅନ୍ତର୍ଗତ ପଥୁରାପଦା ଗ୍ରାମର ଅନୁସୂଚିତ ଦିନ ମଜୁରିଆ ଗୁଣ୍ଡିଚା ନାୟକ ହତ୍ୟା ଘଟଣାରେ ୩ ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦାବି ହୋଇଛି। ଆମ୍ବେଦକର ରାଇଟ ସଲିଡାରିଟି ଫୋରମ ପକ୍ଷରୁ ଏନେଇ ଶୋଭାଯାତ୍ରା ଓ ଗଣଧାରଣା ଗ୍ରାମାଞ୍ଚଳ ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଫୋରମର ରାଜ୍ୟ ଆବାହକ ଅନିଲ କୁମାର ମଲ୍ଲିକ, ଜାତୀୟ ଦଳିତ ଆଦିବାସୀ ମହାସଂଘ ସଭାପତି ଲିଟୁ ଦାସ, ଜିଲା ସଭାପତି ପ୍ରକାଶ ଭୋଇ, ରାଜ୍ୟ ସମ୍ପାଦକ ଜଗନ୍ନାଥ ଭୋଇଙ୍କ ନେତୃତ୍ୱରେ ବହୁ ମହିଳା ଏଥିରେ ସାମିଲ ହୋଇଥିଲେ।

## ଦରମା ନ ମିଳିବା ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗଦେବୁ ନାହିଁ

ମଙ୍ଗୁଳି-ଜଗତପୁର,୨୫।୯(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ୨୧ଟି ପଞ୍ଚାୟତର ୫ଟି କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ ୬ମାସ ହେବ ଦରମା ବନ୍ଦ କରାଯାଇଛି। ଏଥିପାଇଁ ବ୍ଲକସ୍ତରୀୟ ଗ୍ରାମପଞ୍ଚାୟତ ଲେଭଲ ଫେଡେରେଶନ କର୍ମୀ ସଂଘ ପକ୍ଷରୁ କାର୍ଯ୍ୟ ବନ୍ଦ କରାଯାଇଛି। ସଂଘ ସଭାପତି ରଶ୍ମିତା ବେହେରା ଓ ସମ୍ପାଦିକା ଜୟଶ୍ରୀ ମହାନ୍ତିଙ୍କ ନେତୃତ୍ୱରେ ୨୦୦ରୁ ଉର୍ଦ୍ଧ୍ୱ ସଦସ୍ୟା ବୁଧବାର ବ୍ଲକ କାର୍ଯ୍ୟାଳୟ ପରିସରରେ ଏକାଠି ହୋଇଥିଲେ। ପରେ ୩ଜଣିଆ ପ୍ରତିନିଧି ମଣ୍ଡଳୀ ବିଡିଓ ହେମନ୍ତ ମହନ୍ତଙ୍କୁ ଦାବିପତ୍ର ଦେବା ସହ ଯଥାଶୀଘ୍ର ଦରମା ପ୍ରଦାନ ବ୍ୟବସ୍ଥା କରିବାକୁ କହିଛନ୍ତି। ଆସନ୍ତା ୩୦ ତାରିଖ ସୁଦ୍ଧା ସମସ୍ୟା ସମାଧାନ ହୋଇଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ଦରମା ନ ମିଳିବା ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗ ଦେବୁ ନାହିଁ ବୋଲି ସଭାପତି ରଶ୍ମିତା ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ୨୧ଟି ଗ୍ରାମପଞ୍ଚାୟତ ସ୍ତରରେ କାର୍ଯ୍ୟ କରୁଥିବା ୫ଟି କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ପ୍ରାୟ ୫ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ସରକାରଙ୍କର ସମସ୍ତ ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଉଛନ୍ତି। ହେଲେ ଦୁଃଖର ବିଷୟ ୬ମାସ ହେଲା ସେମାନଙ୍କ ଦରମା ବନ୍ଦ କରାଯାଇଛି। ଏନେଇ ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀଙ୍କ ନିକଟରୁ ଅଭିଯୋଗପତ୍ର ପଠାଯାଇଥିଲେ ମଧ୍ୟ ଅଦ୍ୟାବଧି ପଦକ୍ଷେପ ନିଆଯାଇନାହିଁ। ଏଥିଯୋଗୁ ସେମାନଙ୍କ ପରିବାର ଚଳିବା କଷ୍ଟକର ହୋଇପଡିଛି। ସରକାର ଦରମା ପ୍ରଦାନ ନ କରିବା ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗଦେବେ ନାହିଁ ବୋଲି ସେମାନେ ଜିଦ୍‌ରେ ଅଟଳ ଅଛନ୍ତି। ଦାବିପତ୍ର ପ୍ରଦାନବେଳେ ସଂଘ ଉପସଭାପତି ରଶ୍ମିତା ଚରଣ, ପ୍ରିୟଙ୍କା ମଲ୍ଲିକ, ପ୍ରମୋଦିନୀ ଦାସ, ସତ୍ୟଭାମା ରାଉତ, କୁନି ବାରିକ, ପ୍ରଣତି ସ୍ୱାଇଁ, ଦମୟନ୍ତୀ ଭୂୟାଁ, ଗୋଲାପ ବେହେରା, ସୁଜାତା ସାହୁ, ମାମିନା ବେହେରା, ପ୍ରଭାସିନୀ ରାଉତ, ଦେବସ୍ମିତା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## 'ଦୈନନ୍ଦିନ ଜୀବନରେ ସ୍ୱଚ୍ଛତା ଆବଶ୍ୟକ'

କଟକ,୨୫।୯ (କାର୍ତ୍ତିକ ସାହୁ)



**ଜନ ଶିକ୍ଷଣ ସଂସ୍ଥାନରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ**

କଟକ ମିଡ୍ ଟାଉନ ରୋଟାରୀ କ୍ଲବ ଓ ଜନ ଶିକ୍ଷଣ ସଂସ୍ଥାନର ମିଳିତ ଆନୁକୂଲ୍ୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ସିଡିଏ ସେକ୍ଟର-୮ସ୍ଥିତ ସଂସ୍ଥାନ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରୋଟାରୀ ଇଣ୍ଟରନ୍ୟାଶନାଲ ଡିଷ୍ଟ୍ରିକ୍ଟ ଗଭର୍ନର ରୋଟରିଆନ ଯଜ୍ଞାଶିଷ ମହାପାତ୍ର ଯୋଗଦେଇ ଦୈନନ୍ଦିନ ଜୀବନରେ ସ୍ୱଚ୍ଛତା ଆବଶ୍ୟକତା ଥିବା କହିଥିଲେ। ମୁଖ୍ୟବକ୍ତା କଟକ ମିଡ୍ ଟାଉନ୍ ରୋଟାରୀ କ୍ଲବ ସଭାପତି ରୋଟାରିଆନ ଡ. ଆଶୁତୋଷ ଦେବତା ସ୍ୱଚ୍ଛତା ପ୍ରତି ଯତ୍ନବାନ ହୋଇ ଡେଙ୍ଗୁ, ମ୍ୟାଲେରିଆ ଓ ଜାପାନୀ ଜ୍ୱର ପରି ମାରାତ୍ମକ ରୋଗରୁ ନିଜକୁ ନିବୃତ୍ତି ରଖିବା ତଥା ନିଜ ଅଞ୍ଚଳରେ ବାସ କରୁଥିବା ଲୋକଙ୍କୁ ସଚେତନ କରାଇବା ନିମନ୍ତେ ଦିଗ୍‌ଦର୍ଶନ ଦେଇଥିଲେ। ସଂସ୍ଥାନର ନିର୍ଦ୍ଦେଶିକା ଅନିମା ଦାଶ ଅଧ୍ୟକ୍ଷତା କରି ସ୍ୱଚ୍ଛତାର ଆଭିମୁଖ୍ୟ ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ଏହି ଅବସରରେ ସ୍ୱଚ୍ଛତା ସଚେତନତା, ଡେଙ୍ଗୁ, ମ୍ୟାଲେରିଆ ଓ ଜାପାନୀ ଜ୍ୱର ନିରାକରଣ ଆଲୋଚନାଚକ୍ର, ସ୍ୱଚ୍ଛତା ଆଧାରିତ ନାଟକ ଏବଂ ରଙ୍ଗୋଲି ପ୍ରତିଯୋଗିତା ହୋଇଥିଲା। ଏଥିସହ ଉପସ୍ଥିତ ବସ୍ତିବାସିନ୍ଦାଙ୍କୁ ମଶାରି ବଣ୍ଟନ କରାଯାଇଥିଲା। ସ୍ୱଚ୍ଛତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ଶିକ୍ଷାର୍ଥିନୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧିକାରୀ ସମ୍ବିଦ ମହାନ୍ତି ଅତିଥିଙ୍କୁ ସ୍ୱାଗତ କରିବା ସହ ଧନ୍ୟବାଦ ଦେଇଥିଲେ।

## ୧୦ ଦଫା ଦାବି ନେଇ ନର୍ସିଂ ଅଫିସରଙ୍କ ଆନ୍ଦୋଳନ

କଟକ,୨୫।୯(ଶିକ୍ଷା ପ୍ରିୟଦର୍ଶିନୀ)



ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ନର୍ସିଂ ଅଫିସର ଧାରଣାରେ ବସିଛନ୍ତି।

୧୦ ଦଫା ଦାବି ନେଇ ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସଂଘର ଏସ୍‌ସିବି ଶାଖା ପକ୍ଷରୁ ବୁଧବାର ଏସ୍‌ସିବି ମେଡିକାଲର ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ନର୍ସିଂ ଅଫିସରମାନେ ଧାରଣା ଦେଇଛନ୍ତି। ସେମାନେ କେବଳ ଜରୁରୀସେବା ଜାରି ରଖିଛନ୍ତି। ଏନେଇ ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ଏସ୍‌ସିବି ଶାଖା ସଭାପତି ଝରଣା ଜେନା କହିଛନ୍ତି, ପୂର୍ବରୁ ୧୦ଦଫା ଦାବି ନେଇ ଆନ୍ଦୋଳନ କରିଥିଲୁ। ସେତେବେଳେ ଆଲୋଚନା କରାଯାଇ ୧ ମାସ ମଧ୍ୟରେ ଦାବି ପୂରଣ କରାଯିବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ଇତିମଧ୍ୟରେ ୧ ମାସ ବିତି ଯାଇଥିଲେ ମଧ୍ୟ କୌଣସି ଦାବି ପୂରଣ କରାଯାଇନାହିଁ। ଏନେଇ ଅନୁଷ୍ଠିତ ବୈଠକରେ ସୁଫଳ ନ ମିଳିବାରୁ ଆନ୍ଦୋଳନ ଜାରି ରହିବ ବୋଲି ସେ କହିଛନ୍ତି। ଅପରପକ୍ଷରେ ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ କହିଛନ୍ତି, ନର୍ସିଂ ଅଫିସର ଜରୁରିକାଳୀନ ସେବା ଯୋଗାଇ ଦେବାରେ ସହଯୋଗ କରିଛନ୍ତି। ଆନ୍ଦୋଳନକୁ ନଜରରେ ରଖି ମେଡିକାଲ ପକ୍ଷରୁ ବିଏସ୍‌ସି ତୃତୀୟ ଓ ଚତୁର୍ଥ ଶ୍ରେଣୀର ନର୍ସିଂ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବଢ଼ାଯାଇଛି। ଡାକ୍ତରଙ୍କୁ ଉକ୍ତ ଛାତ୍ରୀଛାତ୍ରମାନେ ସମସ୍ତ ପ୍ରକାରର ସହଯୋଗ କରୁଛନ୍ତି। ଫଳରେ ଏସ୍‌ସିବିରେ ରୋଗୀ ସେବାରେ ବାଧା ଉପୁଜି ନାହିଁ। ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ଓ ଡେପୁଟି ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ପ୍ରତ୍ୟେକ ୱାର୍ଡକୁ ଯାଇ ଯାଞ୍ଚ କରିଛନ୍ତି ବୋଲି ରାଉତ କହିଛନ୍ତି।

# କୁମାର କବିଙ୍କ ସାରସ୍ୱତ ସୃଷ୍ଟି ଉପରେ ଗବେଷଣା ହେଉ

ପୁରୀ,୨୫।୯(ଅଜିତ୍ କୁମାର ମହାନ୍ତି)



ସମାରୋହରେ ମଞ୍ଚାସୀନ ଅତିଥି।

- ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସମାରୋହ
- ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ କୁମାର କବି ସମ୍ମାନ

ଓଡ଼ିଶା ସାହିତ୍ୟ ଏକାଡେମୀ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ କୁମାର କବି ଫାଉଣ୍ଡେଶନର ମିଳିତ ପ୍ରଚେଷ୍ଟାରେ ପୁରୀ ସଂସ୍କୃତି ଭବନରେ ବୁଧବାର କୁମାର କବି ଅରକ୍ଷିତ ପ୍ରଧାନଙ୍କ ସ୍ମୃତିରେ ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ କୁମାର କବି ଶ୍ରଦ୍ଧାଞ୍ଜଳି ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମାରୋହକୁ ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଉଦ୍‌ଘାଟନ କରି କୁମାର କବିଙ୍କ ସାରସ୍ୱତ ସୃଷ୍ଟିର ସୁରକ୍ଷା ଓ ସଂରକ୍ଷଣ ପାଇଁ କହିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡ. କୈଳାସ ଚନ୍ଦ୍ର ଟିକାୟତରାୟ ସମାରୋହରେ ଅଧ୍ୟକ୍ଷତା କରିଥିଲେ। କୁମାର କବି ଫାଉଣ୍ଡେଶନର ସମ୍ପାଦକ ଅଧିବକ୍ତା ଦିଗମ୍ବର ବେହେରା ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. କୁମରବର ଦାସ ଯୋଗଦେଇ କହିଲେ, କୁମାର କବି ଥିଲେ ଭାବ, ଭାଷା ଓ ଭକ୍ତିର କବି। ତାଙ୍କର ପ୍ରତିଟି ଲେଖା ସମାଜ ଓ ସଂସ୍କୃତିର ବିକାଶ ଏବଂ ସଂରକ୍ଷଣ ପ୍ରତି ଅଭିପ୍ରେତ ଥିଲା। ତାଙ୍କ ସମ୍ମାନାର୍ଥେ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଏକ ଚେୟାର ପ୍ରତିଷ୍ଠା ସହ ଲୋକ ସାହିତ୍ୟ, ସଂସ୍କୃତି ଓ ଲୋକ ଜୀବନ ଉପରେ ଗବେଷଣା ପାଇଁ ସେ ପ୍ରସ୍ତାବ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ହରିହର ହୋତା ଯୋଗଦେଇ କୁମାର କବିଙ୍କୁ ମରଣୋତ୍ତର ପଦ୍ମଶ୍ରୀ ପୁରସ୍କାର ପ୍ରଦାନ ପାଇଁ ଦାବି କରିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଦସ୍ୟ ବଦ୍ରି ମିଶ୍ର ବିଶିଷ୍ଟ ଅତିଥି ରୂପେ ଯୋଗଦେଇ ଆନୁଷ୍ଠାନିକ ଶିକ୍ଷାର ଅଭାବ ସତ୍ତ୍ୱେ କୁମାର କବି ୧୮ ଖଣ୍ଡ କାଳଜୟୀ ପୁସ୍ତକ ରଚନା କରିବା ଆଶ୍ଚର୍ଯ୍ୟଜନକ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କବି ଶଙ୍କର୍ଷଣ ପରିଡା ଯୋଗଦେଇ କହିଥିଲେ, କୁମାର କବି ଆସାମ ଏବଂ ଓଡ଼ିଶା ମଧ୍ୟରେ ସାଂସ୍କୃତିକ ଦୂତର ଭୂମିକା ନିର୍ବାହ କରୁଥିଲେ। ତେଣୁ ଆସାମରେ ଏକ ଜାତୀୟ କର୍ମଶାଳା ଆୟୋଜନ କରିବା ଆବଶ୍ୟକ। କୁମାର କବିଙ୍କ ସମଗ୍ର ରଚନାବଳୀକୁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏକ ଗ୍ରନ୍ଥାବଳୀ ଆକାରରେ ପ୍ରକାଶ ପାଇଁ ସେ ଦାବି କରିଥିଲେ। କୁମାର କବିଙ୍କ ସାରସ୍ୱତ ସୃଷ୍ଟି ଉପରେ ଅଧିକ ଆଲୋଚନା ଓ ଗବେଷଣା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଭାଷା ବିଜ୍ଞାନୀ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ଚଳିତବର୍ଷ କୁମାର କବି ସମ୍ମାନ -୨୦୨୪ରେ ସମ୍ମାନିତ କରାଯାଇଥିଲା। ସଙ୍ଗୀତଜ୍ଞ ତଥା କଣ୍ଠଶିଳ୍ପୀ ଦୁଃଖୀଶ୍ୟାମ ତ୍ରିପାଠୀଙ୍କୁ ଉତ୍କଳ ସଙ୍ଗୀତ ରତ୍ନ ସମ୍ମାନ, ପ୍ରଫେସର ଡ. ସତ୍ୟନାରାୟଣ ଆଚାର୍ଯ୍ୟଙ୍କୁ ଉତ୍କଳ ସଂସ୍କୃତ ସାହିତ୍ୟ ରତ୍ନ ସମ୍ମାନ, ଡ. ସୁଧାଂଶୁ ଶେଖର ମହାରଣାଙ୍କୁ ଉତ୍କଳ ଶିକ୍ଷା ସୌରଭ ସମ୍ମାନ, ନାଟ୍ୟକାର ପ୍ରଶାନ୍ତ କୁମାର ମିଶ୍ରଙ୍କୁ ଉତ୍କଳ ନାଟ୍ୟ ରତ୍ନ ସମ୍ମାନ, ଲେଖିକା ହରପ୍ରିୟା ସାହୁଙ୍କୁ ଉତ୍କଳ କବି ରତ୍ନ ସମ୍ମାନ, ଲୋକକଳା ନୃତ୍ୟଶିଳ୍ପୀ ଶିଖିଧ୍ୱଜ ଦାସଙ୍କୁ ଉତ୍କଳ ଲଉଡ଼ି ନୃତ୍ୟରତ୍ନ ସମ୍ମାନ ଏବଂ ବନ୍ଦେ ମାତରମ୍ ଫାଉଣ୍ଡେଶନ ବ୍ରହ୍ମଗିରିକୁ ଉତ୍କଳ ସେବା ରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରିମିୟମ ପିକ୍ସ ଓ ଫାଉଣ୍ଡେଶନ ଦ୍ୱାରା ଆୟୋଜିତ 'ଓଡ଼ିଆ ଭାଷା ବିକାଶରେ ଛାତ୍ରୀଛାତ୍ରଙ୍କ ଭୂମିକା' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ସହିତ ପୁରସ୍କାର ଦିଆଯାଇଥିଲା। ସମାରୋହକୁ ଶ୍ୟାମପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମକୁ ଫାଉଣ୍ଡେଶନର କୋଷାଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ଗୀତିକାର ସତ୍ୟପ୍ରିୟ ପ୍ରଧାନ, ଦୁହିତା ସମ୍ପାଦିକା ପ୍ରଜ୍ଞା ପରିମିତା ପଟ୍ଟନାୟକ, ସ୍ୱରାଜ ମାନସିଂହ, ରୀନାରାଣୀ ଜେନା, ପ୍ରକାଶ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ପରିଚାଳନା କରିଥିଲେ। ମାଣିକ ସାଂସ୍କୃତିକ ପରିଷଦର ସଭାପତି ବନମାଳୀ ଜେନା ଧନ୍ୟବାଦ ଦେଇଥିଲେ। ସାହିତ୍ୟିକ ବିପିନ ବିହାରୀ ଦଳାଇ, ଭାଗିରଥି ଦଳାଇ, ଗବେଷକ ନୀଳମଣି ସୁଆର, ସଂସ୍କୃତ ପାଲା ଗାୟକ ଗଦାଧର ଦାଶ, ଗାୟକ ପର୍ଶୁରାମ ସାମ୍ଲ, ରଞ୍ଜନ କୁମାର ଦଳାଇ, ବାଣୀକବି ନାରାୟଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୫।୯।୨୦୨୪

| ୩,୪୪,୫୦୧ ଟଙ୍କା | |
|---|---|
| ସୁନା | ୨.୯୫୦ ଗ୍ରାମ୍ |
| ରୁପା | ୫୭.୯୦୦ ଗ୍ରାମ୍ |

## ୨୮ରୁ ଜିଲା ଟଗ୍ ଅଫ୍ ୱାର୍ ପ୍ରତିଯୋଗିତା

ପୁରୀ,୨୫।୯(ଅଜିତ୍ କୁମାର ମହାନ୍ତି)

ଚଳିତ ମାସ ୨୮ ଓ ୨୯ ତାରିଖରେ ଶରଧାବାଲି ଠାରେ ପୁରୀ ଜିଲା ଟଗ୍ ଅଫ୍ ୱାର ପୁରୁଷ ଓ ମହିଳା ବିଭାଗର ପ୍ରତିଯୋଗିତା ହେବାକୁ ଯାଉଛି। ଏ ନେଇ ବୁଧବାର ସ୍ଥାନୀୟ ୟୁଥ ହଷ୍ଟେଲ ପରିସରରେ ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଅନୁଷ୍ଠାନର ସଭାପତି ରାମଚନ୍ଦ୍ର ଦାସମହାପାତ୍ର କହିଛନ୍ତି, ୨୮ ଓ ୨୯ ତାରିଖରେ ଶରଧାବାଲିରେ ଏହି ପ୍ରତିଯୋଗିତା ହେବ। ଏଥିରେ ୨୦ ଟିମ୍ ଅଂଶଗ୍ରହଣ କରିଥିବାବେଳେ ୧୪୪ ପ୍ରତିଯୋଗୀ ଭାଗ ନେବେ। ସମସ୍ତ ବିଜେତାଙ୍କୁ ଟ୍ରଫି ପ୍ରଦାନ କରାଯିବ। ଖବରଦାତା ସମ୍ମିଳନୀରେ କୃଷ୍ଣଚନ୍ଦ୍ର ପଣ୍ଡା, ଲକ୍ଷ୍ମୀନାରାୟଣ ଦୀକ୍ଷିତ, ଅନନ୍ତ ତିଆଡ଼ି, ବ୍ରଜ କିଶୋର ଦାସ, ଅଜୟ ସାହୁ, ଲକ୍ଷ୍ମୀ ନାରାୟଣ ଦାସ, ଅମିତ୍ ଦାସ ମହାପାତ୍ର, ଭୁବନାନନ୍ଦ ଛାଟୋଇ, ଜନ୍ମେଶ୍ୱର ସୁବୁଦ୍ଧି, ହରିହର କର, ଶ୍ୟାମସୁନ୍ଦର ମହାପାତ୍ର, ଜିତେନ୍ଦ୍ର ଦାସ, ରାଜକିଶୋର ପଟ୍ଟନାୟକ, ସବିତା ସିଂ, କାଳୁ ଚରଣ ସାମନ୍ତରାୟ, ରାମକୃଷ୍ଣ ପ୍ରତିହାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବାକି ଟଙ୍କା ମାଗିବାରୁ ଦୋକାନୀଙ୍କୁ ଖଣ୍ଡାରେ ଆକ୍ରମଣ

**ଦୋକାନରେ ଭଙ୍ଗାରୁଜା, ୧ ଲକ୍ଷ ୨୫ ହଜାର ଟଙ୍କା ଲୁଟ୍**

ନିମାପଡ଼ା,୨୫।୯
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଥାନା ଅଧୀନ ଭିଲି ଗ୍ରାମପଞ୍ଚାୟତର ଭିଲି ଦେଉଳ ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ସଉଦା ବାକି ଟଙ୍କା ମାଗିବାରୁ ୪ ଜଣ ଯୁବକ ଦୋକାନୀ(ମହିଳା) ରୂପାଲି ବିଶ୍ୱାଳ ଓ ତାଙ୍କ ବାପା ବିଜୟ ବିଶ୍ୱାଳଙ୍କୁ ଏକ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏଥିରେ ସେମାନେ ପ୍ରତିବାଦ କରିବାରୁ ଉକ୍ତ ୪ ଜଣ ଦୋକାନ ଭଙ୍ଗାରୁଜା କରିବା ସହ ୧ ଲକ୍ଷ ୨୫ ହଜାର ଟଙ୍କା ଲୁଟି ନେଇଛନ୍ତି। ଏପରିକି ରୂପାଲିଙ୍କୁ ଅସଦାଚରଣ ପ୍ରଦର୍ଶନ କରିଥିବା ସେ ମଙ୍ଗଳବାର ଆକ୍ରମଣକାରୀଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଆକ୍ରମଣରେ ଉଭୟ ବାପା, ଝିଅ ଆହତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ ପୋଲିସ ଆକ୍ରମଣକାରୀ ରଞ୍ଜନ ସ୍ୱାଇଁ, ମିଟୁ ବରାଳ, ଲକ୍ଷ୍ମଣ ସ୍ୱାଇଁ, ଭରତ ସ୍ୱାଇଁ ପ୍ରମୁଖଙ୍କ ବିରୋଧରେ ୨୮୮/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ଆହତ ରୂପାଲି ଓ ତାଙ୍କ ବାପା ବିଜୟ ପୋଲିସ ନିକଟରେ ଦାବି କରିଛନ୍ତି।

# 'ଫାର୍ମାସିଷ୍ଟମାନେ ରୋଗୀ ସେବାର ମୂଳ ଆଧାର'




**ବିଶ୍ୱ ଫାର୍ମାସିଷ୍ଟ ଦିବସରେ ସମ୍ବର୍ଦ୍ଧନା ଓ ଶୋଭାଯାତ୍ରା**

ପୁରୀ,୨୫।୯(ଅଜିତ୍ କୁମାର ମହାନ୍ତି)

ଗୋପାଳପୁରସ୍ଥିତ ଆଇଏମ୍‌ଟି ଫାର୍ମାସି କଲେଜରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ବୁଧବାର ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି। କଲେଜ ପ୍ରେକ୍ଷାଳୟରେ ଆୟୋଜିତ ସଭାରେ ପୁରୀର ୫ଜଣ ଅବସରପ୍ରାପ୍ତ ଫାର୍ମାସିଷ୍ଟ ବାନାମ୍ବର ମନ୍ତ୍ରୀ, କେ. ଜଗନ୍ନାଥ ସୁବୁଦ୍ଧି, ରାମକୃଷ୍ଣ ସାହୁ, ପବିତ୍ର ମୋହନ ସାମଲ, ପ୍ରଦୀପ୍ତ କୁମାର ପ୍ରଧାନଙ୍କୁ ମାନପତ୍ର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷମାନେ ନିଜ ଅଭିଜ୍ଞତା ଛାତ୍ରୀଛାତ୍ରଙ୍କୁ କହି ଉତ୍ସାହିତ କରିଥିଲେ। କଲେଜ ଅଧ୍ୟକ୍ଷ ଡ. ଅଗ୍ନିମିତ୍ର ଦିଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ରୋଗୀ ସେବାରେ କାର୍ଯ୍ୟରତ ଫାର୍ମାସିଷ୍ଟମାନଙ୍କ ଭୂମିକା ଅତୁଳନୀୟ ଓ ଗ୍ରାମାଞ୍ଚଳରେ ଫାର୍ମାସିଷ୍ଟମାନେ ହିଁ ରୋଗୀ ସେବାର ମୂଳ ଆଧାର ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ମନୋଜ ରଥ କହିଥିଲେ। ଏହି ଅବସରରେ ବକ୍ତୃତା ଓ ସ୍ଲୋଗାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ରାଜଲକ୍ଷ୍ମୀ ସ୍ୱାଇଁ, ବିଷ୍ଣୁପ୍ରିୟା ଜୋତିଷ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଉପାଧ୍ୟକ୍ଷ ଦେବାଶିଷ ମିଶ୍ର ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଗୋପାଳପୁର ଗ୍ରାମ ପରିକ୍ରମା କରି ଔଷଧ ସେବନ ଓ ଫାର୍ମାସିଷ୍ଟମାନଙ୍କ ଭୂମିକା ବିଷୟରେ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଦେବାଶିଷ ଦାସ, ଦେବଦତ୍ତ ସାହୁ, ପାର୍ଥସାରଥି ପାତ୍ର, ସ୍ନେହାଶିଷ ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ।




ପୁରୀ ରୋଟାରି କ୍ଲବ ପକ୍ଷରୁ ଆୟୋଜିତ ବିଶ୍ୱ ଶାନ୍ତି କର୍ମଶାଳାରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ଆଜି କଳା ଦିବସ ପାଳିବ ଆୟୁଷ ଛାତ୍ର ସଙ୍ଗଠନ

ପୁରୀ,୨୫।୯(ଅଜିତ୍ କୁମାର ମହାନ୍ତି)

ରାଜ୍ୟ ଆୟୁଷ ଛାତ୍ର ସଂଗଠନ ଆହ୍ୱାନରେ ଗତ ସେପ୍ଟେମ୍ବର ୨୬ରେ ଓଡ଼ିଶାର ସମସ୍ତ ଆୟୁଷ ଛାତ୍ରୀଛାତ୍ର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦେବା ସହ ପ୍ରତିବାଦ ସଭା କରିଥିଲେ। ତେବେ ତତ୍କାଳୀନ ସରକାର ସେମାନଙ୍କ ଦାବି ଶୁଣିବା ବଦଳରେ ପୋଲିସ ଦ୍ୱାରା ନିର୍ଯାତନା ଦେଇଥିଲେ। ଆନ୍ଦୋଳନରତ ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ଗିରଫ କରାଯାଇଥିଲା। ଉକ୍ତ ଘଟଣାକୁ ଗୁରୁବାର ଏକବର୍ଷ ପୂରଣ ହେବାକୁ ଯାଉଛି। ଏହି ଘଟଣାର ପ୍ରତିବାଦ ସ୍ୱରୂପ ପୁରୀ, ବ୍ରହ୍ମପୁର, ବଲାଙ୍ଗୀର, ରାଉରକେଲା, ସମ୍ବଲପୁର ଓ ଭୁବନେଶ୍ୱରରେ ଥିବା ସମସ୍ତ ୭ଟି ସରକାରୀ ଆୟୁର୍ବେଦ ଓ ହୋମିଓପ୍ୟାଥିକ ଭେଷଜ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଗଠିତ ଆୟୁଷ ଛାତ୍ର ସଂଗଠନ ପକ୍ଷରୁ ଗୁରୁବାର ୨୪ ଘଣ୍ଟିଆ କଳା ଦିବସ ପାଳନ କରାଯିବ। ଆୟୁଷ ଛାତ୍ରୀଛାତ୍ରମାନେ କଳାବ୍ୟାଜ୍ ପରିଧାନ ସହ ପ୍ରତିବାଦ ସଭା କରିବେ। ଆୟୁଷ କଲେଜରେ ମୌଳିକ ସମସ୍ୟାର ସମାଧାନ, ହାଉସ ସର୍ଜନଙ୍କ ଭତ୍ତା ବୃଦ୍ଧି, ଆୟୁଷ ଡାକ୍ତରଙ୍କ ସ୍ଥାୟୀ ନିଯୁକ୍ତି ପାଇଁ ପଦକ୍ଷେପ, ଆୟୁଷ ଡିସ୍ପେନସାରି ବୃଦ୍ଧି, ସମସ୍ତ ଆୟୁଷ କଲେଜରେ ପିଜି ସିଟ ଉପଲବ୍ଧ ସହିତ ସିଟ ସଂଖ୍ୟା ବୃଦ୍ଧି କରାଯିବାକୁ ଦାବି କରାଯାଇଛି।

## ନାବାଳିକା ନିଖୋଜ ନେଇ ଥାନାରେ ଅଭିଯୋଗ

ନିମାପଡ଼ା,୨୫।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ଗତ ୨୩ ତାରିଖରୁ କେଉଁଆଡ଼େ ନିଖୋଜ ହୋଇଥିବା ନେଇ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ୨୮୬/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗତ ୨୩ ତାରିଖରେ ନାବାଳିକାକ ଜଣଙ୍କ ଘରୁ ବାହାରି ମାର୍କେଟିଂ କରିବାକୁ ସ୍ଥାନୀୟ ନିମାପଡ଼ା ବଜାରକୁ ଯାଇଥିଲେ। ହେଲେ ସେ ରାତି ସୁଦ୍ଧା ଘରକୁ ନ ଫେରିବାରି ପରିବାରବର୍ଗ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ନ ପାଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତୁରନ୍ତ ନାବାଳିକାଙ୍କୁ ଉଦ୍ଧାର କରିବାକୁ ତାଙ୍କ ବାପା ପୋଲିସ ନିକଟରେ ନିବେଦନ କରିଛନ୍ତି।

## ବଜ୍ରପାତରେ ଜଣେ ମୃତ

ଗୋପ,୨୫।୯(ଭାରତୀ ଭୂଷଣ ଉପାଧ୍ୟାୟ)

ଚାଷ ଜମିରୁ ଘରକୁ ଫେରୁଥିବା ବେଳେ ବୁଧବାର ଗୋପ ଥାନା ଅନ୍ତର୍ଗତ ଅଣ୍ଡରା-ଇଛାପୁର ପଞ୍ଚାୟତ ଅଧୀନ ବଡ଼ମଠ ଗ୍ରାମର ଚିତ୍ରସେନ ରାଉତ (୪୭)ଙ୍କ ଉପରେ ବଜ୍ରପାତ ହେବାପରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ପ୍ରକାଶ ଯେ ବୁଧବାର ଗୋପ ବ୍ଲକ ଅଞ୍ଚଳରେ ପ୍ରବଳ ମାତ୍ରାରେ ବର୍ଷା ସହିତ ଘଡ଼ଘଡ଼ି ମାରିଥିଲା। ବଡ଼ମଠ ଗ୍ରାମର ଚିତ୍ରସେନ ଜୋର୍‌ରେ ବର୍ଷା ହେବାରୁ ଚାଷ ଜମିରୁ ଘରକୁ ଫେରୁଥିବାବେଳେ ଏକ ବଜ୍ରପାତରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଯିବା ପରେ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଜଣେ ଗରିବ ଚାଷୀଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ଜିଲାପାଳଙ୍କ ନିକଟରେ ଦାବି କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଗୋପ ଥାନା ଅପମୃତ୍ୟୁ ମାମଲା ୨୬/୨୪ ରୁଜୁ ହୋଇଥିବା ଜଣାପଡ଼ିଛି।



ଜାତୀୟ ସେବା ଯୋଜନା ଦିବସ ପାଳନ ଅବସରରେ ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିର।

# ଆଜି ମୁଖ୍ୟମନ୍ତ୍ରୀଙ୍କ ସତ୍ୟବାଦୀ ଗସ୍ତ

ସାକ୍ଷୀଗୋପାଳ,୨୫।୯
(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

- ଜନ୍ମପୀଠରେ ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି
- କଲେଜ ପଡ଼ିଆରେ ସରକାରଙ୍କ ୧୦୦ଦିନ ପୂର୍ତ୍ତି ସମାରୋହ

ପୁରୀ ଜିଲା ସତ୍ୟବାଦୀ ବ୍ଲକ୍‌ରେ ଗୁରୁବାର ରାଜ୍ୟ ସରକାରଙ୍କ ୧୦୦ଦିନ ପୂର୍ତ୍ତି ସମାରୋହ ଆୟୋଜନ କରାଯାଇଛି। ସାକ୍ଷୀଗୋପାଳ କଲେଜ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏବଂ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି ଆର୍ ପାଟିଲ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ସହିତ ଏମ୍‌ପି, ବିଧାୟକ ଭାଜପା ନେତୃମଣ୍ଡଳୀ ଯୋଗଦେଇ ଜନସଭାକୁ ସମ୍ବୋଧିତ କରିବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି।

ପୂର୍ବାହ୍ନ ୧୧ଟାରୁ ମୁଖ୍ୟମନ୍ତ୍ରୀ ଗୋପବନ୍ଧୁଙ୍କ ଜନ୍ମପୀଠ ସୁଆଣ୍ଡୋରେ ପହଞ୍ଚି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ। ଗୋପବନ୍ଧୁ ପାର୍କରେ ଚାରାରୋପଣ କରିବା ପରେ ନିକଟସ୍ଥ ବିଦ୍ୟାଧରପୁର ଗ୍ରାମରେ ପହଞ୍ଚି ସେଠାରେ ଗ୍ରାମୀଣ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ପରିଦର୍ଶନ କରିବେ। ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ସ୍ୱଚ୍ଛତା ପରିଚାଳନା ସମ୍ପର୍କରେ ଆଲୋଚନା କରିବେ।

ଏହି ପରିପ୍ରେକ୍ଷୀରେ ବିଦ୍ୟାଧରପୁର ନୋଡାଲ୍ ଉପ୍ରା ବିଦ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ ଓ ହୋମିଓପାଥିକ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟମନ୍ତ୍ରୀ ପରିଦର୍ଶନ କରିବା ପରେ ସାକ୍ଷୀଗୋପାଳ କଲେଜ ପଡ଼ିଆରେ ୧୨ଟାରେ ପହଞ୍ଚି ସମାରୋହରେ ଯୋଗ ଦେବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ବୁଧବାର ସକାଳେ ସ୍ୱତନ୍ତ୍ର ସୁରକ୍ଷା ଟିମ୍ ସହ ଆଇଜି ସଞ୍ଜୟ କୌଶଲ, ପୁରୀ ଏମ୍‌ପି ସମ୍ବିତ୍ ପାତ୍ର, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକୀ ମିଶ୍ର, ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପତି, ଏସଡିପିଓ ବିରଞ୍ଚି ନାରାୟଣ ପତି, ଉପଜିଲାପାଳ ଗୋପୀନାଥ କୁଅଁର, ସତ୍ୟବାଦୀ ତହସିଲଦାର ଆଲୋକ ଦେହୁରୀ, ବିଡିଓ ଲିପ୍ସା ରାୟ, ଆଇଆଇସି ଉମେଶ କୁମାର ସାହୁ ପ୍ରମୁଖ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ସୁଆଣ୍ଡୋ, ବିଦ୍ୟାଧରପୁର ଓ ସାକ୍ଷୀଗୋପାଳ କଲେଜରେ ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥାକୁ ସମ୍ପର୍କରେ ଅନୁଧ୍ୟାନ କରିଥିଲେ।

# ଦର୍ଶନ ସୁବିଧା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି: ଜିଲାପାଳ

ପୁରୀ,୨୫।୯(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରତ୍ୟେକ ଦିନ ପୁରୀରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହେଉଛି। ତେବେ ଆଗକୁ କାର୍ତ୍ତିକ ମାସ ଥିବାରୁ ଶ୍ରୀମନ୍ଦିରରେ ଭକ୍ତ ଏବଂ ହବିଷିଆଳିଙ୍କ ସଂଖ୍ୟା ବୃଦ୍ଧି ପାଇବ। ଭକ୍ତମାନେ ଯେପରି ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ସେନେଇ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଶ୍ରୀମନ୍ଦିର ଚାରିଦ୍ୱାର ପଟେ ବ୍ୟାରିକେଡ୍ ଓ ଶେଡ୍ ନିର୍ମାଣ କରାଯାଉଛି। ତିନିପଟେ ନିର୍ମାଣ ସରିଥିବା ବେଳେ ସିଂହଦ୍ୱାର ପାର୍ଶ୍ୱରେ ବ୍ୟାରିକେଡ ନିର୍ମାଣ ଚାଲିଛି। ଭକ୍ତମାନେ ଦୋଳବେଦି ଛକଠାରୁ ବ୍ୟାରିକେଡ୍‌ରେ ପ୍ରବେଶ କରି ବଡ଼ଆଖଡା ମଠ ପଛପାର୍ଶ୍ୱ, ଲଙ୍ଗୁଳି ମଠ ପାର୍ଶ୍ୱ ଦେଇ ଶ୍ରୀମନ୍ଦିର ସିଂହଦ୍ୱାର ନିକଟକୁ ଯାଇ ମନ୍ଦିରରେ ପ୍ରବେଶ କରିବେ। ଏହାଛଡା ଜୋତା ଷ୍ଟାଣ୍ଡ, କ୍ଲକ୍ ରୁମ୍, ପାନୀୟଜଳ ବ୍ୟବସ୍ଥା ହେଉଛି। ପ୍ରମୁଖ କାର୍ଯ୍ୟ ନିମନ୍ତେ ଏଏସ୍‌ଆଇର ଅନୁମତି ଅଣାଯାଏ। ଯାହା ବି ହେଉଛି ସାମୟିକ ଭାବେ କରାଯାଉଛି। ନୀତି ଶୃଙ୍ଖଳା, ଆନନ୍ଦବଜାର ଶୃଙ୍ଖଳା ଆଦି କାର୍ଯ୍ୟ ଆଗେଇଛି। ସେହିପରି ଭିତର କାଠ ଓ ବାହାର କାଠ ନିକଟରେ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଉଛି। ଏନେଇ ବୈଠକ କରାଯାଇଛି। ସେବାୟତ ଓ ନିଯୋଗ ସହ ଆଲୋଚନା କରାଯିବ ବୋଲି ଜିଲାପାଳ କହିଛନ୍ତି। ଅନ୍ୟପକ୍ଷରେ ମେଘନାଦ ପାଚେରୀ ନିକଟରେ ଶେଡ୍ ନିର୍ମାଣ ବେଆଇନ ବୋଲି ସାମାଜିକ କର୍ମୀ ଦିଲୀପ ବରାଳ ଅଭିଯୋଗ ଆଣି ମୁଖ୍ୟ ଶାସନ ସଚିବଙ୍କୁ ଏକ ପତ୍ର ପ୍ରଦାନ କରିଛନ୍ତି। ପ୍ରଶାସନ ଏଏସ୍‌ଆଇ ଡିଜିଙ୍କ ବିନା ଅନୁମତିରେ ମେଘନାଦ ପାଚେରୀ ପାର୍ଶ୍ୱରେ ଶେଡ୍ ନିର୍ମାଣ କରୁଛି। ଏହାଦ୍ୱାରା ମେଘନାଦ ପାଚେରିର ସୌନ୍ଦର୍ଯ୍ୟ ନଷ୍ଟ ହେଉଛି ବୋଲି ସେ ଅଭିଯୋଗ କରିଛନ୍ତି। ଜିଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଜିଲାପାଳ ସ୍ୱାଇଁ କହିଚନ୍ତି, ଅସ୍ଥାୟୀ ବ୍ୟାରିକେଡ ନିର୍ମାଣ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଏଏସ୍‌ଆଇ ପକ୍ଷରୁ କୌଣସି ଆପତ୍ତି ଆସିନାହିଁ। ଅସ୍ଥାୟୀ ନିର୍ମାଣ ନିମନ୍ତେ କେବେ ଆପତ୍ତି ଆସିନାହିଁ ବୋଲି ସ୍ୱାଇଁ କହିଛନ୍ତି।

**ମେଘନାଦ ପାଚେରି ପାର୍ଶ୍ୱରେ ବେଆଇନ ନିର୍ମାଣ ଅଭିଯୋଗ**

# ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ପ୍ରତିହତ ପାଇଁ 'ସାଗର କବଚ'

ଅସ୍ତରଙ୍ଗ/କାକଟପୁର,୨୫।୯ (ପ୍ରଦୀପ୍ତ କୁମାର ଦୀକ୍ଷିତ/ ମମତା ଜେନା/ଶୁଭଦର୍ଶନ ମିଶ୍ର)




ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ପାଇଁ ସମରାଭ୍ୟାସ।

ଶତ୍ରୁ ସଂହାର କରିବା ସହ ଆତଙ୍କବାଦୀଙ୍କୁ ପ୍ରବେଶ ନ କରାଇବା ପାଇଁ ନୌସେନାର ଅଭିନବ ପ୍ରୟାସ। ପୁରୀ ଜିଲା ଅସ୍ତରଙ୍ଗ ଉପକୂଳରେ ବୁଧବାରଠାରୁ ଦୁଇଦିନିଆ ମିଳିତ ସମରାଭ୍ୟାସ 'ସାଗର କବଚ' ଅନୁଷ୍ଠିତ ହୋଇଯାଇଛି। ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ସମଗ୍ର ଭାରତ ଦୋହଲିଯିବା ପରେ ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିବାକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ତରଫରୁ ପ୍ରତ୍ୟେକ ବର୍ଷ ଭଳି ଆୟୋଜିତ ହୋଇଛି ମିଳିତ ସମରାଭ୍ୟାସ 'ସାଗର କବଚ'। ଉପକୂଳ ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳର ନୂଆଗଡ଼, କାଳିଆକଣ, ସହନ, ସୁନ୍ଦିକେଶର, ଗୁଣ୍ଡଲବା ସମେତ ନୌସେନା ଓ ପୋଲିସର ରଣକୌଶଳ ପ୍ରଦର୍ଶନ କରାଯାଇଛି। ଏହି ସମରାଭ୍ୟାସରେ ଭାରତୀୟ ତଟରକ୍ଷୀ ବାହିନୀ, ମେରାଇନ୍ ପୋଲିସ, ଅସ୍ତରଙ୍ଗ ପୋଲିସ ସହ ବିଭିନ୍ନ ଥାନା ପୋଲିସ ଏଥିରେ ସାମିଲ ହୋଇଛନ୍ତି।

ସୁରକ୍ଷା ବାହିନୀ ଦୁଇ ଭାଗରେ ବିଭକ୍ତ। ବ୍ଲୁ ଓ ରେଡ୍ ଫୋର୍ସ ୨ଟି ଟିମ୍ ହୋଇ ଏହି ସମରାଭ୍ୟାସ ଚାଲିଛି। ରେଡ୍ ଫୋର୍ସ ତଥା ଗୁପ୍ତଶତ୍ରୁ ଭୂମିକା ଓ ବ୍ଲୁ ଫୋର୍ସ ପୋଲିସ ତଥା ସୁରକ୍ଷା ବାହିନୀର ଭୂମିକା ତୁଲାଇଛନ୍ତି। ଉପକୂଳକୁ ବ୍ଲୁ ବାହିନୀ ଜଗିଥିବା ବେଳେ ରେଡ୍ ବାହିନୀ ଶତ୍ରୁପକ୍ଷ ହୋଇ ଦୂରସମୁଦ୍ରକୁ ଯାତ୍ରା କରି ପୁଣି ଉପକୂଳମୁହାଁ ହୋଇ ଆକ୍ରମଣ କରିବା ପାଇଁ ଶତ୍ରୁପକ୍ଷକୁ କଡ଼ା ଜବାବ ଦେବା ପାଇଁ ପ୍ରସ୍ତୁତ ଅଛନ୍ତି। ସମୁଦ୍ର ପଥ, ବସ୍ ଆଦିରେ ରେଡ୍ ଫୋର୍ସ ରହିବେ, ତାଙ୍କୁ ମୁକାବିଲା କରିବେ ବ୍ଲୁ ଫୋର୍ସ। ସମୁଦ୍ରରେ ସନ୍ଦେହଜନକ ଭାବେ ଯାତାୟାତ କରୁଥିବା ଡଙ୍ଗାକୁ ଚିହ୍ନଟ କରିବେ। ବାହ୍ୟ ଶତ୍ରୁଠାରୁ ଉପକୂଳକୁ ରକ୍ଷା କରିବା ପାଇଁ ଏହି ସମରାଭ୍ୟାସ ପ୍ରତିବର୍ଷ କରାଯାଇଥାଏ। କାର୍ଯ୍ୟକ୍ରମରେ ନୂଆଗଡ଼ ସାମୁଦ୍ରିକ ଥାନାଧିକାରୀ ଅଚ୍ୟୁତାନନ୍ଦ ବେହେରା, ଅତିରିକ୍ତ ଥାନାଧିକାରୀ ସନ୍ତୋଷ କୁମାର ଜେନା, ମାଷ୍ଟର୍ ପ୍ରକାଶ ଦାସ, ମାଷ୍ଟର୍ ବିପ୍ରଚରଣ ସ୍ୱାଇଁ, ପି. କେ. ସେଠି, ଏମ୍ ଆର୍ ପରିଡ଼ାଙ୍କ ସହ ଅନେକ ଅଧିକାରୀ ଉପସ୍ଥିତ ରହିବା ସହ ଦୁଇ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଛନ୍ତି।

# ସ୍କୁଲ ଦଖଲରେ ରଖି ୧୦୦ କୋଟି ଦାବି

## ୪୮ ଘଣ୍ଟା ପରେ ଅଭିଯୁକ୍ତ ଗିରଫ

### ଅଭିଯୁକ୍ତଙ୍କ ତୀର ଓ ବାଟୁଳି ମାଡ଼ରେ ଆଇଆଇସିଙ୍କ ସମେତ ୪ ଆହତ

ବଣାଇଁ,୨୫।୯(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ ମହୁଲପଦା ଥାନା ଅନ୍ତର୍ଗତ ବଡଜଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଗତ ଶନିବାରଠାରୁ କବ୍‌ଜା କରି ରଖିଥିବା ଜଣେ ଯୁବକଙ୍କୁ ୪୮ ଘଣ୍ଟାର ଅପରେଶନ ପରେ ପୋଲିସ କାବୁ କରିବାରେ ସଫଳ ହୋଇଛି। ଅଭିଯୁକ୍ତ ହେଲେ ବଡଜଲ ଗ୍ରାମ ପିଣ୍ଡିକା ସାହିର ଧନୀସିଂ ମୁଣ୍ଡାରି। ତାଙ୍କ ନିକଟରୁ କୁରାଢ଼ି, ଧନୁ ତୀର, ବାଟୁଳି, ଏକ ବଡ ହାମ୍ବର ଜବତ କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ମହୁଲପଦା ଥାନାରେ ୨ଟି ପୃଥକ ମାମଲା ୫୩/୨୪ ଓ ୫୪/୨୪ ରୁଜୁ ହୋଇଛି। ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବ। ପୋଲିସ କହିବା ଅନୁଯାୟୀ, ମସ୍ତିଷ୍କ ବିକୃତ ଯୁବକ ଶନିବାରଠାରୁ ବଡ଼ଜଲ ସ୍କୁଲକୁ ଅକ୍ତିଆର କରି ତାହାର ବୋଲି ଦାବି କରିଆସୁଥିଲା। ରବିବାର ପ୍ରଧାନ ଶିକ୍ଷକ ସାହୁ ମୁଣ୍ଡାରିଙ୍କୁ ସମ୍ପୃକ୍ତ ଯୁବକ ବାଟୁଳିରେ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିଲା। ସେହିଦିନଠାରୁ ବିଦ୍ୟାଳୟର ଉପର ମହଲାକୁ ନିଜ ଘର ଭାବେ ବ୍ୟବହାର କରିବା ସହିତ ଯିଏ ବିଦ୍ୟାଳୟକୁ ଆସୁଥିଲେ ତାଙ୍କୁ ଧନୁ ତୀରରେ ଆକ୍ରମଣ କରୁଥିଲେ। ମଙ୍ଗଳବାର ମହୁଲପଦା ଥାନା ଅଧିକାରୀ ସୁରେଶ ଚନ୍ଦ୍ର ପ୍ରଧାନ ଓ ଜଣେ କନଷ୍ଟେବଲଙ୍କୁ ଧନୁ ତୀର ମାରି ଆହତ କରିଥିଲେ। ବୁଧବାର ପୁଣି ଜଣେ କନଷ୍ଟେବଲ ଧନୁ ତୀର ମାଡରେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ମଙ୍ଗଳବାର ବଣାଇଁ ଉପଖଣ୍ଡ ପୋଲିସ ଅଧିକାରୀ ସରାଜ ଦେବତାଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ଅପରେଶନ ଚଳାଇଥିଲେ। ସନ୍ଧ୍ୟାରେ ରାଉରକେଲାରୁ ଏକ ଡିଭିଏଫ ଟିମ ଆସି ଅପରେଶନରେ ସହଯୋଗ କରିଥିଲେ। ଗ୍ରାମବାସୀଙ୍କ କହିବା ମୁତାବକ, ଧନୀ ସିଂ ପୂର୍ବରୁ ଏକ ଗଛ ଉପରେ ଘର କରି ରହୁଥିଲେ। ପୂର୍ବତନ ମହୁଲପଦା ଥାନା ଅଧିକାରୀଙ୍କୁ କାଠ ଫାଳିଆରେ ଆକ୍ରମଣ କରିଥିଲେ। ଗ୍ରାମବାସୀ ତାଙ୍କୁ ଭୟ କରୁଥିଲେ। ଉଲ୍ଲେଖଯୋଗ୍ୟ,ପ୍ରେମ ପ୍ରତାରଣା ନେଇ ଯୁବକଙ୍କ ମସ୍ତିଷ୍କ ଖରାପ ଥିବା ଓ ଏଥିନେଇ ସେ ଏକ ଅଭିଯୋଗ ପତ୍ର ମହୁଲପଦା ଥାନାରେ ପୂର୍ବରୁ ଦେଇଥିବା ସୂଚନା ମିଳିଛି।



## ଛେଣ୍ଡ ପେଟ୍ରୋଲ ପମ୍ପ୍ ନିକଟରେ ହତ୍ୟାକାଣ୍ଡ

# ଭିଶୋଇ ମୃତ, ଶଳା ଆହତ



ପଶ୍ଚିମାଞ୍ଚଳ ଆଇଜି ଏବଂ ଡିଆଇଜି ଘଟଣାସ୍ଥଳ ଅନୁଧ୍ୟାନ କରୁଛନ୍ତି।

ରାଉରକେଲା,୨୫।୯(ସଙ୍ଗୀତା ଜେନା)

ରାଉରକେଲା ସେକ୍ଟର-୭ ଥାନା ଅନ୍ତର୍ଗତ ଛେଣ୍ଡ ପେଟ୍ରୋଲ ପମ୍ପ୍ ପାର୍ଶ୍ୱ କଳ୍ପତରୁ ଆଶ୍ରମ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ହତ୍ୟାକାଣ୍ଡ ଘଟିଛି। ୩ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଆସି ଧାରୁଆ ଅସ୍ତ୍ରରେ ଗୋଡ଼େଇ ଗୋଡ଼େଇ ଆକ୍ରମଣ କରିବାରୁ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଝାଡ଼ଖଣ୍ଡ ଚକ୍ରଧରପୁର ଅଞ୍ଚଳର ଏମ୍‌ଡି ସାକିର। ଏହି ଘଟଣାରେ ଅନ୍ୟ ଜଣେ ଏମ୍‌ଡି ଆମିର ଆହତ ହୋଇ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତାହତ ସମ୍ପର୍କରେ ଶଳା ଭିଣୋଇ ହେବେ ବୋଲି ଜଣାପଡିଛି। ଘଟଣାସ୍ଥଳରେ ପୋଲିସ, ସାଇଣ୍ଟିଫିକ୍ ଟିମ୍, ଡଗ୍ ସ୍କ୍ୱାଡ୍ ପହଞ୍ଚି ତଦନ୍ତ କରୁଛନ୍ତି। ପଶ୍ଚିମାଞ୍ଚଳ ଆଇଜି ନୀତିଶେଖର, ଡିଆଇଜି ରାଉରକେଲା ବ୍ରିଜେଶ ରାୟ, ଜୋନ୍-୧ ଡିଏସ୍‌ପି ପୁଷ୍ପରାଣୀ ନିନ୍‌ଗୀ ପ୍ରମୁଖ ଘଟଣାସ୍ଥଳ ଅନୁଧ୍ୟାନ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ସାକିର କୁଆଡେ ତାଙ୍କ ଶ୍ୱଶୁର ଘର ମାଲଗୋଦାମ ଅଞ୍ଚଳକୁ ବୁଲିବା ପାଇଁ ଆସିଥିଲେ। ବୁଧବାର ସନ୍ଧ୍ୟାରେ ସେ ତାଙ୍କ ଶଳା ଆମିରଙ୍କୁ ନେଇ ବାଇକ୍‌ରେ ବୁଲିବାକୁ ବାହାରିଥିଲେ। କଳ୍ପତରୁ ଆଶ୍ରମ ନିକଟରେ ଉଭୟ ଚା ପିଉଥିବା ବେଳେ ଗୋଟିଏ ବାଇକ୍‌ରେ ୩ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଆସି ଧାରୁଆ ଅସ୍ତ୍ରରେ ଉଭୟ ଶଳା ଓ ଭିଣୋଇଙ୍କ ଉପରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଭିଣୋଇ ସାକିର ମୃତ୍ୟୁବରଣ କରିଥିବା ବେଳେ ଆମିର ଜୀବନ ବଞ୍ଚାଇ ପଳାଇଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଆରଜିଏଚ୍‌ରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ଉଭୟଙ୍କ ବାଇକ ଘଟଣାସ୍ଥଳର କିଛି ଦୂରରେ ପଡ଼ିରହିଛି। ତେବେ ରିପୋର୍ଟ ଲେଖାଯିବା (ରାତି ସାଢ଼େ ୮ଟା) ସୁଦ୍ଧା ମୃତଦେହ ଘଟଣାସ୍ଥଳରେ ପଡିରହିଥିଲା। ଦୁର୍ବୃତ୍ତମାନେ ଗୋଡେଇ ଗୋଡେଇ ଉଭୟଙ୍କୁ ଆକ୍ରମଣ କରିଥିଲେ ବୋଲି କିଛି ସ୍ଥାନୀୟ ଲୋକ କହିଛନ୍ତି।

# ବାଲିଗାଡ଼ି ଯାଞ୍ଚ ବେଳେ ଖଣି ଅଧିକାରୀଙ୍କୁ ମାଡ଼, ଜଣେ କୋର୍ଟ ଚାଲାଣ



କୋରାପୁଟ ପୋଲିସ ଜବତ କରିଥିବା ବାଲିବୋଝେଇ ଗାଡ଼ି।

କୋରାପୁଟ,୨୫।୯(ଅମିତାଭ ବେହେରା)

କୋରାପୁଟ ଜିଲା ଖଣି ବିଭାଗ ଅଧିକାରୀଙ୍କୁ ବାଲି ବ୍ୟବସାୟୀ ମାଡ଼ମାରିବା ଅଭିଯୋଗରେ ବୁଧବାର ଟାଉନ ପୋଲିସ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେ ହେଲେ ତିରୁପତି ପାଣିଗ୍ରାହୀ। ଏ ନେଇ କୋରାପୁଟ ଟାଉନ୍ ଥାନରେ (ନଂ. ୨୩୪/୨୪) ମାମଲା ରୁଜୁ କରାଯାଇଛି।

ବୁଧବାର ସକାଳୁ କୋରାପୁଟ ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନବରଙ୍ଗପୁର ଅଞ୍ଚଳରୁ ଆସୁଥିବା କେତେକ ବାଲି ବୋଝେଇ ହାଇୱାକୁ ଖଣି ଅଧିକାରୀ କୃଷ୍ଣ ଚନ୍ଦ୍ର ଖଣ୍ଡିଆ ଓ ଅତିରିକ୍ତ ଖଣି ଅଧିକାରୀ ପୀତାମ୍ବର ମହାନ୍ତ, କନିଷ୍ଠ ଖଣି ଅଧିକାରୀ ଉମାକନ୍ତ ନାୟକ ଓ ସତ୍ୟ ରଞ୍ଜନ ପ୍ରଧାନ ଆଦି ଅଧିକାରୀ ଯାଞ୍ଚ କରୁଥିଲେ। ଏହି ଖବର ପାଇ କେତେକ ହାଇୱା ଡ୍ରାଇଭର ଗାଡି ମାଲିକ ଓ ବ୍ୟବସାୟୀଙ୍କୁ ସୂଚନା ଦେଇଥିଲେ। ଖବର ପାଇବା ପରେ କେତେକ ଗାଡି ମାଲିକ ଏବଂ ବ୍ୟବସାୟୀ ଘଟଣାସ୍ଥଳରେ ପହଞ୍ଚି ଖଣି ଅଧିକାରୀଙ୍କୁ କାହିଁକି ଗାଡି ଯାଞ୍ଚ କରୁଛ ବୋଲି ପଚାରି ସେମାନଙ୍କ ସହ ପାଟୁତୁଣ୍ଡ କରିଥିଲେ। ପରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହେବାରୁ ଜଣେ ବାଲି ବ୍ୟବସାୟୀ ଉତ୍‌କ୍ଷିପ୍ତ ହୋଇ ହଠାତ୍ ଅତିରିକ୍ତ ଖଣି ଅଧିକାରୀ ମହାନ୍ତଙ୍କ କାନମୂଳକୁ ମୁଥ ମାରିବା ସହ ଖଣି ଅଧିକାରୀ ଖୁଣ୍ଟିଆଙ୍କୁ ମାଡ ମାରିଥିବା ଖଣି ଅଧିକାରୀ ପୀତାମ୍ବର ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି।

ଏନେଇ ୨ ଅଧିକାରୀ ଘଟଣା ସମ୍ପର୍କରେ କୋରାପୁଟ ଏସ୍‌ପି ଅଭିନବ ସୋନକାରଙ୍କୁ ଜଣାଇବା ସହ ଟାଉନ ଥାନାରେ ଏତଲା ଦେଇଥିଲେ। ଖବର ପାଇ ଟାଉନ ଓ ସଦର ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମାଡ ମାରିଥିବା କେତେକ ବାଲି ବ୍ୟବସାୟୀଙ୍କୁ ଥାନାକୁ ନେଇ ଅଟକ ରଖିବା ସହ ବେଆଇନ ବାଲି ଚାଲାଣ କରୁଥିବା ୬ ହାଇୱା ଓ ଗୋଟିଏ ଟ୍ରାକ୍ଟରକୁ ଜବତ କରିଥିଲେ। ଏହି ଘଟଣାକୁ ନେଇ ଦିନ ତମାମ ଗାଡି ମାଲିକ, ବାଲି ବ୍ୟବସାୟୀ ଓ ଖଣି ବିଭାଗ ଅଧିକାରୀଙ୍କ ସହ ପୋଲିସ ଆଲୋଚନା କରିଥିବାବେଳେ ମାଡମାରିବା ଅଭିଯୋଗରେ ରାତିରେ ବାଲି ବ୍ୟବସାୟୀ ପାଣିଗ୍ରାହୀଙ୍କୁ କୋର୍ଟ ଚାଲାଣ କରିଛି।

# କବର ଖୋଳିବାକୁ ଦେଲେନି ପରିବାର ଲୋକେ

## ସମ୍ବଲପୁରୀ ଗାୟିକା ରୁକ୍ସାନାଙ୍କ ମୃତ୍ୟୁ ଘଟଣା

## ଫେରିଆସିଲେ ମାଜିଷ୍ଟ୍ରେଟ୍, ପୋଲିସ

ଭବାନୀପାଟଣା,୨୫।୯ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାର ଜଣାଶୁଣା ସମ୍ବଲପୁରୀ ଗାୟିକା ତଥା ଅଭିନେତ୍ରୀ ରୁକ୍ସାନା ବାନୋ (୨୭)ଙ୍କ ମୃତ୍ୟୁ ଘଟଣା ଉପରୁ ଏବେବି ପରଦା ଉଠିପାରି ନାହିଁ। ବଲାଙ୍ଗୀରରେ ଆଲବମ୍ ଶୁଟିଂ ସମୟରେ ରୁକ୍ସାନାଙ୍କୁ ଖାଇବା ପାଇଁ ଖାଦ୍ୟ ଓ ପିଇବା ପାଇଁ ଦିଆଯାଇଥିବା ଜୁସ୍‌ରେ ସ୍ଲୋ ପଏଜନ ଦିଆଯାଇ ହତ୍ୟା କରାଯାଇଥିବା ତାଙ୍କ ପରିବାର ତରଫରୁ ଅଭିଯୋଗ କରାଯାଉଛି। ଏପରି କି ଘଟଣାର ସିବିଆଇ ତଦନ୍ତ କରିଛନ୍ତି ପରିବାର ଲୋକେ। ଅପରପକ୍ଷରେ ରୁକ୍ସାନାଙ୍କ ମୃତ୍ୟୁ କେଉଁ କାରଣରୁ ହୋଇଛି ତାହା ଜାଣିବା ପାଇଁ ବୁଧବାର କବର ଖୋଳି ମୃତଦେହ ବ୍ୟବଚ୍ଛେଦ କରିବାକୁ ପୋଲିସ ଚାହିଁଥିବାବେଳେ କବର ସ୍ଥାନରେ ରୁକ୍ସାନାଙ୍କ ମା' ଓ ଭଉଣୀ ଏହାକୁ ବିରୋଧ କରିଛନ୍ତି। ଏପରି କି ସେମାନେ ପୋଲିସକୁ ଗାଳି କରିବା ସହ କବର ଖୋଳିଲେ ପୋଲିସ ଉପରେ କେସ୍ କରିବେ ବୋଲି କହିଥିଲେ। ଭବାନୀପାଟଣା ସଦର ଥାନା ଓ ଟାଉନ ଥାନା ପୋଲିସ ତାଙ୍କ ମା'ଙ୍କୁ ବୁଝାଇବାରେ ଅସଫଳ ହୋଇଥିଲେ। ପରେ ଘଟଣାସ୍ଥଳରେ ସ୍ଥାନୀୟ ଏସ୍‌ଡିପିଓ ସୁନାରାମ ହେମ୍ବ୍ରମ ଓ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଯୋଗେଶ୍ୱର ସାହୁ ପହଞ୍ଚି ପରିବାର ଲୋକଙ୍କ ସହ ଆଲୋଚନା କରି ବୁଝାଶୁଝା କରିଥିଲେ। ହେଲେ ରୁକ୍ସାନାଙ୍କ ମା' ଓ ଭଉଣୀ ଜିଦରେ ଅଟଳ ରହିଥିଲେ। ଏହି ମାମଲାକୁ ସିବିଆଇକୁ ଦିଆଯିବା ପରେ କବର ଖୋଳିବାକୁ ଅନୁମତି ଦେବେ ବୋଲି ରୁକ୍ସାନାଙ୍କ ଭଉଣୀ ରୁବି କହିଥିଲେ। ଫଳରେ ଘଟଣାସ୍ଥଳରୁ ପୋଲିସ ଓ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ନିରାଶ ହୋଇ ଫେରିଆସିଥିଲେ।



ତଦନ୍ତ ପାଇଁ ଯାଇଥିବା ଏସ୍‌ଡିପିଓ ଓ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ।

ସୂଚନା ଯୋଗ୍ୟ, ରୁକ୍ସାନାଙ୍କ ଚିକିତ୍ସାଧୀନ ଅବସ୍ଥାରେ ଗତ ୧୯ ତାରିଖରେ ଭୁବନେଶ୍ୱରସ୍ଥିତ ଏମ୍ସରେ ମୃତ୍ୟୁ ହୋଇଥିଲା। ସ୍କ୍ରବ୍ ଟାଇଫସ୍‌ରେ ତାଙ୍କର ମୃତ୍ୟୁ ହେଇଥିବା ଡାକ୍ତର କହୁଥିବା ବେଳେ ପରିବାର ଲୋକେ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ ଆଣିଥିଲେ। ରୁକ୍ସାନାଙ୍କୁ ସ୍ଲୋ ପଏଜନ ଦିଆଯାଇ ହତ୍ୟା କରାଯାଇଥିବା ଏବଂ ଏଥିରେ ସମ୍ବଲପୁରୀ ଗାୟକ ରୁକୁ ସୁନା ଓ ତାଙ୍କ ୨ ସହଯୋଗୀଙ୍କ ହାତ ରହିଥିବା ଅଭିଯୋଗ ଆଣି ତାଙ୍କ ନାମରେ ଗତ ସୋମବାର ସନ୍ଧ୍ୟାରେ ରୁକ୍ସାନାଙ୍କ ମା' ସାହିଦା ବେଗମ ଓ ଭଉଣୀ ରୁବି ଭବାନୀପାଟଣା ଟାଉନ ଥାନାରେ ୮ ପୃଷ୍ଠା ସମ୍ବଳିତ ଲିଖିତ ଅଭିଯୋଗ ଦେଇଥିଲେ। ଏହାପରେ ପୋଲିସ ଏକ ମାମଲା (ନଂ.୩୭୨/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲଦଣ୍ଡ

## ପକ୍ଷାଘାତ ମହିଳାଙ୍କୁ ବଳାତ୍କାର ମାମଲାର ରାୟ

ଭୁବନେଶ୍ୱର,୨୫।୯(ସତ୍ୟଜିତ୍ ରାଉତ)

ବଡ଼ଗଡ଼ ଥାନା ଅଞ୍ଚଳରେ ଜଣେ ପକ୍ଷାଘାତ ପୀଡ଼ିତ ମହିଳାଙ୍କୁ ବଳାତ୍କାର ମାମଲାରେ ଭୁବନେଶ୍ୱର ଅତିରିକ୍ତ ଦୌରା ଜଜ୍ (ଏଡିଜେ)୪ ବିଚାରପତି ପ୍ରଦୀପ କୁମାର ବେହେରା ବୁଧବାର ରାୟ ପ୍ରକାଶ କରିଛନ୍ତି। ମାମଲାରେ ଅଭିଯୁକ୍ତ ଥିବା ରମେଶ ଜେନାଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରି ୧୦ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦୟେ ଅଧିକ ବର୍ଷେ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ କହିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଅଭିଯୋଗକାରିଣୀ ତାରିଣୀ ବସ୍ତିରେ ରହୁଥିବା ବେଳେ ତାଙ୍କ ମା' ପକ୍ଷାଘାତ ଅବସ୍ଥାରେ ଦୀର୍ଘ ୩ବର୍ଷ ହେବ ଶଯ୍ୟାଶାୟୀ। ୨୦୨୨ ମେ' ପ୍ରଥମ ସପ୍ତାହରେ ସ୍ଥାନୀୟ ଅଞ୍ଚଳର ରମେଶ ଜେନା ପୀଡ଼ିତାଙ୍କ ଅସହାୟତାର ସୁଯୋଗ ନେଇ ବଳାତ୍କାର କରିଥିଲେ। ଜଣେ ପଡ଼ୋଶୀ ଏହି ଘଟଣାକୁ ଦେଖିଥିବା ବେଳେ ଏହାର ଭିଡିଓ କରିଥିଲେ। ଏହି ଘଟଣା ବିଷୟରେ ଜାଣି ଅଭିଯୋଗକାରିଣୀ ୨୦୨୨ ମେ' ୮ରେ ବଡ଼ଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୬୫/୨୦୨୪) ରୁଜୁକରି ଅଭିଯୁକ୍ତ ରମେଶଙ୍କୁ ଗିରଫ କରିଥିଲା। ୧୭ଜଣଙ୍କ ସାକ୍ଷ୍ୟ ଓ ଅନ୍ୟାନ୍ୟ ଦସ୍ତାବିଜ୍ ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ନାରାୟଣ ପଣ୍ଡା ପରିଚାଳନା କରୁଥିଲେ।

# କମ୍ ଦାମରେ ଦାମୀ ସାମଗ୍ରୀ ଲୋଭ ଦେଖାଇ ଠକେଇ

## ୩ ଜଣଙ୍କୁ ଗିରଫକଲା ପୋଲିସ

କେନ୍ଦୁଝର,୨୫।୯(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କମ୍ ଦାମରେ ଦାମୀ ସାମଗ୍ରୀ ଦେଖାଇ ଲୋକଙ୍କୁ ଠକୁଥିବା ଅଭିଯୋଗରେ କେନ୍ଦୁଝର ଟାଉନ ଥାନା ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଭଦ୍ରକ ଜିଲା ତିହିଡ଼ି ଥାନା ପାଳିବନ୍ଧର କାଳନ୍ଦୀ ଚରଣ ସାହୁ(୩୪), ପିରହାଟ ଥାନା ଅନ୍ତର୍ଗତ ହର୍ଷପୁର ଗ୍ରାମର ନିଗମାନନ୍ଦ କର(୩୦) ଏବଂ ଲିପୁନ ପାଢ଼ୀ(୨୪)। ସେମାନେ ଘରକୁ ଘର ବୁଲି ଲିଫ୍‌ଲେଟ ଦେଖାଇ ବିଭିନ୍ନ ମିଥ୍ୟା ସ୍କିମ୍ ବାବଦରେ ଲୋକଙ୍କୁ ବୁଝାଉଥିଲେ। ଏପରି କି କାର୍ଡ ସ୍କ୍ରାଚ୍ କଲେ ବହୁ ଦାମୀ ସାମଗ୍ରୀ କମ ଦାମରେ ମିଳିବ ବୋଲି କହି ଲୋକଙ୍କୁ ଭୁଆଁ ବୁଲାଉଥିଲେ ବୋଲି ପୋଲିସ କହିଛି।

ସୂଚନା ଅନୁଯାୟୀ, ଗତ ୨୨ତାରିଖରେ ଜିଲା ଚିକିତ୍ସାଳୟ ପରିସରରେ ରହୁଥିବା ଜଣେ ଷ୍ଟାଫ୍‌ନର୍ସ ଜାନକୀ ସେଠୀଙ୍କ ଘରକୁ ଯାଇ ଅଭିଯୁକ୍ତମାନେ ଲିଫଲେଟ୍ ଦେଖାଇ ବିଭିନ୍ନ ପ୍ରକାର ଲୋଭନୀୟ ପ୍ରତିଶ୍ରୁତି ଦେଇଥିଲେ। ୧୦୦ ଟଙ୍କା ନେଇ ପ୍ରଥମେ ସ୍କ୍ରାଚ୍ କରିବାକୁ କହିଥିଲେ। ସ୍କ୍ରାଚ୍ କରିବା ପରେ ଏକ ଇଣ୍ଡକ୍ସନ ମିଳିଥିବା କହିଥିଲେ। ପରେ ବିଭିନ୍ନ ଘରକରଣା ସାମଗ୍ରୀ ଅଫରରେ ମିଳିବ ବୋଲି କହି ୮ଟି ପର୍ଯ୍ୟାୟରେ ୪୩ ହଜାର ଟଙ୍କା ଗୁଗଲ ପେ(ନଂ.୭୬୮୧୮୩୮୭୮୫)ରେ ନେଇଥିଲେ। କେନ୍ଦୁଝର ସହରରେ ଥିବା ଗୋଦାମ ଘରୁ ଅର୍ଡର କରିଥିବା ସାମଗ୍ରୀ ଯୋଗାଇ ଦିଆଯିବ ବୋଲି କହିଥିଲେ। ସେଠାରୁ ଆସିବା ପରେ ପ୍ଲାଜ୍‌ମା ଟିଭି, ଏସି, ୱାଶିଂ ମେଶିନ, ଫ୍ରିଜ୍ ଏବଂ ଅନ୍ୟ ସମାଗ୍ରୀ ପାଇଁ ଆଉ ୨୨ ହଜାର ଟଙ୍କା ଦେବାକୁ କହିଥିଲେ। ତେବେ ଜାନକୀଙ୍କ ସନ୍ଦେହ ହେବାରୁ ସେ ଆଉ ଟଙ୍କା ଦେଇ ନ ଥିଲେ। ଫୋନ୍ କରି ନେଇଥିବା ଟଙ୍କା ଫେରାଇବାକୁ କହିବାରୁ ଅଭିଯୁକ୍ତ ଫୋନ୍ ସୁଇଚ୍ ଅଫ୍ କରି ଦେଇଥିଲେ। ଠକାମିର ଶିକାର ହେବା ଜାଣି ଜାନକୀ ଟାଉନ ଥାନରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୪୭୮/୨୦୨୪)ରୁଜୁ କରି ଘଟଣାର ତଦନ୍ତ କରି ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଗୋଟିଏ ମୋଟର ସାଇକେଲ (ନଂ. ଓଡି ୨୨-ଏକ୍ସ-୦୨୯୪), ସ୍କ୍ରାଚ୍ କାର୍ଡ, ବ୍ୟାଗ୍, ଲୋଭନୀୟ ଅଫର ଥିବା ଲିଫ୍‌ଲେଟ, ୩ ମୋବାଇଲ ଏବଂ ଇଣ୍ଡକ୍ସନ ଜବତ କରାଯାଇଛି। ଏହି ଗ୍ୟାଙ୍ଗରେ ବହୁ ସଦସ୍ୟ ରହିଥିବା ସେମାନେ ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ଗ୍ୟାଙ୍ଗର ଅନ୍ୟ ସମସ୍ତ ସଦସ୍ୟଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ସିଲୁ ମଲ୍ଲିକ ପ୍ରକାଶ କରିଛନ୍ତି।





ଜବତ ସାମଗ୍ରୀ ଓ ଗିରଫ ୩ ଅଭିଯୁକ୍ତ।

# ଝିଅଙ୍କୁ ଯୌନ ନିର୍ଯାତନା: ଅଭିଯୁକ୍ତ ବାପାଙ୍କୁ ୩ ବର୍ଷ ଜେଲ

ଭୁବନେଶ୍ୱର,୨୫।୯(ସୂର୍ଯ୍ୟକାନ୍ତ ବେହେରା)

ନାବାଳିକା ଝିଅଙ୍କୁ ଯୌନ ନିର୍ଯାତନା ମାମଲାର ରାୟ ବୁଧବାର ଭୁବନେଶ୍ୱର ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ (ପୋକ୍‌ସୋ) ତଥା ଆଡ୍‌ହକ୍ ଆଡିଶନାଲ ସେସନ ଜଜ୍‌କୋର୍ଟରେ ପ୍ରକାଶ ପାଇଛି। ବିଚାରପତି ସରୋଜ କୁମାର ସାହୁ ଭରତପୁର ଥାନା ଅଞ୍ଚଳରେ ୨୦୨୨ ଏପ୍ରିଲରେ ଘଟିଯାଇଥିବା ଏହି ମାମଲାର ବିଚାର କରି ଅଭିଯୁକ୍ତ ବାପାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ ବର୍ଷର ଜେଲଦଣ୍ଡ ଶୁଣାଇଛନ୍ତି। ଏହାସହ ୩ ହଜାର ଟଙ୍କାର ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକ ଏକ ମାସ ଜେଲ ଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି। ୪ଜଣ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି। ଘଟଣାର ବିବରଣୀ ଅନୁଯାୟୀ, ଅଭିଯୁକ୍ତ ବାପା ୧୫୨ ବାଟାଲିୟନ ଆସାମ ଗ୍ରୁପ୍‌ରେ ହେଡ୍ କନ୍‌ଷ୍ଟେବଲ ଭାବେ କାର୍ଯ୍ୟରତ। ସେ ବିଳମ୍ବିତ ରାତିରେ ନିଶାସକ୍ତ ଅବସ୍ଥାରେ ଘରକୁ ଫେରି ନିଜ ଝିଅଙ୍କୁ ଯୌନ ନିର୍ଯାତନା ଦେଉଥିଲେ। ଏନେଇ ତାଙ୍କ ସ୍ତ୍ରୀ ତଥା ପୀଡିତାଙ୍କ ମା ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଜୀବ ସାସମଲ ଓ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ବଳରାମ ଦେଓ ପରିଚାଳନା କରିଥିଲେ।

# ଛାତ୍ରୀଙ୍କୁ ହଇରାଣ କରୁଥିବା ସ୍କୁଲ ବସ୍ ହେଲ୍‌ପର ଗିରଫ

## ଏଭଳି ଘଟଣା ନଜରକୁ ଆସିଲେ ପୋଲିସକୁ ଜଣାଇବାକୁ ଏସିପିଙ୍କ ପରାମର୍ଶ

ଭୁବନେଶ୍ୱର,୨୫।୯(ସୂର୍ଯ୍ୟକାନ୍ତ ବେହେରା)

ଜଣେ ନାବାଳିକା ଛାତ୍ରୀଙ୍କୁ ମନ୍ଦ ଉଦ୍ଦେଶ୍ୟ ରଖି ୨ ବର୍ଷ ହେବ ହଇରାଣ କରୁଥିବା ଏକ ସ୍କୁଲ୍ ବସ୍‌ର ହେଲ୍‌ପର ଗିରଫ ହୋଇଛନ୍ତି। କମିଶନରେଟ ପୋଲିସର ହର୍ ଟିମ୍ ତାଙ୍କୁ ବୁଧବାର କାବୁ କରିବା ପରେ ଲକ୍ଷ୍ମୀସାଗର ପୋଲିସ ଜିମା ଦେଇଛି। ଗିରଫ ଅଭିଯୁକ୍ତ ହେଲେ ବାଲିଅନ୍ତା ଥାନା ଅଞ୍ଚଳର କିଶାନ ଦାସ(୧୯)। ପୋଲିସ ସୂଚନାନୁସାରେ, ଛାତ୍ରୀ ଜଣକ ସ୍କୁଲକୁ ବସ୍ ଯୋଗେ ଯିବା ଆସିବା କରନ୍ତି। ଅଭିଯୁକ୍ତ କିଶାନ ଉକ୍ତ ବସ୍‌ର ହେଲ୍‌ପର ଭାବେ କାର୍ଯ୍ୟ କରନ୍ତି। କିଶାନ ମନ୍ଦ ଉଦ୍ଦେଶ୍ୟ ରଖି ଉକ୍ତ ଛାତ୍ରୀଙ୍କୁ ଚକୋଲେଟ ଓ ଉପହାର ମାଧ୍ୟମରେ ପ୍ରଲୋଭିତ କରିବାକୁ ଚେଷ୍ଟା କରିବା ସହ ୨ବର୍ଷ ହେବ ନାନା ହଇରାଣ କରିଆସୁଥିଲେ। ଏନେଇ ଛାତ୍ରୀଙ୍କ ବାପା ଜାଣିବା ପରେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏହାପରେ ବି ଅଭିଯୁକ୍ତ କିଶାନ ଫୋନ୍ ମାଧ୍ୟମରେ ହଇରାଣ କରୁଥିଲେ। ଶେଷରେ ସେ ଗତ ୨୦ ତାରିଖରେ ହର୍ ଟିମ୍‌କୁ ଖବର ଦେଇଥିଲେ। ଅଭିଯୋଗ ପରେ ହର୍ ଟିମ୍ ବାଲିଅନ୍ତା ଥାନା ଅଞ୍ଚଳରେ ଚଢାଉ କରି ଅଭିଯୁକ୍ତଙ୍କୁ ଧରିଥିଲା। ଅନ୍ୟପଟେ ଏଭଳି ଘଟଣା ନଜରକୁ ଆସିଲେ କିମ୍ବା କାହା ସହ ଘଟୁଥିଲେ, ତୁରନ୍ତ ପୋଲିସକୁ ଜଣାଇବାକୁ ଏସିପି ଅଞ୍ଜନା ରୁଦ୍ର ପରାମର୍ଶ ଦେଇଛନ୍ତି।

# ରେଳବାଇରେ ଚାକିରି ନାଁରେ ୭ ଲକ୍ଷ ଠକେଇ

## ଭୁବନେଶ୍ୱରରୁ ଜଣଙ୍କୁ ଗିରଫକଲା ମାଲକାନଗିରି ପୋଲିସ

ମାଲକାନଗିରି, ୨୫।୯(ଦୁର୍ଯ୍ୟୋଧନ ପାତ୍ର)

ରେଳ ବିଭାଗରେ ଚାକିରି କରାଇଦେବା ନାଁରେ ୭ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ମାଲକାନଗିରି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଭୁବନେଶ୍ୱରରୁ ବୁଧବାର ଗିରଫ କରିଛି। ଗିରଫ ବିକ୍ରମ କୁମାର ଜେନାଙ୍କୁ ପୋଲିସ ମାଲକାନଗିରି କୋର୍ଟରେ ହାଜର କରିଛି।

ମାଲକାନଗିରି ଥାନା ଅନ୍ତର୍ଗତ ଏମ୍‌ଭି ୨ରେ ରହୁଥିବା ପ୍ରଜ୍ଞା ପ୍ରିୟଦର୍ଶିନୀଙ୍କୁ ରେଳ ବିଭାଗରେ ଚାକିରି କରାଇଦେବା ପ୍ରଲୋଭନ ଦେଇଥିଲେ କୋରାପୁଟ ଜିଲା ଜୟପୁର ଅଞ୍ଚଳର ସନ୍ତୋଷ ସାହୁ। ତେବେ ଏଥିରେ ପ୍ରଜ୍ଞା ପ୍ରଲୋଭିତ ହୋଇ ଟଙ୍କା ଦେବାକୁ ରାଜି ହୋଇଥିଲେ। ପରେ ସନ୍ତୋଷ ପ୍ରଜ୍ଞାଙ୍କୁ ବିକ୍ରମ କୁମାର ଜେନା ନାମକ ବ୍ୟକ୍ତିଙ୍କ ସହ ସାକ୍ଷାତ କରାଇଥିଲେ। ଅଭିଯୁକ୍ତମାନେ ପ୍ରଜ୍ଞାଙ୍କୁ ନିଯୁକ୍ତିପତ୍ର ପାଇଁ ପଶ୍ଚିମବଙ୍ଗ ଏବଂ ଦିଲ୍ଲୀରେ ଡାକ୍ତରୀ ପରୀକ୍ଷା ପାଇଁ ଡାକିଥିଲେ। ତା'ପରେ ଅଭିଯୁକ୍ତମାନେ ତାଙ୍କ ବିଶ୍ୱାସ ଜନ୍ମାଇବା ପାଇଁ ରେଳ ବିଭାଗ ବୋର୍ଡର ନକଲି ସିଲ୍ ଥିବା ଏକ ନିଯୁକ୍ତିପତ୍ର ଏବଂ ଅନ୍ୟାନ୍ୟ କାଗଜପତ୍ର ପ୍ରସ୍ତୁତ କରିଥିଲେ। ଏହାପରେ ଅଭିଯୁକ୍ତମାନେ ପ୍ରଜ୍ଞାଙ୍କୁ ଚନ୍ଦ୍ରକାନ୍ତ ମହାନ୍ତିଙ୍କ ସହ ସାକ୍ଷାତ କରାଇଥିଲେ, ଯିଏକି ନିଜକୁ ଦିଲ୍ଲୀର ରେଳ କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ଏହାକୁ ନେଇ ପ୍ରଜ୍ଞା ଅଭିଯୁକ୍ତମାନଙ୍କ ଉପରେ ବିଶ୍ୱାସକରି ପର୍ଯ୍ୟାୟକ୍ରମେ ୭ ଲକ୍ଷ ଟଙ୍କା ଦେଇଥିଲେ। କିନ୍ତୁ ଟଙ୍କା ନେବା ପରେ ଅଭିଯୁକ୍ତମାନେ ପ୍ରଜ୍ଞାଙ୍କୁ ଚାକିରି କରାଇ ନ ଦେବା ସହ ଟଙ୍କା ମାଗିଲେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ପ୍ରଜ୍ଞା ମାଲକାନଗିରି ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ।

# ଗାଁ ପୋଖରୀରୁ ନାବାଳିକା, ନାବାଳକଙ୍କ ମୃତଦେହ ଜବତ

ନନ୍ଦପୁର, ୨୫।୯(ସୁନିଲ କୁମାର ପଣ୍ଡା)

କୋରାପୁଟ ଜିଲା ଲମତାପୁଟ ବ୍ଲକ ନନ୍ଦପୁର ଥାନା କୁମ୍ଭାରପାଲିବା ଗାଁରେ ବୁଧବାର ଜଣେ ନାବାଳିକା ଓ ନାବାଳକଙ୍କ ମୃତଦେହ ଗାଁ ପୋଖରୀରୁ ଜବତ ହୋଇଛି। ସେମାନେ ହେଲେ କୁମ୍ଭାରପାଲିବାର ଶଙ୍କର କୁମ୍ଭାରଙ୍କ ଝିଅ ଚମ୍ପା(୫) ଓ ହାଟପେଟା ଗ୍ରାମର ଉଦ୍ଧବ କୁମ୍ଭାରଙ୍କ ପୁଅ ବଳଭଦ୍ର (୬)। ବଳଭଦ୍ର ତାଙ୍କ ମା' ସହ ଅଜାଘର କୁମ୍ଭାରପାଲିବା ଗ୍ରାମକୁ ଆସିଥିଲେ। ମା' ଓ ଆଇଙ୍କ ସହ ବଳଭଦ୍ର ଓ ଗାଁର ଚମ୍ପାଙ୍କ ପରିବାର ଲୋକେ ବୁଧବାର ବିଲକୁ ଯାଇଥିଲେ। ତେବେ କିଛି ସମୟ ପରେ ଶିଶୁଦ୍ୱୟଙ୍କୁ ନ ପାଇ ଦୁଇ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଶେଷରେ ନିକଟସ୍ଥ ପୋଖରୀରୁ ଉଭୟଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

# ପୋଲିସ ଗୁଳିରେ ୨ ମାଓବାଦୀଙ୍କ ମୃତ୍ୟୁ ସନ୍ଦେହ

## ବିପୁଳ ଅସ୍ତ୍ରଶସ୍ତ୍ର ଜବତ

ମାଲକାନଗିରି,୨୫।୯(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲାରେ ପୋଲିସ ସହ ଗୁଳି ବିନିମୟ ଘଟି ୨ ମାଓବାଦୀଙ୍କ ମୃତ୍ୟୁ ସନ୍ଦେହ କରାଯାଉଥିବା ବେଳେ ଘଟଣାସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଜବତ ସାମଗ୍ରୀଗୁଡିକ ମଧ୍ୟରେ ଗୋଟିଏ ପାଇପ୍ ବୋମା, ୨୩ ଜିଲୋଟିନ ରଡ୍, ୩୨ ଡିଟୋନେଟର, ୮ ବିଜିଏଲ, ୬ କର୍ଟିଜ, ଗୋଟିଏ ହାଣ୍ଡ ଗ୍ରେନେଡ୍, ତିନୋଟି ତୀର ବୋମା, ମାଓବାଦୀ ପୋଷାକ, ବ୍ୟାଟେରି, ଟର୍ଚ୍ଚଲାଇଟ, ମାଓବାଦୀ ପୁସ୍ତକ ସହ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଇତ୍ୟାଦି ଜବତ କରିଥିବା ସୁକ୍‌ମା ପୋଲିସ ସୂଚନା ଦେଇଛି।

ସୂଚନା ଅନୁଯାୟୀ, ୨ଦିନ ପୂର୍ବେ ମାଓବାଦୀ ଦମନ ଅଭିଯାନରେ ସୁକ୍‌ମା ଜିଲା ପୋଲିସ, ଡିଆର୍‌ଜି, ବସ୍ତର ଫାଇଟର ଓ ୨୦୬ କୋବ୍ରା ବାହିନୀ, ୨୪୧ ବାହିନୀ ସିଆର୍‌ପିଏଫ୍ ମିଳିତ ଭାବେ ଚିନ୍ତାଲନା ଥାନା ଅଞ୍ଚଳ ଚିନ୍ଦାବାଗୁ ନଦୀ ନିକଟରେ ମାଓବାଦୀଙ୍କ ଉପସ୍ଥିତି ସମ୍ବନ୍ଧରେ ଖବରପାଇ କୋମ୍ବିଂ କରିଥିଲେ। ଏହି ଅପରେଶନ ପ୍ରାୟ ରାତ୍ର ୩ ଟାରେ କରିଥିବା ବେଳେ ମାଓବାଦୀମାନେ ପୋଲିସ ଆସିବା ଜାଣି ଗୁଳିଚାଳନା କରିଥିଲେ। ପାଲଟା ଜବାବରେ ପୋଲିସ ମଧ୍ୟ ମାଓବାଦୀଙ୍କ ଉପରକୁ ଗୁଳିଚାଳନା କରିଥିଲା। ଗୁଳି ବିନିମୟରେ ୨ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରୁଛି ସୁକ୍‌ମା ପୋଲିସ। ତେବେ ଚିନ୍ଦାବାଗୁ ନଦୀ ପ୍ରଖର ଜଳସ୍ରୋତ ଯୋଗୁ ଉକ୍ତ ଅଞ୍ଚଳକୁ ପୋଲିସ ଘେରାଉ କରିବାରେ ଅସୁବିଧା ହେଉଛି। ପରେ ପୋଲିସ ଓ ଯବାନମାନେ ଉକ୍ତ ଅଞ୍ଚଳରେ ସର୍ଚ୍ଚ ସମୟରେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି।



ଜବତ ମାଓବାଦୀ ସାମଗ୍ରୀ।

**ସଂକ୍ଷେପରେ**

## ଅଚ୍ୟୁତ ସାମନ୍ତଙ୍କୁ ୬୦ତମ ସମ୍ମାନସୂଚକ ଡକ୍ଟରେଟ



ଭୁବନେଶ୍ୱର,୨୫।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଆସାମର ଗୁଆହାଟୀସ୍ଥିତ ଡାଉନଟାଉନ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ ପ୍ରଦାନ କରାଯାଇଛି। ବୁଧବାର ବିଶ୍ୱବିଦ୍ୟାଳୟର ଏକାଦଶ ସମାବର୍ତ୍ତନ ସମାରୋହ ଅବସରରେ ଡ. ସାମନ୍ତଙ୍କୁ ଏହି ସମ୍ମାନ ଦିଆଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆସାମ ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟ ଓ ସମ୍ମାନିତ ଅତିଥି ଭାବେ ଆସାମ ଜନସ୍ୱାସ୍ଥ୍ୟ, ନିଯୁକ୍ତି, ପର୍ଯ୍ୟଟନ ଓ ଦକ୍ଷତା ବିଭାଗ ମନ୍ତ୍ରୀ ଜୟନ୍ତ ବରୁଆ ପ୍ରମୁଖ ଉପସ୍ଥିତ ଥିଲେ। ଏହା ହେଉଛି ଡ. ସାମନ୍ତଙ୍କୁ ୬୦ତମ ସମ୍ମାନସୂଚକ ଡକ୍ଟରେଟ। ଶିକ୍ଷା, ସ୍ୱାସ୍ଥ୍ୟ, ଜନଜାତି ବିକାଶ, କଳା, ସଂସ୍କୃତି, ସାହିତ୍ୟ ଓ ଗ୍ରାମାଞ୍ଚଳ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

## ଆଜି କଳା ଦିବସ ପାଳିବ ଆୟୁଷ ଛାତ୍ର ସଂଘ

ଭୁବନେଶ୍ୱର, ୨୫।୯ (ବନ୍ଦନା ସେଠୀ)

ଆୟୁଷ ଛାତ୍ର ସଂଘ ପକ୍ଷରୁ ଗୁରୁବାର ୨୪ଘଣ୍ଟିଆ କଳା ଦିବସ ପାଳନ କରାଯିବ। ରାଜ୍ୟର ପୁରୀ, ବ୍ରହ୍ମପୁର, ବଲାଙ୍ଗୀର, ରାଉରକେଲା, ସମ୍ବଲପୁର, ଭୁବନେଶ୍ୱରରେ ଥିବା ସମସ୍ତ ସାତୋଟି ସରକାରୀ ଆୟୁର୍ବେଦ ଓ ହୋମିଓପ୍ୟାଥିକ ଭେଷଜ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏଥିରେ ସାମିଲ୍ ହେବେ। ରାଜ୍ୟର ସମସ୍ତ ସରକାରୀ ଆୟୁଷ କଲେଜ ଛାତ୍ରୀଛାତ୍ରମାନେ କଳାବ୍ୟାଚ୍ ପରିଧାନ କରି ପୋଲିସ ନିର୍ଯାତନା ବିରୋଧରେ ପ୍ରତିବାଦ ସଭା କରିବେ। ଏଥିରେ ଛାତ୍ରୀଛାତ୍ରଙ୍କ ମୌଳିକ ସମସ୍ୟାର ସମାଧାନ, ହାଉସ୍ ସର୍ଜନଙ୍କ ଭତ୍ତା ବୃଦ୍ଧି, ଆୟୁଷ ଡାକ୍ତର ସ୍ଥାୟୀ ନିଯୁକ୍ତି ପାଇଁ ପଦକ୍ଷେପ, ଆୟୁଷ ଡିସ୍ପେନ୍ସାରି ବୃଦ୍ଧି, ସମସ୍ତ ଆୟୁଷ କଲେଜରେ ପିଜି ସିଟ୍ ଉପଲବ୍ଧ ସହିତ ସିଟ୍ ସଂଖ୍ୟା ବୃଦ୍ଧି ଆଦି ଦାବି ସମ୍ପର୍କରେ ଆଲୋଚନା କରାଯିବ।

ଅପରପକ୍ଷେ ନୂତନ ସରକାର ଆସିବା ପରେ ସେପ୍ଟେମ୍ବର ୨୩ରେ ସଂଘର ସଭାପତି ଡା. ଶୁଭେନ୍ଦୁ କପୁର ସାହୁ, ଉପସଭାପତି ଡା. ନଚିକେତା ଗୁପ୍ତା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଯାଇ ସେଠାରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ରାଜ୍ୟରେ ଆୟୁଷର ବିପର୍ଯ୍ୟସ୍ତ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ସ୍ୱାସ୍ଥ୍ୟ ସଚିବଙ୍କୁ ଦାବିପତ୍ରର ନକଲ ପ୍ରଦାନ କରିଥିଲେ। ସେହିପରି ବୁଧବାର ସଂଘ ପକ୍ଷରୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଛି।

## ବର୍ଷା: ୨ ଜିଲାକୁ ଅରେଞ୍ଜ, ୨୧ ଜିଲାକୁ ୟେଲୋ ୱାର୍ନିଂ

ଭୁବନେଶ୍ୱର,୨୫।୯ (ଅନୁରାଧା ମହାରଣା)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷା ଲାଗିରହିଛି। ବୁଧବାର ଭବାନୀପାଟଣାରେ ସର୍ବାଧିକ ୧୫୫ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଗୁରୁବାର ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ଘଡଘଡ଼ି ସହ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି। ବୌଦ୍ଧ ଓ ଅନୁଗୋଳ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବାରୁ ଉଭୟ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ଦୁଇ ଜିଲାରେ ୭ରୁ ୨୦ ସେମି ପର୍ଯ୍ୟନ୍ତ ବର୍ଷା ହୋଇପାରେ। ତଳିଆ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ହେବାର ସମ୍ଭାବନା ଥିବାବେଳେ କଚ୍ଚା ରାସ୍ତା ଓ ଘର କ୍ଷତିଗ୍ରସ୍ତ ହୋଇପାରେ। ଯାତାୟାତ ବାଧାପ୍ରାପ୍ତ ହେବା ସହ ଚାଷକାର୍ଯ୍ୟ ମଧ୍ୟ ପ୍ରଭାବିତ ହୋଇପାରେ। ଏ ନେଇ ସତର୍କ ରହିବା ପାଇଁ ପାଣିପାଗ କେନ୍ଦ୍ର ଅବଗତ କରାଇଛି। ଅନ୍ୟପଟେ ବାଲେଶ୍ୱର, ଭଦ୍ରକ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ସମେତ ୨୧ ଜିଲାକୁ ବର୍ଷା ନେଇ ୟେଲୋ ୱାର୍ନିଂ ରହିଛି।

# ପଣ୍ଡିତ ଦୀନ୍‌ଦୟାଲଙ୍କ ନାଁରେ ନିର୍ମାଣ ହେବ ପାର୍କ, ପ୍ରତିମୂର୍ତ୍ତି

### ୧୦୯ତମ ରାଜ୍ୟସ୍ତରୀୟ ଜୟନ୍ତୀରେ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫।୯(ଶର୍ମିଷ୍ଠା ପାଣିଗ୍ରାହୀ)



ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ଅନ୍ୟ ଅତିଥିମାନେ। (ଫଟୋ-ବିକାଶ ନାୟକ)

ଭାରତୀୟ ସାଂସ୍କୃତିକ ବିଚାରଧାରା ଏବଂ ସ୍ୱତନ୍ତ୍ର ଅର୍ଥନୈତିକ ଚିନ୍ତାଧାରାର ପ୍ରସାର କ୍ଷେତ୍ରରେ ଯଦି କାହାର ସର୍ବାଧିକ ଅବଦାନ ଥାଏ, ସେ ହେଉଛନ୍ତି ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟ। ସେ ଏକାତ୍ମ ମାନବବାଦର ପ୍ରବର୍ତ୍ତକ। ଜଣେ ମୌଳିକ ଚିନ୍ତାନାୟକ ଭାବେ ଦେଶ ପ୍ରତି ତାଙ୍କର ଅନେକ ଅବଦାନ ରହିଛି। ମାତ୍ର ଇତିହାସରେ ତାଙ୍କୁ ଯେଉଁ ସମ୍ମାନ ମିଳିବାର କଥା, ତାହା ମିଳିପାରିନାହିଁ। ତାଙ୍କ ଭଳି ଜଣେ ମୌଳିକ ଚିନ୍ତାନାୟକଙ୍କ ପ୍ରତି ଉପଯୁକ୍ତ ସମ୍ମାନ ଓ ମର୍ଯ୍ୟାଦା ପ୍ରଦାନ କରିବାର ପ୍ରକୃଷ୍ଟ ସମୟ ଆସିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୦୯ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ବୁଧବାର ସୂଚନା ଭବନଠାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ, ଦେଶ ପ୍ରତି ଦୀନଦୟାଲଙ୍କ ଅବଦାନକୁ ସ୍ୱୀକୃତି ଦେଇ ଓ ତାଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ରାଜ୍ୟ ସରକାର ତାଙ୍କ ନାମରେ ଭୁବନେଶ୍ୱରରେ ଏକ ସୁଦୃଶ୍ୟ ପାର୍କ ନିର୍ମାଣ କରିବେ। ସେହି ପାର୍କରେ ପଣ୍ଡିତ ଦୀନଦୟାଲଙ୍କ ଏକ ଲାଇଫ ସାଇଜ୍ ପ୍ରତିମୂର୍ତ୍ତି ମଧ୍ୟ ପ୍ରତିଷ୍ଠା କରାଯିବ। ଅନ୍ୟତମ ଅତିଥି ଭାବେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଲେ, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଥିଲେ ଭାରତବର୍ଷର ଅନନ୍ୟ ରାଜନୀତିଜ୍ଞ ଓ ବିଶିଷ୍ଟ ଦାର୍ଶନିକ। ଏକ ନୂତନ ଦର୍ଶନ ତତ୍ତ୍ୱ ସେ ଆରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଓ ଗବେଷକ ଭୁବନାନନ୍ଦ ତ୍ରିପାଠୀ ଯୋଗଦେଇ ପଣ୍ଡିତ ଦୀନଦୟାଲଙ୍କ ଜୀବନୀ, ଦର୍ଶନ ଓ ରାଜନୈତିକ ଚିନ୍ତାଧାରା ଉପରେ ଆଲୋକପାତ କରିଥିଲେ। ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ଫାଉଣ୍ଡେଶନର ଉପଦେଷ୍ଟା ତଥା ବରିଷ୍ଠ ରାଜନେତା ଗୋଲକ ପ୍ରସାଦ ମହାପାତ୍ର କହିଲେ, ପଣ୍ଡିତ ଦୀନଦୟାଲଙ୍କ ଏକାତ୍ମ ମାନବବାଦର ଦର୍ଶନକୁ ବର୍ତ୍ତମାନ ସରକାର ଶାସନର ୧୦୦ ଦିନ ମଧ୍ୟରେ କରି ଦେଖାଇଛନ୍ତି। ସୂଚନା ଓ ଲୋକସମ୍ପର୍କ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ସ୍ୱାଗତ ଭାଷଣ ଦେଇଥିଲେ।



ଜାତୀୟ ନାଟ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ମଞ୍ଚସ୍ଥ ନାଟକ 'ଆତ୍ମବତ୍'ର ଏକ ଦୃଶ୍ୟ।

## ଚତୁର୍ଥ ସନ୍ଧ୍ୟାରେ ନାଟକ 'ଆତ୍ମବତ୍' ମଞ୍ଚସ୍ଥ

ଭୁବନେଶ୍ୱର,୨୫।୯(ଶର୍ମିଷ୍ଠା ପାଣିଗ୍ରାହୀ)

### ମନ୍ମଥ ଶତପଥୀଙ୍କୁ 'ଓଡ଼ିଶା ନାଟ୍ୟ ସଂଘ ଜାତୀୟ ନାଟ୍ୟ ମହୋତ୍ସବ' ସମ୍ମାନ

ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଜାତୀୟ ନାଟ୍ୟ ମହୋତ୍ସବର ବୁଧବାର ଥିଲା ଚତୁର୍ଥ ସନ୍ଧ୍ୟା। କୋଲକାତାର ତିଲଜଲା କଳ୍ପନା ନାଟ୍ୟଗୋଷ୍ଠୀ ଦ୍ୱାରା ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଥିଲା ନାଟକ 'ଆତ୍ମବତ୍'। ନାଟ୍ୟ ରଚନା ବୁଦ୍ଧଦେବ ବସୁ ଏବଂ ଅଭିକଳ୍ପ, ସଙ୍ଗୀତ ଓ ନିର୍ଦ୍ଦେଶନା ଦେଇଛନ୍ତି କଳ୍ପନା ବରୁଆ। ମୁଖ୍ୟ ଅତିଥି ଭାବେ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ସଚିବ ଦେବ ପ୍ରସାଦ ଦାସ ଏବଂ ଓଡ଼ିଶା ନାଟ୍ୟ ସଂଘର ଉପଦେଷ୍ଟା ଲାଲା ବିରେନ ରାୟ ଓ ସୁଧାଂଶୁ ଦ୍ୱିବେଦୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ ନାଟ୍ୟକାର, ନିର୍ଦ୍ଦେଶକ ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ଉପ ସଭାପତି ମନ୍ମଥ ଶତପଥୀଙ୍କୁ 'ଓଡ଼ିଶା ନାଟ୍ୟ ସଂଘ ଜାତୀୟ ନାଟ୍ୟ ମହୋତ୍ସବ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ନାଟକର ନିର୍ଦ୍ଦେଶିକା କଳ୍ପନା ବରୁଆଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିଶ୍ୱର ଶ୍ରେଷ୍ଠ ଦୁଇ ପ୍ରତିଶତ ବୈଜ୍ଞାନିକଙ୍କ ମଧ୍ୟରେ ଆଇଆଇଟି ଭୁବନେଶ୍ୱରର ୬ ପ୍ରାଧ୍ୟାପକ

ଭୁବନେଶ୍ୱର,୨୫।୯ (ଶର୍ମିଷ୍ଠା ପାଣିଗ୍ରାହୀ)

### ଷ୍ଟାନ୍‌ଫୋର୍ଡ-ଏଲ୍‌ସେଭିଅର ର୍‍ୟାଙ୍କିଙ୍ଗ୍

ବିଶ୍ୱସ୍ତରୀୟ ଷ୍ଟାନ୍‌ଫୋର୍ଡ-ଏଲ୍‌ସେଭିଅର ର୍‍ୟାଙ୍କିଙ୍ଗ୍ ୨୦୨୪ ପ୍ରକାଶ ପାଇଛି। ଡଚ୍ ଏକାଡେମିକ ପ୍ରକାଶନୀ କମ୍ପାନି ଏଲ୍‌ସେଭିଅର ସହଯୋଗରେ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ଏହି ର୍‍ୟାଙ୍କିଙ୍ଗ୍‌ରେ ଆଇଆଇଟି ଭୁବନେଶ୍ୱର ସ୍ଥାନ ପାଇଛି। ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକଙ୍କ ମଧ୍ୟରେ ଏହି ପ୍ରତିଷ୍ଠାନର ୬ଜଣ ରହିଛନ୍ତି। ସେମାନେ ହେଲେ ସ୍କୁଲ ଅଫ୍ ଇଲେକ୍ଟ୍ରିକାଲ ଆଣ୍ଡ କମ୍ପ୍ୟୁଟର ସାଇନ୍ସେସ୍‌ର ପ୍ରଫେସର ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଓ ବରତରାମ ରାମକୁମାର, ସ୍କୁଲ ଅଫ୍ ବେସିକ ସାଇନ୍ସେସର ପ୍ରଫେସର ରାଜନ ଝା, ସ୍କୁଲ୍ ଅଫ୍ ଇନ୍‌ଫ୍ରାଷ୍ଟ୍ରକ୍ଚରର ପ୍ରଫେସର ପି. ଦିନାକର, ସ୍କୁଲ ଅଫ୍ ମେକାନିକାଲ ସାଇନ୍ସେସର ପ୍ରଫେସର ମାନସ ମୋହନ ମହାପାତ୍ର ଓ ପ୍ରଫେସର ପଟ୍ଟାଭୀ ରାମାୟା ବୁଡାରାପୁ। ସେହିପରି ଜୀବନବ୍ୟାପୀ ଅନୁସନ୍ଧାନ ବର୍ଗରେ ୪ଜଣ ରହିଛନ୍ତି। ଶକ୍ତି କ୍ଷେତ୍ରରେ ଗବେଷଣା ପାଇଁ ପ୍ରଫେସର ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ଅପ୍ଟିକ୍ସ କ୍ଷେତ୍ରରେ ପ୍ରଫେସର ରାଜନ ଝା, ଅଣଜୈବିକ ଓ ଆଣବିକ ରସାୟନ ବିଜ୍ଞାନରେ ଅନୁସନ୍ଧାନ ପାଇଁ ପ୍ରଫେସର ଭି.ଆର୍ ପେଡିରେଡ୍ଡି ଓ ବିଲ୍ଡିଂ ଆଣ୍ଡ କନ୍‌ଷ୍ଟ୍ରକ୍ସନ ଇଞ୍ଜିନିୟରିଂ କ୍ଷେତ୍ରରେ ପ୍ରଫେସର ପି. ଦିନାକର ସ୍ଥାନ ପାଇଛନ୍ତି। ତେବେ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଦଳ ଏବଂ ଏଲ୍‌ସେଭିଅର-ବିଭି ଦ୍ୱାରା ବିଷୟଭିତ୍ତିକ ବାଓମେଟ୍ରିକ ବିଶ୍ଳେଷଣ କରାଯାଇଥିଲା। ଆଇଆଇଟି ପ୍ରଫେସରଙ୍କ ଏହି ସଫଳତା ପାଇଁ ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ମୋ ବସ୍ ଧକ୍କାରେ ଯୁବକ ମୃତ

ବାରଙ୍ଗ,୨୫।୯ (ଲିଙ୍ଗରାଜ ରାଉତ)

ନନ୍ଦନକାନନ ଥାନା ରଘୁନାଥପୁର ଗ୍ରାମ ମୁଣ୍ଡରେ ମୋ ବସ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ରଘୁନାଥପୁରରେ ରହୁଥିବା ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ନିରଞ୍ଜନ ପଣ୍ଡା ବୋଲି ଜଣାପଡ଼ିଛି। ଏହି ଘଟଣାରେ ନନ୍ଦନକାନନ ଥାନା ପୋଲିସ ଉକ୍ତ ମୋ ବସ୍‌କୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ବୁଧବାର ଅପରାହ୍ଣରେ ନିରଞ୍ଜନ ଏକ ସ୍କୁଟି (ଓଡି ୩୩ ଏସି ୩୬୮୯) ଯୋଗେ ନିଜ ଘରକୁ ଯାଉଥିଲେ। ଭୁବନେଶ୍ୱରରୁ କଟକ ଅଭିମୁଖେ ଆସୁଥିବା ଏକ ମୋ ବସ୍ (ଓଡ଼ି ୩୩ ଭି ୨୮୯୪) ତାଙ୍କୁ ରଘୁନାଥପୁର ଗ୍ରାମ ମୁଣ୍ଡରେ ଧକ୍କା ଦେବା ସହ ତାଙ୍କ ଉପରେ ଚଢ଼ିଯାଇଥିଲା। ଏହାପରେ ବସ୍‌ଟି ସେଠାରୁ ଖସି ପଳାଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ନିରଞ୍ଜନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ।

## ଏମ୍‌ସ ଭୁବନେଶ୍ୱରରେ ଖୋଲିଲା ତମାଖୁ ନିବାରଣ କେନ୍ଦ୍ର



ତମାଖୁ ନିବାରଣ କେନ୍ଦ୍ର ଉଦ୍‌ଘାଟନ ଅବସରରେ ଏମ୍‌ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୨୫।୯(ବନ୍ଦନା ସେଠୀ)

### ତମାଖୁ ଛାଡ଼ିବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ବହୁମୁଖୀ ସେବା ମିଳିବ

ଏମ୍‌ସ ଭୁବନେଶ୍ୱରରେ ଖୋଲିଲା ତମାଖୁ ନିବାରଣ କେନ୍ଦ୍ର (ଟିସିସି)। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ବୁଧବାର ଆଭାସୀ ମାଧ୍ୟମରେ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରି କହିଲେ, ତମାଖୁମୁକ୍ତ ସମାଜ ଅଭିଯାନ ୨.୦ର ଶୁଭାରମ୍ଭ ସହିତ ତମାଖୁମୁକ୍ତ ସମାଜ ହାସଲ ଦିଗରେ ଭାରତର ପ୍ରୟାସରେ ଏହି କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଦେଶର ଯୁବଗୋଷ୍ଠୀଙ୍କ ତମାଖୁ ଖାଇବା ଅଭ୍ୟାସ ବନ୍ଦ କରିବା ଦିଗରେ ସଚେତନତା ସୃଷ୍ଟି କରିବା ଓ ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ ଆଣିବା ଏହି ୬୦ଦିନିଆ ଅଭିଯାନର ଲକ୍ଷ୍ୟ। ଏପରି ପଦକ୍ଷେପ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଜନସ୍ୱାସ୍ଥ୍ୟ ପ୍ରତି ଭାରତ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଥିବା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ତାଙ୍କ ସହ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଯାଦବ ଉପସ୍ଥିତ ଥିଲେ। ଏମ୍‌ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଏପରି ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିଥିବାରୁ ମାନସିକ ରୋଗ ବିଭାଗକୁ ପ୍ରଶଂସା କରିଥିଲେ। ସେ କହିଲେ, ଭବିଷ୍ୟତରେ ରୋଗୀଙ୍କ ସାମଗ୍ରିକ ପରିଚାଳନା ସୁନିଶ୍ଚିତ କରିବା ପାଇଁ ଅନ୍ୟ ବିଭାଗଗୁଡ଼ିକ ସହଯୋଗରେ ଏହି ସେବାକୁ ବ୍ୟାପକ କରାଯିବ। ସେହିପରି ଟିସିସି ସେବାର କାର୍ଯ୍ୟକାରିତାକୁ ଦୃଢ଼ କରିବା ପାଇଁ ରୋଗୀ ସଚେତନତା ଅଭିଯାନର ମହତ୍ତ୍ୱ ସମ୍ପର୍କରେ ସେ ମତ ରଖିଥିଲେ। ମାନସିକ ରୋଗ ବିଭାଗ ମୁଖ୍ୟ ଡା. ବିଶ୍ୱରଞ୍ଜନ ମିଶ୍ର ତମାଖୁ ନିରାକରଣ କ୍ଷେତ୍ରରେ ଏହି କେନ୍ଦ୍ର ବିଶେଷ ସହାୟକ ହେବ ବୋଲି କହିଥିଲେ। ତାଲିମପ୍ରାପ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ଦ୍ୱାରା ତମାଖୁ ନିବାରଣ କେନ୍ଦ୍ର ପରିଚାଳିତ ହେବ। ଔଷଧ ଏବଂ କାଉନ୍‌ସେଲିଂ ମାଧ୍ୟମରେ ଉଭୟ ଧୂମପାନ ଏବଂ ତମାଖୁ ସେବନ ନିବାରଣ ନିମନ୍ତେ ବିଶେଷ ଚିକିତ୍ସା ପ୍ରଦାନ କରାଯିବ। ଦୈନିକ କେନ୍ଦ୍ର ଖୋଲା ରହିବ। ଏହା ତମାଖୁ ଛାଡିବାକୁ ଚାହୁଁଥିବା ବ୍ୟକ୍ତିଙ୍କ ପାଇଁ ବହୁମୁଖୀ ଯତ୍ନ ଏବଂ ସହାୟତା ପ୍ରଦାନ କରିବ। ଉଦ୍‌ଘାଟନୀ ଉତ୍ସବରେ ଏମ୍‌ସର ଡିନ୍ ଡ. ପି.ଆର. ମହାପାତ୍ର, ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡ଼ା, ଡିଡିଏ କର୍ନଲ ଅଭିଜିତ ସରକାରଙ୍କ ସମେତ ପଲ୍‌ମୋନାରି ମେଡିସିନ, ସିଏମ୍‌ଏଫ୍‌ଏମ୍, ଟ୍ରମା ଏବଂ ଜରୁରିକାଳୀନ, ଦନ୍ତଚିକିତ୍ସା, ମେଡିସିନ, ମେଡିକାଲ ଅଙ୍କୋଲୋଜି ଆଦି ବିଭାଗୀୟ ମୁଖ୍ୟ ଏବଂ ମାନସିକ ରୋଗ ବିଭାଗର ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଙ୍କିତ



@ ବିଦେଶୀ



@ ତପନ



@ ନିର୍ଝରି



@ ଶୁଭଶ୍ରୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୧ରୁ ଯାତ୍ରା ଆରମ୍ଭ କରିବ ଗାର୍ଭି ଗୁଜରାଟ



ଭୁବନେଶ୍ୱର,୨୫।୯(ଅନୁରାଧା ମହାରଣା)

ଭାରତୀୟ ରେଳପଥ ଅଧୀନରେ ଥିବା ଭାରତୀୟ ରେଳ କ୍ୟାଟରିଂ ଆଣ୍ଡ ଟୁରିଜିମ କର୍ପୋରେଶନ ଲିମିଟେଡ (ଆଇଆର୍‌ସିଟିସି) ଅକ୍ଟୋବର ୧ରେ ଗାର୍ଭି ଗୁଜରାଟ ଭାରତ ଗୌରବ ଡିଲକ୍ସ ଏସି ଟୁରିଷ୍ଟ ଟ୍ରେନ୍ ଲଞ୍ଚ କରିବାକୁ ଯାଉଛି। ଦିଲ୍ଲୀରୁ ଏହି ଟ୍ରେନ୍ ଯାତ୍ରା ଆରମ୍ଭ କରି ଗୁଜରାଟର ପ୍ରାଚୀନ ସହର ଭଦନଗର ଏବଂ ଡ୍ୟୁଦ୍ୱୀପର ଦୃଶ୍ୟ ସମେତ ବହୁ ଆଧ୍ୟାତ୍ମିକ ଏବଂ ଐତିହ୍ୟ ସ୍ଥଳଦେଇ ଯାତ୍ରୀମାନଙ୍କୁ ପରିଦର୍ଶନ କରାଇବ। ଆରାମ ଏବଂ ସୁବିଧା ପାଇଁ ଡିଜାଇନ ହୋଇଥିବା ଗାର୍ଭି ଗୁଜରାଟ ଭାରତ ଗୌରବ ଡିଲକ୍ସ ଏସି ଟୁରିଷ୍ଟ ଟ୍ରେନ ବିଭିନ୍ନ ଆଧୁନିକ ସୁବିଧା ପ୍ରଦାନ କରିବ। ଯାତ୍ରୀମାନେ ଦୁଇଟି ଡାଇନିଂ ରେଷ୍ଟୁରାଣ୍ଟ, ଏକ ଅତ୍ୟାଧୁନିକ ରୋଷେଇ ଘର, ସାୱାର କ୍ୟୁବିକଲ, ସେନ୍ସର ଚାଳିତ ୱାଶ୍‌ରୁମ ଏବଂ ପାଦ ମସାଜ ଆଦି ସେବା ଉପଭୋଗ କରିପାରିବେ। ପ୍ରଥମ ଏସି, ଦ୍ୱିତୀୟ ଏସି ଏବଂ ତୃତୀୟ ଏସିରେ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ କୋଚ ସହିତ ସୁରକ୍ଷା ଦୃଷ୍ଟିରୁ ସିସିଟିଭି କ୍ୟାମେରା ଖଞ୍ଜାଯାଇଛି। ଏହି ଟ୍ରେନରେ ୧୫୦ ଯାତ୍ରୀ ଏକକାଳୀନ ଯାତ୍ରା କରିବାକୁ ଥିବାବେଳେ ଦିଲ୍ଲୀ ସଫ୍‌ଦରଜଙ୍ଗ, ଗୁରୁଗାଓଁ, ରେୱାରୀ, ରିଙ୍ଗାସ, ଫୁଲେରା ଏବଂ ଆଜମେର ରେଳ ଷ୍ଟେଶନରେ ବୋର୍ଡିଂ ଏବଂ ଡିବୋର୍ଡିଂ ବିକଳ୍ପ ରହିଛି। ୧୦ ଦିନ ବ୍ୟାପୀ ପର୍ଯ୍ୟଟକମାନଙ୍କୁ ସାବରମତୀ ଆଶ୍ରମ, ସୋମନାଥ, ନାଗେଶ୍ୱର ଜ୍ୟୋତିର୍ଲିଙ୍ଗ, ଦ୍ୱାରକାଧୀଶ ମନ୍ଦିର ଏବଂ ପାଭଗଡ଼ରେ ଥିବା ମହାକାଳୀ ମନ୍ଦିର ପରି ଗୁରୁତ୍ୱପୂର୍ଣ୍ଣ ମନ୍ଦିର ଦର୍ଶନ କରାଇବ। ଏଥିସହ ଭଦନଗରରେ ଯାତ୍ରୀମାନେ କୀର୍ତ୍ତି ତୋରଣ , ମୋଢେରା ସୂର୍ଯ୍ୟ ମନ୍ଦିର, ରାନୀ କି ଭାଭ ଏବଂ ଡ୍ୟୁ ଦୁର୍ଗ ପରି ଐତିହାସିକ ସ୍ଥାନଗୁଡ଼ିକର ପରିଦର୍ଶନ କରିବେ।

ସୂଚନାଥାଉକି, ବିଗତ ତିନିବର୍ଷ ମଧ୍ୟରେ ୧୮୦ରୁ ଅଧିକ ଭାରତ ଗୌରବ ଟ୍ରେନ ୨୪ଟି ରାଜ୍ୟ ଦେଇ ୮୦ହଜାରରୁ ଅଧିକ ଯାତ୍ରୀଙ୍କୁ ଯାତ୍ରା କରାଇଛି। ଏଥିମଧ୍ୟରେ ଭାରତ ନେପାଳ ମୈତ୍ରୀ ଯାତ୍ରା, ଶ୍ରୀ ରାମାୟଣ ଯାତ୍ରା, ଚାର ଧାମ ଯାତ୍ରା, ବୁଦ୍ଧିଷ୍ଟ ସର୍କିଟ ଟୁରିଷ୍ଟ ଟ୍ରେନ, ବାବା ସାହେବ ଆମ୍ବେଡକର ଯାତ୍ରା, ୭ ଜ୍ୟୋତିର୍ଲିଙ୍ଗ ଯାତ୍ରା, ଦିବ୍ୟ ଦକ୍ଷିଣ ଦର୍ଶନ ଯାତ୍ରା, ପୁରୀ ଗଙ୍ଗାସାଗର ଭବ୍ୟ କାଶୀଯାତ୍ରା, ଜୈନଯାତ୍ରା, ପୁରୀ-କୋଲକାତା ଗଙ୍ଗା ସାଗର ଯାତ୍ରା ଆଦି ରହିଛି।

**ଫେରାର ଦେଶୀ ମଦ ବେପାରୀ ଗିରଫ**

ବାରଙ୍ଗ,(ଲିଙ୍ଗରାଜ ରାଉତ): ବେଆଇନ ଦେଶୀ ମଦ ବିକ୍ରୟ ତଥା ଚାଲାଣ ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ଉକ୍ତ ଥାନା ଅଧୀନ କେନ୍ଦୁପାଟଣା ଗ୍ରାମର ଦିପୁନ ବାରିକ୍(୨୫)। ୨୦୨୨ ଡିସେମ୍ବର ୭ରେ ଏକ ସ୍ପେଶାଲ ଟିମ୍ ମରିଚିଆ ସାଇପନ ଛକ ନିକଟରେ ଅତର୍କିତ ଚଢାଉବେଳେ ପୋଲିସକୁ ଦେଖି ଦିପୁନ ୨୫ ଲିଟର ଦେଶୀ ମଦ ଜାର୍‌କୁ ଘଟଣାସ୍ଥଳରେ ଛାଡ଼ି ଖସି ପଳାଇଥିଲେ। ଘଟଣା ପରଠାରୁ ଅଭିଯୁକ୍ତ ଫେରାର ହୋଇଯାଇଥିଲେ।

# ଗଣଦୌଡ଼ ମାଧ୍ୟମରେ ଏଡ୍‌ସ ସଚେତନତା

ବାରଙ୍ଗ, (ଲିଙ୍ଗରାଜ ରାଉତ)/ ଭୁବନେଶ୍ୱର,୨୫।୯ (ଅନୁରାଧା ମହାରଣା)

ଯୁବବର୍ଗଙ୍କ ମଧ୍ୟରେ ଏଚ୍‌ଆଇଭି ତଥା ଏଡ୍‌ସ ବିଷୟରେ ସଚେତନତା ସୃଷ୍ଟି ପାଇଁ ଜାତୀୟ ଏଡ୍‌ସ ନିୟନ୍ତ୍ରଣ ସଂଗଠନ (ନାକୋ) ଓ ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି (ଓସାକ୍ସ) ପକ୍ଷରୁ ଏକ ରାଜ୍ୟସ୍ତରୀୟ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଗଣଦୌଡ଼ ଚନ୍ଦକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରୁ ଆରମ୍ଭ ହୋଇ ୫ କିମି. ରାସ୍ତା ଅତିକ୍ରମ କରି ସଚେତନତା ବାର୍ତ୍ତା ବାଣ୍ଟିଥିଲା। କାର୍ଯ୍ୟକ୍ରମକୁ ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଡା. ସନ୍ତୋଷ କୁମାର ସ୍ୱାଇଁ, ଚନ୍ଦକା କଲେଜ ଅଧ୍ୟକ୍ଷ ଶରତ କୁମାର ଶତପଥୀ ଓ ଅନ୍ୟ ଅତିଥିମାନେ ଶୁଭାରମ୍ଭ କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ଡାକ୍ତର ସ୍ୱାଇଁ କହିଲେ, ଯୁବବର୍ଗଙ୍କ ସାମାଜିକ ଦାୟିତ୍ୱବୋଧତା, ସଚେତନତା ଏବଂ ସୁସ୍ଥ ଜୀବନଯାପନର ପ୍ରାଧାନ୍ୟ ଉପଲବ୍ଧି କରି ଏହିଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଜିଲା ଓ ରାଜ୍ୟ ସ୍ତରରେ ଦୌଡ଼, କୁଇଜ, ଡ୍ରାମା ପ୍ରତିଯୋଗିତା ଆଦି କାର୍ଯ୍ୟକ୍ରମରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କୁ ସାମିଲ କରାଯାଇଛି। ରାଜ୍ୟସ୍ତରର କୃତୀ ପ୍ରତିଯୋଗୀମାନେ ଜାତୀୟସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି। ରେଡକ୍ରସ ସହଯୋଗରେ ରାଜ୍ୟର ୭୦୦ କଲେଜ ଓ ୮୦୦ ସ୍କୁଲରେ ରେଡ୍ ରିବନ କ୍ଲବ ଖୋଲାଯାଇଛି। ୨୦୩୦ ସୁଦ୍ଧା ଏଚ୍‌ଆଇଭି ଓ ଏଡ୍‌ସର ମୂଳୋତ୍ପାଟନ ଲକ୍ଷ୍ୟ ରହିଛି। ଯୁବବର୍ଗ ସଚେତନ ହେଲେ ହିଁ ଆମକୁ ସଫଳତା ମିଳିପାରିବ ବୋଲି ସେ କହିଥିଲେ। ଅତିଥି ଭାବେ ପୂର୍ବତନ ପ୍ରମୁଖ ସଚିବ ତଥା ପରିବେଶବିତ୍ ମନ୍ମଥ ପାଣି, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ନିରଦ ପଲେଇ, ତପନ ବଲିୟାରସିଂ ଯୋଗଦେଇ ସଚେତନାମୂଳକ ବକ୍ତବ୍ୟ ରଖିଥିଲେ। ଯୁବ ରେଡକ୍ରସ ଅଧିକାରୀ ସୁରେଶ ଚନ୍ଦ୍ର ମହାନ୍ତି ଜାତୀୟସ୍ତରରେ ଜାରି ଏଡସ୍ ସହାୟତା ନିଃଶୁଳ୍କ ନମ୍ବର ୧୦୯୭କୁ କଲ୍ କରି ଲୋକେ ସବୁ ସନ୍ଦେହ ଦୂର କରିବେ ବୋଲି ସୂଚନା ଦେଇଥିଲେ। ଓସାକ୍ସର ଯୁଗ୍ମ ନିର୍ଦ୍ଦେଶକ ଡା. ଡି ଏସ ଅରବିନ୍ଦ ସ୍ୱାଗତ ଭାଷଣ ଏବଂ ଓସାକ୍ସର ସହ ନିର୍ଦ୍ଦେଶକ ସ୍ମୃତି ସାଗରିକା କାନୁନ୍‌ଗୋ ଅତିଥି ପରିଚୟ ଦେଇଥିଲେ। ଖୋର୍ଦ୍ଧା ଡିପିଏମ୍ ବିଧାନ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।


ଚନ୍ଦକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରୁ ବାହାରିଥିବା ଗଣଦୌଡ଼।

## ଚୋରି ଅଭିଯୋଗରେ ୨ ଯୁବକ ଗିରଫ

ବାରଙ୍ଗ,୨୫।୯(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରୁ ପାଣି ମୋଟର ଚୋରି ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପାଟପୁର ଗ୍ରାମର ମିଠେଇ ମାଝୀ (୩୦) ଏବଂ ଟିଂକି ସାମଲ (୩୫)। ପୋଲିସ ସେମାନଙ୍କଠାରୁ ଚୋରି ହୋଇଥିବା ପାଣି ପମ୍ପ ଜବତ କରି ତଦନ୍ତ ଜାରି ରଖିଛି। ସେହିପରି ବାରଙ୍ଗ ଥାନା ଅଧୀନ ପାଟପୁର ଗ୍ରାମ ନିକଟ କୋଟିଲାଶୁଣି ମନ୍ଦିର ସମ୍ମୁଖରେ ମାହାଙ୍ଗା ଅଞ୍ଚଳର ମଧୁସ୍ମିତା ସାହାଣୀ ନୂଆ କରି ଏକ ଘର ନିର୍ମାଣ କରୁଛନ୍ତି। ମଙ୍ଗଳବାର ରାତିରେ ନିର୍ମାଣାଧୀନ ଗୃହରୁ ରଡ଼ ଚୋରି ହେଉଥିବା ସେ ସିସିଟିଭି ମାଧ୍ୟମରେ ଦେଖି ସଙ୍ଗେ ସଙ୍ଗେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିବା ପୂର୍ବରୁ ଅଭିଯୁକ୍ତ ରଡ଼ ଚୋରି କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ବୁଧବାର ସକାଳୁ ମଧୁସ୍ମିତା ବାରଙ୍ଗ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଉଠିଲେ କ୍ୟାପିଟାଲ ହସ୍ପିଟାଲର ଅସ୍ଥାୟୀ ସଫେଇ କର୍ମଚାରୀ

ଭୁବନେଶ୍ୱର, ୨୫।୯(ବନ୍ଦନା ସେଠୀ)

ଆନ୍ଦୋଳନରୁ ଉଠିଲେ କ୍ୟାପିଟାଲ ହସ୍ପିଟାଲ ଅସ୍ଥାୟୀ ସଫେଇ କର୍ମଚାରୀ। ବୋନସ ସହ ଅନ୍ୟସବୁ ଦାବି ପୂରଣ ନେଇ ପ୍ରତିଶ୍ରୁତି ପାଇବା ପରେ ବୁଧବାର ଧାରଣା ପ୍ରତ୍ୟାହୃତ କରିଛି ସଂଘ। ଏହାପରେ ସଫେଇ କର୍ମଚାରୀମାନେ କାର୍ଯ୍ୟରେ ଯୋଗଦେଇଛନ୍ତି। ଫଳରେ ହସ୍ପିଟାଲରୁ ଅଳିଆ ହଟିଥିବାବେଳେ ପ୍ରାୟ ୩ଦିନ ହେବ କ୍ୟାପିଟାଲ ହସ୍ପିଟାଲରେ ରୋଗୀ ଓ ସମ୍ପର୍କୀୟ ଆବର୍ଜନା ପାଇଁ ଯେଉଁ ଯନ୍ତ୍ରଣା ଭୋଗୁଥିଲେ ସେଥିରୁ ମୁକ୍ତି ମିଳିଛି।

ସଂଘ ସହ ହୋଇଥିବା ଦ୍ୱିତୀୟ ଆଲୋଚନା ସଫଳ ହୋଇଛି। ସଫେଇ ଏଜେନ୍ସି କ୍ୟୁଏସ୍‌ର ଅଧିକାରୀମାନେ ସଂଘର ଏକାଧିକ ଦାବି ପୂରଣ କରିବାକୁ ରାଜି ହୋଇଛନ୍ତି। କର୍ମଚାରୀଙ୍କୁ ଆଡ୍‌ଭାନ୍ସ ବାବଦରେ ଆଗୁଆ ୮ହଜାର ଟଙ୍କା କ୍ୟାଶ୍ ଆକାରରେ ପ୍ରଦାନ, ମାସକୁ ୪ଟି ଛୁଟି ସହ ୩୦ଦିନର ଦରମା ପ୍ରଦାନ ଆଦିରେ ସମ୍ମତି ପ୍ରକାଶ କରିଛି ସଂସ୍ଥା। ତେବେ ସଂଘର ଦଶହରା ବୋନସ୍ ଦାବି ନେଇ ସଂସ୍ଥାର ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନା କରି ୨/୩ମାସ ମଧ୍ୟରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ସଫେଇ କର୍ମଚାରୀମାନେ ଆନ୍ଦୋଳନରୁ ଓହରିଥିଲେ। ସୂଚନାଯୋଗ୍ୟ, ବିଭିନ୍ନ ଦାବି ନେଇ ସୋମବାରଠାରୁ କ୍ୟାପିଟାଲ ହସ୍ପିଟାଲ ସଫେଇ କର୍ମଚାରୀ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲା। ଫଳରେ ହସ୍ପିଟାଲରେ ଆବର୍ଜନା ପଡିରହିବା ସହ ପରିସର ଦୁର୍ଗନ୍ଧରେ ଫାଟି ପଡୁଥିଲା। ସ୍ଥିତି ବିଗୁଡିଥିବା ଦେଖି ମଙ୍ଗଳବାର ବିଧାୟକଙ୍କ ସମେତ ହସ୍ପିଟାଲ କର୍ତ୍ତୃପକ୍ଷ, ସମ୍ପୃକ୍ତ ସଂସ୍ଥାର ଅଧିକାରୀମାନେ କର୍ମଚାରୀଙ୍କୁ କାର୍ଯ୍ୟରେ ଯୋଗଦେବାକୁ ବୁଝାଇଥିଲେ। ହେଲେ କୌଣସି ସମାଧାନର ବାଟ ଫିଟି ନ ଥିବାରୁ ବୁଧବାର ପୁନର୍ବାର ଆଲୋଚନା ହୋଇଥିଲା। ତେବେ କ୍ୟାପିଟାଲ ହସ୍ପିଟାଲରେ ସଫେଇ କର୍ମଚାରୀଙ୍କର ଏହା ପ୍ରଥମ ଆନ୍ଦୋଳନ ନୁହେଁ, ଗତ ୪ବର୍ଷ ଭିତରେ ହସ୍ପିଟାଲରେ ୧୨ଥର କାର୍ଯ୍ୟବନ୍ଦ ଆନ୍ଦୋଳନ ହୋଇସାରିଲାଣି। ତେବେ ଏଭଳି ବାରମ୍ବାର ଆନ୍ଦୋଳନ ଯୋଗୁ ହସ୍ପିଟାଲ ପରିବେଶ ନଷ୍ଟ ହେବା ସହ ସେବା ପ୍ରଭାବିତ ହେଉଛି।

## ରେଭେନ୍‌ଶା ନାମ ପରିବର୍ତ୍ତନ ପ୍ରସଙ୍ଗରେ ସ୍ପଷ୍ଟୀକରଣ ଦିଆଯାଉ

ଭୁବନେଶ୍ୱର,୨୫।୯(ଶର୍ମିଷ୍ଠା ପାଣିଗ୍ରାହୀ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ଅନାବଶ୍ୟକ। ବହୁ ପ୍ରଶାସକ, ସାଧାରଣ ଲୋକେ ରେଭେନ୍‌ଶା ନାମ ଅପରିବର୍ତ୍ତିତ ରଖିବାକୁ ଦାବି କରୁଛନ୍ତି। ରେଭେନ୍‌ଶା କେନ୍ଦ୍ର ସରକାରଙ୍କ ଐତିହ୍ୟ ସୁରକ୍ଷା ଆଇନର ମାନ୍ୟତା ପାଇଛି। ରେଭେନ୍‌ଶା ଆଉ ଏକ ବ୍ୟକ୍ତି ହୋଇ ରହି ନାହିଁ, ଏହା ଏକ ଐତିହ୍ୟ ପାଲଟିଛି। ନାମ ପରିବର୍ତ୍ତନ ଅର୍ଥ ନିଜ ପରିଚୟକୁ ମାଟିରେ ମିଶାଇ ଦେବା। ତେଣୁ ଏହି ପ୍ରସଙ୍ଗରେ ସ୍ପଷ୍ଟୀକରଣ ଦିଆଯାଉ ବୋଲି ମତ ପ୍ରକାଶ ପାଇଛି। ବୁଧବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଫୋରମ ପକ୍ଷରୁ ବୁଦ୍ଧ ମନ୍ଦିରରେ ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଫୋରମ କର୍ମକର୍ତ୍ତା ଓ ବୁଦ୍ଧିଜୀବୀମାନେ ନାମ ପରିବର୍ତ୍ତନ ବିରୋଧରେ ମତ ରଖିଥିଲେ। ସେମାନେ କହିଲେ, ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟୟ ଅବସ୍ଥାରେ ରହିଛି। ଏହାକୁ ସଜାଡ଼ିବାର ଆବଶ୍ୟକତା ରହିଛି। କେବଳ ଶିକ୍ଷା ନୀତି ଘୋଷଣା ଯଥେଷ୍ଟ ନୁହେଁ। ଆଗାମୀ ଦିନରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ପ୍ରସଙ୍ଗ ଯେପରି ନ ଉଠିବ ସେଥି ପ୍ରତି ଧ୍ୟାନ ଦିଆଯିବା ଉଚିତ। ରାଜ୍ୟ ଓ ରାଜ୍ୟ ବାହାରେ ଥିବା ୧୦୦ରୁ ଅଧିକ ବିଶିଷ୍ଟ ବ୍ୟକ୍ତି ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନକୁ ବିରୋଧ କରି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ତେଣୁ ରେଭେନ୍‌ଶା ନାମ ପରିବର୍ତ୍ତନକୁ ନେଇ ସରକାର ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ଫୋରମ ପକ୍ଷରୁ ଅନୁରୋଧ କରାଯାଇଛି। ସମ୍ମିଳନୀରେ ସଞ୍ଜୀବ ହୋତା, ସୌମ୍ୟରଞ୍ଜନ ପଟ୍ଟନାୟକ, ଅମୀୟ ଭୂଷଣ ମହାନ୍ତି, ସତ୍ୟକାମ ମିଶ୍ର, ବଦ୍ରି ନାରାୟଣ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ସୁଦର୍ଶନ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଉପମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଗାଡ଼ି ଧକ୍କାରେ ୨ ଛାତ୍ରୀଛାତ୍ର ଗୁରୁତର

ଗୋପ,୨୫।୯(ଭାରତୀ ଭୂଷଣ ଉପାଧ୍ୟାୟ)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବୁଧବାର ଗୋପ ବ୍ଲକ ଗସ୍ତ ସମୟରେ ଏକ ଅଘଟଣ ଦେଖିବାକୁ ମିଳିଥିଲା। ଗୋପ ବଜାର ନିକଟସ୍ଥ ମହାଜନ ସାହି ନିକଟରେ ଉପମୁଖ୍ୟମନ୍ତ୍ରୀଙ୍କୁ ସୁରକ୍ଷା ଦେଇ ଆସୁଥିବା ପୋଲିସ ଗାଡ଼ିଟି ୨ ଛାତ୍ରୀଛାତ୍ରଙ୍କ ସାଇକେଲକୁ ଧକ୍କା ଦେଇଥିଲା। ପରେ ତାଙ୍କୁ ଗୋପ ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଭୁବନେଶ୍ୱର ମେଡିକାଲ୍‌କୁ ପଠାଯାଇଥିଲା। ଏଭଳି ଏକ ଘଟଣା ଘଟିଥିଲେ ମଧ୍ୟ ଉପମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ଶେଷ ହେବା ପରେ ଗୋପ ଡାକ୍ତରଖାନାରେ ପହଞ୍ଚିବାରୁ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏ ସମ୍ପର୍କରେ ଗୋପ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ ପକ୍ଷରୁ ଜଣାପଡ଼ିଛି। ପ୍ରକାଶ ଯେ, ଗୋପ ବ୍ଲକ ଅନ୍ତର୍ଗତ ପାଣିଛତ୍ର ଗାଁକୁ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା।


ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଡାକ୍ତରଖାନାରେ ୨ ଆହତ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝୁଛନ୍ତି।

## ରାଜ୍ୟସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା

ଭୁବନେଶ୍ୱର,୨୫।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ଭୁବନେଶ୍ୱର, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଓଡ଼ିଶା ପକ୍ଷରୁ ରାଜ୍ୟସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ବୁଧବାର ବିଜ୍ଞାନ କେନ୍ଦ୍ରଠାରେ ଆୟୋଜିତ ହୋଇଯାଇଛି। ପ୍ରଶିକ୍ଷଣ ପରିଷଦ ନିର୍ଦ୍ଦେଶକ ମନୋଜ ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। 'ଜଳ ବଞ୍ଚାନ୍ତୁ-ଜୀବନ ବଞ୍ଚାନ୍ତୁ' ଶୀର୍ଷକ ନାଟକ ପରିବେଷଣ କରି ଖୋର୍ଦ୍ଧା ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଦ୍ୱିତୀୟରେ ଗଞ୍ଜାମ ଜିଲା ରହିଥିଲା। ଏହି ୨ଜିଲା ଆସନ୍ତା ୩୦ରେ କୋଲକାତାର ବିର୍ଲା ଇଣ୍ଡଷ୍ଟ୍ରିଆଲ ଆଣ୍ଡ ଟେକ୍ନୋଲୋଜିକାଲ ମ୍ୟୁଜିୟମ୍‌ଠାରେ ହେବାକୁ ଥିବା ପୂର୍ବ ଭାରତ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଜଳ ବଞ୍ଚାନ୍ତୁ-ଜୀବନ ବଞ୍ଚାନ୍ତୁ ନାଟକର ଅଭିନେତା ଶ୍ରୀମାନ ସାଗର ବାରିକ ଶ୍ରେଷ୍ଠ ଅଭିନେତା ଏବଂ କୃତ୍ରିମ ବୁଦ୍ଧିମତା ଓ ସମାଜ ନାଟକରେ ପ୍ରିୟଙ୍କା ତୀର୍କି ଶ୍ରେଷ୍ଠ ଅଭିନେତ୍ରୀ, ଶ୍ରେଷ୍ଠ ନିର୍ଦ୍ଦେଶକ ସମରେନ୍ଦ୍ର ନାୟକ, ଶ୍ରେଷ୍ଠ ସ୍କ୍ରିପ୍ଟ ରାଇଟର ଅଜୟ ବେହେରା ହୋଇଛନ୍ତି।

## ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ

ତ୍ରିଶୂଳିଆ,୨୫।୯ (ତୁଷାରକାନ୍ତ ବେହେରା)

ବାରଙ୍ଗ ବ୍ଲକ ଭାଜପା ପକ୍ଷରୁ ରାଷ୍ଟ୍ର ବାଦୀ, ଦାର୍ଶନିକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୦୯ତମ ଜୟନ୍ତୀ ପାଳନ ହୋଇଯାଇଛି। ଏହି ଉପଲକ୍ଷେ ତ୍ରିଶୂଳିଆ ନରଣପୁର ଭାଗବତ ଗୃହରେ ସନ୍ତୋଷ ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବାଙ୍କୀ-ବାରଙ୍ଗର ଭାଜପା ଯୁବ ନେତା ତୁଷାରକାନ୍ତ ଚକ୍ରବର୍ତ୍ତୀ ପଣ୍ଡିତ ଦୀନଦୟାଲଙ୍କ ରାଷ୍ଟ୍ରବାଦୀ ଚିନ୍ତାଧାରା, ମାନବିକତା ସମ୍ପର୍କରେ ବ୍ୟାପକ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀପକ ସ୍ୱାଇଁ, ଯୁବନେତା ସୁନୀଲ ସ୍ୱାଇଁ, କୁହ୍ନେଇପଡ଼ା ପୂର୍ବତନ ସରପଞ୍ଚ ଅରୁଣ ସାହୁ, ଶ୍ରୀବନ୍ତପୁର ସରପଞ୍ଚ ସଞ୍ଜୟ ପାଣି, ଶିବପ୍ରସାଦ ମହାନ୍ତି, ଗଣେଶ ସାହୁ, ମଧୁସୂଦନ ରାଉତ, କଟକ ଏମ୍‌ପିଙ୍କ ପ୍ରତିନିଧି ଭୂପତିଭୂଷଣ ପାଣି, କେଦାରନାଥ ସ୍ୱାଇଁ, ପୀତାମ୍ବର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଦୀନଦୟାଲଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥିମାନେ ସଂକଳ୍ପ ନେଇଥିଲେ। କୃଷ୍ଣଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ତୁଷାରଙ୍କ ନେତୃତ୍ୱରେ ନରଣପୁର ଗ୍ରାମରେ ଭାଜପାର ସଦସ୍ୟତା ଅଭିଯାନ କରାଯାଇଥିଲା। ଏଥିରେ ନରଣପୁର ଗ୍ରାମର ପତନ ସ୍ୱାଇଁ, ରଞ୍ଜନ ସାହୁ, ବିଜୟ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ପ୍ରଚଳନ ପାଇଁ ଉଦ୍ୟମ କରିଥିଲେ ଯୁଧିଷ୍ଠିର ଦାସ

ଭୁବନେଶ୍ୱର,୨୫।୯(ଶର୍ମିଷ୍ଠା ପାଣିଗ୍ରାହୀ)

ପୂର୍ବତନ ବାଚସ୍ପତି ଯୁଧିଷ୍ଠିର ଦାସଙ୍କ ୧୦୧ତମ ଜୟନ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ବୁଧବାର ଆଇଆର୍‌ସି ଭିଲେଜ ଯୁଧିଷ୍ଠିର ପାର୍କସ୍ଥିତ ପ୍ରତିମୂର୍ତ୍ତି ସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଡ. ରଙ୍ଗାଧର ସାହୁ, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ପ୍ରତାପ ରାଉତରାୟ, କମଳ ଭଞ୍ଜ, ସଚ୍ଚିଦାନନ୍ଦ ବେହେରା, ସୁରେନ୍ଦ୍ରନାଥ ସେଠୀ, ସନ୍ତୋଷ ସେଠୀ, ବିଶ୍ୱଜିତ୍ ଜେନା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଯୁଧିଷ୍ଠିର ବିଶେଷ ଶିକ୍ଷାଲାଭ ନ କରି ମଧ୍ୟ ପିଲାବେଳୁ ସମାଜବାଦ ଚିନ୍ତାଧାରାରେ ନିଜକୁ ଜଡ଼ିତ କରି କୃଷକ, ଶ୍ରମିକଙ୍କ କଲ୍ୟାଣ ପାଇଁ ନିରନ୍ତର ଉଦ୍ୟମ କରିଥିଲେ। ସମତା ନାମକ ଏକ ପତ୍ରିକାର ସମ୍ପାଦନା ମଧ୍ୟ କରିଥିଲେ। ୧୯୯୦ ମସିହାରେ କଟକ ଜିଲା କିଷନନଗର ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଧାୟକ ନିର୍ବାଚିତ ହୋଇଥିଲେ। ଏଥିସହ ଓଡ଼ିଶା ବିଧାନସଭାର ବାଚସ୍ପତି ହୋଇ ନିରପେକ୍ଷ ଭାବେ ଶୃଙ୍ଖଳାର ସହିତ ଦାୟିତ୍ୱ ନିର୍ବାହ କରି ସେ ସମସ୍ତଙ୍କର ଆଦରଣୀୟ ହୋଇଥିଲେ। ଓଡ଼ିଆ ଭାଷାର ବିକାଶ ପାଇଁ ତାଙ୍କ ଉଦ୍ୟମରେ ରାଉରକେଲାଠାରେ 'ବିଶ୍ୱ ଓଡ଼ିଆ ସମ୍ମିଳନୀ' ଆୟୋଜିତ ହୋଇପାରିଥିଲା। ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ପ୍ରଚଳନ ପାଇଁ ମଧ୍ୟ ସେ ଚେଷ୍ଟିତ ଥିଲେ। ତାଙ୍କ ନୀତି, ଆଦର୍ଶ ସବୁ ସମୟରେ ଯୁବ ଛାତ୍ରଙ୍କୁ ପ୍ରୋତ୍ସାହିତ କରିବ ବୋଲି ଉପସ୍ଥିତ ବ୍ୟକ୍ତିବିଶେଷ ମତ ଦେଇଥିଲେ।

**ADVERTISEMENT**
**OFFICE OF THE UTKAL BALASHRAM, KHARIAR, DIST-NUAPADA**
**(GOVT. RUN CHILD CARE INSTITUTION)**
Advertisement No - 103/UB/KHAR/NPD Date : 25.09.2024
Applications are invited from the perspective candidates for the different posts through the proforma application form which will be made available on the district website (www.nuapada.odisha.gov.in). The online submission of application shall be available on (E-Mail : utkalbalashramkhariar@gmail.com) from 28.09.2024 (10.00 AM) to 12.10.2024 (5.00 PM). The recruitment of different posts of Utkal Balashram, Khariar, Dist - Nuapada is being done as per the Mission Vatsalya Implementation guideline and resolution vide No. 10102-WCD-CW-MISC-0023-2020, Dated 15.09.2020 of W&CD Dept. & MS, Govt. of Odisha. After submission of online application, the candidates are to submit hard copy of the same along with all required documents and testimonials through Speed post / Registered post only addressed to Office of the Secretary, Utkal Balashram, Khariar, At-/PO - Khariar, Ps - Khariar, Dist.-Nuapada-766107, Latest by 5.00 PM on Dt. 17.10.2024. Any application received after the due date/time shall be rejected. The posts are purely temporary, time bound and co-terminus with the scheme depending on the satisfactory performance. For detail advertisement please visit to the district website (www.nuapada.odisha.gov.in).
**Sd./- CDPO Khariar-Cum-Secretary, Utkal Balashram, Khariar**

**ଦ.ପୂ. ରେଳପଥ - ଟେଣ୍ଡର**
**ଟେଣ୍ଡର ନୋଟିସ ନଂ. ଟିଆର୍‌ଡି-କେଜିପି-ଡବ୍ଲ୍ୟୁ-୨୦୨୪-୨୫-୧୨ ତାରିଖ ୨୪।୦୯।୨୦୨୪।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆର୍‌ଡି/ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ। **କାର୍ଯ୍ୟର ବର୍ଣ୍ଣନା:** ଖଡ଼ଗପୁର ଡିଭିଜନ ଅଧୀନରେ ଏଫଓବି/ଆରଓବି (ଓଭରଲାଇନ୍ ଷ୍ଟ୍ରକ୍ଚର ତଳେ)ଗୁଡ଼ିକର ତଳଭାଗରେ ୨୫ କେଭି ଏସି ଟ୍ରାକ୍ସନ୍ ପାଇଁ ଉପଯୁକ୍ତ କମ୍ପୋଜିଟ୍ ହାଇ ଭୋଲଟେଜ୍ ଇନସୁଲେଟେଡ୍ କୋଟିଂ କମ୍ପାଉଣ୍ଡର ଯୋଗାଣ ଓ ପ୍ରୟୋଗ। **ଟେଣ୍ଡର ମୂଲ୍ୟ:** ₹୨୯,୪୩,୨୨୫/-। **ଇଏମ୍‌ଡି:** ₹୫୮,୯୦୦/-। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ଶୂନ୍ୟ। **ଖୋଲାଯିବା ତାରିଖ:** ୧୬।୧୦।୨୦୨୪। **ସମାପ୍ତି ଅବଧି:** ୦୩ ମାସ। **ଦାଖଲର ତାରିଖ:** ୧୬।୧୦।୨୦୨୪, ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍‌ଗୁଡ଼ିକୁ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି।
(PR-646)

**OFFICE OF THE PRINCIPAL, RAJSUNAKHALA COLLEGE, RAJSUNAKHALA, DIST-NAYAGARH,752065**
**TENDER/QUOTATION CALL NOTICE FOR RUSA**
No.650 Date.21.09.2024
Sealed Tender/Quotations are invited from registered and reputed Manufacturers/Firms having valid GSTIN with latest GSTIN Clearance Certificate for the supply of Inverter Battery with Machine, Computer Desktop (HP,DELL) UPS, Printer, AC (Split), Water Purifier for this College. The sealed Quotations must reach to the undersigned on or before dt.07.10.2024 by 2 P.M. and will be opened at 11 A.M. on dt.08.10.2024. Items specifications are available in the College Website. The authority reserves the right to reject or cancel any or all the Quotations without assigning any reason thereof.
College Website: - rajsunakhala.college@yahoo.com
**PRINCIPAL**
**RAJSUNAKHALA COLLEGE, NAYAGARH**

**ODISHA PUBLIC SERVICE COMMISSION**
**ADVERTISEMENT NO. 04 of 2024-25**
**Recruitment to the posts of Professors in different disciplines (Group-A) in Government College of Engineering, Kalahandi, under Skill Development and Technical Education Department.**
**NO.D-131**
**WEBSITE http://opsc.gov.in**

Online Applications are invited from prospective candidates through Proforma application form to be made available in the Website of the Commission (http://opsc.gov.in) for recruitment to 05 (Five) posts of Professors in 04 different disciplines in Group-A of Govt. College of Engineering, Kalahandi, under Skill Development & Technical Education Department in the Entry Pay :- Rs.1,44,200/-, Level - 14 in the pay matrix with usual Dearness and other allowances as admissible by the Government from time to time.

**2. VACANCY POSITION :-**
As per requisition filed by the Skill Development & Technical Education Department, Government of Odisha, a total of 05(1-W) posts are reserved for UR category in four different disciplines.

**3. Age :-**
Minimun age limit : The candidate must have attained the age of 21 years as on 30.10.2024
Maximum age limit : 60 years (Date of Superannuation as per date of birth).
**(30.10.2024 is the reference date for calculation of age)**

**4. Educational Qualification :**
A candidate should possess the following qualifications, at the minimum :
**For Engineering/Technology as per AICTE Notification F.No.61-1/RIFD/7th CPC/2016-17 dated 01.03.2019**
(a) Ph.D. degree in the relevant field and First class or equivalent at either Bachelor's or Master's level in the relevant branch.
AND
(b) Minimum of 10 years of experience in teaching/research/industry out of which at least 3 years shall be at a post equivalent to that of an Associate Professor (level-13A1, Entry pay - 131400).
AND
(c) At least 6 research publications at the level of Associate Professor in SCI Journals / UGC / AICTE approved list of journals and at least 2 successful Ph.D. guided as Supervisor / Co-supervisor.
OR
At least 10 research publications at the level of Associate Professor in SCI Journals / UGC / AICTE approved list of journals.
AND
(d) At least a total research score of 120 (one hundred twenty) on the last date of the application (as per the criteria given in Appendix-II, Table-2 of UGC Regulations vide notification no. F.1-2/2017(EC/PS) dated 18.07.2018.

**5. Method of Selection :**
The recruitment to the post of Professors shall consist of (i) Document Verification for shortlisting of candidates, (ii) interview.

**6. Examination Fees :**
The candidates are exempted for payment of examination fees as per G.A. Deptt. Letter No.9897/Gen., dated 11.04.2022.
**The link for online application and submission shall be available from 01.10.2024 to 30.10.2024 [Note - 30.10.2024 is the last date for submission of Registered Online Application]**
The candidates are advised to visit the Website of the Commission at http://opsc.gov.in **for detailed information while applying for the above post.**
Cuttack
Dt - 24.09.2024
**Sd./- SECRETARY (I/C)**
**ODISHA PUBLIC SERVICE COMMISSION**
**CUTTACK**
OIPR-12002/11/0075/2425

**SUIIT**
**Sambalpur University Institute of Information Technology**
**Advt. No.: 1227/ SUIIT Date: 25/ 09/ 2024**

| SPOT ADMISSION | Date |
|---|---|
| • Master of Computer Application (MCA) | 30th September, 2024 |

**INSTRUCTIONS**
**Spot Admission Master of Computer Application (MCA): Interested candidates for spot admission should report to the Administrative Officer, SUIIT during 10AM to 12 noon on 30.09.2024. There will be an entrance examination of one hour duration at 12:15 PM for the MCA programme. Admission will be done on the same day, as per SUIIT admission guideline.**
**CONTACT NUMBERS: 9437284982/7381110818**
Sd/
Email:admin.office@suiit.ac.in Director , SUIIT

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, पश्चिमी सिंहभूम, चाईबासा**
**अति अल्पकालीन ई-निविदा आमंत्रण सूचना**
**ई– निविदा सूचना संख्या – RDD/SD/CHAIBASA/12/2024-25 (MMGSY)**
1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | पश्चिमी सिंहभूम जिला के सदर प्रखण्ड अन्तर्गत टोन्टो पंचायत के ग्राम टोन्टो से अमीता जाने वाली रास्ता के गौतोपा में रोरो नदी पर पुलिया निर्माण। | 63156000.00 | 1264000.00 | 10000.00 | 24 माह |
| 2 | पश्चिमी सिंहभूम जिला के तांतनगर प्रखण्ड अन्तर्गत चिटिमिटी पंचायत के ग्राम रूतासाई से विचाबुरू जाने वाली सड़क से तोरलो नदी पर पुल निर्माण। | 48459100.00 | 970000.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 27.09.2024
3. ई–निविदा प्राप्ति की तिथि एवं समय–दिनांक 27.09.2024 से दिनांक 04.10.2024 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेश प्रमण्डल, पश्चिमी सिंहभूम, चाईबासा।
5. ई–निविदा खोलने की तिथि एवं समय –.05.10.2024 अपराह्न 5:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पश्चिमी सिंहभूम, चाईबासा
7. ई–निविदा प्रकोष्ठ का दूरभाष सं० – 8709623131 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा खोलने की तिथि से 5 दिनों के अन्दर निविदादाता द्वारा अपनी आपत्ति/दावा दर्ज कराये अन्यथा अवधि बीतने के पश्चात् कोई भी आपत्ति /दावा मान्य नहीं होगा।
11. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाइट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।
ह०/– कार्यपालक अभियंता
ग्रामीण विकास विशेष प्रमंडल,
पश्चिमी सिंहभूम, चाईबासा
PR 337044 Deoghar (24-25)_D

# କୋମାରେ ଟ୍ରମାକେୟାର, ଆଇସିୟୁ, ଅକ୍ସିଜେନ ପ୍ଲାଣ୍ଟ

ଖୋର୍ଦ୍ଧା,୨୫।୯(ପ୍ରଭାତ ପାଣିଗ୍ରାହୀ)

■ଡିଏଚ୍‌ଏଚ୍‌ରେ ନାହିଁ ରକ୍ତଭଣ୍ଡାର, ରୋଗୀ ହଇରାଣ

■ସିଡିଏମ୍‌ଓଙ୍କୁ ଭେଟିଲା ବରିଷ୍ଠ ନାଗରିକ ମଞ୍ଚ

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍)ରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଆବଶ୍ୟକ ସଂଖ୍ୟକ ବିଶେଷଜ୍ଞ, ଡାକ୍ତର, ପାରା ମେଡ଼ିକାଲ ଷ୍ଟାଫ୍, ଚିକିତ୍ସା ପାଇଁ ଯନ୍ତ୍ରପାତି ଅଭାବରୁ ରୋଗୀମାନେ ଉପଯୁକ୍ତ ଚିକିତ୍ସା ସେବା ପାଇବାରୁ ବଂଚିତ ହେଉଛନ୍ତି। ଡିଏଚ୍‌ଏଚ୍‌ର ବିଭିନ୍ନ ସମସ୍ୟା ନେଇ ବରିଷ୍ଠ ନାଗରିକ ମଞ୍ଚର ଏକ ପ୍ରତିନିଧି ଦଳ ବୁଧବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକଙ୍କୁ ଭେଟି ଆଲୋଚନା କରିବା ସହ ଦାବିପତ୍ର ଦେଇଛନ୍ତି।

ଏହି ପତ୍ରରେ ଦର୍ଶାଯାଇଛି ଯେ, ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ଖୋର୍ଦ୍ଧା ସମେତ ପଡୋଶୀ ପୁରୀ ଓ ନୟାଗଡ଼ ଜିଲାର ଲୋକେ ନିର୍ଭର କରୁଛନ୍ତି। ଦୁର୍ଘଟଣାଜନିତ ଚିକିତ୍ସା ପାଇଁ ଉଦ୍ଦିଷ୍ଟ ଟ୍ରମାକେୟାର ୟୁନିଟ୍ ଉଦ୍‌ଘାଟନ ପରଠାରୁ କାର୍ଯ୍ୟକ୍ଷମ ହୋଇନାହିଁ। ସ୍ତ୍ରୀ ଓ ପ୍ରସୂତି ବିଭାଗ ପାଇଁ ୨୪ ଘଣ୍ଟିଆ ସିଟି ସ୍କାନ ଏବଂ ଅଲ୍‌ଟ୍ରା ସାଉଣ୍ଡ ରହିଥିବା ବେଳେ ସାଧାରଣ ରୋଗୀଙ୍କ ପାଇଁ ଏହି ସୁବିଧା ଉପଲବ୍ଧ ନାହିଁ। ଫଳରେ ରୋଗୀ ବାହାରେ କ୍ଲିନିକ୍‌ରେ ଏସବୁ ସେବା ପାଇବାକୁ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ବର୍ହିବିଭାଗ (ଆଉଟଡୋର)ରେ ଦୈନିକ ଶତାଧିକ ରୋଗୀଙ୍କ ଭିଡ ଲାଗୁଛି। ମାତ୍ର ୨ରୁ ୩ ଜଣ ଡାକ୍ତରଙ୍କ ଦ୍ୱାରା ରୋଗୀ ଚିକିତ୍ସା କରାଯାଉଛି। ଫଳରେ ରୋଗୀ ଦୀର୍ଘ ସମୟ ଧରି ଅପେକ୍ଷା କରୁଛନ୍ତି। ତେଣୁ ଦିନବେଳା ଆଉଟଡୋର ଡାକ୍ତରଙ୍କ ସଂଖ୍ୟା ବୃଦ୍ଧି କରାଯାଉ। ୨୦୨୩ ସେପ୍ଟେମ୍ବରରେ ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ୧୦ଶଯ୍ୟା ବିଶିଷ୍ଟ ଆଇସିୟୁ ଉଦ୍‌ଘାଟନ ହେଲା। ତେବେ ସେଠାରେ ତାଲା ଝୁଲୁଛି। ଡାକ୍ତର ନିୟୋଜିତ ହୋଇ ନ ଥିବାରୁ ଅତ୍ୟାଧୁନିକ ଯନ୍ତ୍ରପାତି ଖତ ଖାଉଛି। ମେଡିକାଲ ପରିସରରେ ଅକ୍ସିଜେନ୍ ପ୍ଲାଣ୍ଟ କାମ ସରିଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ଫଳରେ ଆଇସିୟୁ ଏବଂ ବିଭିନ୍ନ ୱାର୍ଡକୁ ଅକ୍ସିଜେନ ପାଇପ ସଂଯୋଗ ସତ୍ତ୍ୱେ ରୋଗୀ ସେବା ପାଇପାରୁନାହାନ୍ତି।



ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ମେଡିକାଲରେ ଘରୋଇ ଆମ୍ବୁଲାନ୍ସଙ୍କ ଦୌରାତ୍ମ୍ୟ ବଢିଚାଲିଛି। ବିନା ଫିଟନେସରେ ଏକାଧିକ ଆମ୍ବୁଲାନ୍ସ ଚାଲିଥିବା ବେଳେ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ପାର୍କିଂ ସ୍ଥଳରେ ଘରୋଇ ଆମ୍ବୁଲାନ୍ସ ରହୁଛି। ରୋଗୀଙ୍କଠାରୁ ଅତ୍ୟଧିକ ଟଙ୍କା ଦାବି କରୁଛନ୍ତି। କେତେଜଣ ଡାକ୍ତର ଘରୋଇ କ୍ଲିନିକ୍‌ରେ ଅଧିକ ସମୟ ବ୍ୟସ୍ତ ରହୁଛନ୍ତି। ମହିଳା ଓ ଶିଶୁ ମଙ୍ଗଳ କେନ୍ଦ୍ରରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଛି। ନିରାମୟ କେନ୍ଦ୍ରରେ ବହୁ ଗୁରୁତ୍ୱପୂର୍ଣ୍ଣ ଔଷଧ ଉପଲବ୍ଧ ନାହିଁ। ମେଡିକାଲ ପରିସରସ୍ଥ ଶୌଚାଳୟ, ପରିସ୍ରାଗାର କବାଟ ଝରକା ଭାଙ୍ଗିଗଲାଣି। ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। ଡିଏଚଏଚ ପରିସରରେ ରକ୍ତଭଣ୍ଡାର ନାହିଁ। ମେଡିକାଲଠାରୁ ୪କିମି ଦୂର ସିଡିଏମଓଙ୍କ କାର୍ଯ୍ୟାଳୟରେ ଅବସ୍ଥିତ। ରୋଗୀ ଯାତାୟାତ ବେଳେ ହଇରାଣ ହେଉଛନ୍ତି। ଅଲ୍ଟ୍ରାସାଉଣ୍ଡ ସପ୍ତାହକୁ ମାତ୍ର ୩ଦିନ କରାଯାଉଛି। ବିଶେଷଜ୍ଞ ଡାକ୍ତରମାନେ ନିୟମିତ ଆସୁନାହାନ୍ତି। ଟ୍ରମାକେୟାର, ଆଇସିୟୁ ଏବଂ ଅକ୍ସିଜେନ ପ୍ଲାଣ୍ଟକୁ କାର୍ଯ୍ୟକ୍ଷମ ସହ ସନ୍ଧ୍ୟାରେ ବର୍ହିବିଭାଗ ଖୋଲାଯାଉ। ଟିକେଟ କାଉଣ୍ଟର ସରଳୀକରଣ, ଉତ୍ତମ ରୋଗୀ ସେବା, ବର୍ଜ୍ୟବସ୍ତୁ ପରିଚାଳନା, ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବାକୁ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ବୈକୁଣ୍ଠନାଥ ମହାପାତ୍ର, ବସନ୍ତ କୁମାର ଦାଶ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ବିଧାନ ଚନ୍ଦ୍ର ମହାନ୍ତି, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ସତ୍ୟବ୍ରତ ଦାସ, ସନ୍ତୋଷ କୁମାର ଦାସ, ନୃସିଂହଚରଣ ମହାପାତ୍ର, ଅନ୍ତର୍ଯ୍ୟାମୀ ବେହେରା ପ୍ରମୁଖ ଦାବି କରିଛନ୍ତି। ଏନେଇ ସିଡିଏମଓ ପଟ୍ଟନାୟକ କହିଲେ, ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ ଏବଂ ଅକ୍ସିଜେନ ପ୍ଲାଣ୍ଟକୁ କାର୍ଯ୍ୟକ୍ଷମ କରାଯିବ। ପର୍ଯ୍ୟାୟକ୍ରମେ ସମସ୍ୟା ସମାଧାନ ପ୍ରତି ଗୁରୁତ୍ୱ ଦିଆଯାଉଛି। ଡାକ୍ତର ପଦବୀ ପୂରଣ ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଚିଠି ଲେଖାଯାଇଛି। ଘରୋଇ ଆମ୍ବୁଲାନ୍ସ ଦର ଧାର୍ଯ୍ୟ ପାଇଁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି।

# ପଣ୍ଡିତ 'ଦାଶରଥି ସମ୍ମାନ' ପ୍ରଦାନ ସମାରୋହ

ବେଗୁନିଆ,୨୫।୯(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ଓ ବାଙ୍କୀ ବ୍ଲକ ଉପକଣ୍ଠ ପଣ୍ଡାଳମ ଗ୍ରାମସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ପରିସରରେ ମଙ୍ଗଳବାର ପଣ୍ଡିତ 'ଦାଶରଥି ସମ୍ମାନ' ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ଭାଗବତ ମଣ୍ଡଳୀ ଏବଂ ମିଳିତ ସାହିତ୍ୟ ସଂସଦର ସହଭାଗିତାରେ ଆୟୋଜିତ ସମାରୋହରେ କଟକ, ପୁରୀ ଏବଂ ଖୋର୍ଦ୍ଧା ଜିଲା ଅଞ୍ଚଳର ବହୁ ପଣ୍ଡିତ, ବିଦ୍ୱାନ୍, ଭାଗବତ ପ୍ରବକ୍ତା ଓ ଶ୍ରୋତାମାନେ ଉପସ୍ଥିତ ଥିଲେ। ବକ୍ତାମାନେ ଭାଗବତ ପୁରାଣ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ପଣ୍ଡିତ ବିଦ୍ୱାନ ସ୍ୱର୍ଗତ ଦାଶରଥି ଦାଶଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀ ଦିବସ ପାଳନ ଅବସରରେ ଚଳିତ ୨୦୨୪ ବର୍ଷର 'ଦାଶରଥି ସମ୍ମାନ' ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପ୍ରଫୁଲ୍ଲ କୁମାର ସୁବୁଦ୍ଧି ଉପସ୍ଥିତ ଥିଲେ। ଓଡ଼ିଶାର ସ୍ୱନାମଧନ୍ୟା ଜ୍ଞାନୀ ଗୁଣୀ ତଥା ଆଧ୍ୟାତ୍ମିକ ପ୍ରବକ୍ତା ଡ. ପ୍ରତିଭା ମହାରଥୀଙ୍କୁ 'ଦାଶରଥି ସାହିତ୍ୟ' ସମ୍ମାନ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସେବାନିବୃତ୍ତା ପ୍ରଧାନ ଶିକ୍ଷୟିତ୍ରୀ ଡ. ଚପଳା ପଣ୍ଡାଙ୍କୁ 'ଦାଶରଥି ଶିକ୍ଷକ' ସମ୍ମାନ ଏବଂ ଜନପ୍ରିୟ ଭାଗବତ ପାଠିକା କବୟିତ୍ରୀ ସୁଶ୍ରୀ ଯୋଜନୀବାଳା ପଣ୍ଡାଙ୍କୁ 'ଦାଶରଥି ଭାଗବତ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ପଣ୍ଡିତ ରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ।

# ପାଠପଢ଼ା ସହ ସାମାଜିକ କାର୍ଯ୍ୟରେ ନିୟୋଜିତ ହୁଅ

ବୋଲଗଡ଼,୨୫।୯(ଦେବବ୍ରତ ହୋତା)

**ଜାତୀୟ ସେବା ଦିବସ ପାଳିତ**

ସ୍ୱଚ୍ଛତା ହିଁ ସେବା ପକ୍ଷ ପାଳନ ଅବସରରେ ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଦେଉଳି ଗ୍ରାମସ୍ଥିତ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜାତୀୟ ସେବା ଦିବସ ବୁଧବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ଜାତୀୟ ସେବା ସଂସ୍ଥା ଶିବିର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ତ୍ରିଲୋଚନ ସାହୁ ଏହାକୁ ସଂଯୋଜନା କରିଥିଲେ। କଲେଜ ଅଧ୍ୟକ୍ଷ ଡ. ତପନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଭଗବାନ ଜେନା, ଉମାକାନ୍ତ ଓଝା, ରାମଚନ୍ଦ୍ର ଜେନା ଓ ଅଧ୍ୟାପିକା ଅମିୟବାଳା ନନ୍ଦ, ପଦ୍ମାଳୟା ମହାରଣା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସାରା ଭାରତବର୍ଷରେ ଜାତୀୟ ସେବା ସଂସ୍ଥା ଦ୍ୱାରା କରାଯାଉଥିବା ସାମାଜିକ କାର୍ଯ୍ୟାବଳୀ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିବା ସହ ବିଦ୍ୟାର୍ଥୀମାନେ ପାଠପଢା ସହ ଏହି ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବାକୁ ଉତ୍ସାହିତ କରିଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଜାତୀୟ ସେବା ସଂସ୍ଥାର ଶତାଧିକ ସ୍ୱେଚ୍ଛାସେବୀଙ୍କ ସମେତ ଅନେକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ସେବାକେନ୍ଦ୍ରରେ ଜମିଛି ବର୍ଷାପାଣି



ବୋଲଗଡ଼,୨୫।୯(ଦେବବ୍ରତ ହୋତା) ବୋଲଗଡ଼ ସଦର ପଞ୍ଚାୟତ ଅଞ୍ଚଳରେ ଥିବା ବୈଦ୍ୟୁତିକ ସେବାକେନ୍ଦ୍ର ପରିସରରେ ବର୍ଷା ସମୟରେ ପାଣିର ଲହଡ଼ି ଖେଳୁଛି। କେନ୍ଦ୍ରରେ ବ୍ୟବସ୍ଥା ନ ଥିବାରୁ ଏହି ପାଣି ଜମି ରହି ବିପଦପୂର୍ଣ୍ଣ ତଥା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଏଠାରେ ଗୋଟିଏ ୨୫୦ କେଭି ଟ୍ରାନ୍ସଫର୍ମର ମଧ୍ୟ ରହିଛି, ଯାହାକି ୨ ଫୁଟ ପର୍ଯ୍ୟନ୍ତ ପାଣିରେ ବୁଡ଼ି ରହୁଛି। ସାଧାରଣତଃ ବର୍ଷା ସମୟରେ ଶର୍ଟ ସର୍କିଟ କିମ୍ବା ଅନ୍ୟ କାରଣରୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହେଉଥିବାବେଳେ ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଦାୟିତ୍ୱରେ ଥିବା କର୍ମଚାରୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏହି ବିଦ୍ୟୁତ୍ ସେବାକେନ୍ଦ୍ର (ଫିଉଜ କଲ ସେଣ୍ଟର୍) ଦାୟିତ୍ୱରେ ୬ ଜଣ କର୍ମଚାରୀ ପର୍ଯ୍ୟାୟକ୍ରମେ ଦାୟିତ୍ୱ ନିର୍ବାହ କରୁଥିବାବେଳେ ସେମାନେ ଏହି ଅସୁବିଧା ଦୂର କରିବାକୁ ବହୁବାର କନିଷ୍ଠ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ନେଇ ଯନ୍ତ୍ରୀ ଜ୍ଞାନରଞ୍ଜନ ସାହୁ କହିଛନ୍ତି, ଏହି ସେବାକେନ୍ଦ୍ର ବହୁ ବର୍ଷ ହେଲା ସ୍ଥାପିତ ହୋଇଛି। ବର୍ତ୍ତମାନ ଏହାର ଚତୁଃପାର୍ଶ୍ୱରେ ରାସ୍ତା ଏବଂ ଘର ଉଚ୍ଚ ସ୍ଥାନରେ ଥିବା କାରଣରୁ ଜଳ ନିଷ୍କାସନ ହୋଇ ପାରୁନାହିଁ। ଏହି କେନ୍ଦ୍ରର ଦକ୍ଷିଣ ଦିଗରେ ଟାଉନ କ୍ଲବ ଘର, ଉତ୍ତର ଦିଗରେ ବଜାର ମୁଖ୍ୟରାସ୍ତା ଏବଂ ସାମ୍ନା ପଟ ପଶ୍ଚିମ ଦିଗରେ ଏକ ସଂଯୋଗ ସିସି ରାସ୍ତା ଏହି ପରିସରଠାରୁ ଉଚ୍ଚରେ ରହିବା ଫଳରେ ଅସୁବିଧା ସୃଷ୍ଟି ହୋଇଛି। ତେବେ ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ଏହି ଗ୍ରାହକ ସେବାକେନ୍ଦ୍ର ପରିସର ଖାଲୁଆ ଅଞ୍ଚଳକୁ ଉଚ୍ଚ କରାଯାଇ ଜଳ ନ ଜମିବାକୁ ବ୍ୟବସ୍ଥା ହେବ ବୋଲି ସାହୁ ଆଶା ପ୍ରକଟ କରିଛନ୍ତି।

# ଘରୁ ୧୦ ଲକ୍ଷ ମୂଲ୍ୟର ସ୍ୱର୍ଣ୍ଣ ଅଳଙ୍କାର ଚୋରି

ବାଣପୁର,୨୫।୯(ଦିଲ୍ଲୀପ କୁମାର ସ୍ୱାଇଁ ) ବାଣପୁର ଥାନା ଅଧୀନ ମଙ୍ଗରାଜପୁର ଗ୍ରାମର ନିରଞ୍ଜନ ସୁବୁଦ୍ଧିଙ୍କ ଘରୁ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟର ସ୍ୱର୍ଣ୍ଣ ଅଳଙ୍କାର ଚୋରି କରିନେଇଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମକଦ୍ଦମା ରୁଜୁ କରି ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚଳାଇଛି। ନିରଞ୍ଜନଙ୍କ ପରିବାର ସଦସ୍ୟ ମଙ୍ଗଳବାର ରାତିରେ ଶୋଇଥିବାବେଳେ ଦୁର୍ବୃତ୍ତମାନେ ବାରି ପଟ କବାଟ ତାଡ଼ି ୩ଟି ତାଲା ଭାଙ୍ଗି ଘର ମଧ୍ୟରେ ପଶିଥିଲେ। ଦୁର୍ବୃତ୍ତମାନେ ଆଲମିରା ଭାଙ୍ଗି ହାର, ମୁଦି ପ୍ରଭୃତି ସ୍ୱର୍ଣ୍ଣ ଅଳଙ୍କାର ସମେତ ୧୦ ହଜାର ନଗଦ ଟଙ୍କା ଚୋରି କରି ନେଇଛନ୍ତି। ପଡୋଶୀଙ୍କ ସହାୟତାରେ କବାଟ ଖୋଲିଯିବା ପରେ ନିରଞ୍ଜନ ଏନେଇ ଥାନାରେ ଅଭିଯୋଗ କରିଛନ୍ତି।


**ADVERTISEMENT**
**OFFICE OF THE UTKAL BALASHRAM, KHARIAR, DIST-NUAPADA**
**(GOVT. RUN CHILD CARE INSTITUTION)**

Advertisement No - 103/UB/KHAR/NPD Date : 25.09.2024

Applications are invited from the perspective candidates for the different posts through the proforma application form which will be made available on the district website (www.nuapada.odisha.gov.in). The online submission of application shall be available on (E-Mail : utkalbalashramkhariar@gmail.com) from 28.09.2024 (10.00 AM) to 12.10.2024 (5.00 PM). The recruitment of different posts of Utkal Balashram, Khariar, Dist - Nuapada is being done as per the Mission Vatsalya Implementation guideline and resolution vide No. 10102-WCD-CW-MISC-0023-2020, Dated 15.09.2020 of W&CD Dept. & MS, Govt. of Odisha. After submission of online application, the candidates are to submit hard copy of the same along with all required documents and testimonials through Speed post / Registered post only addressed to Office of the Secretary, Utkal Balashram, Khariar, At-/PO - Khariar, Ps - Khariar, Dist.-Nuapada-766107, Latest by 5.00 PM on Dt. 17.10.2024. Any application received after the due date/time shall be rejected. The posts are purely temporary, time bound and co-terminus with the scheme depending on the satisfactory performance. For detail advertisement please visit to the district website (www.nuapada.odisha.gov.in).

**Sd./- CDPO Khariar-Cum-Secretary, Utkal Balashram, Khariar**

**ଦ.ପୂ. ରେଳପଥ - ଟେଣ୍ଡର**

**ଟେଣ୍ଡର ନୋଟିସ ନଂ. ଟିଆରଡି-କେଜିପି-ଡବ୍ଲ୍ୟୁ-୨୦୨୪-୨୫-୧୨ ତାରିଖ ୨୪।୦୯।୨୦୨୪।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆରଡି/ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ । **କାର୍ଯ୍ୟର ବର୍ଣ୍ଣନା:** ଖଡ଼ଗପୁର ଡିଭିଜନ ଅଧୀନରେ ଏଫ୍‌ଓବି/ଆର୍‌ଓବି (ଓଭରଲାଇନ୍ ଷ୍ଟ୍ରକ୍ଚର ତଳେ)ଗୁଡ଼ିକର ତଳଭାଗରେ ୨୫ କେଭି ଏସି ଟ୍ରାକ୍ସନ୍ ପାଇଁ ଉପଯୁକ୍ତ କମ୍ପୋଜିଟ୍ ହାଇ ଭୋଲଟେଜ୍ ଇନସୁଲେଟେଡ୍ କୋଟିଂ କମ୍ପାଉଣ୍ଡର ଯୋଗାଣ ଓ ପ୍ରୟୋଗ। **ଟେଣ୍ଡର ମୂଲ୍ୟ:** ₹୨୯,୪୩,୨୨୫/-। **ଇଏମ୍‌ଡି:** ₹୫୮,୯୦୦/-। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ଶୂନ୍ୟ। **ଖୋଲାଯିବା ତାରିଖ:** ୧୬।୧୦।୨୦୨୪। **ସମାପ୍ତି ଅବଧି:** ୦୩ ମାସ। **ଦାଖଲର ତାରିଖ:** ୧୬।୧୦।୨୦୨୪, ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍‌ଗୁଡ଼ିକୁ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି। **(PR-646)**

**OFFICE OF THE PRINCIPAL, RAJSUNAKHALA COLLEGE, RAJSUNAKHALA, DIST-NAYAGARH,752065**
**TENDER/QUOTATION CALL NOTICE FOR RUSA**

No.650 Date.21.09.2024

Sealed Tender/Quotations are invited from registered and reputed Manufacturers/Firms having valid GSTIN with latest GSTIN Clearance Certificate for the supply of Inverter Battery with Machine, Computer Desktop (HP,DELL) UPS, Printer, AC (Split), Water Purifier for this College. The sealed Quotations must reach to the undersigned on or before dt.07.10.2024 by 2 P.M. and will be opened at 11 A.M. on dt.08.10.2024. Items specifications are available in the College Website. The authority reserves the right to reject or cancel any or all the Quotations without assigning any reason thereof.

College Website: - rajsunakhala.college@yahoo.com

PRINCIPAL
RAJSUNAKHALA COLLEGE, NAYAGARH


# ଜାଳିଦେଇଥିଲେ ଘର, ଦୁର୍ଦ୍ଦଶା ଭୋଗୁଛନ୍ତି ବିପନ୍ନ ପରିବାର

ମୁଖ୍ୟମନ୍ତ୍ରୀ, ଡିଜିପି, ଏସ୍‌ପିଙ୍କ ନିକଟରେ ଅଭିଯୋଗ



ବେଗୁନିଆ,୨୫।୯(ହରପ୍ରସନ୍ନ ପଣ୍ଡା): ବେଗୁନିଆ ଥାନା ଅଞ୍ଚଳର ଜନୈକା ମହିଳାଙ୍କ ଘର ଦୁର୍ବୃତ୍ତମାନେ ପୋଡ଼ିଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ବିପନ୍ନଙ୍କୁ ନ୍ୟାୟ ବଦଳରେ ନାନା ଧମକ ମିଳୁଛି। ଏହି ଘଟଣା ଘଟିବାର ୭ ଦିନ ପରେ ସହାୟତା ମିଳିବା ତ ଦୂରର କଥା କେହି ଜଣେ ଅଧିକାରୀ ବିପନ୍ନ ପରିବାର ଲୋକଙ୍କୁ ଭେଟି ନ ଥିବା ବୋଲି ମଧ୍ୟ ଅଭିଯୋଗ ହୋଇଛି। ପ୍ରକାଶ ଥାଉକି, ବେଗୁନିଆ ଥାନା ଦେଉଳି ପଞ୍ଚାୟତ ଅଧୀନ ଗୋଡ଼ା ଗ୍ରାମର ଟୁକୁନା ବାଘସିଂହ ନାମ୍ନୀ ଜଣେ ଗରିବ ମହିଳାଙ୍କ ବାସଗୃହକୁ ଗତ ୧୬ ତାରିଖ ବିଳମ୍ବିତ ରାତିରେ ୩ରୁ ୪ ଜଣ ଦୁର୍ବୃତ୍ତ ମିଶି ଜାଳି ଦେଇଥିଲେ। ପୂର୍ବ ଶତ୍ରୁତାକୁ ନେଇ ଘର ଭିତରକୁ ଅବାଧ ପ୍ରବେଶ କରି ଭଙ୍ଗା ରୁଜା କରିଥିଲେ। ପରେ କ୍ରୋଧରେ ଘରେ କିରୋସିନି ଢାଳି ଅଗ୍ନି ସଂଯୋଗ କରିଥିଲେ। ଏଥିରେ ୫ ବଖରା ବାସଗୃହ ଜଳି ଯିବା ସହ ଲକ୍ଷାଧିକ ଟଙ୍କା ସମ୍ପତ୍ତି ପୋଡ଼ି ଛାରଖାର ହୋଇଯାଇଥିବା ଟୁକୁନା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ୨୫୮/୨୪ରେ ଏକ ମାମଲା କରି ବସି ପଡ଼ିଛି। ଥାନାର ଜଣେ ଏସଆଇ ମାମଲାର ତଦନ୍ତ କରୁଥିବାବେଳେ ବିପନ୍ନଙ୍କୁ ନାନା ଧମକ ମିଳିଛି। ଗରିବ ମହିଳା ବୋଲି କେସ୍ ପ୍ରତ୍ୟାହାର କରି ନେବାକୁ ଚାପ ପକାଯାଉଛି। ଏହାସହ ପ୍ରଶାସନ ପକ୍ଷରୁ ତାଙ୍କୁ କୌଣସି ସହାୟତା ମିଳିନାହିଁ। ଦୁର୍ଦ୍ଦିନରେ ପରିବାର ଅତିବାହିତ କରିଥିବା ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଟୁକୁନା ଗୁହାରି କରିଥିଲେ। ଏହାସହ ବେଗୁନିଆ ଥାନା ପୋଲିସର ଅସହଯୋଗ ପ୍ରତିବାଦରେ ପୋଲିସ ମହାନିର୍ଦ୍ଦେଶକ ଏବଂ ଖୋର୍ଦ୍ଧା ଏସ୍‌ପିଙ୍କୁ ଭେଟି ଆଉ ଏକ ଅଭିଯୋଗ ପତ୍ର ଦାଖଲ କରିଥିଲେ। ମୁଖ୍ୟମନ୍ତ୍ରୀ ଏହାକୁ ଗୁରୁତର ସହକାରେ ହସ୍ତକ୍ଷେପ କରିବା ସହ କ୍ଷୋଭ ପ୍ରକାଶ କରିଥିଲେ। ଏପରିକି ଘଟଣାର ଉପଯୁକ୍ତ ତଦନ୍ତ କରିବାକୁ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ପରେ ବେଗୁନିଆ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଦେଇଛି। ମଙ୍ଗଳବାର ବିପନ୍ନ ପରିବାର ଲୋକଙ୍କ ନିକଟକୁ ଯାଇ ବେଗୁନିଆ ଥାନା ଅଧିକାରୀ ଏବଂ ତହସିଲଦାର ଭେଟିଥିଲେ। ଉପଯୁକ୍ତ ତଦନ୍ତ କରାଯାଇ ବିପନ୍ନଙ୍କୁ ନ୍ୟାୟ ଏବଂ ସହାୟତା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।


**ODISHA PUBLIC SERVICE COMMISSION**
**ADVERTISEMENT NO. 04 of 2024-25**
**Recruitment to the posts of Professors in different disciplines (Group-A) in Government College of Engineering, Kalahandi, under Skill Development and Technical Education Department.**
**WEBSITE http://opsc.gov.in**

NO.D-131

Online Applications are invited from prospective candidates through Proforma application form to be made available in the Website of the Commission (http://opsc.gov.in) for recruitment to 05 (Five) posts of Professors in 04 different disciplines in Group-A of Govt. College of Engineering, Kalahandi, under Skill Development & Technical Education Department in the Entry Pay :- Rs.1,44,200/-, Level - 14 in the pay matrix with usual Dearness and other allowances as admissible by the Government from time to time.

2. **VACANCY POSITION** :-
As per requisition filed by the Skill Development & Technical Education Department, Government of Odisha, a total of 05(1-W) posts are reserved for UR category in four different disciplines.

3. **Age** :-
Minimun age limit : The candidate must have attained the age of 21 years as on 30.10.2024
Maximum age limit : 60 years (Date of Superannuation as per date of birth).
**(30.10.2024 is the reference date for calculation of age)**

4. **Educational Qualification** :
A candidate should possess the following qualifications, at the minimum :
**For Engineering/Technology as per AICTE Notification F.No.61-1/RIFD/7th CPC/2016-17 dated 01.03.2019**
(a) Ph.D. degree in the relevant field and First class or equivalent at either Bachelor's or Master's level in the relevant branch.
AND
(b) Minimum of 10 years of experience in teaching/research/industry out of which at least 3 years shall be at a post equivalent to that of an Associate Professor (level-13A1, Entry pay - 131400).
AND
(c) At least 6 research publications at the level of Associate Professor in SCI Journals / UGC / AICTE approved list of journals and at least 2 successful Ph.D. guided as Supervisor / Co-supervisor.
OR
At least 10 research publications at the level of Associate Professor in SCI Journals / UGC / AICTE approved list of journals.
AND
(d) At least a total research score of 120 (one hundred twenty) on the last date of the application (as per the criteria given in Appendix-II, Table-2 of UGC Regulations vide notification no. F.1-2/2017(EC/PS) dated 18.07.2018.

5. **Method of Selection** :
The recruitment to the post of Professors shall consist of (i) Document Verification for shortlisting of candidates, (ii) interview.

6. **Examination Fees** :
The candidates are exempted for payment of examination fees as per G.A. Deptt. Letter No.9897/Gen., dated 11.04.2022.

**The link for online application and submission shall be available from 01.10.2024 to 30.10.2024 [Note - 30.10.2024 is the last date for submission of Registered Online Application]**

The candidates are advised to visit the Website of the Commission at http://opsc.gov.in **for detailed information while applying for the above post.**

Cuttack
Dt - 24.09.2024

**Sd./- SECRETARY (I/C)**
**ODISHA PUBLIC SERVICE COMMISSION**
**CUTTACK**

OIPR-12002/11/0075/2425

**SUIIT**
**Sambalpur University Institute of Information Technology**

Advt. No.: 1227/ SUIIT Date: 25/ 09/ 2024

| SPOT ADMISSION | Date |
|---|---|
| • Master of Computer Application (MCA) | 30th September, 2024 |

**INSTRUCTIONS**

**Spot Admission Master of Computer Application (MCA): Interested candidates for spot admission should report to the Administrative Officer, SUIIT during 10AM to 12 noon on 30.09.2024. There will be an entrance examination of one hour duration at 12:15 PM for the MCA programme. Admission will be done on the same day, as per SUIIT admission guideline.**

**CONTACT NUMBERS: 9437284982/7381110818**

Sd/
Director , SUIIT

Email:admin.office@suiit.ac.in

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, पश्चिमी सिंहभूम, चाईबासा**
**अति अल्पकालीन ई-निविदा आमंत्रण सूचना**
ई– निविदा सूचना संख्या – RDD/SD/CHAIBASA/12/2024-25 (MMGSY)

1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | पश्चिमी सिंहभूम जिला के सदर प्रखण्ड अन्तर्गत टोन्टो पंचायत के ग्राम टोन्टो से अमीता जाने वाली रास्ता के गौतोपा में रोरो नदी पर पुलिया निर्माण। | 63156000.00 | 1264000.00 | 10000.00 | 24 माह |
| 2 | पश्चिमी सिंहभूम जिला के तांतनगर प्रखण्ड अन्तर्गत चिटिमिटी पंचायत के ग्राम रूतासाई से विचाबुरू जाने वाली सड़क से तोरलो नदी पर पुल निर्माण। | 48459100.00 | 970000.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 27.09.2024
3. ई–निविदा प्राप्ति की तिथि एवं समय–दिनांक 27.09.2024 से दिनांक 04.10.2024 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेश प्रमण्डल, पश्चिमी सिंहभूम, चाईबासा।
5. ई–निविदा खोलने की तिथि एवं समय –.05.10.2024 अपराह्न 5:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पश्चिमी सिंहभूम, चाईबासा
7. ई–निविदा प्रकोष्ठ का दूरभाष सं० – 8709623131 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा खोलने की तिथि से 5 दिनों के अन्दर निविदादाता द्वारा अपनी आपत्ति/दावा दर्ज कराये अन्यथा अवधि बीतने के पश्चात् कोई भी आपत्ति /दावा मान्य नहीं होगा।
11. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

ह०/– कार्यपालक अभियंता
ग्रामीण विकास विशेष प्रमंडल,
पश्चिमी सिंहभूम, चाईबासा

PR 337044 Deoghar (24-25)_D

# ସ୍ୱଚ୍ଛତା ବଜାୟ ରଖିଲେ ସୁସ୍ଥ ରହିବ

## ଜେମାଦେଇପୁରରେ ସ୍ୱଚ୍ଛତା ପକ୍ଷ ପାଳନ

ତିଗିରିଆ, ୨୫।୯(କାଫର ଖାଁ)

ତିଗିରିଆ ବ୍ଲକ୍ ଅନ୍ତର୍ଗତ ଜେମାଦେଇପୁର ପଞ୍ଚାୟତର ବୁଦ୍ଧ ବିହାର ଓ କ୍ଷେତ୍ରମୋହନ ଚୌଧୁରୀ ନୋଡାଲ ବିଦ୍ୟାଳୟରେ ବୁଧବାର ତିଗିରିଆ ବ୍ଲକ୍ ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳନ ହୋଇଯାଇଛି। ବୁଦ୍ଧ ମନ୍ଦିର ପରିସରକୁ ଜେମାଦେଇପୁର ଏସ୍‌ଏଚଜିର ମହିଳା, ସିଆର୍‌ପି ଓ ଏମ୍‌ବିକେମାନେ ସଫେଇ କରିଥିଲେ। ସେହିପରି କ୍ଷେତ୍ରମୋହନ ନୋଡାଲ ବିଦ୍ୟାଳୟ ପରିସରରେ ସମସ୍ତ ଛାତ୍ରୀଛାତ୍ର ମିଳିତ ଭାବେ ସଫେଇ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ତିଗିରିଆ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱଚ୍ଛତା ବଜାୟ ରଖିଲେ ସୁସ୍ଥ ରହିବା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଯନ୍ତ୍ରୀ ମିହିର କୁମାର ସେଠୀ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ପଞ୍ଚାୟତ ଜିଆର୍‌ଏସ୍ ପ୍ରମୋଦା ମହାନ୍ତି, ବ୍ଲକ ଗ୍ରାମ୍ୟ ପରିମଳ ଓ ଜଳଯୋଗାଣ ବିଭାଗୀୟ କର୍ମଚାରୀ ସୁମିତ୍ରା ସାହୁ, ଲଳିତ ମୋହନ ପ୍ରଧାନ, ଏପିଓ ଲିପ୍ସାରାଣୀ ନନ୍ଦ, ସଂସାରୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଜେମାଦେଇପୁର ସରପଞ୍ଚଙ୍କ ପ୍ରତିନିଧି ମହେବୁବ ଅହେମ୍ମଦ ଖାଁ ସଫେଇ କାର୍ଯ୍ୟରେ ସହଯୋଗ କରିଥିଲେ।

# ବିଶ୍ୱଜିତଙ୍କ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ଦାବି







ଗ୍ରାମବାସୀଙ୍କ ପକ୍ଷରୁ ନ୍ୟାୟ ଦାବି ବିକ୍ଷୋଭ କରାଯାଉଥିବା ବେଳେ ପରିବାର ଲୋକେ ସାଲେପୁର ଥାନା ସମ୍ମୁଖରେ ଧାରଣାରେ ବସିଛନ୍ତି।

ସାଲେପୁର,୨୫।୯(ଅରବିନ୍ଦ ଭୂୟାଁ)

## ସାଲେପୁର ଥାନା ସମ୍ମୁଖରେ ପରିବାର, ଗ୍ରାମବାସୀଙ୍କ ଧାରଣା

ଆକାଉଣ୍ଟାଣ୍ଟ ବିଶ୍ୱଜିତ୍ ମହାନ୍ତିଙ୍କ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ, ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା କମ୍ପାନୀର ମାଲିକ ଓ କର୍ମଚାରୀଙ୍କୁ ତୁରନ୍ତ ଗିରଫ ଦାବିରେ ବୁଧବାର ସାଲେପୁର ଥାନା ସମ୍ମୁଖରେ ମୃତକଙ୍କ ଭଉଣୀ, ମା'ବାପା ଓ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଦେଇଥିଲେ। ସାଲେପୁର ଏସ୍‌ଡିପିଓ ଧାରଣାକାରୀଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ସାଲେପୁର ଥାନା ଅନ୍ତର୍ଗତ ଶିଶୁଆଠାରେ ଆଇଟିସି ଡିଷ୍ଟ୍ରିବ୍ୟୁଟର ସଂସ୍ଥାରେ ଆକାଉଣ୍ଟାଣ୍ଟ ଭାବେ କିଶନନଗର ଥାନା ଅନ୍ତର୍ଗତ ମୁଗୁରିଆ ଗାଁର ବିଶ୍ୱଜିତ୍ ମହାନ୍ତି କାର୍ଯ୍ୟ କରୁଥିଲେ। କୌଣସି କାରଣରୁ ଗତ ୧୧ତାରିଖରେ କମ୍ପାନୀର ମାଲିକ, ମ୍ୟାନେଜର ଓ ସୁପରଭାଇଜର ମାରପିଟ କରିବା ସହ ତାଙ୍କ ନିକଟରୁ ଟଙ୍କା, ଏଟିଏମ୍ କାର୍ଡ, ସୁନା ଅଳଙ୍କାର ଛଡ଼ାଇନେଇଥିବା ବିଶ୍ୱଜିତ୍ ତାଙ୍କ ବାପାଙ୍କୁ ମୋବାଇଲ ଫୋନ୍ ଯୋଗେ ଅବଗତ କରାଇଥିଲେ। ଏ ନେଇ ବିଶ୍ୱଜିତ୍‌ଙ୍କ ବାପା ଉକ୍ତ ଦିନ ରାତିରେ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିବାକୁ ଯାଇଥିବାବେଳେ ଅଧିକାରୀମାନେ ତାଙ୍କୁ ବିଭିନ୍ନ ପ୍ରକାର ଧମକ ଚମକ ଦେବା ସହ ଶେଷରେ ତାଙ୍କ ଏତଲାକୁ ଗ୍ରହଣ କରିଥିଲେ। ପରଦିନ ସକାଳେ ତାଙ୍କ ପୁଅ ବିଶ୍ୱଜିତ୍‌ଙ୍କ ମୃତଦେହ ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରୁ ପୋଲିସ ଜବତ କରିଥିଲା। ଏ ନେଇ ୧୨ତାରିଖରେ ବିଶ୍ୱଜିତ୍‌ଙ୍କ ଭଉଣୀ ତାଙ୍କ ଭାଇଙ୍କୁ କମ୍ପାନୀର ମାଲିକ ଆକାଶ ଜୈନ, ମ୍ୟାନେଜର କୃତ୍ତିବାସ ମହାପାତ୍ର, ସୁପରଭାଇଜର ଅମିୟ ସ୍ୱାଇଁ ହତ୍ୟା କରିଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। ଏହି ଘଟଣାରେ ୧୨ଦିନରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ଏହାର ପ୍ରତିବାଦରେ ବୁଧବାର ମୁଗୁରାଇ ଗ୍ରାମବାସୀ ଓ ମୃତ ବିଶ୍ୱଜିତଙ୍କ ଭଉଣୀ ମୋନାଲିସା ମହାନ୍ତି, ମା'ବାପା ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ। ସାଲେପୁର ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କଲାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ, ମୃତ ବିଶ୍ୱଜିତ ପାଣିରେ ପଡ଼ି ମୃତ୍ୟୁ ଘଟିଥିବା ନେଇ ପ୍ରଥମ ପର୍ଯ୍ୟାୟ ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି। ଦ୍ୱିତୀୟ ପର୍ଯ୍ୟାୟ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଆଲୋଚନା ହେଉଛି।

# ଜଣେ ଭଲ ଫାର୍ମାସିଷ୍ଟ ଲୋକଙ୍କ ଜୀବନ ବଞ୍ଚାଇପାରିବେ

ସାଲେପୁର,୨୫।୯(ଅରବିନ୍ଦ ଭୂୟାଁ)

## ସାଲେପୁର ଫାର୍ମାସି କଲେଜରେ ବିଶ୍ୱ ଫାର୍ମାସିଷ୍ଟ ଦିବସ

ସାଲେପୁର ଫାର୍ମାସି କଲେଜରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ବୁଧବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ. ପ୍ରବୀର କୁମାର ସିହ୍ନାମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠାନର ଅଡିଟୋରିୟମ୍ ହଲ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସ୍‌ସିବି ମେଡିକାଲ କଟକର ଫାର୍ମାସିଷ୍ଟ ଅଫିସର ସରୋଜ ରଞ୍ଜନ ନନ୍ଦ, ଅବସରପ୍ରାପ୍ତ ବରିଷ୍ଠ ଫାର୍ମାସିଷ୍ଟ ବସନ୍ତ କୁମାର ବିଶ୍ୱାଳ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିସହ ଅତିଥିମାନେ ନିଜର ବକ୍ତବ୍ୟ ଉପସ୍ଥାପନା କରିଥିଲେ। ଅଧ୍ୟକ୍ଷ ଡ. ସିହ୍ନାମହାପାତ୍ର ସ୍ୱାଗତ ଭାଷଣ ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏଥିସହ ଫାର୍ମାସିଷ୍ଟମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ବନ୍ଧରେ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଜଣେ ଭଲ ଫାର୍ମାସିଷ୍ଟ ହୋଇ କିପରି ବହୁ ଲୋକଙ୍କ ଜୀବନ ରକ୍ଷା କରିପାରବେ ବୋଲି ସେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ନନ୍ଦ ଔଷଧ ବିଜ୍ଞାନର ଉଚିତ ଶିକ୍ଷା ଗ୍ରହଣକରି ସମସ୍ତ ଫାର୍ମାସୀ ଛାତ୍ରୀଛାତ୍ର କିପରି ଭାବେ ପାରଙ୍ଗମ ହୋଇ କାଉନ୍‌ସେଲିଂ ମାଧ୍ୟମରେ ରୋଗୀମାନଙ୍କୁ ଉଚିତ ଔଷଧର ତଥ୍ୟ ଜଣାଇ ହେବ ଏବଂ ଏହି ବିଶିଷ୍ଟ ସେବାର ମହନୀୟତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ ନିଜର ଜୀବନକାଳ ଭିତରେ ଘଟିଥିବା ଅଭିଜ୍ଞତା ବିଷୟରେ କହିଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଅତିଥିଙ୍କୁ ସମ୍ମାନ ସ୍ୱରୂପ ଉତ୍ତରୀୟ ଓ ମେମେଣ୍ଟୋ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ଟିଆର୍‌ସିଏ କ୍ଲବ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନୁଷ୍ଠିତ କାର୍ଯ୍ୟକ୍ରମରେ ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଅନୁଷ୍ଠାନର ସମସ୍ତ ଅଧାପିକା ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ।




କୃତୀ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# 'ସୁଷମ ଖାଦ୍ୟ ବିକଶିତ ରାଷ୍ଟ୍ର ଗଠନରେ ସହାୟକ'




ଜିଲାସ୍ତରୀୟ ଜାତୀୟ ପୋଷଣ ମାସ ପାଳନ ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ବାହାରିଥିବା ଶୋଭାଯାତ୍ରା।

କଟକ,୨୫।୯ (କାର୍ତ୍ତିକ ସାହୁ)

## ଜିଲାସ୍ତରୀୟ ଜାତୀୟ ପୋଷଣ ମାସ ପାଳନ

ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ପୋଷଣ ମାସ ପାଳନ ନିମନ୍ତେ ବୁଧବାରଠାରୁ ଉତ୍ସବ ଆରମ୍ଭ ହୋଇଛି। ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଦ୍ୱାରା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଯୋଗଦେଇ କୁପୋଷଣକୁ ଦୂର କରି ସୁପୋଷଣଯୁକ୍ତ ସମାଜ ଓ ଦେଶ ଗଢ଼ିବା ଦିଗରେ ଅଗ୍ରସର ହେବାକୁ ଆହ୍ୱାନ ଦେଇଥିଲେ। ସୁଷମ ଖାଦ୍ୟ ଏକ ବିକଶିତ ରାଷ୍ଟ୍ର ଗଠନରେ ସହାୟକ ହୋଇଥାଏ ବୋଲି ଜିଲାପାଳ କହିଥିଲେ। ଏହି ଅବସରରେ ଅଙ୍ଗନୱାଡ଼ି କର୍ମୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ରନ୍ଧାଖାଦ୍ୟ ସହ ପରିବା, ଫଳମୂଳ, ଶସ୍ୟ ଜାତୀୟ ଖାଦ୍ୟ ଆଦି ପ୍ରଦର୍ଶନ କରାଯାଇଥିଲା। ପୂର୍ବାହ୍ନରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ଏହାକୁ ଉଦ୍‌ଘାଟନ କରିଥିଲେ। ଅଙ୍ଗନୱାଡି କର୍ମୀ, ଏ.ଏନ୍.ଏମ୍, ଆଶାକର୍ମୀ ଓ କିଶୋରୀ ବାଳିକାମାନେ ଶୋଭାଯାତ୍ରାରେ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ଜିଲାସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ପରିଡ଼ାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ମିଶନଶକ୍ତି ଜିଲା ପ୍ରକଳ୍ପ ସଂଯୋଜିକା ସ୍ୱାଗତିକା ପରିଡ଼ାଙ୍କ ସମେତ ଅନ୍ୟମାନେ ଏଥିରେ ସହଯୋଗ କରିଥିଲେ।

# 'ସେବା କ୍ଷେତ୍ରରେ ଫାର୍ମାସିଷ୍ଟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

କଣ୍ଟାପଡା,୨୫।୯(ସୁର ନାରାୟଣ ସାହୁ)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ବାଗଲପୁର ପଞ୍ଚାୟତ ସୁନ୍ଦରଗ୍ରାମସ୍ଥିତ ଦଧୀଚି ଫାର୍ମାସୀ କଲେଜରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ବୁଧବାର ପାଳିତ ହୋଇଯାଇଛି। ଫାର୍ମାସୀ କଲେଜ ଅଧ୍ୟକ୍ଷ ଡ. ରଜତ କୁମାର କରଙ୍କ ଅଧ୍ୟକ୍ଷତାରେ ବିଶ୍ୱ ସ୍ୱାସ୍ଥ୍ୟ ଓ ସେବା କ୍ଷେତ୍ରରେ ଫାର୍ମାସିଷ୍ଟଙ୍କ ଗୁରୁଦାୟୀତ୍ୱ ଓ ଅବଦାନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜ ଉପାଧ୍ୟକ୍ଷ ଶୋଭବିକାଶ ସ୍ୱାଇଁ ଯୋଗଦେଇ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଫାର୍ମାସିଷ୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଅଧ୍ୟାପକ ଡା. ଦୁର୍ଗାଚରଣ ସାହୁ, ଡ. ସନ୍ତୋଷ କୁମାର ପଣ୍ଡା ଓ ପ୍ରଭାତ ରଞ୍ଜନ ଗୁରୁ ପ୍ରମୁଖ ଯୋଗଦେଇ ଫାର୍ମାସିଷ୍ଟମାନେ ନିଜର ଗୁରୁଦାୟିତ୍ୱ କେବେ ନ ଭୁଲିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା।

**ADVERTISEMENT**
**OFFICE OF THE UTKAL BALASHRAM, KHARIAR, DIST-NUAPADA**
**(GOVT. RUN CHILD CARE INSTITUTION)**

Advertisement No - 103/UB/KHAR/NPD Date : 25.09.2024

Applications are invited from the perspective candidates for the different posts through the proforma application form which will be made available on the district website (www.nuapada.odisha.gov.in). The online submission of application shall be available on (E-Mail : utkalbalashramkhariar@gmail.com) from 28.09.2024 (10.00 AM) to 12.10.2024 (5.00 PM). The recruitment of different posts of Utkal Balashram, Khariar, Dist - Nuapada is being done as per the Mission Vatsalya Implementation guideline and resolution vide No. 10102-WCD-CW-MISC-0023-2020, Dated 15.09.2020 of W&CD Dept. & MS, Govt. of Odisha. After submission of online application, the candidates are to submit hard copy of the same along with all required documents and testimonials through Speed post / Registered post only addressed to Office of the Secretary, Utkal Balashram, Khariar, At-/PO - Khariar, Ps - Khariar, Dist.-Nuapada-766107, Latest by 5.00 PM on Dt. 17.10.2024. Any application received after the due date/time shall be rejected. The posts are purely temporary, time bound and co-terminus with the scheme depending on the satisfactory performance. For detail advertisement please visit to the district website (www.nuapada.odisha.gov.in).

**Sd./- CDPO Khariar-Cum-Secretary, Utkal Balashram, Khariar**

**ଦ.ପୂ. ରେଳପଥ - ଟେଣ୍ଡର**

**ଟେଣ୍ଡର ନୋଟିସ ନଂ. ଟିଆର୍‌ଡି-କେଜିପି-ଡବ୍ଲ୍ୟୁ-୨୦୨୪-୨୫-୧୨ ତାରିଖ ୨୪।୦୯।୨୦୨୪।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆର୍‌ଡି/ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ। **କାର୍ଯ୍ୟର ବର୍ଣ୍ଣନା:** ଖଡ଼ଗପୁର ଡିଭିଜନ ଅଧୀନରେ ଏଫ୍‌ଓବି/ଆର୍‌ଓବି (ଓଭରଲାଇନ୍ ଷ୍ଟ୍ରକ୍ଚର ତଳେ)ଗୁଡ଼ିକର ତଳଭାଗରେ ୨୫ କେଭି ଏସି ଟ୍ରାକ୍ସନ୍ ପାଇଁ ଉପଯୁକ୍ତ କମ୍ପୋଜିଟ୍ ହାଇ ଭୋଲଟେଜ୍ ଇନସୁଲେଟେଡ୍ କୋଟିଂ କମ୍ପାଉଣ୍ଡର ଯୋଗାଣ ଓ ପ୍ରୟୋଗ। **ଟେଣ୍ଡର ମୂଲ୍ୟ:** ₹୨୯,୪୩,୨୨୫/-। **ଇଏମ୍‌ଡି:** ₹୫୮,୯୦୦/-। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ଶୂନ୍ୟ। **ଖୋଲାଯିବା ତାରିଖ:** ୧୬।୧୦।୨୦୨୪। **ସମାପ୍ତି ଅବଧି:** ୦୩ ମାସ। **ଦାଖଲର ତାରିଖ:** ୧୬।୧୦।୨୦୨୪, ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍‌ଗୁଡ଼ିକୁ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି। **(PR-646)**

**OFFICE OF THE PRINCIPAL, RAJSUNAKHALA COLLEGE, RAJSUNAKHALA, DIST-NAYAGARH,752065**
**TENDER/QUOTATION CALL NOTICE FOR RUSA**

No.650 Date.21.09.2024

Sealed Tender/Quotations are invited from registered and reputed Manufacturers/Firms having valid GSTIN with latest GSTIN Clearance Certificate for the supply of Inverter Battery with Machine, Computer Desktop (HP,DELL) UPS, Printer, AC (Split), Water Purifier for this College. The sealed Quotations must reach to the undersigned on or before dt.07.10.2024 by 2 P.M. and will be opened at 11 A.M. on dt.08.10.2024. Items specifications are available in the College Website. The authority reserves the right to reject or cancel any or all the Quotations without assigning any reason thereof.

College Website: - rajsunakhala.college@yahoo.com

PRINCIPAL
RAJSUNAKHALA COLLEGE, NAYAGARH

# ସ୍କୁଟି-ବସ୍ ଦୁର୍ଘଟଣାରେ ଚାଳକ ଗୁରୁତର

ନିଶ୍ଚିନ୍ତକୋଇଲି, ୨୫।୯ (ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ଥାନା କଟକ-ଚାନ୍ଦବାଲି ରାସ୍ତା ନିଶ୍ଚିନ୍ତକୋଇଲି ବଉଳ ବଜାର ନିକଟରେ ବୁଧବାର ସନ୍ଧ୍ୟାରେ ଯାତ୍ରୀବାହୀ ବସ୍ ଏକ ସ୍କୁଟିକୁ ପଛପଟୁ ଧକ୍କାଦେଇଥିଲା। ଘଟଣାସ୍ଥଳରେ ସ୍କୁଟି ଚାଳକ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଉଦ୍ଧାରକରି ପ୍ରଥମେ ନିଶ୍ଚିନ୍ତକୋଇଲେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅବସ୍ଥା ଗୁରୁତର ହେବାରୁ କଟକର ଏକ ନର୍ସିଂହୋମ୍‌ରେ ଭର୍ତ୍ତି କରାଯାଇଛି। ତାଙ୍କ ଘର ବାଲିଆପଡ଼ା ପଞ୍ଚାୟତ ତେନ୍ତୋଲପୁର ଗ୍ରାମରେ। ସେ ହେଲେ ଅଲେଖ ନାୟକ (୬୦)। ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ବସ୍ ଓ ସ୍କୁଟି ଜବତ କରିଛି। ଖବର ଲେଖାହେଲା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ଉଭୟ ଗାଡ଼ି କଟକ ଅଭିମୁଖେ ଯାଉଥିଲେ।

# ପାରିଶ୍ରମିକ ଦାବିରେ ମିଳିତ ଗୋଷ୍ଠୀ କର୍ମୀଙ୍କ କାର୍ଯ୍ୟ ବନ୍ଦ



ବଡ଼ମ୍ବା, ୨୫।୯(ମାୟାଧର ମଲ୍ଲିକ)

ବଡ଼ମ୍ବା ବ୍ଲକ୍ ଅଧୀନ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଗୋଷ୍ଠୀ କର୍ମୀଙ୍କ ପକ୍ଷରୁ ବୁଧବାର କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯାଇଛି। ବିଶେଷକରି ମାଷ୍ଟର ବୁକ୍ କିପର, ଗୋଷ୍ଠୀ ସହାୟିକା, ଜୀବିକା ମିଶନ ସହଯୋଗୀ, ପ୍ରାଣୀମିତ୍ର, କୃଷିମିତ୍ର ଓ ବ୍ୟାଙ୍କମିତ୍ର କର୍ମୀମାନେ ଉକ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ୭ମାସ ହେବ ସେମାନଙ୍କୁ ପାରିଶ୍ରମିକ ନ ମିଳିବା ପ୍ରତିବାଦରେ ଏଭଳି ଆନ୍ଦୋଳନ କରାଯାଇଛି। ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଏମାନେ ତୃଣମୂଳ ସ୍ତରରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରି ଆସୁଥିଲେ ମଧ୍ୟ ସେମାନଙ୍କୁ ସରକାରୀ ସ୍ତରରେ ଅଣଦେଖା କରାଯାଉଛି। ପାରିଶ୍ରମିକ ନ ମିଳିବାରୁ ବହୁ କଷ୍ଟରେ ଜୀବନ ବିତାଉଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହାର ତୁରନ୍ତ ସମାଧାନ ଦିଗରେ ଦୃଷ୍ଟିଦେବା ପାଇଁ ବିଡିଓଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମସ୍ୟା ସମ୍ପର୍କରେ ପୂର୍ବରୁ ଗୋଷ୍ଠୀ କର୍ମୀ ସଂଘ ପକ୍ଷରୁ ବିଭାଗୀୟ ମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ତେଣୁ ଏଭଳି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯାଇଥିବା ଗୋଷ୍ଠୀ ସଂଘ କର୍ମକର୍ତ୍ତା କହିଛନ୍ତି। ଏପରିକି ଏହାର ସମାଧାନ କରା ନ ଗଲେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁ ରହିବ ବୋଲି ପ୍ରଦତ୍ତ ଦାବିପତ୍ରରେ ଚେତାବନୀ ଦିଆଯାଇଛି।

**ODISHA PUBLIC SERVICE COMMISSION**
**ADVERTISEMENT NO. 04 of 2024-25**
**Recruitment to the posts of Professors in different disciplines (Group-A) in Government College of Engineering, Kalahandi, under Skill Development and Technical Education Department.**
NO.D-131
**WEBSITE http://opsc.gov.in**

Online Applications are invited from prospective candidates through Proforma application form to be made available in the Website of the Commission (http://opsc.gov.in) for recruitment to 05 (Five) posts of Professors in 04 different disciplines in Group-A of Govt. College of Engineering, Kalahandi, under Skill Development & Technical Education Department in the Entry Pay :- Rs.1,44,200/-, Level - 14 in the pay matrix with usual Dearness and other allowances as admissible by the Government from time to time.

**2. VACANCY POSITION :-**

As per requisition filed by the Skill Development & Technical Education Department, Government of Odisha, a total of 05(1-W) posts are reserved for UR category in four different disciplines.

**3. Age :-**

Minimun age limit : The candidate must have attained the age of 21 years as on 30.10.2024

Maximum age limit : 60 years (Date of Superannuation as per date of birth).

**(30.10.2024 is the reference date for calculation of age)**

**4. Educational Qualification :**

A candidate should possess the following qualifications, at the minimum :

**For Engineering/Technology as per AICTE Notification F.No.61-1/RIFD/7th CPC/2016-17 dated 01.03.2019**

(a) Ph.D. degree in the relevant field and First class or equivalent at either Bachelor's or Master's level in the relevant branch.

AND

(b) Minimum of 10 years of experience in teaching/research/industry out of which at least 3 years shall be at a post equivalent to that of an Associate Professor (level-13A1, Entry pay - 131400).

AND

(c) At least 6 research publications at the level of Associate Professor in SCI Journals / UGC / AICTE approved list of journals and at least 2 successful Ph.D. guided as Supervisor / Co-supervisor.

OR

At least 10 research publications at the level of Associate Professor in SCI Journals / UGC / AICTE approved list of journals.

AND

(d) At least a total research score of 120 (one hundred twenty) on the last date of the application (as per the criteria given in Appendix-II, Table-2 of UGC Regulations vide notification no. F.1-2/2017(EC/PS) dated 18.07.2018.

**5. Method of Selection :**

The recruitment to the post of Professors shall consist of (i) Document Verification for shortlisting of candidates, (ii) interview.

**6. Examination Fees :**

The candidates are exempted for payment of examination fees as per G.A. Deptt. Letter No.9897/Gen., dated 11.04.2022.

**The link for online application and submission shall be available from 01.10.2024 to 30.10.2024 [Note - 30.10.2024 is the last date for submission of Registered Online Application]**

**The candidates are advised to visit the Website of the Commission at http://opsc.gov.in for detailed information while applying for the above post.**

Cuttack
Dt - 24.09.2024

**Sd./- SECRETARY (I/C)**
**ODISHA PUBLIC SERVICE COMMISSION**
**CUTTACK**

OIPR-12002/11/0075/2425

**SUIIT**
**Sambalpur University Institute of Information Technology**

**Advt. No.: 1227/ SUIIT** **Date: 25/ 09/ 2024**

| SPOT ADMISSION | Date |
|---|---|
| • Master of Computer Application (MCA) | 30th September, 2024 |

**INSTRUCTIONS**

**Spot Admission Master of Computer Application (MCA): Interested candidates for spot admission should report to the Administrative Officer, SUIIT during 10AM to 12 noon on 30.09.2024. There will be an entrance examination of one hour duration at 12:15 PM for the MCA programme. Admission will be done on the same day, as per SUIIT admission guideline.**

**CONTACT NUMBERS: 9437284982/7381110818**

Sd/
Director , SUIIT

Email:admin.office@suiit.ac.in

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, पश्चिमी सिंहभूम, चाईबासा**

**अति अल्पकालीन ई-निविदा आमंत्रण सूचना**
ई– निविदा सूचना संख्या – RDD/SD/CHAIBASA/12/2024-25 (MMGSY)

1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | पश्चिमी सिंहभूम जिला के सदर प्रखण्ड अन्तर्गत टोन्टो पंचायत के ग्राम टोन्टो से अमीता जाने वाली रास्ता के गौतोपा में रोरो नदी पर पुलिया निर्माण। | 63156000.00 | 1264000.00 | 10000.00 | 24 माह |
| 2 | पश्चिमी सिंहभूम जिला के तांतनगर प्रखण्ड अन्तर्गत चिटिमिटी पंचायत के ग्राम रूतासाई से विचाबुरू जाने वाली सड़क से तोरलो नदी पर पुल निर्माण। | 48459100.00 | 970000.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 27.09.2024
3. ई–निविदा प्राप्ति की तिथि एवं समय–दिनांक 27.09.2024 से दिनांक 04.10.2024 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेश प्रमण्डल, पश्चिमी सिंहभूम, चाईबासा।
5. ई–निविदा खोलने की तिथि एवं समय –.05.10.2024 अपराह्न 5:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पश्चिमी सिंहभूम, चाईबासा
7. ई–निविदा प्रकोष्ठ का दूरभाष सं० – 8709623131 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा खोलने की तिथि से 5 दिनों के अन्दर निविदादाता द्वारा अपनी आपत्ति/दावा दर्ज कराये अन्यथा अवधि बीतने के पश्चात् कोई भी आपत्ति /दावा मान्य नहीं होगा।
11. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

ह०/– कार्यपालक अभियंता
ग्रामीण विकास विशेष प्रमंडल,
पश्चिमी सिंहभूम, चाईबासा

PR 337044 Deoghar (24-25)_D

# ପ୍ରବାସୀଙ୍କୁ ସହଯୋଗ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ



ବେଙ୍ଗାଲୁରୁରେ ସମ୍ବର୍ଦ୍ଧିତ ହେବା ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

ଅସ୍ତରଙ୍ଗ,୨୫।୯
(ମମତା ଜେନା)

ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦୁଇଦିନିଆ ବେଙ୍ଗାଲୁରୁ ଗସ୍ତରେ ଥିବା ସମୟରେ ବେଙ୍ଗାଲୁରୁରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କ ସହ ଏକ ବୈଠକରେ ଯୋଗ ଦେଇଥିଲେ। ଏହି ଗସ୍ତ

**ଉପମୁଖ୍ୟମନ୍ତ୍ରୀଙ୍କୁ ବାଙ୍ଗାଲୋରରେ ସମ୍ବର୍ଦ୍ଧନା**

ଅବସରରେ ପ୍ରବାସୀ ଓଡ଼ିଆ ସଂଗଠନ ଓ ଓଡ଼ିଆ ଟ୍ରଷ୍ଟ ପକ୍ଷରୁ ବେଙ୍ଗାଲୁରୁ ସମେତ ଅସ୍ତରଙ୍ଗ, କାକଟପୁର ସମେତ ପୁରୀ ଜିଲାରେ ସମାଜସେବା ପାଇଁ ଖ୍ୟାତି ଅର୍ଜନ କରିଥିବା ମା' କଲରାଇ ଚାରିଟେବୁଲ ଟ୍ରଷ୍ଟ ମୁଖ୍ୟ ଟ୍ରଷ୍ଟି ଇଂ. ରଞ୍ଜିତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ପ୍ରବାସୀ ଓଡ଼ିଆଙ୍କ ଯୁବ ପ୍ରତିନିଧିମାନେ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ।

ଗସ୍ତ କାଳରେ ବେଙ୍ଗାଲୁରୁରେ ରହୁଥିବା ଓଡ଼ିଆଙ୍କ ବିଭିନ୍ନ ସମସ୍ୟା ଓ ଦାବି ସମ୍ବନ୍ଧରେ ଉପମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ବୈଠକରେ ସେ ପ୍ରବାସୀ ଓଡ଼ିଆଙ୍କର ସମସ୍ୟା ସମ୍ପର୍କିତ ଉଦ୍‌ବେଗକୁ ଅନୁଭବ କରି ରାଜ୍ୟ ସରକାର ସେ ଦିଗରେ ସଚେତନ ଥିବା କହି ନିଜ ମତାମତ ରଖିଥିଲେ। ସେମାନଙ୍କର ସମସ୍ତ ଦାବି ଓ ସମସ୍ୟାକୁ ସମାଧାନ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ପ୍ରତିଶ୍ରୁତି ଦେଇଥିଲେ।

ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କ ବ୍ୟକ୍ତିଗତ ସଚିବ ତଥା ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀ ମନୋଜ ବେହେରା ଉପସ୍ଥିତ ରହି ସଂଗଠନଠାରୁ ସମସ୍ତ ଆପତ୍ତି ଅଭିଯୋଗ ଗ୍ରହଣ କରିଥିଲେ। ଓଡ଼ିଆ ସଂଗଠନ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ହରପ୍ରସାଦ ମହାପାତ୍ର, ପ୍ରକାଶ ମଲ୍ଲ, ଜ୍ୟୋତିରଞ୍ଜନ ନାୟକ, ମନୋଜ ପତ୍ର ଓ ସ୍ୱାଗତ ପାତ୍ରଙ୍କ ସମେତ ୨୮ ଜଣ ପ୍ରବାସୀ ଓଡ଼ିଆ ଯୁବ ପ୍ରତିନିଧି ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କ ଗସ୍ତ ଅବସରରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନର୍ସିଂ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ


ଆନ୍ଦୋଳନରତ ନର୍ସିଂ କର୍ମଚାରୀମାନେ।

ପୁରୀ,୨୫।୯
(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ୧୦ ଦଫା ଦାବି ନେଇ ବୁଧବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ନର୍ସିଂ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅତି ଜରୁରିକାଳୀନ ବିଭାଗରେ ଯେପରି ରୋଗୀ ସେବା ବ୍ୟାହତ ନ ହେବ ସେଥିପାଇଁ କର୍ମଚାରୀମାନେ ସେବା ଜାରି ରଖିଛନ୍ତି। ୨୦୧୩ ନଭେମ୍ବର ପୂର୍ବରୁ ନିଯୁକ୍ତି ପାଇଥିବା ନର୍ସିଂ ଅଫିସରଙ୍କ ୬ବର୍ଷ ଚୁକ୍ତିଭିତ୍ତିକ ଅବଧିକୁ ମୂଳ ଚାକିରି ସୀମାରେ ମିଶାଇ ପଦୋନ୍ନତି ଏବଂ ସମସ୍ତ ଆର୍ଥିକ ସୁବିଧା ଦିଆଯାଉ, ବରିଷ୍ଠତା ଭିତ୍ତିରେ ପଦୋନ୍ନତି, ବିଭିନ୍ନ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ନିୟୋଜିତ ଥିବା ସରକାରୀ ନର୍ସିଂ ଅଫିସରମାନଙ୍କୁ ସିଏଚ୍‌ଓ ପଦବୀରୁ ଫେରାଇ ଆଣି କ୍ୟାଡର ପୋଷ୍ଟରେ ନିଯୁକ୍ତି ଦେବା, ଡ୍ରେସ କୋଡ୍ ପରିବର୍ତ୍ତନ ଆଦି ଦାବି ରହିଛି। ଆନ୍ଦୋଳନରେ ସଂଘର ସଭାପତି ଶୁଭାଶିଷ ଦାସ, ସମ୍ପାଦକ ରାଜଲକ୍ଷ୍ମୀ ନାୟକ, କୋଷାଧ୍ୟକ୍ଷ ପୁଷ୍ପାଞ୍ଜଳି ରଣସିଂହ, ଅଡିଟର ପ୍ରିୟତମା ବାରିକ, ଉପଦେଷ୍ଟା ସ୍ୱାଗତିକା ଶୁଭଦର୍ଶିନୀ ପାଣିଗ୍ରାହୀ, ମାନସୀ ରଥ, ସୌରଜିତା ପ୍ରିୟଦର୍ଶିନୀ, ମନୋଜ କୁମାର ନନ୍ଦ, ବନ୍ଦନା ଦେବତା, ପିଙ୍କି ବାରିକ, ବିଜୟଲକ୍ଷ୍ମୀ ପାଢ଼ୀ, ନିର୍ମିତିନି ମାଝୀ, ସନ୍ଧ୍ୟାରାଣୀ ମହାପାତ୍ର, କଳ୍ପତରୁ ସେନାପତି ପ୍ରମୁଖ ସାମିଲ ଥିଲେ।

# ନିପୁଣ ଓଡ଼ିଶା ମିଶନର ଜିଲାସ୍ତରୀୟ କାର୍ଯ୍ୟକ୍ରମ


ନିପୁଣ ଓଡ଼ିଶା ମିଶନର କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀମାନେ।

ପୁରୀ,୨୫।୯
(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ପ୍ରଶାସନ ଓ ସମଗ୍ର ଶିକ୍ଷା ମିଳିତ ଆନୁକୂଲ୍ୟରେ ବୁଧବାର ଜିଲାପରିଷଦ ସମ୍ମିଳନୀ କକ୍ଷରେ ନିପୁଣ ଓଡ଼ିଶା ମିଶନର ଜିଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ, ଜିଲା ଶିକ୍ଷା ପ୍ରଶିକ୍ଷଣ ଓ ପ୍ରତିଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡ଼ା, ଜିଲା ସମାଜ ମଙ୍ଗଳ ଅଧିକାରୀ ତନୁପ୍ରଭା ବେଉରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀଙ୍କ ଉପସ୍ଥିତିରେ ନିପୁଣ ଓଡ଼ିଶା ମିଶନର ଲୋଗୋ, ଲିଫ୍‌ଲେଟ୍ ଓ ସଙ୍ଗୀତର ଶୁଭ ଉନ୍ମୋଚନ

**ଲୋଗୋ, ଲିଫ୍‌ଲେଟ୍ ଓ ସଙ୍ଗୀତର ଶୁଭ ଉନ୍ମୋଚନ**

କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ବ୍ଲକର ଶିକ୍ଷାଧିକାରୀ, ସମ୍ବଳ ଅଧିକାରୀ, ପ୍ରଧାନ ଶିକ୍ଷକ ଏବଂ ଆଞ୍ଚଳିକ ସାଧନ ସଂଯୋଜକ, ବିଭିନ୍ନ ଏନ୍‌ଜିଓ ସଂସ୍ଥା, ଜିଲା ଶିକ୍ଷା ପ୍ରଶିକ୍ଷଣ ଓ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷକ ଓ ପ୍ରଶିକ୍ଷିକା ଯୋଗଦେଇଥିଲେ। ଜିଲା ଶିକ୍ଷାଧିକାରୀ ପାଢ଼ୀ କହିଥିଲେ, ପ୍ରାଥମିକ ସ୍ତରରେ ଛାତ୍ରୀଛାତ୍ରଙ୍କ ମୂଳଦୁଆ ସୁଦୃଢ ହେଲେ ସେମାନଙ୍କ ମଧ୍ୟରେ ଭାଷା ଓ ଗଣିତ କ୍ଷେତ୍ରରେ ସର୍ବନିମ୍ନ ଦକ୍ଷତାଗୁଡ଼ିକ ସୁନିଶ୍ଚିତ ହେବା ସହିତ ସେମାନଙ୍କର ଚିନ୍ତନ, ସମସ୍ୟା ସମାଧାନ ନିର୍ଣ୍ଣୟ କରିବାର କୌଶଳ ଓ ଦକ୍ଷତା ବୃଦ୍ଧି ପାଇପାରିଥାଏ। ଜିଲା ଶିକ୍ଷା ପ୍ରଶିକ୍ଷଣ ଓ ପ୍ରତିଷ୍ଠାନର ଅଧ୍ୟକ୍ଷ ପରିଡ଼ା ନିପୁଣ ଓଡ଼ିଶାର ଉଦ୍ଦେଶ୍ୟ, ଏହାର କାର୍ଯ୍ୟକାରିତା ଓ କ୍ରିୟାନ୍ୱୟନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ଶିକ୍ଷା ସଂଯୋଜକ ରମେଶ ସାହୁ ପରିଚାଳନା କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମର୍ଥ ଅତିଥି ପରିଚୟ ଏବଂ ଶେଷରେ ଜିଲା ଶିକ୍ଷା ପ୍ରଶିକ୍ଷଣ ଓ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ସ୍ୱାଧୀନ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ଆସନ୍ତା ମାସ ୫ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟ ସ୍ତରରେ ଚାଲିବ ବୋଲି ସୂଚନା ଦିଆଯାଇଛି।

# ଯନ୍ତାରେ ପଡ଼ିଲା ଉତ୍ପାତ ମାଙ୍କଡ଼

ଗୋପ,୨୫।୯
(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଅନ୍ତର୍ଗତ ପୟରା ଗ୍ରାମରେ ଉତ୍ପାତ କରୁଥିବା ମାଙ୍କଡ଼କୁ ବନ ବିଭାଗ ବୁଧବାର କାବୁ କରିଛି। ଏହି ଉତ୍ପାତକାରୀ ମାଙ୍କଡ଼ ଧରାହେବା ପରେ ସ୍କୁଲକୁ ଛାତ୍ରୀଛାତ୍ର ଆସିଥିବାବେଳେ ଗାଁରେ ମଧ୍ୟ ତାଟି କବାଟ ଖୋଲୁଛି। ପ୍ରକାଶ ଯେ, ୨ସପ୍ତାହ ଧରି ପୟରା ଗ୍ରାମରେ ମାଙ୍କଡ଼ ଆତଙ୍କ ଦେଖାଦେଇଥିବା ବେଳେ ଗୋଟିଏ ମାଙ୍କଡ଼ କାମୁଡ଼ାରେ ୩ଜଣ ଗୁରୁତର ହୋଇ ଭୁବନେଶ୍ୱର ମେଡିକାଲ୍‌ରେ ଚିକିତ୍ସିତ ହେଉଛନ୍ତି। ପରେ ସରପଞ୍ଚ ସୁମନ୍ତ କୁମାର ନାୟକ ଅଭିଯୋଗ କରିବା ପରେ ଗୋପ ବନବିଭାଗ ମଙ୍ଗଳବାର ଯାଇ ଆତଙ୍କକାରୀ ମାଙ୍କଡ଼କୁ ଧରିବା ଲାଗି ଯନ୍ତା ବସାଇଥିଲେ ମଧ୍ୟ ଆଉ ଗୋଟିଏ ମାଙ୍କଡ଼ ଯନ୍ତାରେ ପଡ଼ିଥିଲା। ଏହି ମାଙ୍କଡ଼ ଉପଦ୍ରବ ନେଇ ୩ଦିନ ଧରି ସ୍କୁଲ ବନ୍ଦ ରହିଥିବା ଗାଁରେ ତାଟିକବାଟ ପଡ଼ିଥିଲା। ବୁଧବାର ସକାଳେ ଗ୍ରାମବାସୀ ଓ ବନବିଭାଗ ସହଯୋଗରେ ଆତଙ୍କକାରୀ ମାଙ୍କଡ଼କୁ ଧରାଯାଇଥିବା ବେଳେ ଚିକିତ୍ସା ପରେ ବାଲୁଖଣ୍ଡ ଅଭୟାରଣ୍ୟରେ ଛଡ଼ାଯିବ ବୋଲି ଫରେଷ୍ଟର୍ ବିଜୟଲକ୍ଷ୍ମୀ ବଳ କହିଛନ୍ତି।

# ଶ୍ରୀକ୍ଷେତ୍ର କଳା ପ୍ରକାଶିକା ପକ୍ଷରୁ କମିଟି ଘୋଷଣା

ପୁରୀ,୨୫।୯
(ଅଜିତ୍ କୁମାର ମହାନ୍ତି)

ନଭେମ୍ବର ୧୪ରେ ହେବାକୁ ଥିବା ଭଜନ ସମାରୋହରେ ରାଜ୍ୟ ବାହାରୁ କଳାକାରମାନେ ଯୋଗଦାନ କରି ଭଜନ ପରିବେଷଣ କରିବେ। ଏହି ପରିପ୍ରେକ୍ଷୀରେ ଶ୍ରୀକ୍ଷେତ୍ର କଳା ପ୍ରକାଶିକା ପକ୍ଷରୁ ବୁଧବାର ଏକ ବୈଠକ କରାଯାଇ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ସଭାପତି ଭାବେ ରାମଚନ୍ଦ୍ର ଦାସ ମହାପାତ୍ର, କାର୍ଯ୍ୟକାରୀ ସଭାପତି ମହାବୀର କର, ଉପ ସଭାପତି ଉମାକାନ୍ତ ଦାଶ, ସାଧାରଣ ସମ୍ପାଦକ ସୋମନାଥ ଗୁରୁ, ଯୁଗ୍ମ ସମ୍ପାଦକ ହରିହର ଗୁରୁ, ସହ ସମ୍ପାଦକ ରଘୁନାଥ ପ୍ରତିହାରୀ, କୋଷାଧ୍ୟକ୍ଷ ବିଶ୍ୱଜିତ୍ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ କାର୍ଯ୍ୟକାରୀ ସଭ୍ୟ ଭାବରେ ବୀରେନ୍ଦ୍ର ନାରାୟଣ ଗୋଛିକାର, ଉମାଶଙ୍କର ପ୍ରତିହାରୀ, ଶମ୍ଭୁନାଥ ହୋତା, ଜଗଦ୍ଦେବ ଜେନା, ଚକ୍ରଧର ମହାପାତ୍ର, ଅରବିନ୍ଦ ଖୁଣ୍ଟିଆ, ସନ୍ତୋଷ କୁମାର ପଣ୍ଡା ଓ ଶ୍ୟାମ ପ୍ରକାଶ ସେନାପତିଙ୍କୁ ଚୟନ କରାଯାଇଛି। ଏହାଛଡ଼ା ୪ଜଣଙ୍କୁ ନୂତନ ସଭ୍ୟ ଭାବେ ଗ୍ରହଣ କରାଯାଇଥିବା ବେଳେ ୭ ଜଣ ବରିଷ୍ଠ ସଭ୍ୟଙ୍କୁ ମାର୍ଗଦର୍ଶକ ଭାବେ କମିଟିରେ ଚୟନ କରାଯାଇଛି।

**ADVERTISEMENT**
**OFFICE OF THE UTKAL BALASHRAM, KHARIAR, DIST-NUAPADA**
**(GOVT. RUN CHILD CARE INSTITUTION)**
Advertisement No - 103/UB/KHAR/NPD Date : 25.09.2024
Applications are invited from the perspective candidates for the different posts through the proforma application form which will be made available on the district website (www.nuapada.odisha.gov.in). The online submission of application shall be available on (E-Mail : utkalbalashramkhariar@gmail.com) from 28.09.2024 (10.00 AM) to 12.10.2024 (5.00 PM). The recruitment of different posts of Utkal Balashram, Khariar, Dist - Nuapada is being done as per the Mission Vatsalya Implementation guideline and resolution vide No. 10102-WCD-CW-MISC-0023-2020, Dated 15.09.2020 of W&CD Dept. & MS, Govt. of Odisha. After submission of online application, the candidates are to submit hard copy of the same along with all required documents and testimonials through Speed post / Registered post only addressed to Office of the Secretary, Utkal Balashram, Khariar, At-/PO - Khariar, Ps - Khariar, Dist.-Nuapada-766107, Latest by 5.00 PM on Dt. 17.10.2024. Any application received after the due date/time shall be rejected. The posts are purely temporary, time bound and co-terminus with the scheme depending on the satisfactory performance. For detail advertisement please visit to the district website (www.nuapada.odisha.gov.in).
**Sd./- CDPO Khariar-Cum-Secretary, Utkal Balashram, Khariar**

**ଦ.ପୂ. ରେଳପଥ - ଟେଣ୍ଡର**
**ଟେଣ୍ଡର ନୋଟିସ ନଂ. ଟିଆର୍‌ଡି-କେଜିପି-ଡବ୍ଲ୍ୟୁ-୨୦୨୪-୨୫-୧୨ ତାରିଖ ୨୪।୦୯।୨୦୨୪।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆର୍‌ଡି/ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ। **କାର୍ଯ୍ୟର ବର୍ଣ୍ଣନା:** ଖଡ଼ଗପୁର ଡିଭିଜନ ଅଧୀନରେ ଏଫ୍‌ଓବି/ଆର୍‌ଓବି (ଓଭରଲାଇନ୍ ଷ୍ଟ୍ରକ୍ଚର ତଳେ)ଗୁଡ଼ିକର ତଳଭାଗରେ ୨୫ କେଭି ଏସି ଟ୍ରାକ୍ସନ୍ ପାଇଁ ଉପଯୁକ୍ତ କମ୍ପୋଜିଟ୍ ହାଇ ଭୋଲଟେଜ୍ ଇନସୁଲେଟେଡ୍ କୋଟିଂ କମ୍ପାଉଣ୍ଡର ଯୋଗାଣ ଓ ପ୍ରୟୋଗ। **ଟେଣ୍ଡର ମୂଲ୍ୟ:** ₹୨୯,୪୩,୨୨୫/-। **ଇଏମ୍‌ଡି:** ₹୫୮,୯୦୦/-। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ଶୂନ୍ୟ। **ଖୋଲାଯିବା ତାରିଖ:** ୧୬।୧୦।୨୦୨୪। **ସମାପ୍ତି ଅବଧି:** ୦୩ ମାସ। **ଦାଖଲର ତାରିଖ:** ୧୬।୧୦।୨୦୨୪, ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍‌ଗୁଡ଼ିକୁ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି। **(PR-646)**

**OFFICE OF THE PRINCIPAL, RAJSUNAKHALA COLLEGE, RAJSUNAKHALA, DIST-NAYAGARH,752065**
**TENDER/QUOTATION CALL NOTICE FOR RUSA**
No.650 Date.21.09.2024
Sealed Tender/Quotations are invited from registered and reputed Manufacturers/Firms having valid GSTIN with latest GSTIN Clearance Certificate for the supply of Inverter Battery with Machine, Computer Desktop (HP,DELL) UPS, Printer, AC (Split), Water Purifier for this College. The sealed Quotations must reach to the undersigned on or before dt.07.10.2024 by 2 P.M. and will be opened at 11 A.M. on dt.08.10.2024. Items specifications are available in the College Website. The authority reserves the right to reject or cancel any or all the Quotations without assigning any reason thereof.
College Website: - rajsunakhala.college@yahoo.com
**PRINCIPAL**
**RAJSUNAKHALA COLLEGE, NAYAGARH**

# ଉପମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଗାଡ଼ି ଧକ୍କାରେ ୨ ଛାତ୍ରୀଛାତ୍ର ଗୁରୁତର


ଆହତ ଦୁଇ ପିଲାଙ୍କ ଚିକିତ୍ସା କରାଯାଉଛି।

ଗୋପ,୨୫।୯
(ଭାରତୀ ଭୂଷଣ ଉପାଧ୍ୟାୟ)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବୁଧବାର ଗୋପ ବ୍ଲକ ଗସ୍ତ ସମୟରେ ଏକ ଅଘଟଣ ଦେଖିବାକୁ ମିଳିଥିଲା। ଗୋପ ବଜାର ନିକଟସ୍ଥ ମହାଜନ ସାହି ନିକଟରେ ଉପମୁଖ୍ୟମନ୍ତ୍ରୀଙ୍କୁ ସୁରକ୍ଷା ଦେଇ ଆସୁଥିବା ପୋଲିସ ଗାଡ଼ିଟି ୨ ଛାତ୍ରୀଛାତ୍ରଙ୍କ ସାଇକେଲକୁ ଧକ୍କା ଦେଇଥିଲା। ପରେ ତାଙ୍କୁ ଗୋପ ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଭୁବନେଶ୍ୱର ମେଡିକାଲ୍‌କୁ ପଠାଯାଇଥିଲା। ଏଭଳି ଏକ ଘଟଣା ଘଟିଥିଲେ ମଧ୍ୟ ଉପମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ଶେଷ ହେବା ପରେ ଗୋପ ଡାକ୍ତରଖାନାରେ ପହଞ୍ଚିବାରୁ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏ ସମ୍ପର୍କରେ ଗୋପ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ ପକ୍ଷରୁ ଜଣାପଡ଼ିଛି। ପ୍ରକାଶ ଯେ, ଗୋପ ବ୍ଲକ ଅନ୍ତର୍ଗତ ପାଣିଛତ୍ର ଗାଁକୁ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯାଉଥିଲେ। ଏହି ସମୟରେ ଏଭଳି ଘଟଣା ଘଟିଥିଲା।

# ଆଧ୍ୟାତ୍ମିକ ପ୍ରବନ୍ଧ ପୁସ୍ତକ ଉନ୍ମୋଚିତ

କଣାସ,୨୫।୯
(ବିଭୂତି ଭୂଷଣ ତ୍ରିପାଠୀ)

ପ୍ରଭୁ ଅଲାରନାଥଙ୍କ ମନ୍ଦିର, ଐତିହ୍ୟ, ପୂଜାବିଧି, ମହିମା ସମ୍ପର୍କିତ ଏକ ଆଧ୍ୟାତ୍ମିକ ପ୍ରବନ୍ଧ ପୁସ୍ତକ ପ୍ରଭୁ ଅଲାରନାଥ ସଂସ୍କୃତି ଭବନ ପରିସରରେ ବୁଧବାର ଉନ୍ମୋଚିତ ହୋଇଯାଇଛି। ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ପୂର୍ବତନ କୁଳପତି ଡ. କୁମରବର ଦାସ, ଡ. ହରିହର ହୋତା, ବଦ୍ରି ମିଶ୍ର, ଶଙ୍କର୍ଷଣ ପରିଡ଼ା, ଆଲୋକ ପ୍ରଧାନ, କଣ୍ଠ ଶିଳ୍ପୀ ଦୁଃଖିଶ୍ୟାମ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ପୁସ୍ତକଟିକୁ ଉନ୍ମୋଚନ କରିଥିଲେ। ଉକ୍ତ ପୁସ୍ତକର ଲେଖକ କବି କସ୍ତୁରୀ ଦିଲ୍ଲୀପ ଶ୍ରୀଚନ୍ଦନ।

**ODISHA PUBLIC SERVICE COMMISSION**
**ADVERTISEMENT NO. 04 of 2024-25**
**Recruitment to the posts of Professors in different disciplines (Group-A) in Government College of Engineering, Kalahandi, under Skill Development and Technical Education Department.**
**NO.D-131**
**WEBSITE http://opsc.gov.in**

Online Applications are invited from prospective candidates through Proforma application form to be made available in the Website of the Commission (http://opsc.gov.in) for recruitment to 05 (Five) posts of Professors in 04 different disciplines in Group-A of Govt. College of Engineering, Kalahandi, under Skill Development & Technical Education Department in the Entry Pay :- Rs.1,44,200/-, Level - 14 in the pay matrix with usual Dearness and other allowances as admissible by the Government from time to time.

**2. VACANCY POSITION :-**
As per requisition filed by the Skill Development & Technical Education Department, Government of Odisha, a total of 05(1-W) posts are reserved for UR category in four different disciplines.

**3. Age :-**
Minimun age limit : The candidate must have attained the age of 21 years as on 30.10.2024
Maximum age limit : 60 years (Date of Superannuation as per date of birth).
**(30.10.2024 is the reference date for calculation of age)**

**4. Educational Qualification :**
A candidate should possess the following qualifications, at the minimum :
**For Engineering/Technology as per AICTE Notification F.No.61-1/RIFD/7th CPC/2016-17 dated 01.03.2019**
(a) Ph.D. degree in the relevant field and First class or equivalent at either Bachelor's or Master's level in the relevant branch.
AND
(b) Minimum of 10 years of experience in teaching/research/industry out of which at least 3 years shall be at a post equivalent to that of an Associate Professor (level-13A1, Entry pay - 131400).
AND
(c) At least 6 research publications at the level of Associate Professor in SCI Journals / UGC / AICTE approved list of journals and at least 2 successful Ph.D. guided as Supervisor / Co-supervisor.
OR
At least 10 research publications at the level of Associate Professor in SCI Journals / UGC / AICTE approved list of journals.
AND
(d) At least a total research score of 120 (one hundred twenty) on the last date of the application (as per the criteria given in Appendix-II, Table-2 of UGC Regulations vide notification no. F.1-2/2017(EC/PS) dated 18.07.2018.

**5. Method of Selection :**
The recruitment to the post of Professors shall consist of (i) Document Verification for shortlisting of candidates, (ii) interview.

**6. Examination Fees :**
The candidates are exempted for payment of examination fees as per G.A. Deptt. Letter No.9897/Gen., dated 11.04.2022.
**The link for online application and submission shall be available from 01.10.2024 to 30.10.2024 [Note - 30.10.2024 is the last date for submission of Registered Online Application]**
The candidates are advised to visit the Website of the Commission at http://opsc.gov.in **for detailed information while applying for the above post.**
Cuttack
Dt - 24.09.2024
**Sd./- SECRETARY (I/C)**
**ODISHA PUBLIC SERVICE COMMISSION**
**CUTTACK**
OIPR-12002/11/0075/2425

**SUIIT**
**Sambalpur University Institute of Information Technology**
**Advt. No.: 1227/ SUIIT** **Date: 25/ 09/ 2024**

| SPOT ADMISSION | Date |
|---|---|
| • Master of Computer Application (MCA) | 30th September, 2024 |

**INSTRUCTIONS**
**Spot Admission Master of Computer Application (MCA): Interested candidates for spot admission should report to the Administrative Officer, SUIIT during 10AM to 12 noon on 30.09.2024. There will be an entrance examination of one hour duration at 12:15 PM for the MCA programme. Admission will be done on the same day, as per SUIIT admission guideline.**
**CONTACT NUMBERS: 9437284982/7381110818**
Sd/
Email:admin.office@suiit.ac.in Director , SUIIT

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, पश्चिमी सिंहभूम, चाईबासा**
**अति अल्पकालीन ई-निविदा आमंत्रण सूचना**
ई– निविदा सूचना संख्या – RDD/SD/CHAIBASA/12/2024-25 (MMGSY)
1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | पश्चिमी सिंहभूम जिला के सदर प्रखण्ड अन्तर्गत टोन्टो पंचायत के ग्राम टोन्टो से अमीता जाने वाली रास्ता के गौतोपा में रोरो नदी पर पुलिया निर्माण। | 63156000.00 | 1264000.00 | 10000.00 | 24 माह |
| 2 | पश्चिमी सिंहभूम जिला के तांतनगर प्रखण्ड अन्तर्गत चिटिमिटी पंचायत के ग्राम रूतासाई से विचाबुरू जाने वाली सड़क से तोरलो नदी पर पुल निर्माण। | 48459100.00 | 970000.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 27.09.2024
3. ई–निविदा प्राप्ति की तिथि एवं समय–दिनांक 27.09.2024 से दिनांक 04.10.2024 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेश प्रमण्डल, पश्चिमी सिंहभूम, चाईबासा।
5. ई–निविदा खोलने की तिथि एवं समय –.05.10.2024 अपराह्न 5:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पश्चिमी सिंहभूम, चाईबासा
7. ई–निविदा प्रकोष्ठ का दूरभाष सं० – 8709623131 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा खोलने की तिथि से 5 दिनों के अन्दर निविदादाता द्वारा अपनी आपत्ति/दावा दर्ज कराये अन्यथा अवधि बीतने के पश्चात् कोई भी आपत्ति /दावा मान्य नहीं होगा।
11. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।
ह०/– कार्यपालक अभियंता
ग्रामीण विकास विशेष प्रमंडल,
पश्चिमी सिंहभूम, चाईबासा
PR 337044 Deoghar (24-25)_D



ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଅବସରରେ ବୁଧବାର ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପୋଖରୀପୁଟ କାର୍‌ଗିଲ ବସ୍ତିରେ ଭାଜପା ପକ୍ଷରୁ ଆୟୋଜିତ ସଦସ୍ୟତା ଅଭିଯାନରେ ସାମିଲ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିକଟରେ ବିଧାୟକ ବାବୁ ସିଂ ଓ ଦଳୀୟ ନେତୃବୃନ୍ଦ।

# ବିକଶିତ ଓଡ଼ିଶାର ମୂଳଦୁଆ ପଡ଼ିସାରିଛି: ମୁଖ୍ୟମନ୍ତ୍ରୀ

## ଏକାମ୍ର ନିର୍ବାଚନମଣ୍ଡଳୀରେ ଭାଜପାର ସଦସ୍ୟତା ଅଭିଯାନ

ପୁରୁଣା ଭୁବନେଶ୍ୱର, ୨୫।୯(ସୁବାସ ଚନ୍ଦ୍ର ପ୍ରଧାନ)

ଓଡିଶାବାସୀଙ୍କ ସମର୍ଥନ ଯୋଗୁଁ'ବିକଶିତ ଓଡ଼ିଶାର ମୂଳଦୁଆ' ପଡିସାରିଛି। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୦୯ ତମ ଜୟନ୍ତୀ ଅବସରରେ ବୁଧବାର ପୋଖରୀପୁଟର କାର୍ଗିଲବସ୍ତିଠାରେ ଭାଜପା ପକ୍ଷରୁ ଆୟୋଜିତ ସଦସ୍ୟତା ଅଭିଯାନରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, 'ଏକାମ୍ ମାନବ ଦର୍ଶନ' ଆମର ମୂଳ ଆଧାର ଏବଂ 'ଅନ୍ତ୍ୟୋଦୟ' ହେଉଛି ସଂକଳ୍ପ। କ୍ଷମତା କେବଳ ଏକ ମାତ୍ର ଲକ୍ଷ୍ୟ ନୁହେଁ, ଜନସେବା ହେଉଛି ମୂଳ ଲକ୍ଷ୍ୟ। ରାଜ୍ୟରେ ବର୍ତ୍ତମାନ ଭାଜପାର ଡବଲ ଇଂଜିନ ସରକାର। ସଶକ୍ତ ଓ ସ୍ୱାବଲମ୍ବୀ ଓଡ଼ିଶା ଗଠନ ଆମର ପ୍ରାଥମିକତା। ଓଡ଼ିଶାବାସୀଙ୍କ ସମର୍ଥନ ଯୋଗୁଁ'ବିକଶିତ ଓଡ଼ିଶାର ମୂଳଦୁଆ' ପଡିସାରିଛି। ୨୦୩୬ ସୁଦ୍ଧା ଓଡିଶା ବିକଶିତ ହେବ ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ ଓଡିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଏକାମ୍ର ଭୁବନେଶ୍ୱର ନିର୍ବାଚନମଣ୍ଡଳୀର ୫୪ ଓ ୫୫ନଂ ବୁଥ ବାସିନ୍ଦାଙ୍କୁ ମୁଖ୍ୟମନ୍ତ୍ରୀ ସଦସ୍ୟତା ଗ୍ରହଣ କରାଇଥିଲେ। ବିଧାୟକ ବାବୁ ସିଂଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ। ବିଧାୟକ ବାବୁ ସିଂ କହିଛନ୍ତି, ସମାଜର ଅନ୍ତିମ ସୋପାନରେ ଥିବା ଲୋକଙ୍କ କଲ୍ୟାଣ ଓ ବିକାଶ ପାଇଁ ରାଜ୍ୟରେ ଭାଜପା ସରକାର ପ୍ରତିଶ୍ରୁତିବଦ୍ଧ।

# ସରକାର ଆଦିବାସୀ ସ୍ୱାର୍ଥ ବିରୋଧୀ କାର୍ଯ୍ୟ କରୁଛନ୍ତି: ବିଜେଡି

ଭୁବନେଶ୍ୱର,୨୫।୯(ଅନିଲଦାସ)

ରାଜ୍ୟ ଭାଜପା ସରକାର ଗତ ଶହେ ଦିନରେ ରାଜ୍ୟର ଆଦିବାସୀଙ୍କ ସ୍ୱାର୍ଥ ବିରୋଧରେ କାର୍ଯ୍ୟ କରୁଛନ୍ତି। ନବୀନ ବାବୁଙ୍କ ଶାସନ କାଳରେ ରାଜ୍ୟର ଆଦିବାସୀମାନଙ୍କ ପାଇଁ କରାଯାଇଥିବା ବିଭିନ୍ନ ବିକାଶମୂଳକ ଯୋଜନା ବର୍ତ୍ତମାନର ସରକାର ବନ୍ଦ କରିଦେଉଛନ୍ତି। ଅନେକ ଯୋଜନାକୁ ବନ୍ଦ କରିବାକୁ ଷଡ଼ଯନ୍ତ୍ର କରୁଛନ୍ତି ବୋଲି ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି କହିଛନ୍ତି।

ଶଙ୍ଖ ଭବନରେ ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଜନଜାତି ଓ ପାରମ୍ପରିକ ଆଦିବାସୀଙ୍କ ପାଇଁ ଉଦ୍ଦିଷ୍ଟ ଜଙ୍ଗଲ ଜମି ଅଧିକାର ଆଇନ ୨୦୦୬ ଓ ଏହାର ସଂଶୋଧନ ଆଇନ ୨୦୧୨ ଅନୁଯାୟୀ, ସେମାନେ ଚାଷବାସ କରୁଥିବା ଜମିକୁ ସେମାନଙ୍କ ନାମରେ ପଟ୍ଟା ପ୍ରଦାନ କରିବା କଥା। କିନ୍ତୁ ଏହା ନବୀନ ବାବୁଙ୍କ ସରକାରଙ୍କ ସମୟରେ କରାଯାଉଥିଲା ବେଳେ ବର୍ତ୍ତମାନର ସରକାର ଏହାକୁ କାର୍ଯ୍ୟକାରୀ କରୁ ନାହାନ୍ତି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ପାଇଁ ବିଭିନ୍ନ ଜିଲାରେ ଆଦିବାସୀମାନେ ଜିଲା ମୁଖ୍ୟାଳୟରେ ଆନ୍ଦୋଳନ କରୁଛନ୍ତି। ଆଦିବାସୀମାନଙ୍କ କଳା ସଂସ୍କୃତିର ବିକାଶ ଓ ଜୀବନ ଜୀବିକାର ବିକାଶ ପାଇଁ ନବୀନବାବୁ ରାଜ୍ୟର ୨୩ଟି ଜିଲାରେ ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ଗଠନ କରିଥିଲେ। ରାଜ୍ୟରେ ଭାଜପା ସରକାର ଆସିବା ଦିନଠୁ ଏହି ପରିଷଦଗୁଡ଼ିକୁ ଅଚଳ କରି ଦିଆଯାଇଛି। ଏହି ପରିଷଦ ମାଧ୍ୟମରେ ପ୍ରତ୍ୟେକ ବ୍ଲକକୁ ଏକ କୋଟି ଟଙ୍କା ଲେଖାଏ ଦିଆଯାଉଥିଲା, ଯାହା ଆଦିବାସୀମାନଙ୍କ ପାରମ୍ପରିକ ବାଦ୍ୟଯନ୍ତ୍ର, ବେଶଭୂଷା ଇତ୍ୟାଦିର ସଂରକ୍ଷଣ କରିବା ସହିତ ଆଦିବାସୀ ଭବନ ଓ ଆଦିବାସୀ କ୍ଲବ ନିର୍ମାଣ କରାଯାଉଥିଲା। ବର୍ତ୍ତମାନ ସେଗୁଡ଼ିକ ବନ୍ଦ ହୋଇଯାଇଛି। କେନ୍ଦ୍ର ସରକାର କେନ୍ଦୁପତ୍ର ତୋଳାଳିଙ୍କ ଉପରେ ୧୮% ଜିଏସ୍‌ଟି ଲାଗୁ କରିଛନ୍ତି। ଏହାର ଉଚ୍ଛେଦ ପାଇଁ ବାରମ୍ବାର ଦାବିହୋଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ରାଜ୍ୟରେ ଥିବା ଆହୁରି ୧୩୫ଟି ଜନଜାତି ସମ୍ପ୍ରଦାୟ ରାଜ୍ୟ ଜନଜାତି ତାଲିକାରେ ସାମିଲ ହେବା ପାଇଁ ନବୀନ ବାବୁ ବାରମ୍ବାର ଚିଠି ଲେଖିଥିଲେ ସୁଦ୍ଧା ସେମାନଙ୍କୁ ସାମିଲ କରାଯାଇନାହିଁ। ସେହିପରି ହୋ, ମୁଣ୍ଡାରୀ, କୁଇ, ଭୂମିଜ, ସଉରା ଭଳି ଜନଜାତି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ପାଇଁ ବାରମ୍ବାର ହେଉଥିବା ଦାବିକୁ ସରକାର ଶୁଣୁନାହାନ୍ତି। ନବୀନ ସରକାରଙ୍କ ଦ୍ୱାରା ଏସ୍‌ଟି ଏସ୍‌ସି ପିଲାଙ୍କୁ ପ୍ରଦାନ କରାଯାଉଥିବା ମାସିକ ବୃତ୍ତି ଓ ଦୁଇ ହଳ ପୋଷାକକୁ ମଧ୍ୟ ବର୍ତ୍ତମାନର ସରକାର ଏପର୍ଯ୍ୟନ୍ତ ଦେଇ ନାହାନ୍ତି। ଏ ସରକାର ଆଦିବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରୁଛନ୍ତି ବୋଲି ବିଶି କହିଛନ୍ତି। ରାଜ୍ୟ ସଭା ଏମ୍‌ପି ସସ୍ମିତ ପାତ୍ର କହିଛନ୍ତି, ଡବଲ ଇଞ୍ଜିନ ସରକାର ଗତ ଶହେ ଦିନରେ ଡବଲ ଫମ୍ପା ଓ ଆଦିବାସୀ ବିରୋଧୀ ସରକାର ବୋଲି ସ୍ପଷ୍ଟ ହୋଇଛି। ଆଦିବାସୀଙ୍କ ପାଇଁ ପୂର୍ବ ସରକାରଙ୍କ ଦ୍ୱାରା କରାଯାଇଥିବା ଯୋଜନାଗୁଡ଼ିକୁ ଅଧାପନ୍ତରିଆ ଭାବେ ବନ୍ଦ କରି ଦିଆଯାଇଛି। ତାକୁ ପୁଣି ଥରେ ଆରମ୍ଭ କରାଯାଉ ବୋଲି ସେ କହିଛନ୍ତି। ଦଳର ମିଡ଼ିଆ ସଂଯୋଜକ ପ୍ରିୟବ୍ରତ ମାଝୀ ନବୀନ ସରକାରଙ୍କ ଅମଳରେ ଆଦିବାସୀମାନଙ୍କ ପାଇଁ କରାଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ଉପରେ ସୂଚନା ଦେଇଥିଲେ।

## ନୂଆପଡ଼ା ଦଳୀୟ କର୍ମକର୍ତ୍ତାଙ୍କୁ ନବୀନଙ୍କ ପରାମର୍ଶ



ଭୁବନେଶ୍ୱର,୨୫।୯(ଅନିଲଦାସ)

ନୂଆପଡ଼ା ଜିଲାର ବିଜେଡି ନିର୍ବାଚିତ ପ୍ରତିନିଧି ଓ ପଦାଧିକାରୀମାନଙ୍କ ବୈଠକ ବୁଧବାର ଆଜି ଶଙ୍ଖ ଭବନଠାରେ ଅନୁଷ୍ଠିତ ହୋଇଛି। ବୈଠକରେ ସଙ୍ଗଠନକୁ ମଜଭୁତ କରିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଦଳ ସଭାପତି ନବୀନ ପଟ୍ଟନାୟକ କହିଛନ୍ତି, ବିଜେଡି ସରକାରର ୨୪ବର୍ଷ ଶାସନରେ ରାଜ୍ୟର ସବୁ ଅଞ୍ଚଳ ଓ ସବୁ କ୍ଷେତ୍ରର ବିକାଶକୁ ପ୍ରାଥମିକତା ଦିଆଯାଇଥିଲା। ନୂଆପଡ଼ାର ବିକାଶ ପାଇଁ ବିଜେଡି ସରକାର ସମୟରେ ଅନେକ କାମ ହୋଇଛି। ଦରଦାମ୍ ବୃଦ୍ଧି ଉପରେ ଆଲୋକପାତ କରି ନବୀନ କହିଥିଲେ, ପନିପରିବାଠାରୁ ଆରମ୍ଭ କରି ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରବୃଦ୍ଧି ଏବେ ଚିନ୍ତାଜନକ। ଏହାକୁ ରୋକିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ସାଧାରଣ ଲୋକଙ୍କ ସୁଖ ଦୁଃଖରେ ସାମିଲ ହୋଇ କାମ କରିବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ବିଜେଡି ସରକାରରେ ଥିବା ବେଳେ ଲୋକଙ୍କ ପାଇଁ ଅନେକ ଭଲ କାମ କରିଥିଲା। ଲୋକଙ୍କ ଭଲ ପାଇବା ଏବେବି ଆମ ସହିତ ରହିଛି। ଲୋକଙ୍କ ସେବା ଜାରି ରଖିବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ବିଜେଡିର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର ବୈଠକ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ରାଜେନ୍ଦ୍ର ଢୋଲକିଆ,ବିଧାୟକ ଅଧୀରାଜ ପାଣିଗ୍ରାହୀ, ଏମ୍‌ପି ପ୍ରାର୍ଥୀ ଲମ୍ବୋଦର ନିଆଲ ଏବଂ ପଞ୍ଚାୟତ ପ୍ରତିନିଧିମାନେ ଉଦ୍‌ବୋଧନ ଦେଇ ବିଜେଡିକୁ ଶକ୍ତିଶାଳୀ କରିବା ପାଇଁ ସଂକଳ୍ପବଦ୍ଧ ହୋଇ କାମ କରିବେ ବୋଲି ଘୋଷଣା କରିଥିଲେ।

# ଏରେଣ୍ଡେଇ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା

## ୩୦ରେ ଭୋଟ

ପାଟଣା,୨୫।୯(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଏରେଣ୍ଡେଇ ସରପଞ୍ଚ ପାର୍ବତୀ ଦେହୁରୀଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। ପଞ୍ଚାୟତର ମୋଟ ୧୧ ଜଣ ୱାର୍ଡ ସଦସ୍ୟଙ୍କ ମଧ୍ୟରୁ ୯ ଜଣ ଗତ ଅଗଷ୍ଟ ୨୭ରେ ଉପ ଜିଲାପାଳ ଉମାଶଙ୍କର ଦଳେଇଙ୍କୁ ଭେଟି ଲିଖିତ ଭାବେ ଅନାସ୍ଥା ପାଇଁ ଆବେଦନ କରିଥିଲେ। ତେବେ ଉପଜିଲାପାଳ ଚଳିତ ମାସ ୩୦ ତାରିଖ ୧୧ ଟାରେ ଏରେଣ୍ଡେଇ ପଞ୍ଚାୟତ କାର୍ଯ୍ୟାଳୟରେ ସାହରପଡ଼ା ବିଡିଓ ମାଧବ ଚନ୍ଦ୍ର ବିରୁଆଙ୍କ ଅଧ୍ୟକ୍ଷତାରେ ଅନାସ୍ଥା ଭୋଟ ପାଇଁ ସମୟ ଧାର୍ଯ୍ୟ କରିଥିବା ଜଣାପଡିଛି। ଏ ସମ୍ପର୍କରେ ଏରେଣ୍ଡେଇ ସରପଞ୍ଚ ପାର୍ବତୀ କହିଛନ୍ତି, ଆବଶ୍ୟକ ସଂଖ୍ୟାରୁ ଅଧିକ ୱାର୍ଡ ସଦସ୍ୟ ମୋ ସପକ୍ଷରେ ଅଛନ୍ତି। ଆସ୍ଥାଭୋଟରେ ମୁଁ ନିଶ୍ଚିତ ଜିତିବି। ତେବେ ସରପଞ୍ଚ ଉପଜିଲାପାଳଙ୍କ ଅଫିସକୁ ଯାଇଛନ୍ତି କହି ଚଞ୍ଚକତା ପୂର୍ବକ ଜଣେ ୱାର୍ଡ ସଦସ୍ୟ ୮ ଜଣ ସଦସ୍ୟଙ୍କୁ ଡାକି ନେଇ ସେଠାରେ ଦସ୍ତଖତ କରାଇଥିଲେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ନେତୃତ୍ୱ ନେଉଥିବା ନାଏବ ସରପଞ୍ଚ ଉମାକାନ୍ତ ମହାନ୍ତ କହିଛନ୍ତି, ସରପଞ୍ଚ ଆସ୍ଥାଭୋଟରେ ହାରିବେ, ଆମେ ନିଶ୍ଚୟ ବିଜୟୀ ହେବୁ।

# ଆଜି ଆସୁଛନ୍ତି ନଡ୍ଡା

ଭୁବନେଶ୍ୱର, ୨୫।୯(ସୁନିତ୍ ମିଶ୍ର)



ଜେ.ପି. ନଡ୍ଡା

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଗୁରୁବାର ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସକାଳ ୧୦ଟା ୩୦ରେ ନଡ୍ଡା ଭୁବନେଶ୍ୱର ବିମାନବନ୍ଦରଠାରେ ଆସି ପହଞ୍ଚିବେ। ଦଳ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଅପରାହ୍ନରେ ସେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଦଳର ରାଜ୍ୟ ସାଧାରଣ ସମ୍ପାଦକ ଯତୀନ ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି,ସଦସ୍ୟତା କାର୍ଯ୍ୟକର୍ତ୍ତା ଚୟନର ମୂଳ ଆଧାର। ସଙ୍ଗଠନର ମୂଳ କାର୍ଯ୍ୟକର୍ତ୍ତା। ଭାଜପାର ମୂଳ ଆଧାର ସଙ୍ଗଠନ। ସଙ୍ଗଠନର ଶକ୍ତି ସହ ଆମର ବୈଚାରିକ ସ୍ପଷ୍ଟତା ଓ ଗରିବ କଲ୍ୟାଣର ମନ୍ତ୍ର ଆମକୁ ଦେଶ ଓ ରାଜ୍ୟରେ ଲୋକଙ୍କ ବିଶ୍ୱାସଭାଜନ କରିଛି। ଦଳର ସାଙ୍ଗଠନିକ ମହାପର୍ବ 'ସଦସ୍ୟତା ଅଭିଯାନ-୨୦୨୪' ଚଳିତ ମାସ ୨ ତାରିଖରୁ ଦେଶବ୍ୟାପୀ ଏବଂ ୩ ତାରିଖରୁ ରାଜ୍ୟରେ ଆରମ୍ଭ ହୋଇଛି। ଆମ ସଦସ୍ୟତା ଅଭିଯାନକୁ ସର୍ବବ୍ୟାପୀ ଓ ଗତିଶୀଳ କରିବା ପାଇଁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଓଡ଼ିଶା ଗସ୍ତରେ ଆସୁଛନ୍ତି ବୋଲି ଯତୀନ ସୂଚନା ଦେଇଛନ୍ତି। ନଡ୍ଡା ଏଜି ଛକ ସ୍ଥିତ ବାବା ସାହେବ ଡ.ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବେ। ଏହାପରେ ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗଦେଇ ଦଳର ସଦସ୍ୟତା ଅଭିଯାନ ସମ୍ପର୍କରେ ଆଲୋଚନା କରିବେ। ଏହି ଅବସରରେ ରାଜ୍ୟର ବିଭିନ୍ନ ଗୋଷ୍ଠୀ, ଅନୁଷ୍ଠାନ ଓ ସଙ୍ଗଠନକୁ ପ୍ରତିନିଧିତ୍ୱ କରୁଥିବା ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେବେ। ମଧ୍ୟାହ୍ନରେ ନଡ୍ଡା ରାଜ୍ୟ କାର୍ଯ୍ୟାଳୟଠାରେ ମନ୍ତ୍ରୀ, ସାଂସଦ, ବିଧାୟକ ଏବଂ ରାଜ୍ୟ ପଦାଧିକାରୀଙ୍କ ସହ ସଦସ୍ୟତା ଅଭିଯାନ ସମ୍ପର୍କରେ ଆଲୋଚନା କରିବେ ବୋଲି ଯତୀନ ସୂଚନା ଦେଇଛନ୍ତି।

# ବିଜେଡି ଗଠନକଲା ୩ କମିଟି

ଭୁବନେଶ୍ୱର,୨୫।୯(ଅନିଲଦାସ)

ବିଜୁ ଜନତା ଦଳ ୨୦୨୪ ଅଗଷ୍ଟ ୫ରେ ଗଠନ କରିଥିବା ସମନ୍ୱୟ କମିଟିକୁ ସହାୟତା ଲାଗି ଉପଦେଷ୍ଟା କମିଟି, ସଦସ୍ୟ ସଂଗ୍ରହ କମିଟି ଏବଂ ପ୍ରୋଗ୍ରାମ ଇମ୍ପ୍ଲିମେଣ୍ଟେଶନ କମିଟି ଗଠନ କରିଛି। ଏହି କମିଟିରେ ୬୦ ଜଣ ସଦସ୍ୟ ରହିଛନ୍ତି। ଉପଦେଷ୍ଟା କମିଟିରେ ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ କନଭେନର ରହିଛନ୍ତି। ଏହି କମିଟିରେ ଉଷାଦେବୀ, ପ୍ରଫୁଲ୍ଲ କୁମାର ମଲ୍ଲିକ, ଚନ୍ଦ୍ର ଶେଖର ସାହୁ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରଫୁଲ୍ଲ ସାମଲ, ଅଶୋକ ଚନ୍ଦ୍ର ପଣ୍ଡା, ପଦ୍ମନାଭ ବେହେରା, ବଦ୍ରି ନାରାୟଣ ପାତ୍ର, ମଙ୍ଗଳା କିଷାନ, ଭୂପିନ୍ଦର ସିଂ, ରବି ନାରାୟଣ ନନ୍ଦ, ହାଜି ମହମ୍ମଦ ଆୟୁବ ଖାଁ, ସରୋଜିନୀ ହେମ୍ବ୍ରମ, ଶଶୀଭୂଷଣ ବେହେରା, ରଜନୀକାନ୍ତ ସିଂ ଓ ଗଣେଶ୍ୱର ବେହେରା ସଦସ୍ୟ ଅଛନ୍ତି। ଉପଦେଷ୍ଟା କମିଟିରେ ୧୭ ସଦସ୍ୟ ଥିବା ବେଳେ ସଦସ୍ୟ ସଂଗ୍ରହ କମିଟିରେ ୨୨ ଏବଂ ପ୍ରୋଗ୍ରାମ ଇମ୍ପ୍ଲିମେଣ୍ଟେଶନ କମିଟିରେ ୨୧ ଜଣ ସଦସ୍ୟ ରହିଛନ୍ତି। ସଦସ୍ୟ ସଂଗ୍ରହ କମିଟିରେ ଅତନୁ ସବ୍ୟସାଚୀ ନାୟକ କନଭେନର ଓ ପ୍ରୋଗ୍ରାମ ଇମ୍ପ୍ଲିମେଣ୍ଟେଶନ କମିଟିରେ ସଞ୍ଜୟ ଦାସବର୍ମା କନଭେନର ଅଛନ୍ତି। ଦଳରେ ବଢୁଥିବା ଗୋଷ୍ଠୀକନ୍ଦଳ ଉପରେ ଲଗାମ ଲଗାଇବା ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଆସନ୍ତା ୨୭ରେ ଶଙ୍ଖଭବନରେ ଏକ ଜରୁରୀ ବୈଠକ ଡାକିଥିବା ଚର୍ଚ୍ଚା ହେଉଛି।

# ୮୦ ବର୍ଷୀୟ ମହିଳା ଗୁରୁଣ୍ଡି ଭତ୍ତା ଆଣିବାକୁ ଯିବା ଦୁଃଖର ବିଷୟ: କଂଗ୍ରେସ

ଭୁବନେଶ୍ୱର, ୨୫।୯(ସୁନିତ୍ ମିଶ୍ର)



କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା।

କେନ୍ଦୁଝର ଜିଲାର ତେଲକୋଇ ବ୍ଲକ୍ ଅନ୍ତର୍ଗତ ରାଇସୁଆଁ ଗ୍ରାମର ବୃଦ୍ଧା ପଥୁରୀ ଦେହୁରି (୮୦ ବର୍ଷ) ନିଜ ଘରଠାରୁ ୨ କି.ମି. ଦୂର ପଞ୍ଚାୟତ କାର୍ଯ୍ୟାଳୟକୁ ଗୁରୁଣ୍ଡି ଗୁରୁଣ୍ଡି ବାର୍ଦ୍ଧକ୍ୟ ଭତ୍ତା ପାଇଁ ଆସିବା ଘଟଣା ଏବେ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହୋଇଛି। ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଜୟଦେବ ଜେନା ଏନେଇ ସ୍ଥାନୀୟ ପ୍ରଶାସନକୁ ନିନ୍ଦା କରିଛନ୍ତି। କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଜୟଦେବ କହିଛନ୍ତି, ଅକର୍ମଣ୍ୟ ଏବଂ ଅତିଶୟ ବୃଦ୍ଧ ବ୍ୟକ୍ତିଙ୍କୁ ତାଙ୍କ ଘରେ ବାର୍ଦ୍ଧକ୍ୟଭତ୍ତା ଅର୍ଥରାଶି ପ୍ରଦାନ ପାଇଁ ସରକାରୀ ବ୍ୟବସ୍ଥା ଥିଲେ ମଧ୍ୟ ଏହାକୁ ସ୍ଥାନୀୟ ପ୍ରଶାସନ ମାନୁନାହାନ୍ତି। ଅକର୍ମଣ୍ୟଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ଆସି ଭତ୍ତା ନେବାକୁ ବାଧ କରାଯାଉଛି। ଏହି ଘଟଣା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିଜ ଜିଲାରେ ଘଟିବା ଦୁର୍ଭାଗ୍ୟଜନକ। ରତ୍ନଗର୍ଭା କେନ୍ଦୁଝର ଜିଲାର ଅଧିବାସୀମାନେ ଦୁର୍ଦ୍ଦଶା ଓ ଦୁଃଖରେ କାଳାତିପାତ କରୁଛନ୍ତି। ରାଜ୍ୟ ରାଜକୋଷକୁ କେନ୍ଦୁଝର ଜିଲାର ଅବଦାନ ସର୍ବାଧିକ। କେନ୍ଦୁଝର ଜିଲାର ମାଟି, ପାଣି, ପବନ ସବୁକିଛି ଖଣି ଖନନ ପାଇଁ ପ୍ରଭାବିତ ଏବଂ ଦୂଷିତ। ଖଣି ଖନନ ଯୋଗୁ କେନ୍ଦୁଝର ଅଧିବାସୀ ବିଭିନ୍ନ ମାରାତ୍ମକ ରୋଗରେ ପୀଡ଼ିତ। ଏହି ଜିଲାର ୧୩ ବ୍ଲକ୍‌ର ୮୯ ପଞ୍ଚାୟତ ସିଧାସଳଖ ଖଣି ଦ୍ୱାରା ପ୍ରଭାବିତ। ଏବେ ମୁଖ୍ୟମନ୍ତ୍ରୀ ନିକଟରେ ସୁନାର କେନ୍ଦୁଝର କରିବା ପାଇଁ ବୃହତ୍ ଶିଳ୍ପର ସ୍ୱପ୍ନ ଦେଖାଇ ଆସିଛନ୍ତି। ସ୍ୱପ୍ନରେ ବାସ୍ତବତା କେତେ ତାହା ଆଗାମୀ ଦିନରେ ଜଣାପଡ଼ିବ ବୋଲି ଜୟଦେବ କହିଛନ୍ତି।

## ଅନ୍ୟାନ୍ୟ ଖବର

# 'ଅର୍ଥନୈତିକ ଅଭିବୃଦ୍ଧି ପାଇଁ ସାମୁଦ୍ରିକ ପରିବହନ ଜରୁରୀ'

## ବିଶ୍ୱ ସାମୁଦ୍ରିକ ଦିବସ



ପ୍ରତିବର୍ଷ ସେପ୍ଟେମ୍ବର ମାସର ଶେଷ ଗୁରୁବାରକୁ ବିଶ୍ୱ ସାମୁଦ୍ରିକ ଦିବସ ଭାବେ ପାଳନ କରାଯାଏ। ସାମୁଦ୍ରିକ ପରିବହନ ସୁବିଧା, ଦକ୍ଷତା ବୃଦ୍ଧି, ସାମୁଦ୍ରିକ ନିରାପତ୍ତା ଏବଂ ସାମୁଦ୍ରିକ ପରିବେଶର ସୁରକ୍ଷା ପ୍ରସଙ୍ଗ ଉପରେ ଧ୍ୟାନ ଦେବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। 'ସାମୁଦ୍ରିକ' ଶବ୍ଦଟି ଲାଟିନ ଶବ୍ଦ 'ମାରିଟାଇମସ୍'ରୁ ଆସିଛି, ଯାହାର ଅର୍ଥ ହେଉଛି 'ସମୁଦ୍ର'। ସମୁଦ୍ରରେ ଜୀବନ କଷ୍ଟକର। ପ୍ରତ୍ୟେକ ସାମୁଦ୍ରିକ ଅଧିକାରୀ, ସର୍ଭିସ ଏଜେଣ୍ଟ ଏବଂ ନାବିକ ଆମ ବ୍ୟକ୍ତିଗତ ଜୀବନରେ ଯେଉଁ ଭୂମିକା ନିର୍ବାହ କରନ୍ତି ତାହା ଏହି ଦିବସରେ ଆଲୋକପାତ କରାଯାଇଛି। ୧୯୭୮ରୁ ସେପ୍ଟେମ୍ବର ମାସର ପ୍ରତ୍ୟେକ ଶେଷ ଗୁରୁବାରକୁ ବିଶ୍ୱ ସାମୁଦ୍ରିକ ଦିବସ ଭାବେ ପାଳନ କରାଯାଉଛି। ୧୯୫୮ରେ ଅନ୍ତର୍ଜାତୀୟ ସାମୁଦ୍ରିକ ସଂଗଠନ ପ୍ରତିଷ୍ଠା ହେବା ସହିତ ଏହି ଦିବସ ପାଳନ କରାଯାଏ। ଏକ ସୁରକ୍ଷିତ ଏବଂ ବିଶ୍ୱସନୀୟ ଅନ୍ତର୍ଜାତୀୟ ଜାହାଜ ଚଳାଚଳ ଶିଳ୍ପ ହେଉଛି ବିଶ୍ୱ ମୁକ୍ତ ବଜାରର ମୂଳଦୁଆ। ପରିବହନର ଏକ ଅର୍ଥନୈତିକ ଏବଂ ଦକ୍ଷ ମାଧ୍ୟମ ଭାବରେ, ଏହା ମିଳିତ ସମୃଦ୍ଧି ପାଇଁ ଜରୁରୀ। ଜାହାଜ ଚଳାଚଳ ଶିଳ୍ପରେ ୧.୫ ନିୟୁତରୁ ଅଧିକ ଲୋକ ନିୟୋଜିତ ଅଛନ୍ତି।

ଜାହାଜ ଚଳାଚଳ ଶିଳ୍ପକୁ ନିୟନ୍ତ୍ରଣ କରିବା ପାଇଁ ୧୯୪୮ରେ ଅନ୍ତର୍ଜାତୀୟ ସାମୁଦ୍ରିକ ସଂଗଠନ (ଆଇଏମଓ) ପ୍ରତିଷ୍ଠା କରାଯାଇଥିଲା। ଆଇଏମଓ ଏକ ବ୍ୟାପକ ଢାଞ୍ଚା ବଜାୟ ରଖିଛି। ଏଥିରେ ବୈଷୟିକ ସହଯୋଗ, ପରିବେଶ ନିୟନ୍ତ୍ରଣ, ଆଇନଗତ ପଦକ୍ଷେପ ଏବଂ ଏଥିରେ ଥିବା ସମସ୍ତ କର୍ମଚାରୀଙ୍କ ସୁରକ୍ଷା ସାମିଲ ଅଛି।

# ଜଳସାଥୀଙ୍କ ପାଇଁ ୨ ଦିନିଆ ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୫।୯(ସୁନିତ୍ ମିଶ୍ର)

ଜଳସାଥୀମାନଙ୍କ ପାଇଁ ୨ ଦିନିଆ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଓଡ଼ିଶା ଅର୍ବାନ ଏକାଡେମୀ ଓ ସହରୀ ପରିଚାଳନା କେନ୍ଦ୍ରର ବୈଷୟିକ ସହାୟତାରେ ଆୟୋଜିତ ହୋଇଥିଲା। ଗୃହ ଏବଂ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏହି ୨ ଦିନିଆ ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଜଳସାଥୀମାନଙ୍କ ସହ ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ପାଢ଼ୀ ଗୋଷ୍ଠୀଭିତ୍ତିକ ଜଳ ପରିଚାଳନାରେ ଜଳସାଥୀଙ୍କ ପ୍ରମୁଖ ଭୂମିକା ଏବଂ ସେମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ସହରାଞ୍ଚଳରେ ବଢୁଥିବା ଚାହିଦା ପୂରଣ କରିବା ଏବଂ ଜନସାଧାରଣଙ୍କୁ ଗୁଣାତ୍ମକ ସେବା ଯୋଗାଇବା ପାଇଁ ନିରନ୍ତର ଦକ୍ଷତା ବୃଦ୍ଧି ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଜଳ ସାଥୀମାନେ ପ୍ରଶାସନ ଏବଂ ଗୋଷ୍ଠୀ ମଧ୍ୟରେ ସେତୁ ଅଟନ୍ତି। ସେମାନଙ୍କୁ ଠିକ୍ ତାଲିମ ପ୍ରଦାନକରି ଜଳ ପରିଚାଳନା ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଉଛି ଯାହା ଉପଯୋଗୀ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ଫାଇଦା ନେବାକୁ ଏବଂ ଅନ୍ତର୍ଭୁକ୍ତ ତଥା ନିର୍ଭରଯୋଗ୍ୟ ଜଳ ସେବାର ମିଶନରେ ପ୍ରଭାବଶାଳୀ ଯୋଗଦାନ କରିବାକୁ ତାଲିମପ୍ରାପ୍ତ ଜଳସାଥୀମାନଙ୍କୁ ସେ ଉତ୍ସାହିତ କରିଛନ୍ତି। ଦକ୍ଷତା ଉନ୍ନୟନ କାର୍ଯ୍ୟକ୍ରମ, ଯାହା ଓଡ଼ିଶାର ବିଭିନ୍ନ କ୍ଲଷ୍ଟରରେ ୮୦୦ରୁ ଅଧିକ ଜଳସାଥୀଙ୍କୁ ତାଲିମ ଦେବ, କ୍ଷମତା ବୃଦ୍ଧି ତଥା ସହରୀ ଜଳପରିଚାଳନାକୁ ମଜଭୁତ କରିବା ରାଜ୍ୟର ବୃହତ୍ ଦୃଷ୍ଟିକୋଣର ଏକ ଅଂଶ। ତେବେ ଏହି ସୁଯୋଗ ପାଇଁ ପ୍ରଶିକ୍ଷାର୍ଥୀମାନେ ସରକାରଙ୍କୁ କୃତଜ୍ଞତା ଜଣାଇ କହିଛନ୍ତି, ଏହି କାର୍ଯ୍ୟକ୍ରମ ସେମାନଙ୍କର ଦକ୍ଷତା ବୃଦ୍ଧିରେ ସାହାଯ୍ୟ କରିବ।




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତକରେ ଗର୍ଭନିରୋଧକ

## ଆଜି ବିଶ୍ୱ ଗର୍ଭନିରୋଧକ ଦିବସ



ପ୍ରତିବର୍ଷ ୨୬ ସେପ୍ଟେମ୍ବରରେ ବିଶ୍ୱ ଗର୍ଭନିରୋଧକ ଦିବସ ପାଳନ କରାଯାଏ। ଗର୍ଭନିରୋଧକ ବିଷୟରେ ସଚେତନତା ସୃଷ୍ଟି ଏବଂ ଏହାର ମହତ୍ତ୍ୱ ବୁଝାଇବା ପାଇଁ ଏହି ଦିନଟି ଉତ୍ସର୍ଗୀକୃତ।

ଗର୍ଭନିରୋଧକ ବିଭିନ୍ନ ପଦ୍ଧତିରେ ବ୍ୟବହାର କରାଯାଇଥାଏ। ଯଥା ଗର୍ଭନିରୋଧକ ବଟିକା, ଇଞ୍ଜେକ୍ସନ, ଇଣ୍ଟ୍ରାଟେରାଇନ ଉପକରଣ, କଣ୍ଡୋମ୍, ପୁରୁଷ ଏବଂ ମହିଳା ପରିବାର କଲ୍ୟାଣ ଅସ୍ତ୍ରୋପଚାର ଏବଂ ପ୍ରଜନନ ସଚେତନତା ଉପରେ ଆଧାରିତ। ପରିବାର କଲ୍ୟାଣ ଯୋଜନା ଏବଂ ପ୍ରଜନନ ସ୍ୱାସ୍ଥ୍ୟ ସମ୍ବନ୍ଧରେ ବ୍ୟକ୍ତିବିଶେଷ ବିଶେଷକରି ଯୁବତୀ/ ଯୁବକମାନଙ୍କ ମଧ୍ୟରେ ବିଭିନ୍ନ ଗର୍ଭନିରୋଧକ ବିକଳ୍ପ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ମଧ୍ୟ ବିଶ୍ୱ ଗର୍ଭନିରୋଧକ ଦିବସ ଅତ୍ୟନ୍ତ ଜରୁରୀ।

ଏଥିପାଇଁ ମହିଳା ଏବଂ ପୁରୁଷଙ୍କୁ ପ୍ରୋତ୍ସାହନ ଦେବା, ଗର୍ଭନିରୋଧକ ଔଷଧର ସଂକେତ ବିଷୟରେ ଖୋଲା ଆଲୋଚନାକୁ ପ୍ରୋତ୍ସାହିତ କରିବା, ମହିଳାମାନଙ୍କର ଅଧିକାରକୁ ପ୍ରୋତ୍ସାହିତ କରିବା ଏବଂ ସମଗ୍ର ବିଶ୍ୱରେ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ଚଳିତବର୍ଷ ବିଶ୍ୱ ଗର୍ଭନିରୋଧକ ଦିବସର ଆହ୍ୱାନ ହେଉଛି ସମସ୍ତଙ୍କ ପାଇଁ ଏକ ପସନ୍ଦ, ପ୍ରଜନନ ଶକ୍ତି, ଗର୍ଭନିରୋଧକ, ଶାରୀରିକ ସୁସ୍ଥତା ଏବଂ ସମ୍ପୂର୍ଣ୍ଣ ସାମର୍ଥ୍ୟ ହାସଲ। ମାତୃ ମୃତ୍ୟୁ ରୋକିବା ଏବଂ ଲିଙ୍ଗଗତ ସମାନତାକୁ ଆଗେଇ ନେବାରେ ଏହା ସାହାଯ୍ୟ କରେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏତେ ଖାଇ ଖାଇ ନ ପୂରିଲା ପେଟ**
**ବିରି ଓଳିଆରେ ମାରୁଛି ହାତ।**

ଯାହାର ଖାଦ୍ୟ ପ୍ରତି ଅଧିକ ଲୋଭ ରହିଥାଏ, ସେ ଯେତେ ଖାଇଥିଲେ ମଧ୍ୟ ଆହୁରି ଖାଦ୍ୟ ଖାଇବା ନେଇ ମନ ବଳାଇଥାଏ। ସେହିପରି ଖାଦ୍ୟ ଛଡ଼ା ତାଙ୍କୁ ଆଉ କିଛି ବି ଦୃଶ୍ୟ ହୋଇ ନ ଥାଏ। ପେଟୁ ବ୍ୟକ୍ତିଙ୍କର ଖାଦ୍ୟ ପ୍ରତି ରହିଥିବା ଅହେତୁକ ଲାଳସା ଭାବନା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଏମନ୍ତ ମାରି ମାରି ଗଲା କାଳକ**
**ବାକି ରହିଲା ଫାଳକ।**

ଜୀବନ ଯେମିତି ବିତୁଛି ବିତିଚାଲୁ। ଏମିତିରେ ତ ବେଳକାଳ ବିତିଗଲାଣି, ଯୁଗ ସରିଆସିଲାଣି ; ଆଉ କେତେକାଳ ଅଛି ଯେ ତା'ପାଇଁ ଏତେ ଚିନ୍ତା ! ଜୀବନଶୈଳୀରେ କୌଣସି ପରିବର୍ତ୍ତନ ଆଣିବା ପାଇଁ ଅନିଚ୍ଛା ତଥା ଏମିତି ବାକି ସମୟ ତ ବିତିଯିବ ବୋଲି ଆଶା କରି ବସି ରହିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡ୍‌ସ ପବ୍ଲିଶର୍ସ

# ୭ ଶିକ୍ଷକଙ୍କ ବିରୋଧରେ ତଦନ୍ତ ନିର୍ଦ୍ଦେଶ

**■ ନକଲି ପ୍ରମାଣପତ୍ର ଦାଖଲ ଅଭିଯୋଗ**
**■ ନିର୍ଦ୍ଦେଶ ହେଉଛି, କାର୍ଯ୍ୟାନୁଷ୍ଠାନ ନୈରାଶ୍ୟଜନକ**

ଯାଜପୁର,୨୫।୯(ହର୍ଷବର୍ଦ୍ଧନ ବେହେରା)

ରାଜ୍ୟର ବିଭିନ୍ନ ଜିଲାରେ ନକଲି ଶିକ୍ଷାଗତ ଓ ଜାତିଗତ ପ୍ରମାଣପତ୍ର ଦାଖଲ କରି ସରକାରୀ ଚାକିରି କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। କିନ୍ତୁ ଯାଜପୁର ଜିଲାରେ ନକଲି ପ୍ରମାଣପତ୍ରଧାରୀଙ୍କ ବିରୋଧରେ ଅଭିଯୋଗ ହେଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ପ୍ରଶାସନିକ ଅଧିକାରୀ କଳେବଳେ କୌଶଳେ ଏହି ପ୍ରସଙ୍ଗକୁ ଚାପି ଦେଉଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାରଙ୍କ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ(ଡିଏସ୍ଇ) ପକ୍ଷରୁ ଏକାଧିକ ଥର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଉଛି। କିନ୍ତୁ କିଛି ସୁଫଳ ମିଳି ପାରୁନାହିଁ। ତଥାପି ଡିଏସ୍ଇ ପକ୍ଷରୁ ଯୁଗ୍ମ ନିର୍ଦ୍ଦେଶକ ୨୪।୯।୨୦୨୪ରେ ପୁଣିଥରେ ଯାଜପୁର ଜିଲା ଶିକ୍ଷାଧିକାରୀଙ୍କୁ ବିଭିନ୍ନ ନକଲି ପ୍ରମାଣପତ୍ର ଦାଖଲ କରି ଶିକ୍ଷକତା କରୁଥିବା ୭ ଜଣଙ୍କ ବିରୋଧରେ ଆବଶ୍ୟକ ତଦନ୍ତ କରି ଆଇନ ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ପୂର୍ବରୁ ୧୯।୭।୨୦୨୪ରେ ଏନେଇ ନିର୍ଦ୍ଦେଶ ହୋଇଥିଲେ ହେଁ ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଯୁଗ୍ମ ନିର୍ଦ୍ଦେଶକଙ୍କ ଉକ୍ତ ପତ୍ରରେ ଦର୍ଶାଯାଇଛି। ଯେଉଁମାନେ ପାଠ ନ ପଢି କିମ୍ବା ନକଲି ଜାତିଗତ ପ୍ରମାଣପତ୍ର ହାସଲ କରି ଚାକିରି କରି ପାରୁଛନ୍ତି, ସେମାନେ ତଦନ୍ତକୁ ବି କିଣି ନେଇ ପାରୁଛନ୍ତି ବୋଲି ସ୍ଥାନୀୟ ସାମାଜିକ କର୍ମୀମାନେ ଅଭିଯୋଗ କରିଛନ୍ତି।

୨୦୨୩ ଫେବୃଆରୀରେ କଟକ ଆରଡିସିଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ଜିଲାର ନକଲି ଜାତିଗତ ପ୍ରମାଣପତ୍ର ଉପରେ ତଦନ୍ତ କରି ରିପୋର୍ଟ ଦାଖଲ ହୋଇଥିଲା। ନିଯୁକ୍ତି ସମୟରେ କେତେଜଣ ସାଧାରଣବର୍ଗର ବ୍ୟକ୍ତି କିଛି ଜମି କିଣି ସେଥିରେ ଶବର ଜାତି ଦର୍ଶାଇ ଆଦିବାସୀ ପ୍ରମାଣପତ୍ର ହାସଲ କରି ଶିକ୍ଷକତା କରୁଥିବା ଅଭିଯୋଗ ହୋଇଥିଲା। ହେଲେ ବ୍ୟାସନଗରର ତତ୍କାଳୀନ ତହସିଲଦାର କୌଣସି କ୍ଷେତ୍ର ପରିଦର୍ଶନରେ ନ ଯାଇ କିମ୍ବା ମୂଳ ପରିବାରର ଜାତି ସମ୍ପର୍କରେ ଛାନ୍‌ଭିନ ନ କରି ଅଭିଯୁକ୍ତ ନକଲି ଜାତିଗତ ପ୍ରମାଣପତ୍ରଧାରୀଙ୍କୁ କ୍ଲିନ୍‌ଚିଟ୍ ଦେଇଥିଲେ। ଫଳରେ ଏବେବି ଏକାଧିକ ନକଲି ଜାତିଗତ ପ୍ରମାଣପତ୍ରଧାରୀ ଶିକ୍ଷକତା କରୁଥିବାବେଳେ ବାସ୍ତବ ତହସିଲଭୁକ୍ତ ଜାତି ଓ ଜନଜାତି ସମ୍ପ୍ରଦାୟର ଛାତ୍ରୀଛାତ୍ର ବେକାରି ଜୀବନ ଅତିବାହିତ କରୁଥିବା ମତପ୍ରକାଶ ପାଇଛି। ଏହି କ୍ରମରେ ଡିଏସ୍ଇର ଯୁଗ୍ମ ନିର୍ଦ୍ଦେଶକ ମଙ୍ଗଳବାର ଯାଜପୁର ଜିଲା ଶିକ୍ଷାଧିକାରୀଙ୍କୁ ଦେଇଥିବା ତଦନ୍ତ ନିର୍ଦ୍ଦେଶ ପତ୍ରରେ ଯାଜପୁର ଜିଲା କୋରେଇ ବ୍ଲକ ଅଧୀନ ଶାଳକଣା ପ୍ରାଥମିକ ସ୍କୁଲର ଶିକ୍ଷା ସହାୟକ ସସ୍ମିତା ସାହୁ, ରଘୁପୁର ପ୍ରାଥମିକ ସ୍କୁଲର ଶିକ୍ଷା ସହାୟକ ଇତିଶ୍ରୀ ସାମଲ, ଜାନକୀ ଜେନା, ରଣପୁର ବି.ସି. ହାଇସ୍କୁଲର କଣ୍ଟ୍ରାକ୍ଟ ଶିକ୍ଷକ ସୁଲୋଚନା ଦଳେଇ, ଇଚ୍ଛାପୁର ୟୁଜିଏମ୍ଇ ସ୍କୁଲର ସହକାରୀ ଶିକ୍ଷକ ସନ୍ତୋଷ କୁମାର ଖଣ୍ଡେଇ, କୋରାବନ୍ଧି ନୋଡାଲ ସ୍କୁଲର ଶିକ୍ଷା ସହାୟକ ଜୟନ୍ତୀ ସ୍ୱାଇଁ ଓ ହଳଦିଗଡିଆ ହାଇସ୍କୁଲ ପିଅନ ହିମାଂଶୁ ମୋହନ ମହାନ୍ତିଙ୍କ ନାମ ରହିଛି। ଉପରୋକ୍ତ ଶିକ୍ଷକ ଓ ଜଣେ ପିଅନ ବିଭିନ୍ନ ନକଲି ପ୍ରମାଣପତ୍ର ଦାଖଲ କରି ନିଯୁକ୍ତି ପାଇଥିବା ଅଭିଯୋଗ ହୋଇଛି। ପୂର୍ବରୁ କୋରେଇ ବ୍ଲକର କେତେଜଣ ନକଲି ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଥିବାବେଳେ ଏକାଧିକଙ୍କ ମାମଲାକୁ ଚାପି ଦିଆଯାଇଛି। କୋରେଇ ଅଞ୍ଚଳର ଜଣେ ନକଲି ଏସ୍‌ଟି ପ୍ରମାଣପତ୍ର ହାସଲ କରି କେନ୍ଦ୍ରାପଡ଼ା ଜିଲାରେ ବିଇଓ ଭାବେ ଅବସ୍ଥାପିତ ଥିବା ନେଇ ଅଞ୍ଚଳବାସୀ ଏକାଧିକ ଥର ଅଭିଯୋଗ କରିଥିଲେ ହେଁ ଶିକ୍ଷା ବିଭାଗ ସମ୍ପୂର୍ଣ୍ଣ ଭାବେ ହାତଟେକି ଦେଇଛି। ଜିଲାରେ ଏଭଳି ଭାବେ ଶତାଧିକ ନକଲି ପ୍ରମାଣପତ୍ରଧାରୀ ଶିକ୍ଷକ ଏବଂ ଅନ୍ୟ କେତେଜଣ ବ୍ୟକ୍ତି ସରକାରୀ ଚାକିରି କରୁଥିବା ଅଭିଯୋଗ ହେଉଛି।

# ବ୍ରାହ୍ମଣୀ ନଦୀପଠାରୁ ୬୦ ଫୁଟର ଅତଡ଼ା ଧସିଲା



ପଟ୍ଟାମୁଣ୍ଡାଇ, ୨୫।୯ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଜଳସେଚନ ଉପଖଣ୍ଡ ଅଳଭା-୨ ନିମପୁର ଦେଇ ପ୍ରଭାବିତ ହେଉଥିବା ବ୍ରାହ୍ମଣୀ ନଦୀର ପୋଖରୀସାହି ନିକଟରେ ୬୦ ଫୁଟରୁ ଅଧିକ ଲମ୍ବର ମାଟି ଅତଡ଼ା ଧସି ନଦୀ ଗର୍ଭରେ ମିଶିଯାଇଛି। ଫଳରେ ଆଖପାଖ ଅଞ୍ଚଳ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ନଦୀପଠାଟି ଧସିବା ଯୋଗୁ ବନ୍ଧ ଉପରେ ବିପଦ ଘନାଉଛି ବୋଲି ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯଦି ନଦୀରେ ଜଳ ସ୍ତର ଅଧିକ ବଢ଼େ ଏଠାରେ ଘାଇ ହେବାର ଆଶଙ୍କା ରହିଛି ବୋଲି ସ୍ଥାନୀୟ ଲୋକେ ମତ ପ୍ରକାଶ କରିଛନ୍ତି। ତେବେ ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଅନ୍ୟ ଅଧିକାରୀ ଏହା ଉପରେ ନଜର ରଖିବା ସହିତ ବାଲିବସ୍ତା ପକାଇବା ପାଇଁ ବ୍ୟବସ୍ଥା କରିଛନ୍ତି।

# ସାନି ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ରାଜସ୍ୱ ପର୍ଷଦ ସଦସ୍ୟଙ୍କ କୋର୍ଟରେ ପଡ଼ିଛି ବହୁ ମାମଲା**

କଟକ,୨୫।୯ (କାର୍ତ୍ତିକ ସାହୁ)

ରାଜସ୍ୱ ପର୍ଷଦ ସଦସ୍ୟଙ୍କ କୋର୍ଟରେ ଜମିଜମା ଫଏସଲା ବିଳମ୍ବିତ ହେଉଥିବା ନେଇ ରୁଜୁ ମାମଲାରେ ସାନି ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ବିରଜା ପ୍ରସନ୍ନ ଶତପଥୀ ରାଜସ୍ୱ ପର୍ଷଦରେ ବହୁସଂଖ୍ୟକ ମାମଲା ପଡ଼ିରହିବା ଓ ମାମଲା ଫଇସଲାର ବିଳମ୍ବିତ ପ୍ରକ୍ରିୟାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜସ୍ୱ ପର୍ଷଦର ରିଭିଜନାଲ କୋର୍ଟଗୁଡ଼ିକ ଅବାଧରେ କାର୍ଯ୍ୟକ୍ଷମ ହେବା, ପଡ଼ିରହିଥିବା ବହୁସଂଖ୍ୟକ ମାମଲା ଫଇସଲା ପାଇଁ ରାଜସ୍ୱ ପର୍ଷଦର ସଦସ୍ୟ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସଚିବଙ୍କ ଜରିଆରେ ସତ୍ୟପାଠ ଦାଖଲ କରିବା ପାଇଁ ଅତିରିକ୍ତ ସରକାରୀ ଓକିଲ ବିପ୍ଳବ ମହାନ୍ତିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ସତ୍ୟପାଠରେ ରିଭିଜନାଲ କୋର୍ଟଗୁଡ଼ିକର ନିୟନ୍ତ୍ରଣକାରୀ ଅଧିକାରୀ ଓ ତାଙ୍କ କାର୍ଯ୍ୟ ସଂକ୍ରାନ୍ତରେ ଦର୍ଶାଇବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଆସନ୍ତା ଅକ୍ଟୋବର ୭ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ପ୍ରକାଶ ଯେ, ରାଜ୍ୟର ବିଭିନ୍ନ ରିଭିଜନାଲ କୋର୍ଟରେ କେତେ ସଂଖ୍ୟକ ମାମଲା ବିଚାର ପାଇଁ ପଡ଼ିରହିଛି, ମାମଲାଗୁଡ଼ିକର ଫଇସଲା ପଦ୍ଧତି ନେଇ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରିଭିଜନାଲ କୋର୍ଟଗୁଡ଼ିକରେ ବହୁ ମାମଲା ବିଚାର ନ ହୋଇ ପଡ଼ିରହିଛି। ମାତ୍ର ସେଗୁଡ଼ିକର ଫଇସଲା ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ଗାଇଡ୍ ଲାଇନ୍ ନାହିଁ। ମାମଲାର ଶୁଣାଣିବେଳେ ରିଭିଜନାଲ କୋର୍ଟଗୁଡ଼ିକ ନିୟମିତ ଭାବେ କାର୍ଯ୍ୟ କରୁ ନ ଥିବା ହାଇକୋର୍ଟ ଅବଗତ ହୋଇଥିଲେ। ମାମଲାଗୁଡ଼ିକର ପଞ୍ଜୀକରଣ ଓ ଶୁଣାଣି ସଂକ୍ରାନ୍ତରେ ଜାଣିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଗାଇଡ୍ ଲାଇନ୍ ନାହିଁ ବୋଲି ମଧ୍ୟ ହାଇକୋର୍ଟ ହୃଦ୍‌ବୋଧ କରିଥିଲେ। ଅଦାଲତଙ୍କ ପୂର୍ବ ଆଦେଶକ୍ରମେ ରାଜସ୍ୱ ପର୍ଷଦ ସଦସ୍ୟ ସି. ଜେ. ଭେନୁଗୋପାଳ ହାଇକୋର୍ଟରେ ରିଭିଜନାଲ କୋର୍ଟଗୁଡ଼ିକରେ ପଡ଼ିରହିଥିବା ମାମଲା ସମ୍ପର୍କିତ ପୂର୍ଣ୍ଣାଙ୍ଗ ତଥ୍ୟ ବୁଧବାର ଦାଖଲ କରିଥିଲେ। ସତ୍ୟପାଠରେ ଦର୍ଶାଯାଇଛି, ରାଜ୍ୟରେ ୧ ଲକ୍ଷ ୩୧ ହଜାରରୁ ଊର୍ଦ୍ଧ୍ୱ ମାମଲା ବିଚାରାଧୀନ ରହିଛି। ସେଥିମଧ୍ୟରେ ୧୯୫୮ ଓଏସ୍ ଆଣ୍ଡ ଏସ୍ ଆକ୍ଟରେ ସର୍ବାଧିକ ୯୧,୯୦୦ରୁ ଊର୍ଦ୍ଧ୍ୱ ମାମଲା ରହିଛି। ତେବେ ହାଇକୋର୍ଟ ଉକ୍ତ ସତ୍ୟପାଠ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆବେଦନକାରୀ ଗୁରୁ ପ୍ରସାଦ ମହାପାତ୍ରଙ୍କ ପକ୍ଷରୁ ଆଇନଜୀବୀ ଏମ୍. କେ. ଦାଶ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ବିପ୍ଳବ ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ବଡ଼ଦର୍ଲିପଡ଼ାରେ ଝାଡ଼ାବାନ୍ତି: ୨ ମୃତ, ୩ ଗୁରୁତର

ନୂଆପଡ଼ା,୨୫।୯ (ମକାରୁ ବେମାଲ)

ନୂଆପଡ଼ା ଜିଲା ସିନାପାଲି ବ୍ଲକ କେନ୍ଦୁମୁଣ୍ଡା ପଞ୍ଚାୟତ ବଡ଼ଦର୍ଲିପଡ଼ା ଗାଁରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ମୃତ ବ୍ୟକ୍ତି ଦ୍ୱୟ ହେଲେ ବଳମତ ମାଝି (୨୨) ଓ ପୁରୁନ୍ଦର ମାଝି (୭୦)। ଅନ୍ୟପକ୍ଷରେ ଗୁରୁତର ୩ଜଣଙ୍କ ମଧ୍ୟରୁ ପଣସରାମ ମାଝି(୬୨) ଓ ଲଳିତା ବାଗ (୬୫) ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ଗଣେଶ ମାଝି (୪୭) ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ସିନାପାଲି ଗୋଷ୍ଠୀ ଚିକିତ୍ସାଧିକାରୀ ଶ୍ରୀମାନ ସାହୁଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଗାଁରେ ପହଞ୍ଚି ଲୋକଙ୍କୁ ସଚେତନ କରିବା ସହ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି। ଘଟଣା ସମ୍ପର୍କରେ ଡାକ୍ତର ସାହୁଙ୍କୁ ପଚାରିବାରୁ ୩ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଗୁରୁତର ଅଛନ୍ତି। ଅଞ୍ଚଳର ୯୪ ଜଣଙ୍କୁ କଣ୍ଟାକ୍ଟ ଡୋଜ୍ ଦିଆଯାଇଛି ଏବଂ ଗୁରୁତରମାନଙ୍କ ଅବସ୍ଥା ବର୍ତ୍ତମାନ ସ୍ଥିର ଥିବା ସେ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ମୃତ ବ୍ୟକ୍ତି ଦ୍ୱୟଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରି ନାହିଁ। କିନ୍ତୁ ପରିବାର ଲୋକେ ଝାଡ଼ାବାନ୍ତିରେ ମୃତ୍ୟୁ ଘଟିଥିବା ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଗାଁରେ ଡାକ୍ତରୀ ଦଳ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ଡାକ୍ତରୀ ଦଳରେ ଡାକ୍ତର ଶ୍ରୀମାନ ସାହୁ, ଭୈରବ ପାଣିଗ୍ରାହୀ, ଅଙ୍ଗଦ ରାମ ମାଝି ପ୍ରମୁଖଙ୍କ ସହ ମୋବାଇଲ ହେଲ୍‌ଥ ୟୁନିଟ, ହେଲ୍‌ଥ ୱାର୍କର, ସୁପରଭାଇଜର, ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ପ୍ରମୁଖ ସାମିଲ ହୋଇଛନ୍ତି। ଗାଁର ବିଭିନ୍ନ ସ୍ଥାନରେ ବ୍ଲିଚିଂ ପକାଇବା ସହ ପାଣି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି।



ଡାକ୍ତରୀ ଦଳ ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ନକଲି ତେଲ କାରଖାନା ମାଲିକ ଗିରଫ

ବ୍ରହ୍ମପୁର, ୨୫।୯(ସୁବାସ ଚନ୍ଦ୍ର ପାଢ଼ୀ)

ବଡ଼ବଜାର ପୋଲିସ ଗଣପତି ନଗର ୫ମ ଲାଇନରେ ମଙ୍ଗଳବାର ରାତିରେ ଏକ ନକଲି ତେଲ ପ୍ରସ୍ତୁତ କାରଖାନାରେ ଚଢ଼ାଉ କରିଥିଲା। ସେଠାରୁ ୫ଲକ୍ଷ ଟଙ୍କାର ନକଲି ତେଲ, କଞ୍ଚାମାଲ, ମେଶିନ, ଲେଭଲ ଜବତ କରିଥିଲା। ପୋଲିସ କାରଖାନା ମାଲିକ ଏସ.ପି. ଶଙ୍କର ରାଓଙ୍କୁ ବାନ୍ଧିଛି। ଅଭିଯୁକ୍ତଙ୍କୁ ଜେରା ବେଳେ ସେ ଆନ୍ଧ୍ରପ୍ରଦେଶରୁ କଞ୍ଚାମାଲ ଓ କଲିକତାରୁ ଲେଭଲ ଠିପି ଇତ୍ୟାଦି ଆଣି ଅପମିଶ୍ରଣ କରି ତାହାକୁ ବ୍ରାଣ୍ଡ ତେଲ ଭାବେ ଷ୍ଟିକର ମାରି ବଜାରରେ ବିକ୍ରି କରୁଥିଲେ ବୋଲି ସ୍ୱୀକାର କରିଥିବା ଥାନାଧିକାରୀ ବାବା ଶଙ୍କର ସରଫ ସୂଚନା ଦେଇଛନ୍ତି।

# ଯୋଡ଼ିଙ୍ଗା ପଞ୍ଚାୟତରେ ବ୍ୟାପିଛି ମ୍ୟାଲେରିଆ, ୨ ମୃତ

ରାଇଘର, ୨୫।୯ (କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଯୋଡ଼ିଙ୍ଗା ପଞ୍ଚାୟତରେ ମ୍ୟାଲେରିଆ ବ୍ୟାପିଛି। ପଞ୍ଚାୟତ ଅଧୀନ ସାନପାରା ଓ ବଡ଼ପାରା ଗାଁରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ବୁଧବାର ସାନପାରା ଗ୍ରାମର ରାଇସିଂ ଗଣ୍ଡ (୧୮) ଓ ବଡ଼ପାରା ଗ୍ରାମର ବିଷ୍ଣୁ ଗଣ୍ଡ (୨୦)ଙ୍କ ମୃତ୍ୟୁ ହୋଇଛି। ମ୍ୟାଲେରିଆରେ ବିଷ୍ଣୁଙ୍କର ମୃତ୍ୟୁ ହୋଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ରାଇସିଂ ବାହାରେ ଚିକିତ୍ସିତ ହେଉଥିବାରୁ ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ହାଟଭରଣ୍ଡୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଟିମ୍ ଓ ଜିଲା ମ୍ୟାଲେରିଆ ନିରାକରଣ ଟିମ୍ ଗାଁରେ ଆକ୍ରାନ୍ତଙ୍କ ଚିକିତ୍ସା କରୁଛନ୍ତି।

ସୂଚନାନୁଯାୟୀ, କିଛିଦିନ ତଳେ ଏହି ୨ ଗ୍ରାମର ୨୩ଜଣ ରାୟଗଡ଼ା ଜିଲା ପାଞ୍ଚବାଇକୁ ନୀଳଗିରି ଗଛ କାଟିବାକୁ ଯାଇଥିଲେ। ସେମାନେ ସେଠାରେ ଅସୁସ୍ଥ ହେବାରୁ ୧୦ଦିନ କାମ କରି ୧୫ ତାରିଖରେ ଗାଁକୁ ଫେରିଆସିଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅନ୍ୟ କେତେଜଣ କ୍ୱାକ୍‌ଙ୍କ ପାଖରେ ଚିକିତ୍ସିତ ହେଉଥିଲେ। ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖାଇ ଘରେ ରହି ଚିକିତ୍ସିତ ହେଉଥିବା ବିଷ୍ଣୁଙ୍କର ବୁଧବାର ମୃତ୍ୟୁ ହୋଇଛି। ଏଥିସହ ଜର ହେତୁ କ୍ୱାକ୍‌ଙ୍କୁ ଦେଖାଇ ଚିକିତ୍ସିତ ହେଉଥିବା ରାଇସିଂଙ୍କର ମଧ୍ୟ ବୁଧବାର ମୃତ୍ୟୁ ହୋଇଛି। ବର୍ତ୍ତମାନ ଯାଏ ରାୟଗଡ଼ାରୁ ଫେରିଥିବା ୧୧ ଓ ଉଭୟ ଗାଁରୁ ୫ଜଣଙ୍କ ମ୍ୟାଲେରିଆ ପଜିଟିଭ ଚିହ୍ନଟ ହୋଇଛି। ଉଭୟ ଗାଁରେ ମେଡିକାଲ ଟିମ୍ ୨୫୦ ଜଣଙ୍କର ରକ୍ତ ନମୁନା ସଂଗ୍ରହ କରିଛି। ସମସ୍ତଙ୍କୁ ଔଷଧ ଦିଆଯାଇଛି। ଲୋକଙ୍କୁ ସଚେତନତା କରାଯାଉଛି। ମଶାରି ବ୍ୟବହାର କରୁଛନ୍ତି କି ନାହିଁ ତାହାର ତଦାରଖ ଆଶା ଓ ମହିଳା ସ୍ୱାସ୍ଥ୍ୟକର୍ମୀ କରିବେ ବୋଲି ସିଡିଏମ୍ଓ ମଳୟ କୁମାର ତ୍ରିପାଠୀ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଷ୍ଟିଲ୍‌ସିଟିରେ ପୁଣି ...

ପୀଡ଼ିତା ଏକୁଟିଆ ହୋଇଯାଇଥିଲେ। ବିଳମ୍ବିତ ରାତିରେ ପୀଡ଼ିତା ଘରକୁ ନ ଫେରିବାରୁ ତାଙ୍କ ବାପା ଖୋଜାଖୋଜି କରିଥିଲେ ଏବଂ ଉକ୍ତ ହୋଟେଲ ପରିସରରେ ତାଙ୍କୁ ଦେଖିଥିଲେ। ଥାନାରେ ଅଭିଯୋଗ ହେବା ପରେ ପୋଲିସ କେତେଜଣ ଯୁବକ ଏବଂ ତାଙ୍କ ପରିବାର ଲୋକଙ୍କୁ ଥାନାରେ ଅଟକ ରଖିଥିବା ଚର୍ଚ୍ଚା ହେଉଛି।

## ଥାନାକୁ ନେଇ ଦ୍ୱନ୍ଦ୍ୱ, ପୀଡ଼ିତାଙ୍କ ପରିବାର ହଟହଟା

ନାବାଳିକା ଗଣବଳାତ୍କାର ମାମଲାରେ ମଙ୍ଗଳବାର ପୀଡ଼ିତାଙ୍କ ପରିବାର ଲୋକେ ଥାନାରେ ଏତଲା ଦେବା ସମୟରେ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଘଟଣାଟି କେଉଁ ଥାନା ଅଧୀନରେ ଯାଉଛି ବୋଲି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ଫଳରେ ପୀଡ଼ିତାଙ୍କ ପରିବାର ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଶେଷରେ ପୀଡ଼ିତା ଯାଇଥିବା ହୋଟେଲ ରଘୁନାଥପାଲୀ ଥାନା ଅଞ୍ଚଳରେ ଆସୁଥିବାରୁ ସେଠାରେ ଏତଲା ଦିଆଯାଇଥିଲା।

## ମହାଲକ୍ଷ୍ମୀ ହତ୍ୟାକାଣ୍ଡ...

ମହାଲକ୍ଷ୍ମୀଙ୍କୁ ହତ୍ୟା ପରେ ୫୦ ଖଣ୍ଡ କରି ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକୁ ଉକ୍ତ ରେଫ୍ରିଜରେଟରରେ ଭର୍ତ୍ତି କରାଯାଇଥିବା ନେଇ ପୋଲିସ ସେତେବେଳେ କହିଥିଲା। ଇତିମଧ୍ୟରେ ହତ୍ୟାକାରୀଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଥିଲା। ତଦନ୍ତ ପରେ ବେଙ୍ଗାଲୁରୁ ପୋଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲେ ହେଁ ଗିରଫ କରିପାରି ନ ଥିଲା। କାରଣ ଅଭିଯୁକ୍ତ ଏହି କାଣ୍ଡ ଭିଆଇବା ପରେ ସେଠାରୁ ଫେରାର ହୋଇଯାଇଥିଲେ। ପୋଲିସ ଚିହ୍ନଟ କରିଥିବା ବ୍ୟକ୍ତି ଜଣକ ହେଲେ ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ ଆରଡ଼ି ଫାଣ୍ଡି ଅଧୀନ ଭୂଇଁପୁର ଗ୍ରାମର ମୁକ୍ତିରଞ୍ଜନ ରାୟ। ପୋଲିସ ସୂତ୍ରରୁ ଜଣାପଡ଼ିଛି ଯେ, ମହାଲକ୍ଷ୍ମୀ ଯେଉଁ ମଲ୍‌ରେ କାର୍ଯ୍ୟ କରୁଥିଲେ, ମୁକ୍ତିରଞ୍ଜନ ସେଠାରେ ଟିମ୍ ହେଡ୍ ଭାବେ ନିଯୁକ୍ତ ହୋଇଥିଲେ। ଏକସଙ୍ଗେ କାର୍ଯ୍ୟ କରିବା ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ତେବେ ଅନ୍ୟ ଜଣେ ଯୁବକଙ୍କ ସହ ମହାଲକ୍ଷ୍ମୀଙ୍କ ଘନିଷ୍ଠତା ବଢୁଥିବା ଦେଖି ମୁକ୍ତିରଞ୍ଜନ ଏହାକୁ ବିରୋଧ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ଲାଗିରହୁଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ମୁକ୍ତିରଞ୍ଜନ ମହାଲକ୍ଷ୍ମୀଙ୍କୁ ଜୀବନରେ ମାରିଦେବା ପରେ ତାଙ୍କ ମୃତଦେହକୁ ୫୦ ଖଣ୍ଡ କରି ଫ୍ରିଜ୍‌ରେ ଲୁଚାଇବା ପରେ ସେଠାରୁ ଓଡ଼ିଶାକୁ ଫେରାର ହୋଇଯାଇଥିଲେ। ଏପରି କି ମୁକ୍ତିରଞ୍ଜନ ଧରା ନ ପଡ଼ିବା ପାଇଁ ନିଜ ମୋବାଇଲ ଫୋନ୍‌କୁ ସୁଇଚ୍ ଅଫ୍ କରିଦେଇଥିଲେ। ଶେଷ ଥର ପାଇଁ ଓଡ଼ିଶା-ପଶ୍ଚିମବଙ୍ଗ ସୀମାରେ ତାଙ୍କ ମୋବାଇଲ୍ ଲୋକେଶନ୍ ଠାବ କରାଯାଇଥିଲା। ଗତ ୨୩ ତାରିଖରେ କର୍ଣ୍ଣାଟକ ଗୃହମନ୍ତ୍ରୀ ଜି. ପରମେଶ୍ୱର ଏହି ଚାଞ୍ଚଲ୍ୟକର ଘଟଣାକୁ ନେଇ ଏକ ଖବରଦାତା ସମ୍ମିଳନୀ କରିଥିଲେ। ପ୍ରେସ୍ ମିଟ୍‌ରେ ପରମେଶ୍ୱର କହିଥିଲେ, ମୁଖ୍ୟ ସନ୍ଦିଗ୍ଧ ଓଡ଼ିଶାର ହୋଇଥିବାବେଳେ ବେଙ୍ଗାଲୁରୁରେ ରହୁଥିଲେ। ଅପରାଧ ଘଟାଇବା ପରଠୁ ସେ ପଶ୍ଚିମବଙ୍ଗରେ ରହୁଥିବାରୁ ତାଙ୍କୁ ଧରାଯାଇପାରି ନାହିଁ। ସେପଟେ ମହାଲକ୍ଷ୍ମୀଙ୍କ ସମ୍ପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଥିଲା, ଯାହାକୁ ନେଇ ପୋଲିସର ତଦନ୍ତ ଆଗକୁ ବଢ଼ିପାରିଥିଲା। ମହାଲକ୍ଷ୍ମୀ ଶେଷ ଥର ପାଇଁ ସେପ୍ଟେମ୍ବର ୧ରେ ମଲ୍‌କୁ କାର୍ଯ୍ୟ କରିବା ପାଇଁ ଯାଇଥିଲେ। ୨ ତାରିଖରୁ ତାଙ୍କ ମୋବାଇଲ୍ ସୁଇଚ୍ ଅଫ୍ ହୋଇଯାଇଥିବା ପରିବାର ଲୋକେ କହିଥିଲେ। ୨୧ ତାରିଖରେ ମହାଲକ୍ଷ୍ମୀଙ୍କ ରୁମ୍‌ରୁ ପଚା ଗନ୍ଧ ଆସୁଥିବା ଜାଣିବା ପରେ ଆପାର୍ଟମେଣ୍ଟ ମାଲିକ ତାଙ୍କ ଘରକୁ ଖବର ଦେଇଥିଲେ। ମା' ଓ ବଡ଼ ଭଉଣୀ ସେହି ଦିନ ଉକ୍ତ ଆପାର୍ଟମେଣ୍ଟର ସିଙ୍ଗଲ ବେଡ୍ ରୁମ୍‌କୁ ଯାଇ ଦେଖିବା ବେଳକୁ ଫ୍ରିଜ୍‌ରେ ତାଙ୍କ କଟା ମୃତଦେହ ରହିଥିଲା। ଅନ୍ୟପକ୍ଷେ ମୁକ୍ତିରଞ୍ଜନ ମଙ୍ଗଳବାର ରାତିରେ ନିଜ ଗାଁ ଭୂଇଁପୁରରେ ପହଞ୍ଚିଥିଲେ। ସେ ରାତି ୪ଟାରେ ଏକ ସ୍କୁଟିରେ ଭଦ୍ରକ ଯିବେ କହି ଘରୁ ବାହାରି ଆସିଥିଲେ। କର୍ଣ୍ଣାଟକ ପୋଲିସର ୪ଟି ଟିମ୍ ଖୋଜି ଖୋଜି ଓଡ଼ିଶାରେ ପହଞ୍ଚିଥିବା ଜାଣିବାକୁ ପାଇ ସେ ଚମ୍ପାସାହି ମୁଖ୍ୟ ରାସ୍ତାକଡ଼ କୁଳେଇପଦାସ୍ଥିତ ଶ୍ମଶାନ ନିକଟ ଏକ ଗଛରେ ଝୁଲିପଡ଼ି ଆତ୍ମହତ୍ୟା କରିଥିଲେ। ଆରଡ଼ି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏ ନେଇ ଧୂଷୁରୀ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩୩/୨୪) ରୁଜୁ କରାଯାଇଛି। ମୃତଦେହ ନିକଟରୁ ତାଙ୍କ ସ୍କୁଟି, ଲାପଟପ୍ ଓ ଡାଏରି ଭଳି କେତେକ ସାମଗ୍ରୀ ଜବତ ହୋଇଛି। ଏହି ଡାଏରିରେ ଆତ୍ମହତ୍ୟା ସମ୍ପର୍କିତ ଲେଖା ରହିଥିବା ଏସ୍‌ପି ବରୁଣ ଗୁଣ୍ଟୁପାଲି ସୂଚନା ଦେଇଛନ୍ତି। ତେବେ ମୁକ୍ତିରଞ୍ଜନଙ୍କ ଘରେ ପୋଲିସ ପହଞ୍ଚି ପରିବାର ଲୋକଙ୍କୁ ପଚରାଉଚରା କରିବା ସହ ଅଧିକ ତଦନ୍ତ ଜାରି ରଖିଛି। ଇତିମଧ୍ୟରେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହୋଇଥିଲା ଯେ, ମୃତଦେହକୁ ୫୦ ଖଣ୍ଡ ନୁହେଁ, ବରଂ ୫୯ ଖଣ୍ଡ କରାଯାଇଥିଲା। ହତ୍ୟା ପୂର୍ବରୁ ତାଙ୍କୁ ବିଷ ଦିଆଯାଇଥିଲା କି ନାହିଁ ତାହା ସ୍ପଷ୍ଟ କରିବା ପାଇଁ ନମୁନାକୁ ଟକ୍ସିକୋଲୋଜି ଅଧ୍ୟୟନ ପାଇଁ ପଠାଯାଇଥିଲା। ଫରେନ୍‌ସିକ୍ ଯାଞ୍ଚବେଳେ ମଧ୍ୟ ଫ୍ରିଜ୍‌ରେ ଥିବା ଫିଙ୍ଗରପ୍ରିଣ୍ଟକୁ ତନ୍ନ ତନ୍ନ କରି ପରୀକ୍ଷା କରାଯାଇଥିଲା। ଏନେଇ ମହାଲକ୍ଷ୍ମୀଙ୍କ ସ୍ୱାମୀ ହେମନ୍ତ କହିଛନ୍ତି, ଅଶ୍ରଫ୍ ନାମକ ଜଣେ ବ୍ୟକ୍ତିଙ୍କ ସହ ତାଙ୍କ ପ୍ରେମ ସମ୍ପର୍କ ରହିଥିଲା। ମହାଲକ୍ଷ୍ମୀ ତାଙ୍କ ସହ ନିୟମିତ ଭାବେ ମିଳାମିଶା କରୁଥିଲେ। ୨୦୨୩ ଏପ୍ରିଲ-ମେ'ରେ ସେ ଏହି ବିଷୟରେ ଜାଣିବାକୁ ପାଇଥିଲେ।

## ଗୁଣବତ୍ତା ଯାଞ୍ଚରେ ...

ଊର୍ଦ୍ଧ୍ୱ ଔଷଧ ଫେଲ୍ ହୋଇଛି। ସିଡିଏସ୍‌ସିଓ ପକ୍ଷରୁ ପ୍ରକାଶିତ ସଦ୍ୟ ମାସିକ ଡ୍ରଗ୍ ଆଲର୍ଟରେ ଏହି ଔଷଧଗୁଡ଼ିକର ଗୁଣବତ୍ତା ଉପଯୁକ୍ତ ମାନର ହୋଇ ନ ଥିବା ଦର୍ଶାଯାଇଛି। ବଜାରରେ ସର୍ବାଧିକ ବିକ୍ରି ହେଉଥିବା ଭିଟାମିନ୍ ସି ଏବଂ ଡି୩ ଟାବ୍‌ଲେଟ୍ ଶେଲ୍‌କାଲ, ଭିଟାମିନ୍ ବି କମ୍ପ୍ଲେକ୍ସ ଏବଂ ଭିଟାଭିନ୍ ସି ସଫ୍ଟଜେଲ, ଆଣ୍ଟାସିଡ୍ ପାନ୍-ଡି, ପାରାସିଟାମୋଲ୍ ଟାବ୍‌ଲେଟ୍ ଆଇପି ୫୦୦ ଏମ୍‌ଜି, ମଧୁମେହ ନିରୋଧୀ ଔଷଧ ଗ୍ଲିମେପିରିଡେ, ଉଚ୍ଚ ରକ୍ତଚାପ ଔଷଧ ଟେଲ୍‌ମିସାର୍ଟନ ଭଳି ଅନେକ ଔଷଧ ଗୁଣବତ୍ତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନ ଥିବା ଡ୍ରଗ୍ ନିୟନ୍ତ୍ରକ କହିଛି। ଏହି ଔଷଧଗୁଡ଼ିକର ନିର୍ମାତା ହେଲେ ହେଟେରୋ ଡ୍ରଗ୍ସ, ଆଲ୍‌କେମ ଲାବୋରେଟୋରିଜ୍, ହିନ୍ଦୁସ୍ଥାନ ଆଣ୍ଟିବାୟୋଟିକ୍ ଲିମିଟେଡ୍ (ଏଚ୍‌ଏଏଲ୍), କର୍ଣ୍ଣାଟକ ଆଣ୍ଟିବାୟୋଟିକ୍ସ ଆଣ୍ଡ ଫାର୍ମାସ୍ୟୁଟିକାଲ୍ସ ଲିମିଟେଡ୍, ମେଗ୍ ଲାଇଫ୍‌ସାଇନ୍ସେସ୍, ପିଓର୍ ଆଣ୍ଡ କିଓର ହେଲ୍‌ଥ ଭଳି ନାମୀ କମ୍ପାନୀ। ପେଟବ୍ୟଥା ଇନ୍‌ଫେକ୍ସନ ଚିକିତ୍ସା ପାଇଁ ବହୁଳ ବ୍ୟବହୃତ ମେଟ୍ରୋନାଇଡାଜୋଲର ନିର୍ମାତା ହେଉଛି ସରକାରୀ ଉଦ୍ୟୋଗ ଏଚ୍‌ଏଏଲ୍, ଯାହାକି ଗୁଣବତ୍ତା ଯାଞ୍ଚରେ ଫେଲ୍ ହୋଇଥିବା ଔଷଧଗୁଡ଼ିକ ମଧ୍ୟରେ ରହିଛି। ଅନୁରୂପ ଭାବେ ଉତ୍ତରାଖଣ୍ଡସ୍ଥିତ ପିଓର ଆଣ୍ଡ କିଓର ହେଲ୍‌ଥକେୟାର ଦ୍ୱାରା ପ୍ରସ୍ତୁତ ତଥା ଟୋରେଣ୍ଟ ଫାର୍ମାସ୍ୟୁଟିକାଲ ବିତରକ ଥିବା ଶେଲ୍‌କାଲ ମଧ୍ୟ ଯାଞ୍ଚରେ ଉତ୍ତୀର୍ଣ୍ଣ ହୋଇନାହିଁ। ସେହିପରି କୋଲକାତାର ଏକ ଡ୍ରଗ୍-ଟେଷ୍ଟିଂ ଲ୍ୟାବ୍ ଆଲ୍‌କେମ ହେଲ୍‌ଥ ସାଇନ୍ସର ଆଣ୍ଟିବାୟୋଟିକ୍ସ କ୍ଲାଭମ୍ ୬୨୫ ଏବଂ ପାନ୍ ଡି'ରେ ବିଷାକ୍ତ ରାସାୟନିକ ପଦାର୍ଥ ଥିବା ଜାଣିବାକୁ ପାଇଛି। ଔଷଧ ନିୟନ୍ତ୍ରକ ସିଡିଏସ୍‌ସିଓ କ୍ୱାଲିଟି ଟେଷ୍ଟରେ ଫେଲ୍ ହୋଇଥିବା ଔଷଧଗୁଡ଼ିକର ୨ଟି ତାଲିକା ଜାରି କରିଛି। ଗୋଟିଏ ତାଲିକାରେ ୪୮ଟି ଲୋକପ୍ରିୟ ମେଡିସିନ୍ ଥିବାବେଳେ ଅନ୍ୟଟିରେ ଅତିରିକ୍ତ ୫ଟି ଡ୍ରଗ୍ସର ନାମ ଉଲ୍ଲେଖ କରାଯାଇଛି। ଦ୍ୱିତୀୟ ତାଲିକାରେ ଏକ ରିପ୍ଲାଏ ସେକ୍ସନ ରହିଛି, ଯହିଁରେ ଏହି ଯାଞ୍ଚ ବେଳେ ଫେଲ୍ ହୋଇଥିବା ଫାର୍ମା କମ୍ପାନୀଗୁଡ଼ିକୁ ଜବାବ ମଗାଯାଇଥିଲା। ତେବେ ସମ୍ପୃକ୍ତ କମ୍ପାନୀଗୁଡ଼ିକ ଏଥିପାଇଁ ନିଜକୁ ଉତ୍ତରଦାୟୀ ମଣୁ ନ ଥିବା ସେଗୁଡ଼ିକର ଜବାବରୁ ସଙ୍କେତ ମିଳିଛି। ହାଇଦ୍ରାବାଦସ୍ଥିତ ହେଟେରୋ ଦ୍ୱାରା ପ୍ରସ୍ତୁତ ତଥା ପିଲାଙ୍କ ବ୍ୟାକ୍ଟେରିଆଲ୍ ଇନ୍‌ଫେକ୍ସନ ପାଇଁ ବ୍ୟବହୃତ କେପୋଡେମ୍ ଏକ୍ସପି ୫୦ ଡ୍ରାଏ ସସ୍‌ପେନ୍‌ସନ୍‌କୁ ମଧ୍ୟ ନିମ୍ନମାନର ବୋଲି ଦର୍ଶାଯାଇଛି। ସବୁଠୁ ଉଦ୍‌ବେଗଜନକ ବିଷୟ ହେଲା କର୍ଣ୍ଣାଟକ ଆଣ୍ଟିବାୟୋଟିକ୍ସ ଆଣ୍ଡ ଫାର୍ମାସ୍ୟୁଟିକାଲ୍ସ ଲିମିଟେଡ୍‌ର ପାରାସିଟାମୋଲ ଉପଯୁକ୍ତ ଗୁଣବତ୍ତାଯୁକ୍ତ ନୁହେଁ। ପ୍ରକାଶ ଯେ, ସିଡିଏସ୍‌ସିଓ ଗତ ଅଗଷ୍ଟରେ ଭାରତୀୟ ବଜାରରେ ଉପଲବ୍ଧ ୧୫୬ରୁ ଊର୍ଦ୍ଧ୍ୱ ଫିକ୍ସଡ-ଡୋଜ୍ କମ୍ବିନେଶନ୍ସ (ନିର୍ଦ୍ଧାରିତ ପରିମାଣର ଉପାଦାନକୁ ନେଇ ପ୍ରସ୍ତୁତ) ଔଷଧକୁ ମଣିଷଙ୍କ ପାଇଁ ବିପଜ୍ଜନକ ଦର୍ଶାଇ ସେଗୁଡ଼ିକର ବିକ୍ରି ଓ ସେବନ ଉପରେ ରୋକ ଲଗାଇଥିଲା। ଏହି ମେଡିସିନ୍‌ଗୁଡ଼ିକ ମଧ୍ୟରେ ରହିଥିଲା ଜ୍ୱର ଔଷଧ, ପେନ୍‌କିଲର ଏବଂ ଆଲର୍ଜି ଟାବ୍‌ଲେଟ୍।

## ହୋମଯଜ୍ଞ ଆଳରେ ...

ହୋମଯଜ୍ଞ ହେବା ପୂର୍ବରୁ ନିଶ୍ଚିତ ସେଠାରେ ସବୁ ଜିନିଷ କଢ଼ାଯାଇ ସଫା କରାଯାଇଥିବ। ପୋଲିସ୍ ଥାନା ଭଳି ସାର୍ବଜନୀନ ସ୍ଥାନରେ ପ୍ରମାଣ ନଷ୍ଟ କରିଦେବାର ଚତୁର ଉଦ୍ୟମ ପାଇଁ ନିଶ୍ଚିତ ଭାବେ ଉଚ୍ଚପଦସ୍ଥ ଅଫିସଙ୍କ ଅନୁମତି ଲୋଡ଼ାଯାଇଛି କି ନାହିଁ ତାହା ଅଜଣା। ଗୋଟିଏ ପଟେ କ୍ରାଇମବ୍ରାଞ୍ଚ ତଦନ୍ତ ଚାଲିଛି। ତେଣୁ ଆଇଆଇସି ପୂଜା କରିବା ପୂର୍ବରୁ କ୍ରାଇମବ୍ରାଞ୍ଚର ଯେଉଁ ଆଇଓ(ଇନ୍‌ଭେଷ୍ଟିଗେଶନ ଅଫିସର) ରହିଛନ୍ତି ତାଙ୍କ ଠାରୁ ଅନୁମତି ଏଥିଲାଗି ନେଇଛନ୍ତି ନା ନାହିଁ ତାହା ତଦନ୍ତ ହେବା ଦରକାର। ସେହିପରି କମିଶନ ନିଯୁକ୍ତ ହୋଇସାରିଛନ୍ତି। କମିଶନ ଚାହିଁଲେ ଥାନାକୁ ଯାଇ ତଦନ୍ତ ପ୍ରକ୍ରିୟା ଦେଖିପାରନ୍ତି। ଏହା ପୂର୍ବରୁ ଥାନା ଭିତରେ ସଫା କରାଯିବା ମଧ୍ୟ ଠିକ୍ ନୁହେଁ। ତେଣୁ ଏସବୁ ଲାଗି ପ୍ରଥମେ ଅନୁମତି ନେବାର ଆବଶ୍ୟକତା ରହିଛି। ଯଦି ଏସବୁ ହେଇ ନ ଥିବ ତେବେ ଏହା ବିଏନ୍‌ଏସ୍ ସେକ୍ସନ ୨୩୮ର ଖୋଲା ଉଲ୍ଲଂଘନ ବୋଲି ଧରି ନିଆଯିବ। ଏହା କିପରି କରାଯାଇଛି ନିଶ୍ଚିତ ଭାବେ ଏହା ସନ୍ଦେହ ସୃଷ୍ଟି କରୁଛି ବୋଲି ସୌରଚନ୍ଦ୍ର କହିଛନ୍ତି। ଯେକୌଣସି ତଦନ୍ତ ପ୍ରକ୍ରିୟାର ମୌଳିକ କଥା ପୋଲିସକୁ ଜଣାଥିବାବେଳେ ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ପୋଲିସର ଭୂମିକା ସନ୍ଦେହ ସୃଷ୍ଟି କରିଛି। ଏ କ୍ଷେତ୍ରରେ ମଧ୍ୟ ପୋଲିସ କମିଶନରଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହି ଘଟଣାରେ ପୋଲିସ ନିଜ ଭୁଲ୍‌କୁ ଲୁଚାଇବା ସକାଶେ ରାତାରାତି ମହିଳାଙ୍କ ଏକାଧିକ ଭିଡିଓ ଆଣି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଦେଲେ। ଉଚ୍ଚପଦସ୍ଥ ପୋଲିସ ଅଧିକାରୀଙ୍କ ବିନା ଇଙ୍ଗିତରେ ଏତେଗୁଡ଼ିଏ ଭିଡିଓ ବିଭିନ୍ନ ସ୍ଥାନରୁ ଆସି ପୋଷ୍ଟହେବା ମଧ୍ୟ ଏତେ ସହଜ ନୁହେଁ। ଏହି ଭିଡିଓଗୁଡ଼ିକ କିଏ ପୋଷ୍ଟ କରିଛନ୍ତି ସେକଥାରେ ମଧ୍ୟ ପୋଲିସ କିମ୍ବା କ୍ରାଇମବ୍ରାଞ୍ଚ ଏ ପର୍ଯ୍ୟନ୍ତ ମୁହଁ ଖୋଲୁନାହାନ୍ତି। ତେଣୁ ଏହି ଘଟଣାରେ ପୋଲିସ ଜାଣିଶୁଣି ବଦନାମରୁ ରକ୍ଷା ପାଇବା ଲାଗି ନିଜର ସବୁ ବଳ ଲଗାଇ ଦେଇଛି। ପୋଲିସ କମିଶନର ନିଜେ ଭରତପୁର ନୂଆ ଥାନା ବିଲ୍ଡିଂର ଉଦ୍‌ଘାଟନୀ ଉତ୍ସବରେ ଥାନାରେ ସିସିଟିଭି ଲାଗିଥିବା କଥା କହିଥିଲେ। ହେଲେ ଏତେବଡ଼ ଘଟଣା ଘଟିବା ପରେ ଥାନାରେ ସିସିଟିଭି ନ ଥିବା କଥା କୁହାଗଲା। ହେଲେ ଏ ବାବଦରେ ଏପର୍ଯ୍ୟନ୍ତ କମିଶନର ପଦଟିଏ ହେଲେ ମୁହଁ ଖୋଲୁନାହାନ୍ତି। ଏସବୁ କଥା ଜନସାଧାରଣ ସାମାଜିକ ଗଣମାଧ୍ୟମ ଜରିଆରେ ବାରମ୍ବାର ପ୍ରଶ୍ନ କରିଛନ୍ତି। ଏଥିସହିତ କମିଶନରେଟ ପୋଲିସ୍‌ର ସର୍ବୋଚ୍ଚରେ ଥିବା ଅଫିସରମାନଙ୍କୁ ଅଧିକ ସମୟ ସେହି ସ୍ଥାନରେ ରଖାଗଲେ ସ୍ୱାଭାବିକ ନ୍ୟାୟଗତ ତଦନ୍ତ କରାଇ ଦିଆଯିବ ନାହିଁ ବୋଲି ସାମାଜିକ ଗଣମାଧ୍ୟମର ଆଲୋଚନା ହେଉଛି।

## ପଲିଗ୍ରାଫ୍ ଟେଷ୍ଟ ...

କରିଥିଲା। ପ୍ରାୟ ୯ଟାରେ ମେଜର ଓ ତାଙ୍କ ବାନ୍ଧବୀ ଥାନାରେ ପହଞ୍ଚିଥିଲେ। ସେଠାରେ ଉଭୟେ ସେମାନଙ୍କ ସହ ହୋଇଥିବା ଦୁର୍ବ୍ୟବହାର ଓ ନିର୍ଯାତନା ଘଟଣାର ସମ୍ପୂର୍ଣ୍ଣ କାହାଣୀ ତଦନ୍ତକାରୀ ଟିମ୍ ଆଗରେ ବର୍ଣ୍ଣନା କରିଥିଲେ। କେତେବେଳେ ସେମାନେ ଥାନାରେ ପହଞ୍ଚିଥିଲେ, କିଏ ପ୍ରଥମେ ପୀଡ଼ିତାଙ୍କୁ ଦୁର୍ବ୍ୟବହାର କରିଥିଲେ, ଆର୍ମି ମେଜରଙ୍କୁ ହାଜତ ଭିତରେ କେଉଁମାନେ ଭର୍ତ୍ତି କରିଥିଲେ, ଆଇଆଇସିଙ୍କ ଭୂମିକା କ'ଣ ଥିଲା ଆଦି ବିଷୟରେ ଉଭୟ କହିଥିଲେ। ଏହି ସମୟରେ ଫରେନ୍‌ସିକ୍ ଟିମ୍ ୩ଡି କ୍ୟାମେରା ଜରିଆରେ ଭିଡିଓଗ୍ରାଫି କରିଥିଲେ। ତେବେ ଥାନାରେ ସିନ୍ ରିକ୍ରିଏଶନ୍ ହେବା ପରେ ସମସ୍ତେ ସୁନ୍ଦରପୁର ଗୋଲେଇ ଛକ ନିକଟରେ ପହଞ୍ଚିଥିଲେ। ସେଠାରେ ହିଁ ସେପ୍ଟେମ୍ବର ୧୪ ରାତିରେ ଯୁବକମାନଙ୍କ ସହ ମେଜର ଓ ବାନ୍ଧବୀଙ୍କ ବଚସା ଏବଂ ପରେ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣା କେଉଁ ପରିସ୍ଥିତିରେ ଏବଂ କାହିଁକି ଘଟିଲା, କ୍ୟାପ୍‌ଟେନ ଓ ବାନ୍ଧବୀ କେମିତି ଅଭିଯୁକ୍ତଙ୍କ ଦ୍ୱାରା ଆକ୍ରମଣର ଶିକାର ହୋଇଥିଲେ ତାହାର ତଥ୍ୟ କ୍ରାଇମବ୍ରାଞ୍ଚ ଟିମ୍ ହାସଲ କରିଛି। ପୀଡ଼ିତା ଓ କ୍ୟାପଟେନ୍ ଉକ୍ତ ରାତିର ସବୁ ଘଟଣା ଗୋଟି ଗୋଟି କରି କ୍ରାଇମବ୍ରାଞ୍ଚ ଟିମ୍‌କୁ କହିଥିଲେ। ସେନା ଅଧିକାରୀ ଓ ପୋଲିସ ସୁରକ୍ଷା ବଳୟରେ ଉକ୍ତ ସ୍ଥାନରେ ସିନ୍ ରିକ୍ରିଏଶନ୍ ହେବା ସହ ଏହାର ଭିଡିଓଗ୍ରାଫି ହୋଇଥିଲା। ପରେ ଦିନ ପ୍ରାୟ ୧ଟା ୩୦ ବେଳେ ପୁଣି ଭରତପୁର ଥାନାରେ ନିଲମ୍ବିତ ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ସିନ୍ ରିକ୍ରିଏଶନ୍ ହୋଇଥିଲା। ଇନ୍‌ସ୍ପେକ୍ଟର ଦୀନକୃଷ୍ଣ ମିଶ୍ରଙ୍କ ବ୍ୟତୀତ ଏସ୍‌ଆଇ ବୈଶାଳିନି ପଣ୍ଡା, ଏଏସ୍‌ଆଇ ସାଗରିକା ରଥ, ଏଏସ୍‌ଆଇ ସଲିଳମୟୀ ସାହୁ ଓ ବଳରାମ ହାଁସଦା ଥାନାରେ ଉପସ୍ଥିତ ରହି ଉକ୍ତ ଦିନ ରାତିର ଘଟଣା ବର୍ଣ୍ଣନା କରିଥିଲେ।

## ସୁଭଦ୍ରା: ମାର୍ଚ୍ଚ ୮ ପୂର୍ବରୁ...

ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ବାଣ୍ଟିଥିଲେ। ଏଥିପାଇଁ ୧୨୫୦ କୋଟି ୫୫ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଏହି ଯୋଜନା ଅଧୀନରେ ୨୧ରୁ ୬୦ ବର୍ଷ ବୟସର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ୫ ବର୍ଷ (୨୦୨୪-୨୫ରୁ ୨୦୨୮-୨୯ )ମଧ୍ୟରେ ୫୦ ହଜାର ଟଙ୍କା ମିଳିବ। ୨ଟି କିସ୍ତିରେ ବାର୍ଷିକ ୧୦ ହଜାର ଟଙ୍କା ହିତାଧିକାରୀଙ୍କୁ ଡିବିଟି ମାଧ୍ୟମରେ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବ।

# ସର୍ବୋଚ୍ଚ ସ୍ତରରେ ଶେୟାର ବଜାର କାରବାର

■ ୮୫,୧୭୦ ଅଙ୍କ ନିକଟବର୍ତ୍ତୀ ସେନସେକ୍ସ

■ ୨୬,୦୦୦ ଅଙ୍କ ଉପରେ ନିଫ୍ଟି



ମୁମ୍ବାଇ,୨୫।୯

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ମଧ୍ୟରେ ଭାରତୀୟ ଷ୍ଟକ୍ ମାର୍କେଟ ପ୍ରଥମ ଥର ପାଇଁ ଏକ ନୂଆ ମାଇଲଖୁଣ୍ଟ ସହ ଐତିହାସିକ ରେକର୍ଡ ସ୍ଥାପନ କରିଛି। ଏପରିକି ଘରୋଇ ଶେୟାର ବଜାର କାରବାର ବୁଧବାର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର କାରବାର ବୁଧବାର ପ୍ରଥମ ଥର ପାଇଁ ଘରୋଇ ଶେୟାର ବଜାରରେ ନୂଆ କୀର୍ତ୍ତିମାନ ହାସଲ କରିଛି। ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ରେ ୩୦ ଶେୟାର ବିଶିଷ୍ଟ ବିଏସ୍ଇ ସେନ୍‌ସେକ୍ସ ୦.୩୦% କାରବାର ସହିତ ୮୫,୧୭୦ ଅଙ୍କରେ ରହିଥିଲାବେଳେ ଏନ୍ଏସ୍ଇ ନିଫ୍ଟି ୦.୨୫% କାରବାର ସହ ୨୬,୦୦୪ ଅଙ୍କରେ କାରବାର ବନ୍ଦ କରିଥିଲା।

ଅପରପକ୍ଷରେ ବୁଧବାର ପ୍ରାରମ୍ଭରୁ ଉଭୟ ବିଏସ୍ଇ ଏବଂ ଏନ୍ଏସ୍ଇର କାରବାର ସବୁଜ ରଙ୍ଗରୁ ଆରମ୍ଭ ହୋଇ ସେହି ସବୁଜ ରଙ୍ଗରେ କାରବାର ବନ୍ଦ ହୋଇଥିଲା। ଏପରିକି କାରବାର ପ୍ରାରମ୍ଭରେ ସେନ୍‌ସେକ୍ସ ପ୍ରାୟ ୩୩୩ ପଏଣ୍ଟ (୩୩୩.୩୮) ବା ୦.୩୯% ବୃଦ୍ଧି ଘଟି ୮୫,୨୪୭.୪୨ ଅଙ୍କରେ ପହଞ୍ଚି ଯାଇଥିଲାବେଳେ ନିଫ୍ଟିର କାରବାର ୯୨.୪ ପଏଣ୍ଟ ବା ୦.୩୫% ବୃଦ୍ଧି ହୋଇ ୨୬,୦୩୨.୮୦ ଅଙ୍କ ଛୁଇଁଥିଲା। ସେହିପରି ଚଳିତ ସପ୍ତାହର କାରବାର ଶେଷ ସୁଦ୍ଧା ନିଫ୍ଟି ମିଡକାପ ୩୮୫. ୬୫ ପଏଣ୍ଟ ହ୍ରାସ ଘଟି ୬୦,୪୬୫.୧୫ଅଙ୍କରେ ଥିଲାବେଳେ ନିଫ୍ଟି ସ୍ମଲକାପ ୪୧.୨୫ ପଏଣ୍ଟ କମି ୯୨୯୫.୮୦ ଅଙ୍କରେ ପହଞ୍ଚିଛି। ଏପରିକି ନିଫ୍ଟି ବ୍ୟାଙ୍କ ୧୩୩.୦୫ ପଏଣ୍ଟ ବୃଦ୍ଧି ପାଇ ୫୪,୧୦୧.୬୫ ଅଙ୍କରେ କାରବାର ବନ୍ଦ କରିଥିଲା।

## ଶେୟାର ବଜାର କାରବାରରେ ଉତ୍ସାହ

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୨୫୬ (୨୫୫.୮୩) ପଏଣ୍ଟ ବଢ଼ି ୮୫,୧୭୦ (୮୫,୧୬୯.୮୭) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୬୪ (୬୩.୭୫) ପଏଣ୍ଟ ବୃଦ୍ଧି ଘଟି ୨୬,୦୦୪ (୨୬,୦୦୪.୧୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ବିଓବିର ନୂତନ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୨୫।୯

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ନୂତନ ଶାଖା ନିକଟରେ ଭୁବନେଶ୍ୱର କ୍ଷେତ୍ର ଅଧୀନ ରାଜସୁନାଖଳାଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଓବି ଭୁବନେଶ୍ୱର ଅଞ୍ଚଳର ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ସ୍ୱପ୍ନା ବନ୍ଦ୍ୟୋପାଧ୍ୟାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଓବି ଭୁବନେଶ୍ୱର କ୍ଷେତ୍ରର ଉପ-ମହାପ୍ରବନ୍ଧକ ତଥା କ୍ଷେତ୍ରୀୟ ମୁଖ୍ୟ ଭିଏମ୍ଏନ୍ଏସ୍ ସାଇବାବୁ, ସହାୟକ ମହାପ୍ରବନ୍ଧକ ତଥା ଉପ-କ୍ଷେତ୍ରୀୟ ମୁଖ୍ୟ ରାଜୀବ କୁମାର ସିହ୍ନାଙ୍କ ସମେତ ଶାଖା ପରିଚାଳକ ଦୀପକ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଏହି ନୂତନ ଶାଖାର ଶୁଭାରମ୍ଭ ସହ ବିଓବି ଭୁବନେଶ୍ୱର କ୍ଷେତ୍ରର ୫୯ତମ ଶାଖା ସହିତ ବ୍ୟାଙ୍କ ଏକ ନୂଆ ମାଇଲଖୁଣ୍ଟ ଅତିକ୍ରମ କରିଛି। ଏପରିକି ବ୍ୟାଙ୍କ ତା'ର ସର୍ଭିସ୍ ନେଟ୍‌ୱର୍କ ବୃଦ୍ଧି କରିବା ସହ ନୂତନ ସମ୍ଭାବ୍ୟ ଗ୍ରାହକ ଅଧିକରଣ ଏବଂ ରାଜ୍ୟରେ ବ୍ୟାଙ୍କର ଗ୍ରାହକଙ୍କ ଆଧାର ବଢ଼ାଇବାକୁ ଲକ୍ଷ୍ୟ ରଖିଛି।

# କ୍ଷୁଦ୍ର ସଞ୍ଚୟ ଯୋଜନାରେ ସୁଧ ହାର ବୃଦ୍ଧି ଆଶା

ଭୁବନେଶ୍ୱର,୨୫।୯ (ଅନୁରାଧା ମହାରଣା)

ସାରା ବିଶ୍ୱରେ ସୁଧ ହାର ହ୍ରାସ କରିବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଅକ୍ଟୋବର ଦ୍ୱିତୀୟ ସପ୍ତାହରେ, ଭାରତୀୟ ରିଜର୍ଭ ବ୍ୟାଙ୍କ ମଧ୍ୟ ମୁଦ୍ରାନୀତି କମିଟି(ଏମ୍‌ପିସି) ବୈଠକରେ ସୁଧ ହାର ସମ୍ପର୍କରେ ନିଷ୍ପତ୍ତିନେବାକୁ ଯାଉଛି। ଏଭଳି ପରିସ୍ଥିତିରେ, ୨୦୨୪-୨୫ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ପାଇଁ କ୍ଷୁଦ୍ର ସଞ୍ଚୟ ଯୋଜନାର ସୁଧ ହାରକୁ ନେଇ ସରକାର ଚଳିତ ମାସ ଶେଷରେ କେଉଁ ନିଷ୍ପତ୍ତି ନେବେ ତାହା ଉପରେ ସମସ୍ତଙ୍କ ନଜର ରହିଛି। ଅର୍ଥ ମନ୍ତ୍ରଣାଳୟର ଅର୍ଥନୈତିକ ବ୍ୟାପାର ବିଭାଗ ପିପିଏଫ୍, ସୁକନ୍ୟା ସମୃଦ୍ଧି ଯୋଜନା ସହ ଡାକଘର ଜମା ଯୋଜନାର ସୁଧ ହାର ଘୋଷଣା କରିବ। ସୂଚନା ଥାଉକି, ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ପାଇଁ ସୁଧ ହାରରେ କୌଣସି ପରିବର୍ତ୍ତନ ହୋଇନାହିଁ। ୨୦୨୪ ଅକ୍ଟୋବର ୧ରୁ ଡିସେମ୍ବର ୩୧, ୨୦୨୪ ମଧ୍ୟରେ ତୃତୀୟ ତ୍ରୈମାସିକରେ ମଧ୍ୟ ସରକାର କ୍ଷୁଦ୍ର ସଞ୍ଚୟ ଯୋଜନାର ସୁଧ ହାରରେ କୌଣସି ପରିବର୍ତ୍ତନ କରିବେ ନାହିଁ। ମାତ୍ର ଆର୍‌ବିଆଇ ଦ୍ୱାରା ସୁଧ ହାର ହ୍ରାସ କରିବାର ପ୍ରକ୍ରିୟା ଆରମ୍ଭହେବା ପରେ ସରକାର ମଧ୍ୟ କ୍ଷୁଦ୍ର ସଞ୍ଚୟ ଯୋଜନାର ସୁଧ ହାର ହ୍ରାସ କରବାର ସମ୍ଭାବନା ରହିଛି। ବର୍ତ୍ତମାନ ସୁକନ୍ୟା ସମୃଦ୍ଧି ଯୋଜନା ଉପରେ ବାର୍ଷିକ ୮.୨% ସୁଧ ଦିଆଯାଉଛି। ପୋଷ୍ଟ ଅଫିସ ସେଭିଂ ଜମା ଉପରେ ୪% ସୁଧ, ୧ ବର୍ଷ ସମୟ ଜମା ଉପରେ ୬.୯% ସୁଧ, ୨ ବର୍ଷ ସମୟ ଜମା ଉପରେ ୭ % ସୁଧ, ୫ ବର୍ଷ ଜମା ଉପରେ ୭.୫% ସୁଧ ଏବଂ ୫ ବର୍ଷର ବାରମ୍ବାର ଜମା ଉପରେ ୬.୭% ସୁଧ ପ୍ରଦାନ କରାଯାଉଛି। ବର୍ତ୍ତମାନ ବରିଷ୍ଠ ନାଗରିକ ସଞ୍ଚୟ ଯୋଜନାରେ ୮.୨ ପ୍ରତିଶତ ସୁଧ, ଜାତୀୟ ସଞ୍ଚୟ ପ୍ରମାଣପତ୍ର ଉପରେ ୭.୭% ରହିଛି। ଅନ୍ୟପଟେ ଗତ ୨ ବର୍ଷ ମଧ୍ୟରେ ସରକାର ସମସ୍ତ କ୍ଷୁଦ୍ର ସଞ୍ଚୟ ଯୋଜନା ଉପରେ ସୁଧ ହାର ବୃଦ୍ଧି କରିଛନ୍ତି। ମାତ୍ର ୨୦୨୦-୨୧ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରୁ ପିପିଏଫ୍‌ର ସୁଧ ହାରରେ କୌଣସି ପରିବର୍ତ୍ତନ ହୋଇନାହିଁ।

# ନୋଏଡାରେ ଇସୁଜୁର ନୂତନ ଏସ୍‌ଡିଇସି



ନୂଆଦିଲ୍ଲୀ,୨୫।୯

ଇସୁଜୁ ମୋଟର୍ସ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅଲ୍ ନ୍ୟୁ ଇସୁଜୁ ସ୍କିଲ୍ ଡେଭଲପମେଣ୍ଟ ଆଣ୍ଡ ଏକ୍ସପେରିଏନ୍ସ ସେଣ୍ଟର (ଏସ୍‌ଡିଇସି) ବା ଇସୁଜୁର ନୂତନ ଏସ୍‌ଡିଇସି' ନିକଟରେ ଉତ୍ତରପ୍ରଦେଶର ନୋଏଡାସ୍ଥିତ ସେକ୍ଟର-୧୦ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଇସୁଜୁ ମୋଟର୍ସ ଇଣ୍ଡିଆର ଏମ୍‌ଡି ତଥା ପ୍ରେସିଡେଣ୍ଟ ରାଜେଶ ମିତ୍ତଲ, ଡେପୁଟି ମ୍ୟାନେଜିଂ ଡାଇରେକ୍ଟର ତୋରୁ କିସ୍‌ମୋତୋ ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଇସୁଜୁ ମୋଟର୍ସ ଇଣ୍ଡିଆର କୋର୍ ସର୍ଭିସ୍ ଅପରେଶନ ପ୍ରୋଗ୍ରାମ 'କଷ୍ଟମର ଡିଲାଇଟ' ଅଧୀନରେ ଏହି ସେଣ୍ଟର କାର୍ଯ୍ୟକ୍ଷମ ହେବ। ଏହା ଜରିଆରେ ଅଭିଜ୍ଞ ଓ ଦକ୍ଷ କାରିଗର ସୃଷ୍ଟି ସହ ବିଶ୍ୱସ୍ତରୀୟ ଗ୍ରାହକସେବା ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି।

ଏ ସମ୍ପର୍କରେ ଇସୁଜୁ ମୋଟର୍ସ ଇଣ୍ଡିଆର ଡେପୁଟି ମ୍ୟାନେଜିଂ ଡାଇରେକ୍ଟର ତୋରୁ କିସ୍‌ମୋତୋ କହିଥିଲେ, ଆମେ ଆମର ନୂତନ ସେଣ୍ଟର (ନୂତନ ଏସ୍‌ଡିଇସି)କୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏହା ଜରିଆରେ ଆମେ ଶିଳ୍ପର ପ୍ରଥମ ଧରଣର ସେବା ଓ ବିଶ୍ୱସ୍ତରୀୟ ସୁବିଧା ଦକ୍ଷ କାରିଗରଙ୍କ ମାଧ୍ୟମରେ ଗ୍ରାହକଙ୍କୁ ଯୋଗାଇଦେଇପାରିବୁ। ନିକଟରେ ଚେନ୍ନାଇଠାରେ ମଧ୍ୟ ଏଭଳି ଏକ ଅତ୍ୟାଧୁନିକ ସେଣ୍ଟରର ଶୁଭାରମ୍ଭକରି ସେବା ଯୋଗାଇ ଦେଉଛୁ।

# ଆଫ୍ରିକାକୁ ୧ ହଜାର ଲୋକୋମୋଟିଭ ଯୋଗାଇବ ଭାରତ

ଭୁବନେଶ୍ୱର,୨୫।୯ (ଅନୁରାଧା ମହାରଣା)

ଆଫ୍ରିକାକୁ ୧ ହଜାରରୁ ଅଧିକ ଲୋକୋମୋଟିଭ୍ ରପ୍ତାନି ପାଇଁ ଭାରତ ପ୍ରସ୍ତୁତ ରହିଛି। ବିହାରର ମାରୋହୋରା ପ୍ଲାଣ୍ଟ ଭାରତୀୟ ରେଳପଥକୁ ବାର୍ଷିକ ୧୦୦ଟି ଲୋକୋମୋଟିଭ ଯୋଗାଇ ଆସୁଛି। ବର୍ତ୍ତମାନ ସୁଦ୍ଧା ୬୫୦ରୁ ଅଧିକ ଲୋକୋମୋଟିଭ ପ୍ରସ୍ତୁତ ହୋଇ ଭାରତୀୟ ରେଳ ଦ୍ୱାରା ବ୍ୟବହାର କରାଯାଉଛି। ସେହିପରି ଆଫ୍ରିକାକୁ ୧୦୦୦ରୁ ଅଧିକ ଲୋକୋମୋଟିଭ ରପ୍ତାନି କରିବାକୁ ପ୍ରସ୍ତୁତ ରହିଛି। ବୁଧବାର ଭାରତୀୟ ରେଳପଥ ପକ୍ଷରୁ ଏପରି ସୂଚନା ପ୍ରକାଶ ପାଇଛି। ୱାବେଟେକ୍ ଲୋକୋମୋଟିଭ ପ୍ରାଇଭେଟ୍ ଲିମିଟେଡ୍ ଭାରତୀୟ ରେଳପଥ ଏବଂ ୱାବେଟେକ୍ ମଧ୍ୟରେ ମିଳିତ ଉଦ୍ୟମ ହୋଇଥିବାବେଳେ ଲୋକୋମୋଟିଭ ଉତ୍ପାଦନ ପାଇଁ କାରଖାନାର ଦକ୍ଷତା ବୃଦ୍ଧି କରିବାକୁ ଯୋଜନା କରାଯାଉଛି। ୨୦୧୮ରେ ପ୍ରତିଷ୍ଠିତ ମାରୋହୋରା ପ୍ଲାଣ୍ଟ ଅନ୍ତର୍ଜାତୀୟ ସ୍ତରରେ ଭାରତର ଉତ୍ପାଦନ ଶକ୍ତି ପ୍ରଦର୍ଶନକରି ବିଶ୍ୱ ଲୋକୋମୋଟିଭ ଇଣ୍ଡଷ୍ଟ୍ରିରେ ଏକ ପ୍ରମୁଖ ରପ୍ତାନକାରୀ ହେବାକୁ ପ୍ରସ୍ତୁତ ହୋଇଛି। କେନ୍ଦ୍ର ସରକାରଙ୍କ ଆତ୍ମନିର୍ଭର ଭାରତ ଅଧୀନରେ 'ମେକ୍ ଇନ୍ ଇଣ୍ଡିଆ' ଏବଂ 'ମେଡ୍ ଇନ୍ ୱାର୍ଲ୍ଡ' ପଦକ୍ଷେପ ସହ ଭାରତକୁ ଲୋକୋମୋଟିଭ ଉତ୍ପାଦନ ପାଇଁ ଏକ ବିଶ୍ୱସ୍ତରୀୟ ହବ୍ ଭାବରେ ସ୍ଥାପିତ କରିଥିବା ଭାରତୀୟ ରେଳପଥ ପକ୍ଷରୁ ସୂଚନା ରହିଛି। ୭୦ ଏକର ପରିମିତ ମାରୋହୋରା ପ୍ଲାଣ୍ଟରେ ପ୍ରାୟ ୭୦୦ କର୍ମଚାରୀ ନିଯୁକ୍ତି ପାଇଛନ୍ତି ।

# କେଭିଜି ସହ ଯୋଡ଼ିହେଲେ ଅନୁପମ ଖେର



ଭୁବନେଶ୍ୱର,୨୫।୯

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା କ୍ରିଷ୍ଣା ବିକାଶ ଗ୍ରୁପ୍ (କେଭିଜି) ସହ ଲୋକପ୍ରିୟ ବଲିଉଡ୍ ଅଭିନେତା ଅନୁପମ ଖେର ଯୋଡ଼ିହୋଇଥିବାବେଳେ ଏସିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପବ୍ଲିକ ହେଲ୍‌ଥ(ଏଆଇପିଏଚ୍) ସହ କେଭିଜିର ଦ୍ୱିପାକ୍ଷିକ ବୁଝାମଣା ଓ ସହଭାଗିତା ସମ୍ପର୍କରେ ଘୋଷଣା କରାଯାଇଛି। ଏ ନେଇ ବୁଧବାର କେଭିଜି ପକ୍ଷରୁ ଏକ ଖବରଦାତା

**ଏଆଇପିଏଚ ସହ କେଭିଜିର ସହଭାଗିତା**

ସମ୍ମିଳନୀ ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନସ୍ଥିତ ହୋଟେଲ ସ୍ୱସ୍ତି ଗ୍ରାଣ୍ଡଠାରେ ଆୟୋଜନ କରାଯାଇଥିଲା। ଏହି ଅବସରରେ କେଭିଜିର ଚେୟାରମ୍ୟାନ ଦଶାରୀ ମୁରଲୀକ୍ରିଷ୍ଣା ଏବଂ ନିର୍ଦ୍ଦେଶକ ବିବେକ ଦଶାରୀ ପ୍ରମୁଖ ଯୋଗଦେଇ ଉଭୟ ଅନୁପମ ଖେର ଏବଂ ଏଆଇପିଏଚ୍ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

# ଡବ୍ଲ୍ୟୁଆଇଡିଇଏଫ୍‌କୁ ୧୦ନିୟୁତ ଆର୍ଥିକ ସହାୟତା ଦେବ ଆର୍‌ଏଫ୍

ମୁମ୍ବାଇ,୨୫।୯

ରିଲାଏନ୍ସ ଫାଉଣ୍ଡେଶନ ବା ଆର୍‌ଏଫ୍ ପକ୍ଷରୁ ୟୁଏସ୍ଏଡ ଏବଂ ବିଲ୍ ଏଣ୍ଡ ମେଲିଣ୍ଡା ଗେଟ୍ସ ଫାଉଣ୍ଡେଶନର ମିଳିତ ଉଦ୍ୟମ 'ୱିମେନ ଇନ୍ ଡିଜିଟାଲ ଇକୋନୋମି ଫଣ୍ଡ ବା ଡବ୍ଲ୍ୟୁଆଇଡିଇଏଫ୍‌କୁ ୧୦ନିୟୁତ (ମିଲିୟନ) ଆମେରିକୀୟ ଡଲାରର ଆର୍ଥିକ ସହାୟତା ଦେବାକୁ ଘୋଷଣା କରାଯାଇଛି, ଭାରତର ଡିଜିଟାଲ ଅର୍ଥନୀତିରେ ମହିଳାମାନଙ୍କୁ ସଶକ୍ତ କରିବା ଏବଂ ଲିଙ୍ଗଗତ ଡିଜିଟାଲ ବୈଷମ୍ୟକୁ ହ୍ରାସ କରିବା ଏହି ପଦକ୍ଷେପର ମୂଳ ଉଦ୍ଦେଶ୍ୟ ରହିଛି।

ଏ ସମ୍ପର୍କରେ ରିଲାଏନ୍ସ ଫାଉଣ୍ଡେଶନର ନିର୍ଦ୍ଦେଶିକା ଇଶା ଅମ୍ବାନୀ କହିଛନ୍ତି, ବିଶ୍ୱସ୍ତରୀୟ ସହଯୋଗ ଭାବେ ୱିମେନ ଇନ୍ ଡିଜିଟାଲ ଇକୋନୋମି ଫଣ୍ଡ ବା ଡବ୍ଲ୍ୟୁଆଇଡିଇଏଫ ଏକ ଐତିହାସିକ ପଦକ୍ଷେପ ହୋଇଥିଲାବେଳେ ଆମେ ଏହି ପଦକ୍ଷେପର ଏକ ଅଂଶ ହୋଇଥିବାରୁ ଗର୍ବିତ ଅନୁଭବ କରୁଛୁ। ଏପରିକି ଆମେ ମହିଳାମାନଙ୍କର ଜୀବନଜୀବିକା, ଆର୍ଥିକ ସୁରକ୍ଷା ଏବଂ ଅଭିନବ ପ୍ରଯୁକ୍ତିକୁ




ପ୍ରୋତ୍ସାହିତ କରିବା ସହିତ ଏହା ମାଧ୍ୟମରେ ସଶକ୍ତୀକରଣକୁ ଆଗକୁ ବଢାଇବା ପାଇଁ ପ୍ରତିବଦ୍ଧ ରହିଛୁ।

ସେହିଭଳି ୟୁଏସଏଡ ଇଣ୍ଡିଆର କାର୍ଯ୍ୟକାରୀ ମିଶନ ନିର୍ଦ୍ଦେଶକ ଡ. ଆଲେକଜଣ୍ଡ୍ରିଆ କହିଛନ୍ତି, ଭାରତ ଏବଂ ଆମେରିକା ମଧ୍ୟରେ ଲିଙ୍ଗଗତ ଡିଜିଟାଲ ବୈଷମ୍ୟକୁ ଦୂର କରିବାରେ ଏହି ସହଭାଗିତା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ। ଏପରିକି ଆମେ ରିଲାଏନ୍ସ ଫାଉଣ୍ଡେଶନ ସହିତ ମିଳିତ ଭାବେ ବହୁ ଲକ୍ଷ ମହିଳାଙ୍କ ପାଇଁ ଡିଜିଟାଲ ଅର୍ଥନୀତିର ସୁଫଳ ଉପଲବ୍ଧ କରାଇବା ଏବଂ ସେମାନଙ୍କ ପାଇଁ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ କାର୍ଯ୍ୟ କରୁଛୁ।

# ବିଓଆଇର ହିନ୍ଦୀ ମାସ ସମାପନ ଉତ୍ସବ



ଭୁବନେଶ୍ୱର,୨୫।୯

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର କେନ୍ଦୁଝର ଅଞ୍ଚଳ ପକ୍ଷରୁ ଆୟୋଜିତ ହିନ୍ଦୀ ମାସ ସମାପନ ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ବିଓଆଇ କେନ୍ଦୁଝର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ହିମାଦ୍ରୀ ଶେଖର ଦାଶ, ଉପ ଆଞ୍ଚଳିକ ପ୍ରବନ୍ଧକ ସାୟମଲ କୁମାର ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏପରିକି ଗତ ମାସରେ ରାଜଭାଷା ବିଭାଗ ଦ୍ୱାରା ହିନ୍ଦୀ ମାସ ଅନ୍ତର୍ଗତ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଉକ୍ତ ପ୍ରତିଯୋଗିତାରେ କେନ୍ଦୁଝର ଅଞ୍ଚଳ ଅନ୍ତର୍ଗତ ଶାଖାଗୁଡ଼ିକର ପ୍ରତିଯୋଗୀମାନେ ଭାଗନେଇଥିଲେ। ଏହି ଅବସରରେ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ବିତରଣ ଏବଂ ପ୍ରମାଣପତ୍ର ପ୍ରଦାନ ସହ କାର୍ଯ୍ୟକ୍ରମର ସମାପନ କରାଯାଇଥିଲା।

# ଏସ୍‌ବିଆଇ ଏମ୍ସ ଶାଖାର ନୂତନ ପରିସର




ଭୁବନେଶ୍ୱର,୨୫।୯ (ଅଭୟ ଦାଶ)

ଅଲ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନସେସ୍ (ଏଆଇଆଇଏମ୍ଏସ୍ ବା ଏମ୍ସ)ର ଭୁବନେଶ୍ୱର କ୍ୟାମ୍ପସ ( ଭୁବନେଶ୍ୱରର ସିଜୁଆସ୍ଥିତ ଏମ୍ସ ହସ୍ପିଟାଲ କ୍ୟାମ୍ପସ) ପରିସରରେ ଥିବା ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଏମ୍ସ ଶାଖାର ନୂତନ ପରିସର (ଗୃହ) ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏମ୍ସ ଭୁବନେଶ୍ୱରର ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ବିଆଇ ଓଡ଼ିଶା ହେଡ୍ (ଭୁବନେଶ୍ୱର ସର୍କଲ ସିଜିଏମ୍) ଦୀନେଶ ପୃଥ୍ୱୀଙ୍କ ସମେତ ଏସ୍‌ବିଆଇ ଭୁବନେଶ୍ୱର ନେଟ୍‌ୱର୍କ-୧ର ଜିଏମ୍ ପୋନ୍ନମବଲମ ମୁରୁଗାନ, ଡିଜିଏମ୍ (ବି ଆଣ୍ଡ ଓ) ପ୍ରଶାନ୍ତ କୁମାର, ଏମ୍ସ ଭୁବନେଶ୍ୱର ହସ୍ପିଟାଲର ସହ-ନିର୍ଦ୍ଦେଶକ ଲ୍ୟୁଟ୍‌ନାଣ୍ଟ କର୍ନେଲ ଅଭିଜିତ ସରକାର, ସୁପରିଣ୍ଟେଣ୍ଡେଣ୍ଟ ଡା. ଦିଲୀପ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଏସ୍‌ବିଆଇ ଆଞ୍ଚଳିକ କାର୍ଯ୍ୟାଳୟ ମୁଖ୍ୟ ଶିବସୁନ୍ଦର ସାହୁ, ମୁଖ୍ୟ ପ୍ରବନ୍ଧକ ଶରତ ଚନ୍ଦ୍ର ସେଠୀ ଏବଂ ଶାଖା ପରିଚାଳିକା ବନଜା ବାସିନୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଦ୍‌ଘାଟନ ଉତ୍ସବ ସମ୍ପୂର୍ଣ୍ଣ ହୋଇଛି।

# ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ରାଜଭାଷା ହିନ୍ଦୀର ବ୍ୟବହାର ଉତ୍ସାହଜନକ

**ନାଲ୍‌କୋର ୨୦ତମ ନରାକାସ୍ ବୈଠକ**

ଭୁବନେଶ୍ୱର,୨୫।୯



ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକର ମିଳିତ 'ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି ବା ନରାକାସ୍ ଭୁବନେଶ୍ୱରର ୨୦ତମ ଅର୍ଦ୍ଧବାର୍ଷିକ (ଷାଣ୍ମାସିକ) ବୈଠକ ନିକଟରେ ନାଲ୍‌କୋର କର୍ପୋରେଟ କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଭୁବନେଶ୍ୱର କ୍ଷେତ୍ରରେ ରହିଥିବା ସମସ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଦୈନନ୍ଦିନ ସରକାରୀ କାର୍ଯ୍ୟରେ ହିନ୍ଦୀର ବ୍ୟବହାର ଏବଂ ପ୍ରଗତିର ସମୀକ୍ଷା ଉକ୍ତ ବୈଠକରେ କରାଯାଇଥିଲା। ସେହିଭଳି ହିନ୍ଦୀ କର୍ମଶାଳା ଏବଂ ହିନ୍ଦୀ ପ୍ରତିଯୋଗିତା, ଉପ-କମିଟି ଗଠନ, ସରକାରୀ କାର୍ଯ୍ୟରେ ଅଧିକରୁ ଅଧିକ ହିନ୍ଦୀର ବ୍ୟବହାର, କାର୍ଯ୍ୟାନ୍ୱୟନ ସମିତିର ପତ୍ରିକା ସମେତ ସରକାରୀ ଭାଷାର ପ୍ରଚାର ପାଇଁ ନିଆଯିବାକୁ ଥିବା ବିଭିନ୍ନ ପଦକ୍ଷେପ ଏବଂ କାର୍ଯ୍ୟକଳାପ ସମ୍ବନ୍ଧରେ ମଧ୍ୟ ଏହି ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା।

ଏ ସମ୍ପର୍କରେ ନାଲ୍‌କୋ ସିଏମ୍‌ଡି ତଥା ରାଜଭାଷା କାର୍ଯ୍ୟାନ୍ୱୟନ ସମିତି ଭୁବନେଶ୍ୱରର ଅଧ୍ୟକ୍ଷ ଶ୍ରୀଧର ପାତ୍ର କହିଥିଲେ, କେନ୍ଦ୍ରୀୟ ଉଦ୍ୟୋଗଗୁଡ଼ିକରେ ରାଜଭାଷା ହିନ୍ଦୀର ବ୍ୟବହାର ଉତ୍ସାହଜନକ ବୋଲି କହିବା ସହ ସରକାରୀ ଭାଷାର ଉନ୍ନତି ଉପରେ ଗୁରୁତ୍ୱ ତଥା ଦୈନନ୍ଦିନ କାର୍ଯ୍ୟରେ ହିନ୍ଦୀର ନିରନ୍ତର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଦିଗରେ ମିଳିତ ପ୍ରୟାସ ଜାରି ରଖିବା ନିମନ୍ତେ ସେ ଆହ୍ୱାନ ଦେଇଥିଲେ।

ଏହି ବୈଠକରେ ନାଲ୍‌କୋର ନିର୍ଦ୍ଦେଶକ (ପି ଆଣ୍ଡ ଟି) ତଥା ଭାରପ୍ରାପ୍ତ ନିର୍ଦ୍ଦେଶକ (ଏଚ୍ଆର୍) ଜଗଦୀଶ ଅରୋରା, ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏଚ୍ଆର୍ ଓ ଆଡମିନ) ଆଶୁତୋଷ ରଥଙ୍କ ସମେତ ଭୁବନେଶ୍ୱର କ୍ଷେତ୍ରର ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକର ବରିଷ୍ଠ ଅଧିକାରୀ, ପ୍ରତିନିଧି ଏବଂ ରାଜଭାଷା ଅଧିକାରୀ ଓ ଅନୁବାଦକମାନେ ମଧ୍ୟ ଉପସ୍ଥିତ ଥିଲେ।

ବୈଠକରେ ଉପସ୍ଥିତ ରାଷ୍ଟ୍ରାୟତ୍ତ ଉଦ୍ୟୋଗମାନଙ୍କ ମଧ୍ୟରେ ସେଲ୍, ଗେଲ୍, ଭେଲ୍, ବେମଲ୍, ଏମ୍‌ସିଏଲ୍, ଏଫ୍‌ସିଆଇ, ହୁଡ୍‌କୋ, ରାଇଟ୍ସ, ଏନ୍‌ସିଏଫ୍‌ଏଲ୍, ଆଇଓସିଏଲ୍, ବିପିସିଏଲ୍, ଏଚ୍‌ପିସିଏଲ୍, ଆର୍‌ଆଇଏନ୍‌ଏଲ୍, ଏନ୍‌ଟିପିସି, ୱାପ୍‌କସ, ସିଏମ୍‌ପିଡିଆଇଏଲ୍ ଏବଂ ପାୱାରଗ୍ରୀଡ୍ କର୍ପୋରେଶନ ପ୍ରମୁଖ ଉପସ୍ଥିତ ଥିଲେ।

ନାଲ୍‌କୋ ରାଜଭାଷା ପ୍ରବନ୍ଧକ ତଥା ରାଜଭାଷା କାର୍ଯ୍ୟାନ୍ୱୟନ ସମିତିର ସଦସ୍ୟ ସଚିବ (ମେମ୍ବର ସେକ୍ରେଟାରି) ହିମାଂଶୁ ରାଏ ବୈଠକ ପରିଚାଳନା କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ସିଲୁ
ପରିବାରବର୍ଗ


ଶ୍ୱେତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଟ୍ରୋଲରଙ୍କୁ ଜବାବ ଦେଲେ ମନୁ ଭାକର

**ନୂଆଦିଲ୍ଲୀ,୨୫।୯:** ସୋସିଆଲ ମିଡିଆରେ ଟ୍ରୋଲରଙ୍କୁ କଡା ଜବାବ ଦେଇଛନ୍ତି ଡବଲ୍ ଅଲିମ୍ପିକ୍ସ ପଦକ ବିଜୟିନୀ ମନୁ ଭାକର। ପ୍ୟାରିସ୍ ୨୦୨୪ରେ ମନୁ ୧୦ ମିଟର ଏୟାର ପିସ୍ତଲ ଓ ମିକ୍ସଡ ଟିମ୍ ଇଭେଣ୍ଟରେ ଦୁଇଟି ପଦକ ଜିତିଥିଲେ। ପ୍ୟାରିସ୍‌ରୁ ପ୍ରତ୍ୟାବର୍ତ୍ତନ ପରେ ସମ୍ବର୍ଦ୍ଧିତ ହେବା ଅବସରରେ ମନୁ ନିଜର ଡବଲ୍ ମେଡାଲ ପ୍ରଦର୍ଶିତ କରୁଥିବା ବେଳେ ଏହାକୁ କିଛି ବ୍ୟକ୍ତି ସମାଲୋଚନା କରିଥିଲେ। ଜବାବ ଦେବା ପାଇଁ ମନୁ ଦୁଇଟି ଯାକ ମେଡାଲକୁ ବେକରେ ପକାଇ ବୁଧବାର ଏକ ଫଟୋ ପୋଷ୍ଟ କରିଛନ୍ତି।


## ଜନ୍ମଦିନ ଶୁଭେଚ୍ଛା



ଶ୍ରୀ ଅମିୟ ପ୍ରସାଦ ପ୍ରିୟଦର୍ଶୀ ନାୟକ (ସିଲୁ)
ଗ୍ରାମ- ପ୍ରହରାଜପୁର, ମଣ୍ଡାସାହି, ଜଗତ୍‌ସିଂହପୁର
Mob- 9438676035/ 7735634659
ଆଜି ତୋର ଜନ୍ମଦିନ, ପ୍ରଭୁ ଶ୍ରୀଜଗନ୍ନାଥ, ମା' ତାରିଣୀ, ସାଇବାବାଙ୍କ ପାଖରେ ଶୁଭ କାମନା ତୋର ଚଲାପଥ ସୁଖମୟ ହେଉ। ଆଜି ମୋର ପୁଅ ୧୮ବର୍ଷରେ ପଦାର୍ପଣ କଲା । ଆଜିଠାରୁ ୧୮ବର୍ଷ ଚାଲିଲା ।
ଜନ୍ମ ତାରିଖ ୨୬।୦୯।୨୦୦୬
ଧ-୧୩୮୧

## ଜନ୍ମଦିନର ଶୁଭେଚ୍ଛା



ଗୁଡୁଲ୍ (ଶ୍ୱେତା)
Unit IX, Road -3, Bhubaneswar
ଆଜି ୨୬।୯।୨୪ ଗୁରୁବାର ତୋର ଜନ୍ମଦିନରେ କାକଟପୁର ବାସିନୀ ମାଆ ମଙ୍ଗଳାଙ୍କ ଚରଣତଳେ ଆମର ଏତିକି ଗୁହାରି ମାଆ ତୋତେ ତା'ର ପଣତକାନି ତଳେ ଘଣ୍ଟ ଘୋଡ଼େଇ ରଖନ୍ତୁ, ନୀରୋଗ ରଖନ୍ତୁ, ବିଦ୍ୟାବୁଦ୍ଧି ଦିଅନ୍ତୁ, ଭଲ ମଣିଷଟିଏ କରନ୍ତୁ ।
ଶୁଭେଚ୍ଛା ସହ - ତୋର ଅଜା (ଧଡୁ), ଆଈ (ଅର୍ଚ୍ଚନା), ମାଆ (ରୀତା), ବାପା, ବାବାମାମା, ମାଉସୀ (କୁଙ୍ଗାମା), ଗେହ୍ଲୁ ସାନଭାଇ(ଆଶୁ) ଓ ସାନଭଉଣୀ (ସାନୁ)।
ଧ-୧୪୩୯


# ଭିନେଶଙ୍କୁ ନାଡାର ନୋଟିସ୍

## ହ୍ୱେୟାର ଏବାଉଟ୍ କ୍ଲଜ୍ ଉଲ୍ଲଂଘନ

ନୂଆଦିଲ୍ଲୀ,୨୫।୯(ପି.ଟି.)

ହ୍ୱେୟାର ଏବାଉଟ୍ କ୍ଲଜ୍ ଉଲ୍ଲଂଘନ କାରଣରୁ ରେସ୍‌ଲର ଭିନେଶ ଫୋଗଟଙ୍କୁ ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି(ନାଡା) ପକ୍ଷରୁ ବୁଧବାର ନୋଟିସ୍ ଜାରି କରାଯାଇଛି। ଆସନ୍ତା ୧୪ ଦିନ ମଧ୍ୟରେ ଏହାର ଜବାବ ରଖିବା ପାଇଁ ଭିନେଶଙ୍କୁ କୁହାଯାଇଛି। ନାଡାର ପଞ୍ଜୀକୃତ ଟେଷ୍ଟିଂ ପୁଲ ମଧ୍ୟରେ ଭିନେଶଙ୍କ ନାମ ସାମିଲ ରହିଛି। ଏହା ଫଳରେ ଯେ କୌଣସି ସମୟରେ ଖେଳାଳିଙ୍କ ଡୋପ୍ ଟେଷ୍ଟ କରାଯାଇ ପାରିବ। ସେପ୍ଟେମ୍ବର ୯ ତାରିଖରେ ନାଡାର ଅଧିକାରୀ ମାନେ ଭିନେଶଙ୍କ ନମୁନା ସଂଗ୍ରହ ପାଇଁ ସୋନୀପତର ଖାର୍ଖୋଡାରେ ପହଞ୍ଚିବା ବେଳକୁ ଭିନେଶ ଅନୁପସ୍ଥିତ ଥିଲେ।

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଅଯୋଗ୍ୟ ଘୋଷିତ ହେବା ପରେ ଭିନେଶ କୁସ୍ତିରୁ ଅବସର ଘୋଷଣା କରିଥିଲେ। ପ୍ୟାରିସରୁ ଫେରିବା ପରେ ଭିନେଶ ଓ ବଜରଙ୍ଗ ପୁନିଆ କଂଗ୍ରେସରେ ଯୋଗ ଦେଇଥିଲେ। ଭିନେଶ ଜୁଲାନା ବିଧାନସଭା ଆସନରୁ ଲଢୁଛନ୍ତି। ସେ ଚାହିଁଲେ ନିଜର ଦୋଷ ସ୍ୱୀକାର କରି ପାରିବେ କିମ୍ବା ଘରେ ଉପସ୍ଥିତ ଥିବାର ପ୍ରମାଣ ଦାଖଲ କରି ପାରିବେ।


## ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ଶ୍ରଦ୍ଧାଞ୍ଜଳି
୰ରଜତ ପ୍ରଧାନ
(ଜୁଲୁ)
୩୪, ଗୌତମ ନଗର, ଭୁବନେଶ୍ୱର
ଆବିର୍ଭାବ : ୦୬.୧୨.୧୯୬୫
ତିରୋଧାନ : ୧୪.୦୯.୨୦୧୭
ସପ୍ତମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ।
ଶୋକସନ୍ତପ୍ତ
ଧର୍ମପତ୍ନୀ : କଳ୍ପନା (ଜଲି), ପୁତ୍ର : ରାଜତିଳକ (ଡାବୁ), ଦାଦା-ଖୁଡ଼ୀ, ଭାଇ-ଭାଉଜ, ଭଉଣୀ-ଭିଣୋଇ, ପରିବାରବର୍ଗ ଏବଂ MAA MANGALA INDANE, PIPILIର ସମସ୍ତ କର୍ମଚାରୀବୃନ୍ଦ ।


# ସାହାଣୀ କପ୍ ଫୁଟ୍‌ବଲ ଉଦ୍‌ଘାଟିତ



ଉଦ୍‌ଘାଟନୀ ମ୍ୟାଚ ପୂର୍ବରୁ ଦୁଇ ଦଳର ଖେଳାଳି ଓ ଅଫିସିଆଲଙ୍କ ସହ ଅତିଥିମାନେ।

## ■ ମାଲକାନଗିରିକୁ ହରାଇଲା ସମ୍ବଲପୁର
## ■ ବରଗଡ଼-କେନ୍ଦୁଝର ମ୍ୟାଚ୍ ଅମୀମାଂସିତ

ବରଗଡ଼,୨୫।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡିୟମରେ ବୁଧବାର ୬୩ତମ ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ପ୍ରତିଯୋଗିତା (ସାହାଣୀ କପ୍) ଉଦ୍‌ଘାଟିତ ହୋଇଯାଇଛି। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଏବଂ ବରଗଡ଼ ଜିଲା କ୍ରୀଡ଼ା ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉକ୍ତ ପ୍ରତିଯୋଗିତାକୁ ମୁଖ୍ୟ ଅତିଥି ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲା କ୍ରୀଡ଼ା ସଂସଦ ସମ୍ପାଦକ କିଶୋର କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ବରଗଡ଼ ଜୋନ୍ ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହରେ ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝି ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାଓ ଉପସଭାପତି ରବି ନାରାୟଣ ପଣ୍ଡା, ଜିଲା କ୍ରୀଡ଼ା ସଂସଦ ଉପସଭାପତି ଯୁଗଳ ପ୍ରସାଦ ସିଂ, ଜିଲା କ୍ରୀଡ଼ା ଅଧିକାରୀ ତୁଷାରକାନ୍ତି ମିଶ୍ର, କ୍ରୀଡ଼ା ସଂସଦର ପୂର୍ବତନ ସମ୍ପାଦକ ଅରୁଣ କୁମାର ମହାନ୍ତି, ଫୁଟବଲ ସମ୍ପାଦକ ଶେଖ୍ ଶବଦର, କୋଷାଧ୍ୟକ୍ଷ ଡ. ଶୁଭ୍ରାଂଶୁ ଶେଖର ମହାପାତ୍ର, ଆଉଟଡୋର୍ ଗେମ୍ସ ସମ୍ପାଦକ ସୁରେଶ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ପୂର୍ବତନ ଖେଳାଳି କୁମର ମହାରଣା, କମଳ ଲୋଚନ ନାୟକ, ଜ୍ଞାନରଞ୍ଜନ ପୂଜାରୀ, ଗଙ୍ଗା ନାୟକ, ଗିରିଜା ପ୍ରସାଦ ନାଥ, ପ୍ରଦୀପ ନନ୍ଦ, ପ୍ରୀତମ ସିଂ, ସନ୍ତୋଷ ପଣ୍ଡା, ନବୀନ ଲାଠ ପ୍ରମୁଖ ଉପସ୍ଥିତ ଥିଲେ।

ସମ୍ବଲପୁର ଏବଂ ମାଲକାନଗିରି ଜିଲା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ହୋଇଥିଲା। ଏଥିରେ ସମ୍ବଲପୁର ପ୍ରତିପକ୍ଷକୁ ୩-୧ ଗୋଲରେ ପରାସ୍ତ କରିଥିଲା। ସମ୍ବଲପୁର ଦଳ ପକ୍ଷରୁ ସଞ୍ଜୟ ଖଡ଼ିଆ ୨ଟି ଓ ଆକାଶ ସାହୁ ଗୋଟିଏ ଗୋଲ ଦେଇଥିଲେ। ମାଲକାନଗିରି ଦଳ ପକ୍ଷରୁ ପ୍ରଶାନ୍ତ ମାଛ ଏକମାତ୍ର ଗୋଲ ସ୍କୋର କରିଥିଲେ। ଉକ୍ତ ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ଭାବେ ସଞ୍ଜୟ ଖଡ଼ିଆ ପୁରସ୍କୃତ ହୋଇଥିଲେ। ମ୍ୟାଚକୁ ଶୁଭମ ପାତ୍ର ପରିଚାଳନା କରିଥିବାବେଳେ ନିତ୍ୟାନନ୍ଦ ମେହେର, ରୋଶନ ଖାଁ ସହଯୋଗ କରିଥିଲେ। ଚକ୍ରଧର ଛତର ଚତୁର୍ଥ ରେଫେରି ଥିଲେ। ସେହିପରି ବରଗଡ଼ ଓ କେନ୍ଦୁଝର ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା। ଉକ୍ତ ମ୍ୟାଚରେ ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରି ପାରି ନ ଥିଲେ। ଫଳରେ ମ୍ୟାଚ୍‌ଟି ଅମୀମାଂସିତ ରହିଥିଲା। ବରଗଡ଼ ଦଳର ୮ନମ୍ବର ଖେଳାଳି ପ୍ରଭାତ ଡନସନା ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ସହଦେବ ମୁନିମ ମ୍ୟାଚ୍ ପରିଚାଳନା କରିଥିବାବେଳେ ଜି. ସୁରେଶ କୁମାର, ଜିତେନ୍ଦ୍ରିୟ ଥନାପତି ସହଯୋଗ କରିଥିଲେ। ଜଗନ୍ନାଥ ମାଝି ଚତୁର୍ଥ ରେଫେରି ଥିଲେ। ଗୁରୁବାର କଳାହାଣ୍ଡି ଓ ନୂଆପଡ଼ା ମଧ୍ୟରେ ପ୍ରଥମ ମ୍ୟାଚ୍ ଏବଂ ବଲାଙ୍ଗୀର ଓ କନ୍ଧମାଳ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହେବ।

# ମୟୂରଭଞ୍ଜ, ବୌଦ୍ଧ ଟିମ୍ ବିଜୟୀ

## ବାରିପଦାରେ ସାହାଣୀ କପ୍ ଫୁଟବଲ ଉଦ୍‌ଘାଟିତ

ବାରିପଦା,୨୫।୯
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଷ୍ଟାଡିୟମ ପଡ଼ିଆରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଏବଂ ଓଡ଼ିଶା ଫୁଟବଲ ଆସୋସିଏଶନର ସହଯୋଗିତାରେ ସାହାଣୀ କପ ଫୁଟବଲ-୨୦୨୪ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଫାଓର ଉପ ସଭାପତି ପଦ୍ମଲୋଚନ ଲେଙ୍କା, ଅସିତ ପତି, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ, ସୁବ୍ରମଣ୍ୟମ ମହାନ୍ତି, ମନୋଜ ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଫୁଟବଲ ସମ୍ପାଦକ ଅମର କୁମାର ସେଠୀ, କାଉନସିଲ ସଦସ୍ୟ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ହରପ୍ରସାଦ ପାତ୍ର, ଅମ୍ବିକା ରାଉତ, ପ୍ରସନ୍ନଜିତ ମହାନ୍ତି, ରବୀନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରଥମ ମ୍ୟାଚରେ ବୌଦ୍ଧ ଟିମ୍ ଅନୁଗୋଳକୁ ୪-୧ ଗୋଲରେ ହରାଇ ବିଜୟ ଲାଭ କରିଛି। ଲକ୍ଷ୍ମଣ ସାଠ, ବିବେକ କୁମାର ନାୟକ, ବାପୁନ କୁମାର ମହାନ୍ତ ଓ ସତ୍ୟ ନାରାୟଣ ମିଶ୍ର ଖେଳ ପରିଚାଳନା କରିଥିଲେ। ବୌଦ୍ଧ ଦଳର ଅନୁରାଗ ସାହୁ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ଆୟୋଜକ ମୟୂରଭଞ୍ଜ ଦଳ ଭଦ୍ରକକୁ ୨-୧ ଗୋଲରେ ପରାସ୍ତ କରିଥିଲା। ମୟୂରଭଞ୍ଜର ହାମ୍ବିରା ହେମ୍ବ୍ରମ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଅତିଥି ଭାବେ ଜିଲା ପରିଷଦ ସଭାପତି ଭାରତୀ ହାଁସଦା ଯୋଗଦେଇ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।




ବାରିପଦା ଷ୍ଟାଡିୟମରେ ସାହାଣୀ କପ୍ ଆରମ୍ଭ ଅବସରରେ ଉପସ୍ଥିତ ଅତିଥି।


# Classified Everyday
0674-2580101, 2549949



REAL ESTATE
SALE

**Plot for sale at Puri Konark Marine Drive (850/-per Sqft.). Contact- 6371703010.** D-1463

ଭୁବନେଶ୍ୱର Sum Hospital ଘଙ୍ଗାପାଟଣାରେ 30 ଫୁଟ୍ ରାସ୍ତା ଥାଇ ସ୍ଥିତିବାନ୍ plot କିଣନ୍ତୁ। 6372851880. D-71076

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9861463011, 9777154964.** D-1461

ଭୁବନେଶ୍ୱରର ଯେକୌଣସି ଏରିଆରେ ଘରବାଡ଼ି ପ୍ଲଟ୍ କିଣିବାକୁ କିମ୍ବା ବିକିବାକୁ ଚାହୁଁଥିଲେ। 9439493164. D-75993

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437040045, 9040307584.** D-1462

କଟକ-ଭୁବନେଶ୍ୱର ମଧ୍ୟଭାଗରେ Sum Hospital-2 ନିକଟସ୍ଥ Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ 30ft. ରାସ୍ତାଥାଇ ଘରବାରି ପ୍ଲଟ୍ କିଣନ୍ତୁ- 6371200121. D-75994




Newly open Jyoti SPA positively health benefits (Expert therapist). 8458067955. D-76157

**Full body massage experience, good looking therapist @ 999 (Bhubaneswar). 9078484455.** D-1347

Newly open health benefits SPA special offer @ 799 Bapujinagar. 8018429809. D-76156

AFFIDAVIT

By virtue of an affidavit CF No.- 726, dated 24.09.2024 before Executive Magistrate, Bargarh, I, Janaki Barik, W/o- Subal Bhoi, Vill- Charpali, P.O.- Behera, P.S.- Bargarh Sadar, Dist.- Bargarh, Pin- 768029 states that in my elder son Dhanwesh Bhoi's Birth Certificate Regd. No.- 3538/2010, my surname was wrongly registered as Janaki Bhoi instead of Janaki Barik as per Aadhaar and all Educational Certificates. Henceforth, I shall be known as Janaki Barik for all purposes. D-1455

By virtue of an affidavit sworn before the Court of Executive Magistrate, Cuttack, dated 25.9.2024, I, pradeepta Kumar Beura, Village- Sailo, P.O.- Rahama, P.S.-Tirtol, Dist.- Jagatsinghpur declare that I have changed my minor son's name from S.B. Sai Pratyush Beura to Sai Pratyush Beura. Henceforth, he will be known as Sai pratyush Beura for all purposes.
Pradeepta Kumar Beura. D- 1460

I, R.P. Ajitab (37 Yrs.), S/o- Ranjan Kumar Samal, At- Kanheipur, P.O.- Jajpur Road, P.S.- Korei, Dist.- Jajpur, declare by this affidavit No.-55, dtd. 24.09.2024 that Ranjan Prativa Ajitab @ R.P. Ajitab is same and one person. D-75789

I, Ajay Kumar Padhi, S/o- Padma Charan Padhi, resident of Ward No.-67, Sundarpada, P.O.- Old Town, P.S.- Airfield, Dist.- Khurda, Bhubaneswar, PIN No.-751002, Odisha declare by this affidavit No.-12AA899061, dtd. 25.09.2024 that now onwards I shall be known as AJAYA KUMAR PADHI for all future purposes. D-75788

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

I, Sangita Debata, D/o- Late Gokul Bihari Patnaik and W/o- Janapriya Debata of Plot No.- 799/A, Kotitirtha Road, P.S.- Shree Lingaraj, Old Town, Bhubaneswar- 751002, Dist.- Khordha, Odisha do hereby declare that this affidavit is sworn before the Executive Magistrate, Bhubaneswar vide C.F. No.- 171, Dt. 24.09.2024, that now onwards I shall be known as SANGITA PATNAIK, for all future purposes.
Deponent
D-1466

By virtue of affidavit sworn before the Executive Magistrate, Kujang on 24.09.2024 my name has been corrected from Susanta Bhuyan to Susanta Kumar Bhuyan for all purposes. D1457

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in



# ମନେ ପଡ଼ନ୍ତି

## ଦ୍ୱାଦଶାହ ଉପଲକ୍ଷେ



ସ୍ୱର୍ଗତା ଚଞ୍ଚଳା ନାଥ
କଡ଼ାଲ, ଓଡ଼ାପଡ଼ା, ଢେଙ୍କାନାଳ
ଆବିର୍ଭାବ: ୧୮।୦୧।୧୯୪୫
ତିରୋଧାନ: ୧୫।୦୯।୨୦୨୪
ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁତ୍ର: ଅକ୍ଷୟ, ଅଭୟ, ଦୁର୍ଜୟ, ପ୍ରଣୟ, ପୁତ୍ରବଧୂ: ପ୍ରଣତି, ନିବେଦିତା, ମହେସ୍ମିତା, ସସ୍ମିତା, ନାତି: ଆଶିଷ, କୁମାର ପୀୟୂଷ, ଅଦ୍ୱୈତ, ନାତୁଣୀ: ପ୍ରୟାସଲକ୍ଷ୍ମୀ, ପ୍ରତ୍ୟୁଷା, ଆଲିସା, ଆକାଂକ୍ଷା, ଅଦ୍ୱିତା, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୭୫୪୫୭

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ରଞ୍ଜନ କୁମାର ନାୟକ
ଅବସରପ୍ରାପ୍ତ ଡିଜିଏମ୍, ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ
ଲାଙ୍ଗୁଡ଼ି, ହରିପୁର, ଭଦ୍ରକ
ଆବିର୍ଭାବ-୦୩।୧୧।୧୯୫୩
ତିରୋଧାନ- ୧୬।୦୯।୨୦୨୪
ଶୋକସନ୍ତପ୍ତ: ପତ୍ନୀ: ଆରତି, ଝିଅ: ଅଭିପ୍ସା, ସୌମ୍ୟ ସାଳିନି, ଜ୍ୱାଇଁ: ରବିସ୍, ବରୁଣ୍, ଭାଇ: ରତିକାନ୍ତ, ରାଖାଳ, ବିଜୟ, ଅଶୋକ, ଦିଲ୍ଲୀପ, ଦେବାଶିଷ, ମୁକ୍ତିକାନ୍ତ, ବନମାଳି, ଅନନ୍ତ, ପୁତୁରା: ଦେବେସ୍, ଶୁଭ୍ରାଂଶୁ, ସୁକାନ୍ତ, ଭବେଶ୍, ବିପିନ୍, ତପନ, ଆକାଶ, ଅମିତ୍, ଅଙ୍କିତ୍, ପ୍ରିୟାଂଶୁ, ମିଳନ୍, ସୁମିତ, ଝିଆରୀ: ବିନିତା, ସୁଜାତା, ସଙ୍ଗୀତା, ଅଲିଭା, ସସ୍ମିତା, ଦେବଲିନା, କାଜଲ୍, ଭଣଜା: ବ୍ରିଜେଶ ଓ ନାୟକ ପରିବାର, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ, ଗ୍ରାମବାସୀ
ଧ-୧୪୬୫

## ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ମାଳତୀ ଲତା ପଣ୍ଡା
N6–505, Jaydev Vihar
ତିରୋଧାନ: ୧୧।୧୦।୨୦୨୦
ମା ତୋର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।
ତୋର ପିଲାମାନେ
ଧ-୧୪୬୪

## ଏକାଦଶାହ ଉପଲକ୍ଷେ



୰ପ୍ରଦୀପ କୁମାର ମହାପାତ୍ର
ପୂର୍ବତନ ଭାରତୀୟ ନୌସେନା ଅଧିକାରୀ
ଆବିର୍ଭାବ: ୧୮।୦୪।୧୯୫୮
ତିରୋଧାନ: ୧୬।୦୯।୨୦୨୪
ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣାଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପ୍ରିଶୁ, ମାମି, ରୁଚି, ପୁଚି, ଲିଟୁ, ଜିତେନ୍, ବବୁଲ୍, ଲିସି, ସ୍ମୃତି, ବନ୍ଧୁ ଓ ପରିବାରବର୍ଗ ।
ଧ-୧୪୬୭


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମହିଳା ଟି୨୦ ବିଶ୍ୱକପ୍

# ୧୮ ବର୍ଷରୁ କମ୍‌ଙ୍କୁ ମାଗଣା ଏଣ୍ଟ୍ରି

ଦୁବାଇ,୨୫।୯(ପି.ଟି.)

ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ମହିଳା ଟି୨୦ ବିଶ୍ୱକପ ପାଇଁ ଟିକେଟ ବିକ୍ରି ଆରମ୍ଭ ହୋଇଛି। ବୁଧବାରଠାରୁ ଟିକେଟ ବିକ୍ରି ଆରମ୍ଭ ହୋଇଥିବା ବେଳେ ଏହାର ସର୍ବନିମ୍ନ ମୂଲ୍ୟ ୫ ୟୁଏଇ ଦିରହାମ ବା ଭାରତୀୟ ମୁଦ୍ରାରେ ୧୧୪ ଟଙ୍କା ରହିଛି। ଅକ୍ଟୋବର ୩ ତାରିଖରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଯାଉଥିବା ବେଳେ ୧୮ ବର୍ଷରୁ କମ୍ ସମସ୍ତଙ୍କ ପାଇଁ ଷ୍ଟାଡିୟମ ଏଣ୍ଟ୍ରି ମାଗଣା ରହିଛି। ପୂର୍ବରୁ ଟୁର୍ନାମେଣ୍ଟ ବାଂଲାଦେଶରେ ହେବାର ଥିଲା। ରାଜନୈତିକ ଅସ୍ଥିରତା କାରଣରୁ ଏହାକୁ ୟୁଏଇକୁ ସ୍ଥାନାନ୍ତର କରାଯାଇଥିଲା। ସାଧାରଣ ଲୋକଙ୍କୁ ଯେଭଳି ସହଜରେ ଟିକେଟ ମିଳି ପାରିବ ତାହାକୁ ଦୃଷ୍ଟିରେ ରଖି ଏହାର ମୂଲ୍ୟ ୫ ୟୁଏଇ ଦିରହାମରୁ ୪୦ ୟୁଏଇ ଦିରହାମ(୯୧୪ ଟଙ୍କା) ମଧ୍ୟରେ ରଖାଯାଇଛି। ସେହିଭଳି କ୍ରିକେଟର ପ୍ରଚାର ପ୍ରସାର ପାଇଁ ୧୮ ବର୍ଷରୁ କମ୍ ସମସ୍ତଙ୍କ ପାଇଁ ଏଣ୍ଟ୍ରି ମାଗଣା ରହିଛି। ଗୋଟିଏ ଦିନରେ ଦୁଇଟି ମ୍ୟାଚ ରହିଥିଲେ ଗୋଟିଏ ଟିକେଟରେ ଉଭୟ ମ୍ୟାଚ୍ ଦେଖିହେବ ବୋଲି ଆଇସିସି ପକ୍ଷରୁ କୁହାଯାଇଛି। ଦୁବାଇ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମ ଓ ଶାରଜା କ୍ରିକେଟ ଷ୍ଟାଡିୟମରେ ଅସ୍ଥାୟୀ ଟିକେଟ କାଉଣ୍ଟର ଖୋଲାଯିବ ବୋଲି ଜଣାପଡ଼ିଛି।

# ମାଲେସିଆ ସହ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ ଭାରତ

**ନୂଆଦିଲ୍ଲୀ,୨୫।୯(ପି.ଟି.):** ଭାରତୀୟ ଫୁଟବଲ୍ ଦଳ ମାଲେସିଆ ବିପକ୍ଷରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ। ଫିଫା ଦ୍ୱାରା ମଞ୍ଜୁରୀ ପ୍ରାପ୍ତ ଏହି ମ୍ୟାଚ୍‌ଟି ନଭେମ୍ବର ୧୯ ତାରିଖରେ ଖେଳାଯିବ ବୋଲି ବୁଧବାର ସର୍ବଭାରତୀୟ ଫୁଟବଲ ମହାସଂଘ(ଏଆଇଏଫ୍‌ଏଫ୍) ପକ୍ଷରୁ ଘୋଷଣା କରାଯାଇଛି। ତେବେ ଏଆଇଏଫଏଫ୍ ପକ୍ଷରୁ ମ୍ୟାଚ୍‌ର ଭେନ୍ୟୁକୁ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇ ନାହିଁ। ମାଲେସିଆ ବର୍ତ୍ତମାନ ଫିଫା ର୍‍ୟାଙ୍କିଂର ୧୩୨ ତମ ସ୍ଥାନରେ ରହିଥିବା ବେଳେ ଭାରତ ୧୨୬ ତମ ସ୍ଥାନରେ ରହିଛି। ଅନ୍ୟ ପକ୍ଷରେ ଉଭୟ ଦଳ ଶେଷ ଥର ପାଇଁ ଅକ୍ଟୋବର ୨୦୨୩ରେ ମୁହାଁମୁହିଁ ହୋଇଥିଲେ। ଭାରତ ଏହି ମ୍ୟାଚ୍‌କୁ ୨-୪ରେ ହାରି ଯାଇଥିଲା।

# ଫ୍ଲାଇଟ୍‌ରେ ଷ୍ଟୋରି ଫାଇନାଲ୍

ପ୍ରକାଶ ମେହେରାଙ୍କ ନିର୍ଦ୍ଦେଶିତ ଫିଲ୍ମ 'ସରାବୀ'ର କାହାଣୀ ଚୟନ ପଛରେ ଏକ ମଜାଦାର କଥା ଲୁଚିରହିଛି। ୧୯୮୩ରେ ପ୍ରକାଶ ମେହେରା ଏବଂ ଏଥିରେ ଅଭିନୟ କରିଥିବା ଅମିତାଭ ବଚ୍ଚନ ଏକାଠି ଫ୍ଲାଇଟ୍‌ରେ ତ୍ରିନିଦାଦ ଯାଉଥାଆନ୍ତି। ଏହି ସମୟରେ ପ୍ରକାଶ କହିଲେ, 'ଆଚ୍ଛା ଅମିତ୍, ବାପ-ପୁଅ ସମ୍ପର୍କକୁ ନେଇ ଏକ ସିନେମା ନିର୍ମାଣ କଲେ କେମିତି ହୁଅନ୍ତା ? ଏଥିରେ ପୁଅ ମଦୁଆ ହୋଇଥିବ।' ଏକଥା ଅମିତାଭଙ୍କୁ ପ୍ରଭାବିତ କରିଥିଲା ଏବଂ ସେ ଏ ନେଇ ଆଗେଇବାକୁ କହିଥିଲେ। ମାତ୍ର ବର୍ଷେ ଭିତରେ ଏହି ଫିଲ୍ମଟିର ନିର୍ମାଣ ଶେଷ ହୋଇ ୧୯୮୪ରେ ରିଲିଜ ହୋଇଥିଲା। ଏଥିରେ ଅମିତାଭଙ୍କ ମଦୁଆ ଭୂମିକା ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଏହାର ଶୁଟିଂ ସମୟରେ ତାଙ୍କ ହାତ ଉପରେ ବାଣ ପଡିବାରୁ ସେ ଆହତ ହୋଇଥିଲେ। ହେଲେ ହାତକୁ ପକେଟ ଭିତରେ ରଖି ସେ ଶଟ୍ ଦେବା ସହ ଫିଲ୍ମଟିର ଅବଶିଷ୍ଟ ଶୁଟିଂ ଶେଷ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ 'ଗୋଟିଏ ହାତ ପକେଟ୍‌ରେ ରଖିବା' ସେତେବେଳେ ଯୁବପିଢ଼ିଙ୍କ ପାଇଁ ଏକ ଷ୍ଟାଇଲ୍ ହୋଇଯାଇଥିଲା। ଏହା ବ୍ୟତୀତ ବାପି ଲାହିରୀଙ୍କ ସ୍ୱର ସଂଯୋଜନାରେ ଏହାର 'ଦେ ଦେ ପ୍ୟାର୍ ଦେ' ଗୀତ ଏବେ ବି ଶ୍ରୋତାଙ୍କ ମନରେ ସତେଜ ରହିଛି। ସତେନ୍ଦ୍ର ପାଲ୍‌ଙ୍କ ପ୍ରଯୋଜିତ ଏହି ଫିଲ୍ମରେ ଅମିତାଭଙ୍କ ବ୍ୟତୀତ ଜୟାପ୍ରଦା ଏବଂ ପ୍ରାନ୍ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ମାତ୍ର ୪କୋଟି ବଜେଟରେ ପ୍ରସ୍ତୁତ ଫିଲ୍ମଟି ବକ୍ସ ଅଫିସରେ ପ୍ରାୟ ୭୦କୋଟି ଇନ୍‌କମ୍ କରିଥିଲା।


'ସରାବୀ' ଚଳଚ୍ଚିତ୍ରରେ ଅମିତାଭ ବଚ୍ଚନ

# ଖୋକା ଭାଇ ତୁମ ପାଇଁ


ସରୋଜ-ଉପାସନା

ଓଡ଼ିଆ ସଙ୍ଗୀତ ଜଗତର ବେତାଜ ବାଦଶାହା ଅକ୍ଷୟ ମହାନ୍ତି ଓରଫ ଖୋକା ଭାଇ। ତାଙ୍କ ଗୀତଗୁଡ଼ିକ କାଳଜୟୀ ହୋଇ ରହିଥିବ। ସେଭଳି ବିଷୟବସ୍ତୁକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଖୋକା ଭାଇ ତୁମରି ପାଇଁ'। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ସ୍ୱରାଜ। ଏଭଳି ଏକ ଫିଲ୍ମରେ ଅଭିନୟ କରିବାଠାରୁ ଆଉ କିଛି ବଡ଼ କଥା ନାହିଁ ବୋଲି କହନ୍ତି ଏହି ଅଭିନେତା। ଉକ୍ତ ସିନେମାରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରୁଛନ୍ତି ନବାଗତା ଲକି ମନୀଷା। ସରୋଜ ପରିଡା ଏବଂ ଉପାସନା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଖାସ୍ କଥା ହେଲା, ଏଥର ଦଶହରାରେ ଫିଲ୍ମଟି ରିଲିଜ ହେବାକୁ ଯାଉଛି। ଏଭଳି ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ଚଳଚ୍ଚିତ୍ରଟି ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ଆଶା ରଖିଛନ୍ତି ଏହାର ନିର୍ଦ୍ଦେଶକ ତଥା ଆଗଧାଡିର କୋରିଓଗ୍ରାଫର ଗିରିଶ ମହାନ୍ତି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଶୁଭେନ୍ଦୁ ସାହୁ ଏବଂ ବିଷ୍ଣୁପ୍ରିୟା ସାହୁ। ବିଶେଷଭାବରେ ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମାରୁ ଶିକ୍ଷା ପ୍ରାପ୍ତ ସରୋଜ ଏଥିରେ ଏକ ଭିନ୍ନ ଲୁକ୍‌ରେ ଆସୁଛନ୍ତି। ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ରିଲିଜ ପରେ ହିଁ ଜଣାପଡ଼ିବ।

# ସଫଳତାରୁ ଆରମ୍ଭ

ଅଭିନୟକୁ କ୍ୟାରିୟର କରିବା ସହଜ କଥା ନୁହେଁ। ହେଲେ ଏ ନେଇ ନିଜ ଉପରେ ଦୃଢ଼ ଆତ୍ମବିଶ୍ୱାସ ରହିବା ନିହାତି ଦରକାର। ମନସ୍ତତ୍ତ୍ୱ ବିଜ୍ଞାନ, ସାମ୍ବାଦିକତା ଏବଂ ଇଂଲିଭାଷାରେ ଡିଗ୍ରୀ ହାସଲ ପରେ ସେ ମଡେଲିଂ ଦୁନିଆରେ ପାଦ ଦେଇଥିଲେ। କନ୍ନଡ ଫିଲ୍ମ 'କିରିକ୍ ପାର୍ଟି'ରେ ତାଙ୍କୁ ପ୍ରଥମେ ନାୟିକା ସାଜିବାର ସୁଯୋଗ ମିଳିଥିଲା। ଆଉ ଏଭଳି ସୁଯୋଗକୁ ସେ ହାତଛଡ଼ା କରି ନ ଥିଲେ। ହଁ, ସେ ହେଲେ ରଶ୍ମିକା ମନ୍ଦାନା। ପ୍ରଥମ ସିନେମା ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହେବା ପରେ ସେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ତା'ପରେ ସେ ତାମିଲ ଏବଂ ତେଲୁଗୁ ଫିଲ୍ମରେ ଅଭିନୟ ଜାରି ରଖିଥିଲେ। 'ପୁଷ୍ପା : ଦ ରାଇଜ' ତାଙ୍କୁ ରାତାରାତି ଆହୁରି ପରିଚିତ କରାଇ ଦେଇଥିଲା। ରଶ୍ମିକାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ଗୁଡ୍‌ବାୟ'ରୁ। ଗତ ବର୍ଷ ତାଙ୍କ ଅଭିନୀତ 'ଆନିମଲ୍' ହିଟ୍ ସାବ୍ୟସ୍ତ ହୋଇଥିଲା। ବର୍ତ୍ତମାନ ନିର୍ମାଣାଧୀନ ହିନ୍ଦୀ ସିନେମା 'ସିକନ୍ଦର'ରେ ସେ ଅଭିନୟ କରୁଛନ୍ତି।


ରଶ୍ମିକା

# କେବଳ ଟେନ୍‌ସନ

ନୋରା ଫତେହି ଏବେ ଲଣ୍ଡନରେ ଡେରା ପକାଇଛନ୍ତି। କଥା କ'ଣ କି ଏକ ଲଙ୍ଗ ଭ୍ୟାକେଶନରେ ସେ ବର୍ତ୍ତମାନ ସେଠାକୁ ଯାଇଛନ୍ତି। ନିକଟରେ ସେ ତାଙ୍କର କେତୋଟି ବୋଲ୍ଡ ଅବତାରବିଶିଷ୍ଟ ଫଟୋ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ଏ ସମ୍ପର୍କରେ ସଫେଇ ଦେଇ ସେ କହନ୍ତି, ''ମୋର ବୋଲ୍ଡ ତଥା ବିକିନି ପିନ୍ଧା ଫଟୋକୁ ନେଇ କାହିଁକି ଏତେ ଚର୍ଚ୍ଚା ହେଉଛି ତାହା ମୁଁ ଜାଣିପାରୁନି। ଚର୍ଚ୍ଚାରେ ରହିବାକୁ ମୁଁ ଏପରି କଷ୍ଟ୍ୟୁମ ପିନ୍ଧିଛି ବୋଲି କେହି କେହି କହୁଛନ୍ତି। ହେଲେ ଅସଲ କଥା ହେଲା, ଏକ ବିଜ୍ଞାପନର ଶୁଟିଂ ସମୟରେ ମୋତେ ଏପରି ଗେଟ୍‌ଅପ୍ ନେବାକୁ ପଡ଼ିଥିଲା।'' ନୋରାଙ୍କୁ ୨୦୨୨ରେ ଶେଷ ଥର ପାଇଁ ବଡ଼ ପରଦାରେ ଦେଖିବାକୁ ମିଳିଥିଲା। ଚଳିତ ବର୍ଷ ତାଙ୍କ ହାତରେ ଦୁଇଟି ସିନେମା 'ଡ୍ୟାନ୍ସିଂ ଡ୍ୟାଡ୍' (ହିନ୍ଦୀ) ଏବଂ 'ମଟ୍‌କା' (ତେଲୁଗୁ) ରହିଛି।

# ଅସରପା ଉପାଖ୍ୟାନ

ନୁସରତ ଭରୁଚା ନିକଟରେ ନିଜ ଅଭିନୟ ଜୀବନର ସ୍ମରଣୀୟ ଘଟଣା ବିଷୟରେ ସାଙ୍ଗମାନଙ୍କ ସମ୍ମୁଖରେ ବଖାଣୁ ଥାଆନ୍ତି। କଥା ପ୍ରସଙ୍ଗରେ ସେ ଅସରପା ବିଷୟରେ କହିବା ଆରମ୍ଭ କଲେ। ଆଉ ଏକଥାକୁ ଶୁଣି ତାଙ୍କର ସାଙ୍ଗମାନେ ହସି ହସି ଗଡ଼ି ଯାଇଥିଲେ। ଏ ନେଇ ନୁସରତ କହନ୍ତି, 'ସତ କଥା ହେଲା ଅସରପା ଦେଖିଲେ ମୋତେ ଭାରି ଡର ଲାଗେ। ଥରେ ଏଥିପାଇଁ ମୁଁ ଅଭିନୟ କରିଥିବା ଏକ ସିନେମାର ଶୁଟିଂକୁ କିଛି ସମୟ ବନ୍ଦ ରଖିବାକୁ ପଡିଥିଲା। ନିଜକୁ ପ୍ରସ୍ତୁତ କରି କ୍ୟାମେରା ସାମନା କରିବାକୁ ଯିବା ବେଳକୁ ମୋର ଆଖି ଗୋଟିଏ ଅସରପା ଉପରେ ପଡ଼ିଯାଇଥିଲା। ତା'ପରେ ମୁଁ ଡାଏଲଗ କହିବି କ'ଣ ଭୟରେ କ୍ୟାମେରା ସାମନାରୁ ଦୌଡି ପଳାଇ ଆସିଥିଲି।' ସେ ଅଭିନୟ କରିଥିବା 'ଜନହିତ ମେଁ ଜାରି'ର ସ୍ପେଶାଲ ସ୍କ୍ରିନିଂ ସମୟରେ ଏକ ମଜାଦାର ଘଟଣା ଘଟିଥିଲା। ଜଣେ ବ୍ୟକ୍ତି ନୁସରତଙ୍କ ନିକଟକୁ ଆସି କହିଲେ ଯେ, ସେ ତାଙ୍କୁ ଫିଲ୍ମରେ ଚିହ୍ନି ପାରିଲେ ନାହିଁ। ହେଲେ ବ୍ୟକ୍ତି ଜଣକ ତାଙ୍କ ସହ ମଜା କରୁଥିବା କହିବା ପରେ ନୁସରତଙ୍କ ମୁହଁରେ ଖୁସିର ଲହରି ଖେଳିଯାଇଥିଲା।

# ବାଧ୍ୟ ହୋଇଥିଲେ ମୃଣାଳ

ମୃଣାଳ ଠାକୁର ଅଭିନୟ ଦୁନିଆରେ ପ୍ରବେଶ କରିବା ପୂର୍ବରୁ ସାମ୍ବାଦିକତା କ୍ଷେତ୍ରରେ କାର୍ଯ୍ୟ କରୁଥିଲେ। ହେଲେ ତା' ଭିତରେ ତାଙ୍କ ମନରେ ଅଭିନୟ କରିବା ଆଶା ଜାଗ୍ରତ ହୋଇଥିଲା। ଧୀରେ ଧୀରେ ଏହାକୁ ପୂରଣ କରିବା ପାଇଁ ତାଙ୍କୁ ବାଧ୍ୟ ହୋଇ ଏକ ନିଷ୍ପତ୍ତି ନେବାକୁ ପଡିଲା। ସାମ୍ବାଦିକତାକୁ ଅଧାରେ ପରିତ୍ୟାଗ କରି ସେ ଅଭିନୟକୁ ଆପଣେଇ ନେଇଥିଲେ। ଏ ନେଇ ମୃଣାଳ କହନ୍ତି, 'ମାସ୍ ମିଡିଆରେ ଡିଗ୍ରୀ ହାସଲ ପରେ ମୁଁ ସାମ୍ବାଦିକତା କରୁଥିଲି। ହେଲେ ଯେତେବେଳେ ଅଭିନୟ ଆଡ଼କୁ ମୋ ମନ ଢଳିଲା ସେତେବେଳେ ଆଉ ମୁଁ ନିଜକୁ ନିୟନ୍ତ୍ରଣ କରିପାରି ନ ଥିଲି। ଶେଷକୁ ବାଧ୍ୟ ହୋଇ ସେହି ଲାଇନ୍‌କୁ ଗୁଡ୍‌ବାୟ କହିଥିଲି।' ଛୋଟ ପରଦାକୁ ତାଙ୍କର ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା। ୨୦୧୪ରେ 'ହେଲୋ ନନ୍ଦନ' ଟାଇଟଲବିଶିଷ୍ଟ ଏକ ମରାଠୀ ଫିଲ୍ମରେ ତାଙ୍କୁ ବ୍ରେକ୍ ମିଳିଥିଲା।


ମୃଣାଳ


ନୁସ୍‌ରତ

# ସାନ୍ୟାଙ୍କ ଗଡ୍‌ଫାଦର


ସାନ୍ୟା

'ଦଙ୍ଗଲ'ରୁ ନିଜ ଅଭିନୟ ଦକ୍ଷତାର ପରିଚୟ ଦେଇଥିଲେ ସାନ୍ୟା ମାଲହୋତ୍ରା। ହେଲେ ଏହି ଫିଲ୍ମରେ ବବିତା ପୋଘଟ ଭୂମିକା ପାଇଁ ତାଙ୍କୁ ବେଶ୍ କସରତ୍ କରିବାକୁ ପଡିଥିଲା। ଆମୀର ଖାନ୍‌ଙ୍କ ପ୍ରଯୋଜିତ ଉକ୍ତ ଚିତ୍ରରେ ଅଡିଶନ୍‌ରେ ପାଖାପାଖି ୧୦,୦୦୦ ନବାଗତା ଅଂଶଗ୍ରହଣ କରିଥିଲେ। ହେଲେ ସେମାନଙ୍କ ମଧ୍ୟରୁ ସାନ୍ୟାଙ୍କୁ ଚୟନ କରାଯାଇଥିଲା। ଆଉ ସେଭଳି ସୁଯୋଗ ପାଇଁ ଆମୀରଙ୍କୁ ନିଜର ଗଡ୍‌ଫାଦର ଭାବରେ ଗ୍ରହଣ କରିଛନ୍ତି ସେ। ଏ ବିଷୟରେ ସାନ୍ୟା କହନ୍ତି, ''ଏହାପୂର୍ବରୁ ମୁଁ ଆମୀରଙ୍କ ଅଭିନୀତ 'ସିକ୍ରେଟ ସୁପରଷ୍ଟାର'ରେ କେତୋଟି ଗୀତର କୋରିଓଗ୍ରାଫି କରିଥିଲି। ହେଲେ ସେ ଯେ ମୋତେ ଆକ୍ଟିଂ ଲାଇନ୍‌ରେ ସୁଯୋଗ ଦେବେ ତାହା କେବେ ଭାବି ନ ଥିଲି। ଯାହାହେଉ ଆଜି ଯଦି ମୁଁ ଇଣ୍ଡଷ୍ଟ୍ରିରେ ତିଷ୍ଠି ରହିଛି କେବଳ ତାଙ୍କରି ପାଇଁ।'' ହେଲେ ତାଙ୍କର ଗୋଟିଏ ଇଚ୍ଛା ରହିଛି। ବିଶିଷ୍ଟ ଅଭିନେତା ଅମିତାଭ ବଚ୍ଚନଙ୍କ ସହ ଅଭିନୟ କରିବାକୁ ଚାହିଁ ବସିଛନ୍ତି ସେ। ଯଦି ଏଭଳି ସୁଯୋଗ କେବେ ମିଳେ ତେବେ ତାହା ତାଙ୍କ ଅଭିନୟ ଜୀବନର ସବୁଠାରୁ ସ୍ମରଣୀୟ ମୁହୂର୍ତ୍ତ ହେବ ବୋଲି କହନ୍ତି ସାନ୍ୟା।

# ଏଥର ହ୍ୟାଟ୍ରିକ୍

ସେ ଏକାଧାରରେ ପ୍ରଯୋଜକ ଏବଂ ଅଭିନେତା। ଇତିମଧ୍ୟରେ କେତୋଟି ସିନେମାର ପ୍ରଯୋଜନା କରିବା ସହ ସେଥିରେ ନାୟକ ସାଜିସାରିଛନ୍ତି। ଆଉ ଏଥର ଦଶହରା ମଇଦାନରେ ସେ ଏକ ଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହେବାକୁ ଯାଉଛନ୍ତି। ହଁ, ସେ ହେଲେ ଅର୍ଦ୍ଧେନ୍ଦୁ ସାହୁ। ହୋମ ବ୍ୟାନର ଆଦିଲକ୍ଷ୍ମୀ ଫିଲ୍ମସ ବ୍ୟାନରରେ ସେ ପ୍ରଯୋଜନା କରିଛନ୍ତି ଆକ୍ସନଭିତ୍ତିକ ଓଡ଼ିଆ ଫିଲ୍ମ 'ଭିଲେନ୍'। ଖାସ୍ କଥା ହେଲା, ଏଥିରେ ସେ ଟାଇଟଲ ଭୂମିକାରେ ମଧ୍ୟ ଅଭିନୟ କରୁଛନ୍ତି। ଏଥିରେ ତାଙ୍କର ନାୟିକା ସାଜିଛନ୍ତି ତମନ୍ନା। ଏହି ଯୋଡି ତୃତୀୟ ଥର ପାଇଁ ବଡ଼ ପରଦାରେ ଏକାଠି ହୋଇଛନ୍ତି। ପ୍ରଥମ ଥର ପାଇଁ ଏହି ଯୋଡିକୁ ଅର୍ଦ୍ଧେନ୍ଦୁଙ୍କ ପ୍ରଯୋଜିତ 'ବ୍ଲାକମେଲ' ଚଳଚ୍ଚିତ୍ରରେ ଏକାଠି ଦେଖିବାକୁ ମିଳିଥିଲା ଏବଂ ଏହି ଯୋଡିକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ଚଳଚ୍ଚିତ୍ରଟି ବକ୍ସ ଅଫିସରେ ସଫଳତା ହାସଲ କରିବା ସହିତ ଏଥିରେ ଦୃଶ୍ୟାୟିତ 'ହାୟ ତୋ ପ୍ରେମର ରଙ୍ଗୋଲି...' ଗୀତଟି ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ଯୋଡ଼ିକୁ 'ଷଷ୍ଠରୁ ନଷ୍ଟ' ଚଳଚ୍ଚିତ୍ରରେ ଦୁହେଁ ଅଭିନୟ କରିଥିଲେ। ଆଉ ଅକ୍ଟୋବର ୯ରେ ମୁକ୍ତିଲାଭ କରିବାକୁ ଯାଉଛି 'ଭିଲେନ୍'। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି କେ.ମୁରଲୀକ୍ରିଷ୍ଣା। ଏହି ଯୋଡି ବ୍ୟତୀତ ଏଥିରେ ଉଷସୀ ମିଶ୍ର, ବବି ମିଶ୍ର, କେ.କେ, ସମରେଶ, ବ୍ରଜ ସିଂ, ରବି ମିଶ୍ର, ରାଜୁ ଦାସ (ଫେସ୍‌ବୁକ୍‌ର ସାହୁ ବାବୁ) ଏବଂ ସୋମୁ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ତେବେ ଉକ୍ତ ଫିଲ୍ମଟି ଏଥର ଦଶହରାରେ ଦର୍ଶକାଦୃତ ହେବ ବୋଲି ଦୃଢ଼ ଆଶା ରଖିଛନ୍ତି ଅର୍ଦ୍ଧେନ୍ଦୁ।


ଅର୍ଦ୍ଧେନ୍ଦୁ-ତମନ୍ନା

# ଦୋଷ ଦେବା କାହାକୁ...

'' ଓଡ଼ିଆ ଇଣ୍ଡଷ୍ଟ୍ରି ଆଗକୁ ଆଗେଇବ, ଓଡ଼ିଆ ସିନେମା ଜାତୀୟ ସ୍ତରରେ ସୁନାମ ଅର୍ଜନ କରିବ ଆଦି ଭାଷଣବାଜି ଶୁଣିଲେ ଭଲ ଲାଗୁଛି। ହେଲେ ତାହା ବାସ୍ତବରେ କେତେ ରୂପାୟନ ହେଉଛି ତାହା ଦେଖିବା କଥା। କଥାରେ ଅଛି ତୁ ଯଦି କାହା ଉପରକୁ ଟେକାଟିଏ ଫୋପାଡୁଥିବୁ ତେବେ ପଥର ମାଡ଼ ପାଇଁ ପ୍ରସ୍ତୁତ ରହିବା ଦରକାର। ''

ଓଡ଼ିଆ ସିନେମାକୁ ନେଇ ଚର୍ଚ୍ଚା ପ୍ରାୟ ଲାଗିରହିଛି। କିଛି ମାସ ପୂର୍ବେ ପୁଣି ଥରେ କଳାକାର ଏବଂ ପ୍ରଯୋଜକଙ୍କ ମଧ୍ୟରେ କାଦୁଅ ଫିଙ୍ଗାଫିଙ୍ଗି ଆଲୋଚନା ପାଇଁ ବେଶ୍ ଖୋରାକ ଯୋଗାଇ ଥିଲା। ଓଡ଼ିଆ ଇଣ୍ଡଷ୍ଟ୍ରି ଆଗକୁ ଆଗେଇବ, ଓଡ଼ିଆ ସିନେମା ଜାତୀୟ ସ୍ତରରେ ସୁନାମ ଅର୍ଜନ କରିବା ଆଦି ଭାଷଣବାଜି ଶୁଣିଲେ ଭଲ ଲାଗୁଛି। ହେଲେ ତାହା ବାସ୍ତବରେ କେତେ ରୂପାୟନ ହେଉଛି ତାହା ଦେଖିବା କଥା। କଥାରେ ଅଛି 'ତୁ ଯଦି କାହା ଉପରକୁ ଟେକାଟିଏ ଫୋପାଡୁଥିବୁ ତେବେ ପଥର ମାଡ଼ ପାଇଁ ପ୍ରସ୍ତୁତ ରହିବା ଦରକାର।' ଓଡ଼ିଆ ସିନେମା ଜଗତରେ ଏଭଳି ବିବାଦ ଦେଖିବା ପରେ ଏକଥା କହିଲେ ଆଦୌ ଭୁଲ୍ ହେବ ନାହିଁ ଯେ, ଏହାର ଭବିଷ୍ୟତକୁ ନେଇ ସୁନେଲି ସ୍ୱପ୍ନ ଦେଖିଥିବା ବ୍ୟକ୍ତିବିଶେଷଙ୍କର ଓଡ଼ିଆ ସିନେମା ପ୍ରତି ଆଗ୍ରହ କମି କମି ଯାଉଛି। ନିକଟରେ କେତୋଟି ସିନେମା ବେଶ୍ ଦର୍ଶକାଦୃତ ହୋଇଛି। ବିଶେଷଭାବରେ 'ଆଶ୍ରମ' ଫିଲ୍ମରେ ବରିଷ୍ଠ ତଥା ଲୋକପ୍ରିୟ ଅଭିନେତ୍ରୀ ମହାଶ୍ୱେତା ରାୟଙ୍କ ଅଭିନୟକୁ ଯେତେ ପ୍ରଶଂସା କରିବା ତାହା ସେତେ କମ୍ ହେବ। ନବାଗତ କଳାକାର ଏଥିରୁ ନିଶ୍ଚୟ କିଛି ପ୍ରେରଣା ପାଇଥିବେ। ଏହାର ପ୍ରଚାର ପ୍ରସାର ସମୟରେ ସେ କହିଥିଲେ, 'ଓଡ଼ିଆ ସିନେମାର ପବ୍ଲିସିଟି ଯେତେ ହେବ ତାହା ଦର୍ଶକଙ୍କୁ ସେତେ ଆକୃଷ୍ଟ କରିବ। ଏହା ଉପରେ ପ୍ରଯୋଜନା ସଂସ୍ଥା ସ୍ୱତନ୍ତ୍ର ଧ୍ୟାନ ଦେବା ଦରକାର।'

ଓଡ଼ିଆ ସିନେମା ସଂଖ୍ୟା ବଢ଼ିଚାଲିଛି। ଏହାକୁ ଆମେ କେବଳ ଗଣୁଛେ, ହେଲେ ଦର୍ଶକଙ୍କ ମନକୁ ଛୁଇଁଲା ଭଳି କେତୋଟି ସିନେମା ନିର୍ମାଣ ହେଉଛି କହିଲେ ? ଗୋଟିଏ ଗୋଟିଏ ଶୋ'ରେ ଏହାର ଯାତ୍ରା ଶେଷ ହୋଇଯାଉଛି। ରିଲିଜ ପୂର୍ବରୁ ବାହୁସ୍ଫୋଟ ମାରି କୁହାଯାଉଛି ଯେ, ଆମ ସିନେମା ନିଆରା। ଦର୍ଶକ ଏଥିରୁ ଶତ ପ୍ରତିଶତ ମନୋରଞ୍ଜନ ପାଇବେ। ହେଲେ ବାସ୍ତବରେ ଦେଖିଲା ବେଳକୁ ଫିଲ୍ମଟିର କାହାଣୀ, କଳାକାର ଚୟନ ଏବଂ ନିର୍ମାଣଶୈଳୀରେ ଗୁରୁତର ତ୍ରୁଟି ରହିଯାଉଛି। ତେଣୁ ଏସବୁ ପ୍ରତି ପ୍ରଯୋଜନା ସଂସ୍ଥା ବେଳ ଥାଉ ସାବଧାନ ହେବା ନିହାତି ଦରାକର।

ବର୍ତ୍ତମାନ ସବୁଠାରୁ ବଡ଼ ସମସ୍ୟା ଭାବରେ ଉଭା ହୋଇଛି ପ୍ରେକ୍ଷାଳୟ। ସହରାଞ୍ଚଳରେ କେତୋଟି ପ୍ରେକ୍ଷାଳୟକୁ ବାଦ୍ ଦେଲେ ବାକି ଗ୍ରାମାଞ୍ଚଳରେ ଏହାର ଅବସ୍ଥା ନ କହିବା ଭଲ। ତେଣୁ ପ୍ରେକ୍ଷାଳୟଗୁଡିକର ପୁନରୁଦ୍ଧାରର ଆବଶ୍ୟକତା ରହିଛି। ଏ ନେଇ କେବଳ ସରକାର ନୁହନ୍ତି, ପ୍ରଯୋଜକମାନେ ଆହୁରି ତତ୍ପର ହେବା ଦରକାର। ତା' ସହ ଏ କ୍ଷେତ୍ରରେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ (ଓଏଫ୍‌ଡିସି)ର ଏ ନେଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅନ୍ୟପକ୍ଷରେ ପିପିପି ମୋଡ୍‌ରେ ପ୍ରେକ୍ଷାଳୟ ନିର୍ମାଣ ହେବା ଦରକାର। ଏହାଦ୍ୱାରା ଗ୍ରାମାଞ୍ଚଳରେ ସିନେମା ଦେଖିବାକୁ ଲୋକମାନେ ଅଧିକ ଆଗ୍ରହ ପ୍ରକାଶ କରିବେ।



ପୁରସ୍କାର ପ୍ରଦାନକୁ ନେଇ ବାଦବିବାଦ ମଧ୍ୟ ଆଲୋଚ୍ୟ ବିଷୟ। ଏଥିରେ ସ୍ୱଚ୍ଛତା ରହିଲେ ପୁରସ୍କାର ପାଉଥିବା ଚଳଚ୍ଚିତ୍ର ଉପରେ କେହି ଆଙ୍ଗୁଠି ଉଠେଇବାକୁ ସାହସ କରିବେ ନାହିଁ।

ଓଡ଼ିଆ ଚଳଚ୍ଚିତ୍ର 'ଦମନ' ନିକଟରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଛି। ଏଭଳି ସିନେମା ନିର୍ମାଣ ହେଲେ ଓଡ଼ିଆ ସିନେମାର ପୂର୍ବଦିନ ଖୁବ୍‌ଶୀଘ୍ର ଫେରିଆସିବ ବୋଲି ଦୃଢ଼ତାର ସହ କୁହାଯାଇପାରେ। ଅନ୍ୟ ପ୍ରାନ୍ତୀୟ ଭାଷା ସିନେମାକୁ ଜେରକ୍ସ କରି ସିନେମା ନିର୍ମାଣ କଲେ ମନ ବୁଝିବ ସିନା, ହେଲେ ଦର୍ଶକଙ୍କ ମନ ଆଦୌ ବୁଝିବ ନାହିଁ। ତେଣୁ ଓଡ଼ିଆ ସିନେମାର ଉନ୍ନତି ପାଇଁ ଏହା ସହ ଜଡିତ ସମସ୍ତ ବ୍ୟକ୍ତିବିଶେଷ ଏକାଠି ହୋଇ ଆଗେଇଲେ ଆମ ସିନେମା ପୁଣି ଥରେ ନିଶ୍ଚୟ ଦର୍ଶକାଦୃତ ହୋଇପାରିବ।

-ଦିଲ୍ଲୀପ ହାଲି
ବଡ଼ଗଡ଼, ଭୁବନେଶ୍ୱର
ମୋ: ୯୮୬୧୦୦୯୨୫୨



ନୂଆଦିଲ୍ଲୀରେ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଚେସ୍ ଅଲିମ୍ପିଆଡ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ପୁରୁଷ ଓ ମହିଳା ଦଳ।

# ପ୍ରଜ୍ଞାନନ୍ଦ-ଇରିଗାସିଙ୍କ ମ୍ୟାଚ ଦେଖି ମୋଦି ମୁଗ୍ଧ

### ଚେସ୍ ଅଲିମ୍ପିଆଡ୍‌ରେ ସ୍ୱର୍ଣ୍ଣ ବିଜୟୀ ଭାରତୀୟ ଦଳକୁ ପ୍ରଶଂସା

ନୂଆଦିଲ୍ଲୀ, ୨୫।୯ (ପି.ଟି.)

ବୁଦାପେଷ୍ଟରେ ଅନୁଷ୍ଠିତ ୪୫ତମ ଚେସ୍ ଅଲିମ୍ପିଆଡ୍‌ରେ ଐତିହାସିକ ଡବଲ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳ (ମହିଳା ଓ ପୁରୁଷ)କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଶଂସା କରିଛନ୍ତି। ବୁଧବାର ଉଭୟ ମହିଳା ଓ ପୁରୁଷ ଦଳର ସଦସ୍ୟମାନେ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି। ଅଲିମ୍ପିଆଡ୍‌ରେ ଭାରତୀୟ ମହିଳା ଓ ପୁରୁଷ ଦଳ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିଲା। ଅନ୍ତିମ ରାଉଣ୍ଡରେ ପୁରୁଷ ଦଳ ସ୍ଲୋଭେନିଆକୁ ଓ ମହିଳା ଦଳ ଆଜରବୈଜନାକୁ ପରାସ୍ତ କରିଥିଲା। ଚେସ୍ ଅଲିମ୍ପିଆଡ୍ ଇତିହାସରେ ଭାରତର ଏହାଥିଲା ସର୍ବପ୍ରଥମ ସ୍ୱର୍ଣ୍ଣ ପଦକ।

ଅନ୍ତିମ ରାଉଣ୍ଡରେ ଭାରତୀୟ ପୁରୁଷ ଦଳର ଡି. ଗୁକେଶ, ଅର୍ଜୁନ ଇରିଗାସି ଓ ଆର. ପ୍ରଜ୍ଞାନନ୍ଦ ବିଜୟ ହାସଲ କରିଥିବାବେଳେ ଭିଦିତ ସନ୍ତୋଷ ଗୁଜରାଠି ପଏଣ୍ଟ ଭାଗ କରିଥିଲେ। ସେହିପରି ମହିଳା ଦଳର ଦ୍ରୋଣାଭାଲି ହାରିକା, ଦିବ୍ୟା ଦେଶମୁଖ ଓ ଭାନ୍ତିକା ଅଗ୍ରୱାଲ ବିଜୟୀ ହୋଇଥିଲେ ଏବଂ ଆର. ବୈଶାଳୀ ମ୍ୟାଚ ଡ୍ର ରଖିଥିଲେ। ପେଣ୍ଟାଲା ହରିକ୍ରିଷ୍ଣା ଓ ତାନିଆ ସଚଦେବ ଯଥାକ୍ରମେ ଭାରତୀୟ ପୁରୁଷ ଓ ମହିଳା ଦଳର ଅନ୍ୟତମ ସଦସ୍ୟ ଥିଲେ। ଭାରତୀୟ ପୁରୁଷ ଦଳ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଡି. ଗୁକେଶ ୧୧ ମ୍ୟାଚରୁ ୧୦ଟିରେ ବିଜୟୀ ହୋଇଥିଲେ। ଭାବ ବିନିମୟ ଅବସରରେ ଖେଳାଳିମାନେ ପ୍ରଧାନମନ୍ତ୍ରୀଙ୍କୁ ଏକ ଚେସ୍‌ବୋର୍ଡ ପ୍ରଦାନ କରିଥିଲେ। ଏହାପରେ ପ୍ରଜ୍ଞାନନ୍ଦ ଓ ଇରିଗାସିଙ୍କ ମଧ୍ୟରେ ଏକ କ୍ୱିକ୍ ଗେମ୍ ଅନୁଷ୍ଠିତ ହୋଇଥିଲା। ଏହାକୁ ଦେଖି ପ୍ରଧାନମନ୍ତ୍ରୀ ମନ୍ତ୍ରମୁଗ୍ଧ ହୋଇଥିଲେ। ଚେସ୍ ଅଲିମ୍ପିଆଡ୍‌ରେ ଭାରତୀୟ ପୁରୁଷ ଦଳ ସମ୍ଭାବ୍ୟ ୨୨ରୁ ୨୧ ପଏଣ୍ଟ ପାଇଥିଲା। ପୂରା ଟୁର୍ନାମେଣ୍ଟରେ ଭାରତ କେବଳ ଉଜବେକିସ୍ତାନ ବିପକ୍ଷରେ ୨-୨ରେ ଗେମ୍ ଡ୍ର ରଖିଥିଲା। ମହିଳା ଦଳ ୧୯ ପଏଣ୍ଟ ପାଇ ପ୍ରତିଯୋଗିତା ଶେଷ କରିଥିଲା।

## ଚେସ୍ ଦଳକୁ ୩.୨ କୋଟି ପୁରସ୍କାର

ନୂଆଦିଲ୍ଲୀ, ୨୫।୯ (ପି.ଟି.): ଚେସ୍ ଅଲିମ୍ପିଆଡରେ ଐତିହାସିକ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳ ପାଇଁ ଆର୍ଥିକ ପୁରସ୍କାର ଘୋଷଣା କରିଛି ସର୍ବଭାରତୀୟ ଚେସ୍ ମହାସଂଘ (ଏଆଇସିଏଫ୍)। ବୁଧବାର ଚେସ୍ ଖେଳାଳିଙ୍କ ସମ୍ମାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୩.୨ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି ଏଆଇସିଏଫ୍ ସଭାପତି ନିତିନ ନାରଙ୍ଗ। ଓପନ ଓ ମହିଳା ବର୍ଗରେ ଚାମ୍ପିୟନ ଦଳର ପ୍ରତ୍ୟେକ ଖେଳାଳିଙ୍କୁ ୨୫ ଲକ୍ଷ ଟଙ୍କା ଦିଆଯିବ। ଦୁଇ ଦଳର କ୍ୟାପଟେନ୍ ରହିଥିବା ଅଭିଜିତ କୁନ୍ତେ ଓ ଶ୍ରୀନାଥ ନାରାୟଣନଙ୍କ ପାଇଁ ୧୫ ଲକ୍ଷ ଟଙ୍କା ଘୋଷଣା କରାଯାଇଥିଲା। ଭାରତୀୟ ଦଳର ମୁଖ୍ୟ ଗ୍ରାଣ୍ଡମାଷ୍ଟର ଦିବ୍ୟେନ୍ଦୁ ବରୁଆଙ୍କ ପାଇଁ ୧୦ ଲକ୍ଷର ପୁରସ୍କାର ରାଶି ଘୋଷଣା କରାଯାଇଥିବା ବେଳେ ସମସ୍ତ ସହକାରୀ କୋଚଙ୍କ ପାଇଁ ୭.୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଛି। ସୁନା ପାଇଁ ଥିବା ଭୋକ ହଙ୍ଗେରୀରେ ଶେଷ ହୋଇଛି। ବିଶ୍ୱନାଥନ ଆନନ୍ଦଙ୍କ ଦ୍ୱାରା ଲାଗିଥିବା ଗଛସବୁ ଆଜି ମହାଦ୍ରୁମରେ ପରିଣତ ହୋଇଛି ବୋଲି ସେ ମତ ଦେଇଥିଲେ। ଏଆଇସିଏଫ୍ ମହାସଚିବ ଦେବ୍ ଏ ପଟେଲ ଏହି ବିଜୟକୁ ଐତିହାସିକ ଭାବରେ ବର୍ଣ୍ଣନା କରିଥିଲେ। ଏହା ଦ୍ୱାରା ଦେଶରେ ଏକ ଚେସ୍ ବିପ୍ଳବ ଆସିବ ବୋଲି ସେ ମତ ଦେଇଥିଲେ।

# ସୁପରଷ୍ଟାର୍ସର କ୍ରମାଗତ ବିଜୟ

### ଲିଜେଣ୍ଡ୍ସ ଲିଗ୍ କ୍ରିକେଟ

### ରଜାକଙ୍କ ପ୍ରଭାବୀ ବୋଲିଂ

ଯୋଧପୁର, ୨୫।୯

ଯୋଧପୁରର ବର୍କତୁଲ୍ଲା ଖାଁ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ମ୍ୟାଚରେ ଇଣ୍ଡିଆ କ୍ୟାପିଟାଲ୍ସକୁ ୪ ଉଇକେଟରେ ପରାସ୍ତ କରି ପଏଣ୍ଟ ଟେବୁଲ ଶୀର୍ଷରେ ପହଞ୍ଚିଛି ସଦର୍ନ ସୁପରଷ୍ଟାର୍ସ। ବେନ୍ ଡଙ୍କଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଇଣ୍ଡିଆ କ୍ୟାପିଟାଲ୍ସ ୪ ଉଇକେଟରେ ୧୭୧ ରନ୍ କରିଥିଲା। ଜବାବରେ ସୁପରଷ୍ଟାର୍ସ ୧୯.୧ ଓଭରରେ ୬ ଉଇକେଟରେ ୧୭୪ ରନ୍ କରି ବିଜୟୀ ହୋଇଥିଲା।

ଇଣ୍ଡିଆ କ୍ୟାପିଟାଲ୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଡ୍ୱେନ୍ ସ୍ମିଥ୍ ଅପେକ୍ଷାକୃତ ଧୀମା ବ୍ୟାଟିଂ କରି ୩୩ ବଲ୍‌ରୁ ୩୬ ରନ୍ କରିଥିଲେ। ଫୈଜ୍ ଫଜଲ(୯) ଓ ନମନ ଓଝା(୧୬) ବିଫଳ ହୋଇଥିଲେ। ତେବେ ମଧ୍ୟକ୍ରମରେ ବେନ୍ ଡଙ୍କ୍ ଓ ଆସ୍‌ଲେ ନର୍ସ ଅତସବାଜି ବ୍ୟାଟିଂ କରିଥିଲେ। ଡଙ୍କ୍ କ୍ରମାଗତ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ମାତ୍ର ୨୯ ବଲ୍ ଖେଳି ସେ ୬୧ ରନ୍ କରିଥିଲେ। ଏହା ମଧ୍ୟରେ ୪ ଚୌକା ଓ ୫ ଛକା ସାମିଲ ଥିଲା। ଅନ୍ୟ ପକ୍ଷରେ ଆସ୍‌ଲେ ନର୍ସ ଶେଷ ଭାଗରେ ଧୂଆଁଧାର ବ୍ୟାଟିଂ କରି ମାତ୍ର ୨୪ ବଲ୍‌ରୁ ୪୦ ରନ୍ କରିଥିଲେ। ନର୍ସଙ୍କ ଇନିଂସରେ ୪ ଚୌକା ଓ ୨ ଛକା ସାମିଲ ଥିଲା। ଡଙ୍କ୍ ଓ ନର୍ସଙ୍କ ମଧ୍ୟରେ ଚତୁର୍ଥ ଉଇକେଟରେ ୧୦୪ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ସୁପରଷ୍ଟାର୍ସ ପକ୍ଷରୁ ଜେସଲ କେରିଆ ୨, ଅବଦୁର ରଜାକ ଓ ପୱନ ନେଗୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅବଦୁର ରଜାକ ଘାତକ ବୋଲିଂ କରି ୪ ଓଭରର ସ୍ପେଲରେ ୨ଟି ମେଡେନ ସହ ୬ ରନ୍ ବ୍ୟୟ କରି ୧ ଉଇକେଟ ନେଇଥିଲେ। ଅନ୍ୟ ପକ୍ଷରେ ୨ ଉଇକେଟ ନେଇଥିବା ଜେସଲ କେରିଆ ୪ ଓଭରରେ ୫୩ ରନ୍ ଦେଇଥିଲେ।

ସଦର୍ନ ସୁପରଷ୍ଟାର ବ୍ୟାଟିଂ ଆରମ୍ଭ କରି ପ୍ରଥମ ଓଭରରେ ୧୭ ରନ୍ କରିଥିଲା। ଦୁଇ ଓପନର ମାର୍ଟିନ୍ ଗପ୍‌ଟିଲ୍ ୩୬ ଓ ଶ୍ରୀବତ୍ସ ଗୋସ୍ୱାମୀ ୧୭ ରନ୍ କରି ପ୍ରଥମ ଉଇକେଟରେ ୪୧ ରନ୍ ଯୋଡିଥିଲେ। ମାତ୍ର ପାର୍ଥିବ ପଟେଲ(୦) ଓ ଦୀନେଶ କାର୍ତ୍ତିକ(୫) ଶୀଘ୍ର ଆଉଟ ହେବାରୁ ଦଳ ସଙ୍କଟରେ ପଡ଼ିଥିଲା। ପୱନ ନେଗୀ ୩୮ ରନ୍ କରିଥିବା ବେଳେ ଶେଷ ଆଡକୁ ଚିରାଗ ଗାନ୍ଧୀ ଦ୍ରୁତ ୩୮ ରନ୍ କରି ଦଳକୁ ବିଜୟୀ କରିଥିଲେ। ପ୍ଲେୟର ଅଫ୍ ଦ ମ୍ୟାଚ୍ ଚିରାଗ ୨୧ ବଲ୍ ଖେଳି ୩ ଚୌକା ଓ ୨ ଛକା ମାରିଥିଲେ। କ୍ୟାପିଟାଲ୍ସ ପକ୍ଷରୁ ରାହୁଲ ଶର୍ମା ୩ ଓ ପରବିନ୍ଦର ଆୱାନା ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଣ୍ଡିଆ କ୍ୟାପିଟାଲ୍ସ ୨୦ ଓଭରରେ ୧୭୧/୪(ବେନ୍ ଡଙ୍କ୍-୬୧, ଆସ୍‌ଲେ ନର୍ସ-୪୦*, ଡ୍ୱେନ୍ ସ୍ମିଥ୍-୩୬, ଜେସଲ କେରିଆ-୨/୫୩, ଅବଦୁର ରଜାକ-୧/୬, ପୱନ ନେଗୀ-୧/୨୬)। ସଦର୍ନ ସୁପରଷ୍ଟାର୍ସ ୧୯.୧ ଓଭରରେ ୧୭୪/୬ (ଚିରାଗ ଗାନ୍ଧୀ-୩୮*, ପୱନ ନେଗୀ-୩୮, ମାର୍ଟିନ୍ ଗପ୍‌ଟିଲ-୩୬, ରାହୁଲ ଶର୍ମା-୩/୩୫, ପରବିନ୍ଦର ଆୱାନା-୨/୩୫)।






# କେଭିଏସ୍‌ର ନ୍ୟାଶନାଲ ସ୍ପୋର୍ଟ୍ସ ମିଟ୍ ଉଦ୍‌ଘାଟିତ




ଉଦ୍‌ଘାଟନୀ ଅବସରରେ ଅତିଥିମାନେ।

ଭୁବନେଶ୍ୱର, ୨୫।୯ (ସରୋଜ ଜେନା)

କିଟ୍ ପରିସରରେ ଥିବା ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ବୁଧବାର କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ(କେଭିଏସ୍)ର ୫୩ତମ ନ୍ୟାଶନାଲ ସ୍ପୋର୍ଟ୍ସ ମିଟ୍ ଉଦ୍‌ଘାଟିତ ହୋଇଯାଇଛି। ୨୯ ତାରିଖ ଯାଏ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ୨୫ ରାଜ୍ୟର ୨୦୦୦ରୁ ଅଧିକ ପ୍ରତିଯୋଗୀ ଭାଗ ନେଉଛନ୍ତି। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କି, ଅନ୍ତର୍ଜାତୀୟ ଭଲିବଲ ଖେଳାଳି ରବୀନ୍ଦ୍ର କୁମାର ମୁଦୁଲି, କେଭିଏସ୍ ଡେପୁଟି କମିଶନର ଶିହରଣ ବୋଷ, ଆସିଷ୍ଟାଣ୍ଟ କମିଶନର ବୀରବଲ ଧିନୱା ଓ ଅନୀଲ କୁମାର ଅତିଥି ଭାବରେ ଯୋଗ ଦେଇଥିଲେ।

ଦିଲୀପ ତିର୍କି ହକି ଷ୍ଟାଡିୟମରେ ସମସ୍ତ ହକି ମ୍ୟାଚ୍ ଖେଳାଯିବ। ସେହିପରି ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ଭଲିବଲ ଖେଳାଯିବ। ୨୦୧୬ରୁ କେଭିଏସ୍‌ର ସମସ୍ତ ନ୍ୟାଶନାଲ ସ୍ପୋର୍ଟ୍ସ ମିଟ୍ କିଟ୍‌ରେ ଆୟୋଜିତ ହେଉଛି। କିଟ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ କେଭିଏସ୍ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଛି।

# କିସ୍ ସ୍କୁଲ ସେମିଫାଇନାଲରେ

ଭୁବନେଶ୍ୱର, ୨୫।୯ (ତପନ ସ୍ୱାଇଁ)

ଭୁବନେଶ୍ୱର ଭେଟେରାନ ଫୁଟବଲ ପ୍ଲେୟର ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ମ୍ୟାଚରେ ବିଜୟୀ ହୋଇ କିସ୍ ସ୍କୁଲ ସେମିରେ ପ୍ରବେଶ କରିଛି। କ୍ୱାର୍ଟର ଫାଇନାଲରେ କିସ୍ ଟାଇବ୍ରେକର ୪-୩ ଗୋଲରେ କଟକର ୟଙ୍ଗ ଉତ୍କଳ ଫୁଟବଲ ଏକାଡେମୀକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟର ଖେଳ ଗୋଲଶୂନ୍ୟ ରହିବାରୁ ଫଳାଫଳ ପାଇଁ ଟାଇବ୍ରେକର ପଦ୍ଧତି ଅବଲମ୍ବନ କରାଯାଇଥିଲା। ବିଜୟୀ ଦଳର ଗୋଲକିପର ବିରାମ ମାଝି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। କ୍ରୀଡ଼ା ସଂଗଠକ ତଥା ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଉପସଭାପତି ଭାଗ୍ୟଧର ଜଗଦେବ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜୁ ମହାନ୍ତି, ସରୋଜ ମହାରଣା, କବି ନାୟକ, ସୁଦୀପ ଦାସ ପ୍ରମୁଖ ଖେଳ ପରିଚାଳନା କରିଥିଲେ।




ମୁମ୍ବାଇରେ ବୁଧବାର ଟେନିସ ପ୍ରିମିୟର ଲିଗ୍-୨୦୨୪ର ଅକ୍ସନ ଅବସରରେ (ବାମରୁ) ପୂର୍ବତନ ଟେନିସ ଖେଳାଳି ମହେଶ ଭୂପତି, ଚେନ୍ନାଇ ସ୍ମାସର୍ସ ବ୍ରାଣ୍ଡ ଆମ୍ବାସାଡର ସୋନାଲି ବେନ୍ଦ୍ରେ, ବେଙ୍ଗଲ ୱିଜାର୍ଡ୍ସ ବ୍ରାଣ୍ଡ୍ ଆମ୍ବାସାଡର ସାନିଆ ମିର୍ଜା, ହାଇଦ୍ରାବାଦ ଷ୍ଟ୍ରାଇକର୍ସ ମାଲିକ ରକୁଲ ପ୍ରୀତ୍ ସିଂ ଓ ଦିଲ୍ଲୀ ଶ୍ରାଚି ସ୍ପୋର୍ଟ୍ସ ଏନ୍‌ଡ୍ୟୁରେ ବ୍ରାଣ୍ଡ୍ ଆମ୍ବାସାଡର ଲିଆଣ୍ଡର ପେସ୍।

# ଓଡ଼ିଶାର ୩ ରେଫରିଙ୍କୁ ଏଆଇଏଫ୍‌ଏଫ୍‌ର ଗୁରୁଦାୟିତ୍ୱ



ସୁଶାନ୍ତ ମହାନ୍ତି



ସୁଦୀପ୍ତା ଦାଶ



ଶିବ ଶଙ୍କର ପଣ୍ଡା

ଭୁବନେଶ୍ୱର, ୨୫।୯ (ତପନ ସ୍ୱାଇଁ)

ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ) ପକ୍ଷରୁ ଓଡ଼ିଶାର ୩ ଜଣଙ୍କୁ ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। ୨୦୨୪-୨୫ ସିଜନ ପାଇଁ ଶିବ ଶଙ୍କର ପଣ୍ଡାଙ୍କୁ ରେଫରି ଆସେସର ପ୍ୟାନେଲ କାଟେଗୋରି-ସି, ସୁଦୀପ୍ତା ଦାଶଙ୍କୁ ନ୍ୟାଶନାଲ ରେଫରି ଆସେସର ପ୍ୟାନେଲ ଏବଂ ସୁଶାନ୍ତ ମହାନ୍ତିଙ୍କୁ ଆଇ-ଲିଗ୍ ରେଫରି ଆସେସର ପ୍ୟାନେଲରେ ନିଯୁକ୍ତ କରାଯାଇଛି। ସୁଶାନ୍ତ, ସୁଦୀପ୍ତା ଓ ଶିବ ଶଙ୍କରଙ୍କୁ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସଭାପତି ସମୀର ଦେ, ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।

# ଓଡ଼ିଶା ଦଳ ଘୋଷିତ

### ସିକେ ନାୟୁଡୁ ଟ୍ରଫି

ଭୁବନେଶ୍ୱର, ୨୫।୯ (ତପନ ସ୍ୱାଇଁ)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଘରୋଇ ସିଜନ ୨୦୨୪-୨୫ର କର୍ଣ୍ଣେଲ ସି.କେ. ନାୟୁଡୁ ଟ୍ରଫିର ପ୍ରଥମ ୨ଟି ମ୍ୟାଚ ପାଇଁ ବୁଧବାର ୨୩ ବର୍ଷରୁ କମ୍ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଓଡ଼ିଶା ସିନିୟର ଚୟନ କମିଟି ଅଧ୍ୟକ୍ଷ ଅମିୟ ରାୟ ଓ ୨୩ ବର୍ଷରୁ କମ୍ ପୁରୁଷ ଦଳର କୋଚ୍ ବସନ୍ତ ମହାନ୍ତି ଏକ ଖବରଦାତା ସମ୍ମିଳନୀରେ ଏହି ଦଳ ଘୋଷଣା କରିଛନ୍ତି। ପ୍ରତିଯୋଗିତାର ୨ଟି ମ୍ୟାଚ ଓଡ଼ିଶାରେ ଅନୁଷ୍ଠିତ ହେବ। ଓଡ଼ିଶା ଅକ୍ଟୋବର ୨୦ରୁ ୨୩ ବରଗଡ଼ରେ ମହାରାଷ୍ଟ୍ରକୁ ଏବଂ ନଭେମ୍ବର ୮ରୁ ୧୧ ବଲାଙ୍ଗୀରରେ କର୍ଣ୍ଣାଟକକୁ ଭେଟିବ। ଓଡ଼ିଶା-ତ୍ରିପୁରା ମ୍ୟାଚର ଭେନ୍ୟୁ ଧାର୍ଯ୍ୟ ହୋଇନାହିଁ। ଅକ୍ଟୋବର ୧୩ରୁ ୧୬ରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚ ଡେରାଡୁନରେ ଉତ୍ତରାଖଣ୍ଡକୁ ଭେଟି ଅଭିଯାନ ଆରମ୍ଭ କରିବ। କେରଳ ଓ ତାମିଲନାଡୁକୁ ଅନ୍ୟ ୨ଟି ମ୍ୟାଚରେ ଭେଟିବ।

ଓଡ଼ିଶା ଦଳ: ସାୱନ ପାହାଡ଼ିଆ (ଅଧିନାୟକ), ବିଶ୍ୱ ବୈଭବ ମୁଦୁଲି, ଦେବବ୍ରତ ପ୍ରଧାନ, ଶୁଭମ୍ ନାୟକ, ସୁଜାଲ ସିଂ, ଓମ୍ ଟି. ମୁଣ୍ଡେ, ସାଇଦୀପ ମହାପାତ୍ର, ସ୍ୱପ ଏସ. ଭୂୟାଁ, ସ୍ୱୟମ ଶ୍ରୀବାସ୍ତବ, ଆୟୁଷ ବାରିକ, ସମ୍ବିତ ବରାଳ, ଆଶୁତୋଷ ଛୁରିଆ, ବିମଳ କୁମାର, ଆଶୁତୋଷ ମାର୍ଣ୍ଡି, ବାଦଲ ବିଶ୍ୱାଳ, ବିନାୟକ ସାହୁ।










1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ